# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୫/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, March 25/2021 | ★★★★

୪୭ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଚିଙ୍କି ଯାଦବଙ୍କୁ ସ୍ୱର୍ଣ୍ଣ ପଦକ**

ନୂଆଦିଲ୍ଲୀଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ୨୫ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଭାରତର ଚିଙ୍କି ଯାଦବ। ୧୬

୧୫ **ପରଦାକୁ ଆସୁଛି ପରିଣିତିଙ୍କ 'ସାଇନା'**

ପରଦାକୁ ଆସିବାକୁ ଥିବା ବାୟୋପିକ୍ 'ସାଇନା'ରେ ଶ୍ରଦ୍ଧା କପୁରଙ୍କ ସ୍ଥାନରେ ଅଭିନୟର ସୁଯୋଗ ପାଇଥିଲେ ପରିଣିତି।



ଏପ୍ରିଲ ୧ରୁ ଟ୍ରାଫିକ୍ ନିୟମ କଡ଼ାକଡ଼ି ।




# ଓଡ଼ିଶାରେ ବ୍ରିଟେନ ଷ୍ଟ୍ରେନ୍

**ଡିସେମ୍ବରରୁ ଜାଣିଥିଲା ସ୍ୱାସ୍ଥ୍ୟ ବିଭାଗ**

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏ ପରିସ୍ଥିତିରେ ଓଡ଼ିଶାରେ ବ୍ରିଟେନ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଦେଶର ୧୮ ରାଜ୍ୟରେ କରୋନାର ୭୭୧ ଷ୍ଟ୍ରେନ୍ ଚିହ୍ନଟ ହୋଇଛି। ୭୩୭ ବ୍ରିଟେନ ଷ୍ଟ୍ରେନ୍, ୩୪ ଦକ୍ଷିଣ ଆଫ୍ରିକା ଷ୍ଟ୍ରେନ୍ ଓ ଗୋଟିଏ ବ୍ରାଜିଲ ଷ୍ଟ୍ରେନ ରହିଛି। ଏଥିମଧ୍ୟରୁ ଓଡ଼ିଶାରେ ୩ ବ୍ରିଟେନ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ସଂକ୍ରାନ୍ତରେ ବୁଧବାର ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ନିର୍ଦ୍ଦେଶକ ଏସ୍.କେ. ସିଂହ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ମିଳିବା ପରେ ରାଜ୍ୟରେ ଭାଳେଣି ପଡ଼ିଛି। ତେବେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଧାରା ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଓଡ଼ିଶାରେ ବ୍ରିଟେନ ଷ୍ଟ୍ରେନ୍ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ☞ପୃଷ୍ଠା-୪



## ଚିନ୍ତା ବଢ଼ାଇଛି ନୂଆ ରୂପ

- ମହାରାଷ୍ଟ୍ରରେ ଡବଲ୍ ମ୍ୟୁଟାଣ୍ଟ ଭାରିଆଣ୍ଟ
- ଦେଶରେ ୨୪ ଘଣ୍ଟାରେ ୪୭,୨୬୨ ସଂକ୍ରମିତ

ନୂଆଦିଲ୍ଲୀ,୨୪।୩

କରୋନା ଭୂତାଣୁର ଅନ୍ୟ ଷ୍ଟ୍ରେନ୍ ସମେତ ଆଉ ଏକ ନୂଆ ରୂପ (ଡବଲ୍ ମ୍ୟୁଟାଣ୍ଟ ଭାରିଆଣ୍ଟ) ଦେଶର ୧୮ ରାଜ୍ୟରୁ ଚିହ୍ନଟ ହୋଇଛି। ଏହାକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛି। ତେବେ ଏହା ଯଥେଷ୍ଟ ସଂଖ୍ୟାରେ ଚିହ୍ନଟ ହୋଇ ନ ଥିବାରୁ କେତେକ ରାଜ୍ୟରେ ସଂକ୍ରମଣ ବଢ଼ିବା ସହ ଏହାର ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିନାହିଁ। ମୋଟ ୧୦,୭୮୭ ନମୁନା ମଧ୍ୟରୁ ୭୩୬ ବ୍ରିଟିଶ୍ ଭାରିଆଣ୍ଟ ହୋଇଥିବାବେଳେ ୩୪ ଦକ୍ଷିଣ ଆଫ୍ରିକା ଭାରିଆଣ୍ଟ ଏବଂ ଗୋଟିଏ ବ୍ରାଜିଲ ଭାରିଆଣ୍ଟ ମିଳିଛି। ମହାରାଷ୍ଟ୍ରରୁ ଆସିଥିବା ପଜିଟିଭ୍ ନମୁନାର ୧୫ରୁ ୨୦ ପ୍ରତିଶତ ଡବଲ୍ ମ୍ୟୁଟାଣ୍ଟ ଭାରିଆଣ୍ଟ ବୋଲି ଜଣାପଡ଼ିଛି। ଏଗୁଡ଼ିକ ପୂର୍ବରୁ ଚିହ୍ନଟ କୌଣସି ଭାରିଆଣ୍ଟ ସହ ମେଳ ଖାଉ ନ ଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଚାଲିଥିବା ବେଳେ ଏହି ନୂଆ ଭାରିଆଣ୍ଟ ଚିନ୍ତା ବଢ଼ାଇଦେଇଛି। ୧୦ଟି ଜାତୀୟ ପରୀକ୍ଷାଗାରରେ ଏହି ନମୁନାଗୁଡ଼ିକୁ ଜିନୋମ ସିକ୍ୱେନ୍ସିଂ ☞ପୃଷ୍ଠା-୪

## ନବରଙ୍ଗପୁରରେ ନାଇଟ୍ କର୍ଫ୍ୟୁ

- ରାଜ୍ୟରେ ୧୫୦ ଟପିଲା ସଂକ୍ରମଣ
- ନୂଆପଡ଼ାର ଗୋଟିଏ ଗାଁରୁ ୨୯ ପଜିଟିଭ୍

ଭୁବନେଶ୍ୱର, ୨୪।୩ (ବ୍ୟୁରୋ)

ରାଜ୍ୟରେ ସଂକ୍ରମଣ ଧୀରେ ଧୀରେ ଭୟଙ୍କର ରୂପ ଆଡ଼କୁ ଗତି କରୁଛି। ବିଭିନ୍ନ ଜିଲାରେ ସଂକ୍ରମଣ ବ୍ୟାପିଗଲାଣି। ଏବେ ଜଣାପଡିବାବେଳକୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ତେଣୁ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ସହ ସଂକ୍ରମଣ ରୋକିବା ପାଇଁ ଆରମ୍ଭ ହୋଇଛି କର୍ଫ୍ୟୁ ଭଳି ପଦକ୍ଷେପ। ମାଲକାନଗିରି ପରେ ନବରଙ୍ଗପୁର ଜିଲାରେ ନାଇଟ୍ କର୍ଫ୍ୟୁ ଘୋଷଣା ହୋଇଛି। ☞ପୃଷ୍ଠା-୪

# ବଢ଼ିବନି ଖଣି ରୟାଲଟି

- ରାଜସ୍ୱ ବଢ଼ାଇବା ପାଇଁ ଅଧିକ ଖଣି ନିଲାମ କରନ୍ତୁ ରାଜ୍ୟ
- ବିଜେଡି ଏମ୍‌ପିଙ୍କ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର

ନୂଆଦିଲ୍ଲୀ,୨୪।୩

ଲୁହାପଥର, ବକ୍ସାଇଟ, କ୍ରୋମାଇଟ୍ ଆଦି ଖଣିଜ ପଦାର୍ଥ ଉପରେ ରୟାଲଟି ବଢ଼ାଇବାକୁ କେନ୍ଦ୍ର ସରକାର ବୁଧବାର ମନା କରିଦେଇଛନ୍ତି। ରାଜ୍ୟ ସରକାର ରାଜସ୍ୱ ବଢ଼ାଇବାକୁ ହେଲେ ଅଧିକ ଖଣି ନିଲାମ କରିବାକୁ କେନ୍ଦ୍ର ପରାମର୍ଶ ଦେଇଛି। ଖଣିଜ ରୟାଲଟିର ପୁନର୍ବିଚାର ସମ୍ପର୍କରେ ଲୋକ ସଭାରେ ବିଜେଡି ଏମ୍‌ପି ରମେଶ ମାଝି ପଚାରିଥିବା ଏକ ପ୍ରଶ୍ନ ଉପରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଥିଲେ, ସାରା ବିଶ୍ୱରେ ଖଣି ହେଉଛି ରାଜସ୍ୱର ଏକ ବଡ଼ ଉତ୍ସ। ଏହା ଉପରେ ୪୨ରୁ ୪୫ ପ୍ରତିଶତ ଟିକସ ଧାର୍ଯ୍ୟ କରାଯାଉଥିବାରୁ ଏହା ମହଙ୍ଗା ହୋଇଯାଉଛି। ତିନି ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏକାଧିକ ଥର ରୟାଲଟି ବଢ଼ାଇବେ ନାହିଁ। ଏମ୍‌ଏମ୍‌ଡିଆର୍ ଆଇନରେ ଏଭଳି ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ ଜୋଶୀ କହିଥିଲେ। ☞ପୃଷ୍ଠା-୪

# ପିଏମ୍‌ଏୱାଇରେ ବହୁ କୋଟିର ଦୁର୍ନୀତି

- କପିଲ, ଧୀରଜ ୱାଧୱାନଙ୍କ ବିରୋଧରେ ସିବିଆଇ ମାମଲା
- ଜାଲ୍ ଆକାଉଣ୍ଟରେ ଋଣ ମଞ୍ଜୁର କରି ୧,୮୮୦ କୋଟି ସବ୍‌ସିଡି ଉଠାଇଥିଲେ

ନୂଆଦିଲ୍ଲୀ,୨୪।୩

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ବହୁକୋଟି ଟଙ୍କା ଦୁର୍ନୀତିର ପର୍ଦ୍ଦାଫାସ୍ କରିଛି ସିବିଆଇ। ଏହି ଦୁର୍ନୀତିରେ ସମ୍ପୃକ୍ତ ଦେୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍ (ଡିଏଚ୍‌ଏଫ୍‌ଏଲ୍)ର ପ୍ରମୋଟର କପିଲ୍ ଓ ଧୀରଜ ୱାଧୱାନଙ୍କ ବିରୋଧରେ ସିବିଆଇ ବୁଧବାର ମାମଲା ରୁଜୁ କରିଛନ୍ତି। ଦୁଇ ୱାଧୱାନ ଭ୍ରାତା ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ଏବେ ଜେଲ୍‌ରେ ଅଛନ୍ତି। ସିବିଆଇ କହିବା ଅନୁଯାୟୀ କପିଲ୍ ଓ ଧୀରଜ ଜାଲ୍ ଗୃହଋଣ ଆକାଉଣ୍ଟମାନ ଖୋଲି ଏହା ମାଧ୍ୟମରେ ୧୪,୦୦୦ କୋଟି ଟଙ୍କା ଋଣ ଦେଇଥିବା ଦର୍ଶାଇ ସରକାରଙ୍କଠାରୁ ୧,୮୮୦ କୋଟି ଟଙ୍କା ସୁଧ ସବ୍‌ସିଡି ପାଇଥିଲେ। ସମସ୍ତଙ୍କୁ ଘର ଯୋଗାଇବା ପାଇଁ କେନ୍ଦ୍ର ସରକାର ୨୦୧୫ ଅକ୍ଟୋବରରେ ପିଏମ୍‌ଏୱାଇ ଯୋଜନା ଆରମ୍ଭ କରିଥିଲେ। ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଏବଂ ନିମ୍ନ ଓ ମଧ୍ୟମ ଆୟକାରୀ ଗୋଷ୍ଠୀର ଲୋକମାନଙ୍କୁ ଏହି ଯୋଜନାରେ ଋଣ ଦିଆଯାଉଛି। ଏହି ଋଣ ଯୋଗାଉଥିବା ଫାଇନାନ୍ସ କମ୍ପାନୀଗୁଡ଼ିକୁ ସରକାର ସୁଧ ସବ୍‌ସିଡି ଦେଇଥାନ୍ତି। ୨୦୧୮ ଡିସେମ୍ବରରେ ଡିଏଚ୍‌ଏଫ୍‌ଏଲ୍ ଏହାର ନିବେଶକମାନଙ୍କୁ କହିଥିଲା, କମ୍ପାନୀ ପିଏମ୍‌ଏୱାଇରେ ୮୮,୬୫୧ଟି ଋଣ ପ୍ରକ୍ରିୟା ☞ପୃଷ୍ଠା-୪

## ୨୬ରେ କୃଷକ ସଂଗଠନର ଭାରତ ବନ୍ଦ

ନୂଆଦିଲ୍ଲୀ,୨୪।୩

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ଆନ୍ଦୋଳନକୁ ଜୋର୍‌ଦାର କରିବା ଲାଗି ଆସନ୍ତା ୨୬ ତାରିଖ ଶୁକ୍ରବାର ଭାରତ ବନ୍ଦ କରାଯିବ। ଚାଷୀ ଆନ୍ଦୋଳନର ୪ ମାସ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ବନ୍ଦ ପାଳନ ଲାଗି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଡାକରା ଦିଆଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଦୋକାନ ବଜାରଠାରୁ ଆରମ୍ଭ କରି ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କୁକୁରଙ୍କ ମହାମାରୀକୁ ଅଣଦେଖା**

# ଟିଟିପିଏସ୍ ବନ୍ଦ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

- କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଲେଖିଲେ ଚିଠି
- ତୁରନ୍ତ ଷ୍ଟେଜ୍-୩ ୟୁନିଟ୍ ସ୍ଥାପନ କର

ଭୁବନେଶ୍ୱର, ୨୪।୩(ବ୍ୟୁରୋ)



ନବୀନ ପଟ୍ଟନାୟକ

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ବନ୍ଦ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଷ୍ଟେଜ୍-୩ ପ୍ରକଳ୍ପ ସ୍ଥାପନ କରିବାକୁ ଅନୁମୋଦନ ଦେଇସାରିଥିବାରୁ ତୁରନ୍ତ ଉକ୍ତ କାର୍ଯ୍ୟ ଆରମ୍ଭ ନିମନ୍ତେ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଆର୍.କେ. ସିଂଙ୍କୁ ମୁଖ୍ୟମନ୍ତ୍ରୀ ବୁଧବାର ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଟିଟିପିଏସ୍ ହେଉଛି ଦେଶର ସର୍ବପୁରାତନ ତାପଜ ବିଦ୍ୟୁତ୍ କେନ୍ଦ୍ର। ୧୯୬୮ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ସ୍ଥାପିତ ହୋଇ ଷ୍ଟେଜ୍-୧ରେ ୨୪୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ☞ପୃଷ୍ଠା-୪

# ଜଷ୍ଟିସ୍ ରମନାଙ୍କୁ ସୁପ୍ରିମକୋର୍ଟ କ୍ଲିନ୍‌ଚିଟ୍

**ଇନ୍-ହାଉସ୍ ଶୁଣାଣିରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଖାରଜ**

ନୂଆଦିଲ୍ଲୀ,୨୪।୩

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନାଙ୍କ ବିରୋଧରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଆଣିଥିବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ବୁଧବାର ଏନେଇ ଏକ ସଂକ୍ଷିପ୍ତ ବିବୃତି ପ୍ରକାଶ ପାଇଛି। ଇନ୍-ହାଉସ୍ ☞ପୃଷ୍ଠା-୪



ଜଷ୍ଟିସ୍ ଏନ୍.ଭି. ରମନା

## ରମନାଙ୍କୁ ଉତ୍ତରାଧିକାରୀ ବାଛିଲେ ସିଜେଆଇ

ନୂଆଦିଲ୍ଲୀ,୨୪।୩

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନାଙ୍କୁ ନିଜ ଉତ୍ତରାଧିକାରୀ ଚୟନ କରିଛନ୍ତି। ପରମ୍ପରା ଅନୁଯାୟୀ ଓ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ୍ ରମନା ଭାରତର ୪୮ତମ ପ୍ରଧାନ ବିଚାରପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଏପ୍ରିଲ ୨୩ରେ ସିଜେଆଇ ପଦରୁ ଅବସର ନେବାକୁ ଥିବା ଜଷ୍ଟିସ୍ ବୋବ୍‌ଡେ କେନ୍ଦ୍ର ☞ପୃଷ୍ଠା-୪






ବଲିଉଡ୍ ସୁପରଷ୍ଟାର ଆମୀର ଖାନ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜକୁ ହୋମ କ୍ବାରାଣ୍ଟାଇନରେ ରଖିଥିବା ସୂଚନା ରହିଛି। ଆମୀରଙ୍କ ମୁଖପାତ୍ର ଏ ନେଇ ଏକ ବିବୃତି ଜାରି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଏବଂ ସେ ନିଜକୁ ଆଇଲେଶନରେ ରଖିଥିବା କୁହାଯାଇଛି। କିଛି ଦିନ ପୂର୍ବରୁ ଆମୀର ସୋସିଆଲ ମିଡିଆ ଛାଡ଼ିବା ପାଇଁ ଘୋଷଣା କରିଥିଲେ। ସୋସିଆଲ ମିଡିଆରେ ବେଶି ସକ୍ରିୟ ରହୁ ନ ଥିବାରୁ ଏପରି ନିଷ୍ପତ୍ତି ନେଇଥିବା ଆମୀର କହିଥିଲେ। ଆସନ୍ତା ଖ୍ରୀଷ୍ଟମାସ ଅବସରରେ ତାଙ୍କ ପରବର୍ତ୍ତୀ ଫିଲ୍ମ 'ଲାଲ୍ ସିଂ ଚଢ଼ା' ରିଲିଜ ହେବ।

## ସଂକ୍ଷେପରେ

### ଫାଇଜର କୋଭିଡ୍ ଔଷଧର ପରୀକ୍ଷା ଆରମ୍ଭ

**ନ୍ୟୁୟର୍କ,୨୪।୩(ଆଇଏଏନ୍ଏସ୍):** କରୋନା ଚିକିତ୍ସା ପାଇଁ ଆମେରିକା ଔଷଧ କମ୍ପାନୀ ଫାଇଜର ପ୍ରସ୍ତୁତ କରିଥିବା ଔଷଧର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଆରମ୍ଭ ହୋଇଛି। ପିଏଫ୍-୦୭୩୨୧୩୩୨ ନାମରେ ଏହି ବଟିକା ସାର୍ସ-ସିଓଭି-୨ ଏବଂ ଅନ୍ୟ କରୋନା ଭୂତାଣୁ ବିରୋଧରେ ସକ୍ରିୟ ଭାବେ କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭବିଷ୍ୟତରେ କରୋନା ଭୂତାଣୁ ଚିକିତ୍ସାରେ ମଧ୍ୟ ଏହି ଔଷଧକୁ ବ୍ୟବହାର କରାଯାଇପାରିବ। ସଂକ୍ରମଣର ପ୍ରଥମ ଲକ୍ଷଣ ଦେଖାଯିବା ମାତ୍ରେ ଏହି ଔଷଧ ନେବାକୁ ଡାକ୍ତର ପରାମର୍ଶ ଦେଇପାରିବେ ବୋଲି ଫାଇଜରର ମୁଖ୍ୟ ସାଇଣ୍ଟିଫିକ୍ ଅଫିସର ମାକାଏଲ୍ ଡୋଲଷ୍ଟେନ୍ କହିଛନ୍ତି।

### ବ୍ଲଗରଙ୍କୁ ୭୨ ଲକ୍ଷ ଜରିମାନା

**ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଲେଖିଥିଲେ**

**ସିଙ୍ଗାପୁର, ୨୪।୩:** ଏକ ଦୁର୍ନୀତି ମାମଲାରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସେନ୍ ଲଙ୍ଗଙ୍କ ନାଁ ଯୋଡ଼ି ଫେସ୍‌ବୁକ୍‌ରେ ଆର୍ଟିକିଲ ଲେଖିଥିବା ଜଣେ ବ୍ଲଗରଙ୍କୁ ୧ ଲକ୍ଷ ଡଲାର ବା ପ୍ରାୟ ୭୨,୭୨,୦୦୦ ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଏପରି କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଇଥିବା ନେଇ ପ୍ରଧାନମନ୍ତ୍ରୀ ଲି ସେନ୍ ଅଭିଯୋଗ ଆଣିଥିଲେ। କୋର୍ଟ ପ୍ରଧାନମନ୍ତ୍ରୀ ସପକ୍ଷରେ ରାୟ ଦେବା ସହ ଅଭିଯୁକ୍ତ ଲିଓଙ୍ଗ୍ ଜେ ହିଆନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅନଲାଇନ୍‌ରେ ଭୁଲ୍ ତଥ୍ୟ ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୧୯ରେ ସିଙ୍ଗାପୁରରେ ଆଇନ ଅଣାଯାଇଛି।

### ଶୈଖ ହମ୍‌ଦନ ବିନ୍ ରସିଦ୍‌ଙ୍କ ପରଲୋକ



**ଦୁବାଇ, ୨୪।୩:** ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଉପ ଶାସକ ତଥା ଅର୍ଥମନ୍ତ୍ରୀ ଶୈଖ ହମ୍‌ଦନ ବିନ ରସିଦ୍ ଅଲ୍ ମକ୍ତୁମ(୭୫)ଙ୍କ ବୁଧବାର ପରଲୋକ ଘଟିଛି। ଶାସକ ତଥା ତାଙ୍କ ଭାଇ ଶୈଖ ମହମ୍ମଦ ବିନ ରସିଦ୍ ଅଲ ମକ୍ତୁମଙ୍କ ଅଧୀନରେ ଉପଶାସକ ପଦବୀରେ ରହିଥିଲେ। ଶୈଖ ହମ୍‌ଦନ ବିନ ରସିଦ୍‌ଙ୍କ ମୃତ୍ୟୁ ସମ୍ପର୍କରେ ଏମିରେଟ୍ସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲେ ହେଁ ମୃତ୍ୟୁର କାରଣ ବାବଦରେ କିଛି କୁହାଯାଇନାହିଁ। କିଛି ଦିନ ତଳେ ସେ ଅସୁସ୍ଥ ଥିଲେ। ତାଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରିବାକୁ ଭାଇ ଶୈଖ ମହମ୍ମଦ ଏକ ଟୁଇଟ କରିଥିଲେ। ଶୈଖ ହମ୍‌ଦନ ପୂର୍ବତନ ଶାସକ ସ୍ୱର୍ଗତ ଶୈଖ ରସିଦ୍ ବିନ ସଇଦ୍ ଅଲ୍ ମୁକ୍ତମଙ୍କ ଦ୍ୱିତୀୟ ସନ୍ତାନ। ୧୯୭୧ରେ ୟୁଏଇରେ ପ୍ରଥମ କ୍ୟାବିନେଟ ହୋଇଥିବାବେଳେ ଶୈଖ ହମ୍‌ଦନଙ୍କୁ ଅର୍ଥମନ୍ତ୍ରୀ ପଦବୀ ମିଳିଥିଲା। ସେବେଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିଥିଲେ।

# କିଲ୍ ଦି ବିଲ୍

## ନୂଆ ପୋଲିସ ଆଇନକୁ ବିରୋଧ ● ବ୍ରିଟେନ ରାସ୍ତାରେ ବିକ୍ଷୋଭକାରୀ




'କିଲ୍ ଦି ବିଲ୍!' ବ୍ରିଟେନ ରାସ୍ତାରେ ଏବେ ଏହି ଆହ୍ୱାନ ପ୍ରତିଧ୍ୱନିତ ହେଉଛି। ବିକ୍ଷୋଭକାରୀମାନେ ଏକ ପୋଲିସ ବିଲ୍‌ର ପୁନର୍ବିଚାର ପାଇଁ ଦାବି କରୁଛନ୍ତି। ଉକ୍ତ ବିଧେୟକ ବଳରେ ଅହିଂସା ଉପାୟରେ ପ୍ରଦର୍ଶନ କରୁଥିବା ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ପୋଲିସ ବାହିନୀକୁ ଅଧିକ କ୍ଷମତା ମିଳିବ।

**ଦ**କ୍ଷିଣ ଲଣ୍ଡନରେ ସ୍ୱଳ୍ପ ବୟସ୍କା ସାରା ଏଭରାର୍ଡଙ୍କ ହତ୍ୟାକୁ ନେଇ କିଛି ସପ୍ତାହ ହେଲା ବ୍ରିଟେନ ପୋଲିସ ଅଡୁଆରେ ପଡ଼ିଥିବାବେଳେ ପ୍ରସ୍ତାବିତ ଆଇନକୁ ତୀବ୍ର ନିନ୍ଦା କରାଯାଉଛି। ୩୩ ବର୍ଷୀୟା ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ସାରା ମାର୍ଚ୍ଚ ୩ ସନ୍ଧ୍ୟାରେ କ୍ଲାପ୍‌ହାମ୍ କମନ୍‌ସ୍ଥିତ ଜଣେ ବନ୍ଧୁଙ୍କ ଘରୁ ନିଜ ଘରକୁ ଫେରୁଥିବାବେଳେ ବ୍ରିକ୍ସଟନ ହିଲ୍ ଏରିଆରେ ନିଖୋଜ ହୋଇଯାଇଥିଲେ। ସାରାଙ୍କୁ ଅପହରଣ ପରେ ହତ୍ୟା କରିବା ସନ୍ଦେହରେ ୯ ତାରିଖରେ ମେଟ୍ରୋପଲିଟାନ୍ ପୋଲିସ ଅଫିସର ୱେନେ କୋଜେନ୍ସଙ୍କୁ କେଣ୍ଟର ଡିଲ୍‌ରୁ ଅର୍ଦ୍ଧସାମରିକ ବଳ ଓ ଡିପ୍ଲୋମାଟିକ୍ ପ୍ରୋଟେକ୍ସନ ୟୁନିଟ ଗିରଫ କରିଥିଲା। ମାର୍ଚ୍ଚ ୧୦ରେ ସାରାଙ୍କ ମୃତଦେହର ଅବଶେଷ କେଣ୍ଟର ଆଶଫୋର୍ଡ ନିକଟସ୍ଥ ବନାଞ୍ଚଳରୁ ଜବତ ହୋଇଥିଲା। ଦୁଇଦିନ ପରେ କୋଜେନ୍ସଙ୍କ ବିରୋଧରେ ଅପହରଣ ଓ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏହି ଘଟଣା ମହିଳା ବିରୋଧୀ ହିଂସାକୁ ନେଇ ଜାତୀୟ ବିତର୍କ ପାଲଟିଛି। ପୋଲିସର ଆଚରଣ ଉପରେ ଏକ ନିରପେକ୍ଷ ତଦନ୍ତ ଆରମ୍ଭ ହୋଇଛି।



**ଲଣ୍ଡନ,୨୪।୩**

କିଛି ମାସ ହେଲା ୟୁରୋପ ସାରା ବିଭିନ୍ନ ପ୍ରସଙ୍ଗରେ ବିକ୍ଷୋଭ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଗତବର୍ଷ ଆମେରିକାରୁ ଆରମ୍ଭ ହୋଇଥିବା ବ୍ଲାକ୍ ଲାଇଭ୍‌ସ ମ୍ୟାଟର ଆନ୍ଦୋଳନ ବିଭିନ୍ନ ଦେଶକୁ ବ୍ୟାପିଥିଲା। ସେହିପରି ଫ୍ରାନ୍ସରେ ସୁରକ୍ଷା ଆଇନକୁ ନେଇ ବିବାଦ ହୋଇଥିଲା। ଲକ୍‌ଡାଉନ୍‌କୁ ବିରୋଧ କରି ସବୁଠି ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ପୋଲିସ ଏହି ସବୁ ଗଣବିକ୍ଷୋଭକୁ କିପରି ପରିଚାଳନା କରିବ ତାହା ଏକ ବିବାଦୀୟ ବିତର୍କ ହୋଇଛି। ବିଶେଷକରି କେତେକ ମାମଲାରେ ଅଫିସରମାନେ ଅତି ଆକ୍ରମଣାତ୍ମକ ଭୂମିକା ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ବ୍ରିଟେନରେ ଆଇନର ଶାସନ ଓ ନାଗରିକ ସ୍ୱାଧୀନତାର ସୁରକ୍ଷାର ସନ୍ତୁଳନ ସହ କରୋନା କଟକଣା ଏଥିରେ ଆଉ ଏକ ପ୍ରଶ୍ନ ଯୋଡ଼ିଦେଇଛି। ନୂଆ ପୋଲିସ ବିଲ୍‌କୁ ନେଇ ସବୁଠି ଜୋର୍ ଧରିଛି ଚର୍ଚ୍ଚା।

### ପୋଲିସ ବିଲ୍‌ରେ କ'ଣ ଅଛି

ପୋଲିସ, ଅପରାଧ, ଦଣ୍ଡବିଧାନ ଓ କୋର୍ଟ ବିଲ୍ ହେଉଛି ପ୍ରସ୍ତାବିତ ଆଇନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୩୦୦ ପୃଷ୍ଠା ସମ୍ବଳିତ ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ଏହା ଇଂଲଣ୍ଡ ଓ ୱେଲ୍ସରେ କାର୍ଯ୍ୟକାରୀ ହେବ। ଗମ୍ଭୀର ଅପରାଧ ପାଇଁ ଏଥିରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ସେହିପରି ପୂର୍ବରୁ କେତେକ କ୍ଷେତ୍ରରେ ଅପରାଧୀମାନଙ୍କୁ ଜେଲରୁ ଆଗୁଆ ମୁକ୍ତ କରିବା ଏବଂ ଅନଧିକୃତ ସେନା ଛାଉଣି ହଟାଇବା ଭଳି ନୀତି ରଦ୍ଦ ହୋଇଯିବ। ଏଥିରେ ବିକ୍ଷୋଭ ମୁକାବିଲା ପାଇଁ ପୋଲିସ ବଳକୁ ବିସ୍ତୃତ କ୍ଷମତା ପ୍ରଦାନ କରାଯାଇଛି। 'ବିକ୍ଷୋଭ'କୁ 'ସର୍ବସାଧାରଣରେ ଉପଦ୍ରବ' ବୋଲି ପୋଲିସ ଘୋଷଣା କରିପାରିବ। ସେହିପରି ବିଭିନ୍ନ ସଭା ଓ ଶୋଭାଯାତ୍ରାରେ ଶବ୍ଦର ସୀମା ସ୍ଥିର କରାଯାଇ ପାରିବ। ସ୍ମାରକୀଗୁଡ଼ିକୁ ଭଙ୍ଗାରୁଜା କଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ମଧ୍ୟ ଏଥିର ରହିଛି। ଉନ୍ନତ ଆଇନ ଶୃଙ୍ଖଳା ଓ ସାମୂହିକ ସୁରକ୍ଷା ଉଦ୍ଦେଶ୍ୟରେ ଏହି ବିଲ୍ ଅଣାଯାଉଛି ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ଗୃହ ସଚିବ ପ୍ରୀତି ପଟେଲଙ୍କ ମତରେ ପୋଲିସ ବିଲ୍ ମହିଳା ଓ ଶିଶୁମାନଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବ। ଅନ୍ୟପକ୍ଷରେ ବିରୋଧୀ ଆଇନପ୍ରଣେତା ଓ ଅଧିକାର ଗୋଷ୍ଠୀଗୁଡ଼ିକ ବିଲ୍‌ର ଦୁରୁପଯୋଗ ହେବା ଆଶଙ୍କା କରି ଏହାକୁ ବିରୋଧ କରିଛନ୍ତି।



ପୋଲିସ ବିଲ୍ ମହିଳା ଓ ଶିଶୁମାନଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଦେବ। ପ୍ରସ୍ତାବିତ ଆଇନ ପ୍ରତିବାଦରେ ଅପରାଧ ଓ ହିଂସ୍ର ଆଚରଣକୁ ବରଦାସ୍ତ କରାଯିବ ନାହିଁ। ବ୍ରିଷ୍ଟଲରେ ଯାହା ଦେଖିବାକୁ ମିଳୁଛି ଶାନ୍ତିପୂର୍ଣ୍ଣ ବିକ୍ଷୋଭଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ।

—ପ୍ରୀତି ପଟେଲ, ବ୍ରିଟେନର ଗୃହ ସଚିବ

**ନିଖୋଜ ଯୁବତୀଙ୍କ ମୃତ ଦେହାବଶେଷ ମିଳିବା ପରେ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି ପୋଲିସ ଅଫିସର**

### ଆଗକୁ କ'ଣ

ବ୍ରିଟେନ ପାର୍ଲାମେଣ୍ଟରେ ଏହି ବିଲ୍ ଗୋଟିଏ ପରୀକ୍ଷାରେ ପାସ୍ ହୋଇସାରିଛି। ଗତ ସପ୍ତାହରେ ପ୍ରବଳ ବିତର୍କ ମଧ୍ୟରେ ଏହା ସପକ୍ଷରେ ଭୋଟ ପଡ଼ିଥିଲା। ଏବେ ପୋଲିସ ବିଲ୍‌କୁ ଏକ କମିଟି ନିକଟକୁ ପଠାଯିବ। ଉକ୍ତ କମିଟିର ବିଶେଷଜ୍ଞମାନେ ଏହାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବେ। ଆବଶ୍ୟକ ହେଲେ ରିପୋର୍ଟରେ ସେମାନେ ସଂଶୋଧନ ପାଇଁ ହାଉସ୍ ଅଫ୍ କମନ୍ସକୁ ସୁପାରିସ କରିପାରିବେ। ହାଉସ୍ ଅଫ୍ କମନ୍ସରେ ଏହାକୁ ନେଇ ପୁଣି ବିତର୍କ ଚାଲିବ।

## ବ୍ରିଷ୍ଟଲ ବିକ୍ଷୋଭ ବେଳେ ୧୪ ଗିରଫ



**ବ୍ରି**ଟେନର ବ୍ରିଷ୍ଟଲ ସହରରେ ମଙ୍ଗଳବାର ରାତିରେ 'କିଲ୍ ଦି ବିଲ୍' ବିକ୍ଷୋଭ ବେଳେ ପୋଲିସ ୧୪ ଜଣଙ୍କୁ ଗିରଫ କରିଛି। ସରକାରଙ୍କ ନୂଆ ପୋଲିସ ଆଣ୍ଡ କ୍ରାଇମ୍ ବିଲ୍ ବିରୋଧରେ କଲେଜ ଗ୍ରୀନରେ ୧୩୦ ବିକ୍ଷୋଭକାରୀ ରୁଣ୍ଡ ହୋଇଥିଲେ। ୨ ଦିନ ପୂର୍ବରୁ ଆଉ ଏକ ବିକ୍ଷୋଭ ହିଂସାତ୍ମକ ହେବାରୁ ଅନେକ ପୋଲିସ ଅଫିସର ଆହତ ହୋଇଥିଲେ। ପୋଲିସ ୧୦ ଅଭିଯୁକ୍ତଙ୍କ ଫଟୋ ଜାରି କରିଛି।

## ଚିଦାମ୍ବରମ ବାପପୁଅଙ୍କ ଅଡୁଆ ବଢ଼ିଲା

**ନୂଆଦିଲ୍ଲୀ,୨୪।୩**

ବହୁଚର୍ଚ୍ଚିତ ଆଇଏନ୍ଏକ୍ସ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଓ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍‌ଙ୍କ ଅଡୁଆ ବଢ଼ିଛି। ବାପପୁଅଙ୍କ ବିରୋଧରେ ମାମଲା ଆଗକୁ ବଢ଼ାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଥିବା ଦିଲ୍ଲୀର ଏକ ସ୍ୱତନ୍ତ୍ର ଅଦାଲତ କହିଛନ୍ତି।

ସ୍ପେଶାଲ ସିବିଆଇ ଜଜ୍ ଏନ୍.କେ. ନାଗପାଲ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାର୍ଜଶିଟ୍‌କୁ ଗ୍ରହଣ କରିବା ସହ ସମସ୍ତ ୧୦ ଅଭିଯୁକ୍ତଙ୍କୁ ନୋଟିସ କରି ଏପ୍ରିଲ ୭ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୦ ଅଭିଯୁକ୍ତଙ୍କ ମଧ୍ୟରେ ଚିଦାମ୍ବରମ୍ ବାପପୁଅ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏସ୍. ଭାସ୍କରମନ ଏବଂ ପୂର୍ବତନ ମିଡିଆ ଟାଇକୁନ୍ ପିଟର ମୁଖାର୍ଜୀଙ୍କ ସମେତ ୬ଟି କମ୍ପାନୀ ରହିଛି। ଇଡି ଚାର୍ଜଶିଟ୍‌ରେ ଆଇଏନ୍ଏକ୍ସ ମିଡିଆ ପ୍ରାଇଭେଟ୍ ଲିଃ, ଆଡ୍‌ଭେଣ୍ଟେଜ୍ ଷ୍ଟ୍ରାଟେଜିକ୍ କମ୍ପାନିଜ୍, କ୍ରିୟା ଏଫ୍ଏମ୍‌ସିଜି ଡିଷ୍ଟ୍ରିବ୍ୟୁଟର୍ସ ପ୍ରାଇଭେଟ ଲିଃ, ନର୍ଥ ଷ୍ଟାର ସଫ୍ଟୱେର ସୋଲୁଶନ୍ସକୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ପି. ଚିଦାମ୍ବରମ୍ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍ଏକ୍ସ ମିଡିଆକୁ ବିଦେଶୀ ପୁଞ୍ଜି ପ୍ରୋତ୍ସାହନ ବୋର୍ଡ (ଏଫ୍ଆଇପିବି) ମଞ୍ଜୁରୀ ଦେଇଥିବା ଅଭିଯୋଗ ରହିଛି। କାର୍ତ୍ତି ଆଇଏନ୍ଏକ୍ସ ମିଡିଆର ମାଲିକ ପିଟର ଓ ପୂର୍ବତନ ସ୍ତ୍ରୀ ଇନ୍ଦ୍ରାଣୀ ମୁଖାର୍ଜୀଙ୍କଠାରୁ ଲାଞ୍ଚ ନେଇଥିବା ସିବିଆଇ ଏବଂ ଇଡି ଦର୍ଶାଇଛନ୍ତି।



**ଆଇଏନ୍ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲା**

## କୋଭିଡ୍ ୱାର୍ଡରୁ ନିଖୋଜ ହୋମଗାର୍ଡଙ୍କ ମୃତଦେହ ମିଳିଲା

**ଭୋପାଳ, ୨୪।୩**


ମଧ୍ୟପ୍ରଦେଶର ଭୋପାଳସ୍ଥିତ ଏକ ସରକାରୀ ହସ୍ପିଟାଲ କୋଭିଡ୍ ୱାର୍ଡରୁ ୨ ଦିନ ହେଲା ନିଖୋଜ ଥିବା ହୋମଗାର୍ଡ ପୁଷ୍ପରାଜ ସିଂଙ୍କ ମୃତଦେହ ବୁଧବାର ଡାକ୍ତରଖାନା ୱାଶରୁମ୍‌ରୁ ଜବତ କରାଯାଇଛି। ତାଙ୍କୁ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ମାର୍ଚ୍ଚ ୧୭ରେ ସେ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ନେଇଥିଲେ। ହଠାତ୍ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ ରବିବାର ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କୁ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଥିଲା। ପୁଷ୍ପରାଜଙ୍କ କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା। ସୋମବାରଠାରୁ ସେ ନିଖୋଜ ଥିଲେ। ଘଟଣାରେ ୨ ନର୍ସ ଓ ଜଣେ ମାଟ୍ରନଙ୍କୁ ନିଲମ୍ବନ କରାଯାଇଛି।

## ଉତ୍ସବରେ କଟକଣା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୪।୩(ଆଇଏଏନ୍ଏସ୍)**

ଆଗକୁ ଦୋଳ, ହୋଲି, ଶାବ୍-ଇ-ବାରାତ ଏବଂ ଇଷ୍ଟର ଆଦି ପର୍ବପର୍ବାଣି ଆସୁଥିବାରୁ ସଂକ୍ରମଣ କମାଇବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାର ଏସବୁ ସାର୍ବଜନିକ ଉତ୍ସବ ପାଳନ ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ରାଜ୍ୟଗୁଡ଼ିକ ଏହିସବୁ ଉତ୍ସବରେ ଜନ ସମାଗମକୁ ସୀମିତ କରିପାରିବେ କିମ୍ବା ଉତ୍ସବକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇପାରିବେ ବୋଲି କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆରତୀ ଆହୁଜା ରାଜ୍ୟଗୁଡ଼ିକୁ ଲେଖିଥିବା ପତ୍ରରେ କହିଛନ୍ତି, ଏହା କରୋନା ମହାମାରୀ ବିରୋଧୀ ଲଢ଼େଇର ଏକ ଘଡ଼ିସନ୍ଧି ମୁହୂର୍ତ୍ତ। ବିଭିନ୍ନ ରାଜ୍ୟରେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ଆଗକୁ ବିଭିନ୍ନ ପାର୍ବଣକୁ ଦୃଷ୍ଟିରେ ରଖି ସର୍ବସାଧାରଣ ଉତ୍ସବ ପାଳନ ଉପରେ ସ୍ଥାନୀୟ କଟକଣା ଲଗାଇବାକୁ ରାଜ୍ୟଗୁଡ଼ିକ ପରାମର୍ଶ ଦିଆଯାଉଛି। ଏହାର ଉଲ୍ଲଂଘନ ହେଲେ ମହାମାରୀ ବିରୋଧୀ ଲଢ଼େଇରେ ଏପର୍ଯ୍ୟନ୍ତ ଯେଉଁ ସଫଳତା ମିଳିଛି ତାହା ବ୍ୟର୍ଥ ହୋଇଯିବ ବୋଲି ଆହୁଜା କହିଛନ୍ତି।

### ସଚେତନତାରୁ ସୁରକ୍ଷା



ମୁମ୍ବାଇରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ସଚେତନା ସୃଷ୍ଟି ପାଇଁ ମାସ୍କ ପିନ୍ଧିଥିବା ମୋନାଲିସାଙ୍କ ପ୍ରାଚୀର ଚିତ୍ର ଆଙ୍କିଛନ୍ତି ଜଣେ ଆର୍ଟିଷ୍ଟ।

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ସହରରେ ୩,୭୪,୬୧୧ ସଂକ୍ରମିତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ୧୧,୬୦୬ରେ ପହଞ୍ଚିଥିବାବେଳେ ସକ୍ରିୟ ମାମଲା ୩୦,୭୬୦ ରହିଥିବା ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି।

# ୱାଜେଙ୍କ ବିରୋଧରେ ୟୁଏପିଏ

**ଆଣ୍ଟିଲିଆ ମାମଲାର ମୋଡ଼ ବଦଳୁଛି**




**ନୂଆଦିଲ୍ଲୀ/ମୁମ୍ବାଇ,୨୪।୩:** ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ମିଳିବା ଘଟଣାରେ ନିଲମ୍ବିତ ମୁମ୍ବାଇ ପୋଲିସ ଅଫିସର ସଚିନ ୱାଜେଙ୍କ ବିରୋଧରେ ଏନ୍ଆଇଏ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ କରିଛି। ସଚିନ ଏବେ ଏନ୍ଆଇଏ ହାଜତରେ ଥିବାବେଳେ ମହାରାଷ୍ଟ୍ର ଏଟିଏସ୍ ମଧ୍ୟ ତାଙ୍କ ବିରୋଧରେ ତଦନ୍ତ ଚଳାଇଛି। ଏସ୍‌ୟୁଭିର ମାଲିକ ମନସୁଖ ହିରେନ୍ ହତ୍ୟା ଘଟଣାରେ ସଚିନ ମୁଖ୍ୟ ଅଭିଯୁକ୍ତ। ଅନ୍ୟ ଦୁଇ ଅଭିଯୁକ୍ତ ନିଲମ୍ବିତ ପୋଲିସ ଅଫିସର ବିନାୟକ ସିନ୍ଦେ ଏବଂ କ୍ରିକେଟ ବୁକି ନରେଶ ଗୌରଙ୍କୁ ଏଟିଏସ୍ ଗତ ସପ୍ତାହରେ ଗିରଫ କରିଥିଲା।

## ପରମବୀରଙ୍କୁ ହାଇକୋର୍ଟ ଯିବାକୁ ନିର୍ଦ୍ଦେଶ

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ଦୁର୍ନୀତି ଅଭିଯୋଗର ସିବିଆଇ ତଦନ୍ତ ପାଇଁ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ବୁଧବାର ଆବେଦନର ଶୁଣାଣି କରିବାକୁ ମନା କରିଦେବା ସହ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ଲାଗି ପରମବୀରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ପରମବୀର ତାଙ୍କ ପିଟିଶନ ଫେରାଇ ନେଇଛନ୍ତି। ଏଥିସହିତ ସେ ନିଜ ଓକିଲ ମୁକୁଲ ରୋହତଗୀଙ୍କ ମାଧ୍ୟମରେ ହାଇକୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି।

ଗୃହମନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିବାବେଳେ ତାଙ୍କୁ କାହିଁକି ପକ୍ଷ କରାଯାଇ ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷାନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମୁମ୍ବାଇ ପୋଲିସର ପୂର୍ବତନ କମିଶନରଙ୍କୁ ପ୍ରଶ୍ନ କରିଥିଲେ। ଗୃହମନ୍ତ୍ରୀଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଅତ୍ୟନ୍ତ ଗମ୍ଭୀର ବୋଲି ଖଣ୍ଡପୀଠ ମତ ଦେବା ସହ ସିବିଆଇ ତଦନ୍ତ ଲାଗି ପରମବୀର ହାଇକୋର୍ଟ ଯିବା ଲାଗି ପରାମର୍ଶ ଦେଇଥିଲେ।



## ରାଜ୍ୟପାଳଙ୍କୁ ଭେଟିଲେ ଫଡ଼ନବିସ

**ମୁମ୍ବାଇ,୨୪।୩**

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ମାସିକ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରିବା ଲାଗି ନିଲମ୍ବିତ ପୋଲିସ ଅଫିସର ସଚିନ ୱାଜେଙ୍କ ସମେତ ଅନ୍ୟ କେତେଜଣଙ୍କୁ ଦାୟିତ୍ୱ ଦେଇଥିବା ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଅଭିଯୋଗ ଆଣିବା ପରେ ମହାରାଷ୍ଟ୍ର ରାଜନୀତି ଜୋର୍ ଧରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ଏହି ପ୍ରସଙ୍ଗରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ କରିବା ପରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିଆରିଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଫଡ଼ନବିସଙ୍କ ନେତୃତ୍ୱରେ ମହାରାଷ୍ଟ୍ର ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ରାଜ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ରିପୋର୍ଟ ପଠାଇବା ଲାଗି ଅନୁରୋଧ କରିଥିଲେ। ବଟି ଆଦାୟ ଓ ବଦଳି ର୍ୟାକେଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କ'ଣ ପଦକ୍ଷେପ ନେଇଛନ୍ତି, ତାହା ଜଣାଇବା ପାଇଁ ରାଜ୍ୟପାଳ ତାଙ୍କୁ ରିପୋର୍ଟ ମାଗନ୍ତୁ ବୋଲି ଭାଜପା ପ୍ରତିନିଧି ଦଳ ଅନୁରୋଧ କରିଥିଲେ। ଗୃହମନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗକୁ ଭିତ୍ତିହୀନ କହି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଖଣ୍ଡନ କରିଥିଲେ। ପରମବୀର ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ପାଖକୁ ଲେଖିଥିବା ଚିଠିରେ ଦେଶମୁଖ ଯେଉଁ ସମୟରେ ପୋଲିସ ଅଫିସରମାନଙ୍କ ଜରିଆରେ ବଟି ଆଦାୟ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି, ସେତେବେଳେ ସେ କରୋନାରେ ପୀଡ଼ିତ ଥିଲେ ଏବଂ ଏହା ପରେ ୧୨ ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ ବୋଲି ପାୱାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ତେବେ ଫେବୃୟାରୀ ୧୫ରୁ ୨୭ ଦେଶମୁଖ ହୋମ୍ କ୍ୱାରାଣ୍ଟାଇନରେ ଥାଇ ମଧ୍ୟ ପୋଲିସ ଅଫିସରମାନଙ୍କୁ ଭେଟିଥିଲେ ବୋଲି ଫଡ଼ନବିସ କହିଛନ୍ତି।

'ଫେବୃୟାରୀ ୧୫ରୁ ୨୭ ଯାଏ ଅନିଲ ଦେଶମୁଖ ହୋମ୍ କ୍ୱାରାଣ୍ଟାଇନରେ ଥାଇ ପୋଲିସ ଅଫିସରମାନଙ୍କୁ ଭେଟିଥିଲେ।'

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୫୧,୦୯,୭୯୪ | ୨୭,୫୦,୩୮୬ | ୧୦,୧୦,୩୩,୩୩୬ |
| ଭାରତ | ୧,୧୭,୮୩,୭୫୧ | ୧,୬୦,୬୮୭ | ୧,୧୨,୨୮,୫୩୯ |
| ଓଡ଼ିଶା | ୩,୩୯,୨୪୬ | ୧୯୧୯(+୫୩) | ୩,୩୬,୩୩୭ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲୁହାପଥରର ଅହେତୁକ ମୂଲ୍ୟ ବୃଦ୍ଧି



- କ୍ଷତିରେ ଚାଲିଛି ଶିଳ୍ପ କାରଖାନା
- ଆଗାମୀ ନିଲାମରେ ମୂଳଦର ହ୍ରାସ କରିବାକୁ ଦାବି
- ଓଏମ୍‌ସି ଏମ୍‌ଡିଙ୍କ ଦୃଷ୍ଟି ଆକର୍ଷଣ କଲା କେଏନ୍‌ଆଇଏ

**ଯାଜପୁର ଅଫିସ,୨୪।୩**

କେନ୍ଦୁଝର ଜିଲା ଦୈତାରି ଲୁହାପଥରର ଆକାଶଛୁଆଁ ମୂଲ୍ୟବୃଦ୍ଧିର ଗଭୀର ପ୍ରଭାବ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପଡ଼ିଛି। ଏଥିଯୋଗୁ ଶିଳ୍ପ କାରଖାନା ଆଂଶିକ କିମ୍ବା ସମ୍ପୂର୍ଣ୍ଣ ବନ୍ଦ ହେବାର ସମ୍ଭାବନା ରହିଛି। ଶିଳ୍ପ କାରଖାନାଗୁଡ଼ିକୁ ବଞ୍ଚାଇବା ପାଇଁ ଆଗାମୀ ନିଲାମରେ ମୂଳଦର ହ୍ରାସ କରିବାକୁ କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଆସୋସିଏଶନ(କେଏନଆଇଏ) ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ଓଡ଼ିଶା ମାଇନିଂ କର୍ପୋରେଶନ (ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକଙ୍କୁ କେଏନଆଇଏର ସଭାପତି ପି.ଏଲ. କାଣ୍ଡୋଇ ୨୨।୩।୨୦୨୧ରେ ପତ୍ର ଲେଖି ଅବଗତ କରିଛନ୍ତି।

କାଣ୍ଡୋଇ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଲୁହାପଥର ହେଉଛି ଇସ୍ପାତ୍ ଶିଳ୍ପ ପାଇଁ ପ୍ରାଥମିକ କଞ୍ଚାମାଲ। କଳିଙ୍ଗନଗର ଶିଳ୍ପ କାରଖାନାଗୁଡ଼ିକ ଓଏମ୍‌ସିର ଲୁହାପଥର ଉପରେ ଅଧିକ ନିର୍ଭରଶୀଳ। ସେଠାରେ ଲୁହାପଥର ଦର ଯେତେ ବୃଦ୍ଧି ହେଲେ ମଧ୍ୟ କଳିଙ୍ଗନଗର ଶିଳ୍ପ କାରଖାନା କର୍ତ୍ତୃପକ୍ଷ କିଣିବାକୁ ବାଧ୍ୟ ହୋଇଥାନ୍ତି। କିନ୍ତୁ ଯେତେବେଳେ ଉତ୍ପାଦିତ ସାମଗ୍ରୀ ଦର ଲୁହାପଥର ଦରଠାରୁ କମ୍ ହୁଏ ସେତେବେଳେ କାରଖାନାଗୁଡ଼ିକ କ୍ଷତିରେ ଚାଲି ଶେଷରେ ବନ୍ଦ ହୋଇଥାଏ। ତା୧।୧୨।୨୦୧୮ ରିଖରେ ଆୟୋଜିତ ଲୁହାପଥର ଇ-ନିଲାମର ଏକ ଉଦାହରଣ ଦେଇ ସେ କହିଛନ୍ତି, ଉକ୍ତ ତାରିଖରେ ହୋଇଥିବା ଇ-ନିଲାମରେ ଦୈତାରି ଲୁହାପଥରର ମୂଳ ଦର ଟନ୍ ପିଛା ୪୧୦୦ ଟଙ୍କା ଥିଲା। କିନ୍ତୁ ଏହି ନିଲାମରେ ବିକ୍ରି ପାଇଁ ରଖାଯାଇଥିବା ଲୁହାପଥର ପରିମାଣ ଯଥେଷ୍ଟ କମ୍ ଥିଲା। ତେଣୁ ନିଲାମରେ ଟନ୍ ପିଛା ଦର ୪୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲା। ଫଳରେ ନିଲାମରେ ଭାଗ ନେଇଥିବା ଅନ୍ୟ କେତେକ ଶିଳ୍ପସଂସ୍ଥା ଆବଶ୍ୟକ କରୁଥିବା ଲୁହାପଥର ଉଠାଇ ପାରି ନ ଥିଲେ, ବାଧ୍ୟ ହୋଇ ସେମାନଙ୍କ କାରଖାନା ବନ୍ଦ ହୋଇଥିଲା। ଠିକ୍ ଏହାର ପରବର୍ତ୍ତୀ ଇ-ନିଲାମରେ ଧାର୍ଯ୍ୟ ମୂଲ୍ୟ କାରଖାନା ଚଳାଇବା ପାଇଁ ଜରୁରୀ ହୋଇଥିବାରୁ ଏହି ଶିଳ୍ପସଂସ୍ଥାଗୁଡ଼ିକ ଆବଶ୍ୟକ କରୁଥିବା ଲୁହାପଥରର ଦୁଇଗୁଣା ଉଠାଇ ନେଇଥିଲେ।

ଲୁହାପଥର ଦରର ଅହେତୁକ ମୂଲ୍ୟ ବୃଦ୍ଧି କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ୍ ନିଗମ ଲିଃ(ଏନଆଇଏନଏଲ), ମେସ୍କୋ, ମଇଥାନ କାରଖାନା ବନ୍ଦ ପଡ଼ିଛି। ଦୈତାରି ଲୁହାପଥର ଦର ହ୍ରାସ ହେବାର ବହୁ କାରଣ ରହିଛି। ଲୁହାପଥର ଜରିମାନା ମୂଲ୍ୟ ମେଟ୍ରିକ ଟନ୍ ପ୍ରତି ୧୦୦୦ ଟଙ୍କାରୁ ଅଧିକ ହ୍ରାସ ପାଇଛି। ଦୈତାରି ଲୁହାପଥରରେ ଉଚ୍ଚ ଫସ୍‌ଫରସ ରହିଛି। ଯାହା ବିଶୋଧନ ପରେ ତା'ର ପରିମାଣ ବହୁ ହ୍ରାସ ହୋଇଥାଏ। କଳିଙ୍ଗନଗର ଶିଳ୍ପ ମାଲିକମାନେ ଓଏମ୍‌ସିର କେବଳ ଗ୍ରାହକ ନୁହନ୍ତି ବରଂ ଦେଶର ପ୍ରାକୃତିକ ସମ୍ପଦକୁ ସମସ୍ତଙ୍କ ସୁବିଧା ପାଇଁ ବ୍ୟବହାର କରୁଛନ୍ତି। ଲୁହାପଥର ମୂଲ୍ୟକୁ ଟନ ପିଛା ୪୦୦୦ ଟଙ୍କା ରଖାଗଲେ ସମଗ୍ର ଇସ୍ପାତ୍ ଶିଳ୍ପ ଲାଭବାନ ହୋଇ ପାରନ୍ତେ ବୋଲି କେଏନଆଇଏ ପକ୍ଷରୁ ଅନୁରୋଧ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବରରେ ହୋଇଥିବା ଇ-ଅକ୍ସନରେ ଲୁହାପଥରର ମୂଳଦର ଟନ୍ ପିଛା ୪,୫୦୦ ଟଙ୍କା ରହିଥିଲା। କିନ୍ତୁ ଗତ ୧।୨।୨୦୨୧ରେ ହୋଇଥିବା ଇ-ଅକ୍ସନରେ ମୂଳଦର ଟନ୍ ପିଛା ୬୦୦୦ ଟଙ୍କା ରଖାଯାଇଥିବାବେଳେ ବାହାର ରାଜ୍ୟ ଶିଳ୍ପସଂସ୍ଥାଗୁଡ଼ିକ ନିଲାମରେ ଭାଗ ନେଇ ସେହି ଦରକୁ ଟନ୍‌ପିଛା ୭,୦୫୦ ଟଙ୍କାକୁ ବୃଦ୍ଧି କରିଥିଲେ। ତେଣୁ ଏହି ଲୁହାପଥର ଉପରେ ନିର୍ଭରଶୀଳ ସମସ୍ତ ଶିଳ୍ପ କାରଖାନା ବହୁ କ୍ଷତିରେ ଚାଲିଛି। ଲାଭରେ ହ୍ରାସ ଘଟୁଥିବାରୁ କମ୍ପାନୀମାନଙ୍କ ଚିନ୍ତା ବଢ଼ି ଚାଲିଥିବାବେଳେ ଏହାର ପ୍ରଭାବ ଷ୍ଟିଲ ସିଟି କଳିଙ୍ଗନଗରରେ ପଡ଼ିଛି। ବିଶେଷକରି ବର୍ତ୍ତମାନ କଳିଙ୍ଗନଗରରେ ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଭିସା ଷ୍ଟିଲ ପ୍ରମୁଖ ସେମାନଙ୍କ କ୍ଷତିକୁ ବଞ୍ଚାଇବା ପାଇଁ ଚେଷ୍ଟା ଆରମ୍ଭ କରିସାରିଲେଣି। ଏଥିଯୋଗୁ କର୍ମଚାରୀ ଛଟେଇ ମଧ୍ୟ ବୃଦ୍ଧି ପାଇଛି ବୋଲି ମତପ୍ରକାଶ ପାଇଛି।

# ନନ୍‌ଙ୍କୁ ଟ୍ରେନ୍‌ରୁ ଓହ୍ଲାଇଦେଲେ



ନନ୍ ଓ ଅନୁଗାମୀଙ୍କୁ ଟ୍ରେନରୁ ଓହ୍ଲାଇ ଦିଆଯାଇଛି।

## ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ

**ଝାନ୍ସୀ, ୨୪।୩**

ଦିଲ୍ଲୀରୁ ଓଡ଼ିଶାର ରାଉରକେଲା ଆସୁଥିବା ୨ ଜଣ ଖ୍ରୀଷ୍ଟିଆନ ନନ୍ ଓ ତାଙ୍କ ଦୁଇ ଅନୁଗାମୀଙ୍କୁ ଉତ୍ତରପ୍ରଦେଶର ଝାନ୍ସୀଠାରେ କେତେଜଣ ଏବିଭିପି କାର୍ଯ୍ୟକର୍ତ୍ତା ଶୁକ୍ରବାର ଜବରଦସ୍ତି ଟ୍ରେନ୍‌ରୁ ଓହ୍ଲାଇଦେଇଥିଲେ। ସମ୍ପୃକ୍ତ ନନ୍ ଟ୍ରେନ୍‌ରେ ଥିବା କେତେଜଣ ଯୁବତୀଙ୍କ ସହ କଥା ହୋଇ ସେମାନଙ୍କୁ ଧର୍ମ ପରିବର୍ତ୍ତନ କରାଇବାକୁ ଉସୁକାଉଥିବା ଏବିଭିପି କାର୍ଯ୍ୟକର୍ତ୍ତାମାନେ ସନ୍ଦେହ କରିଥିଲେ। ଉକ୍ତ ସଙ୍ଗଠନ ସହ ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟଙ୍କୁ ଜଣାଇ ସମ୍ପୃକ୍ତ କାର୍ଯ୍ୟକର୍ତ୍ତାମାନେ ଝାନ୍ସୀ ଷ୍ଟେଶନରେ ନନ୍‌ଙ୍କୁ ଜବରଦସ୍ତି ଟ୍ରେନ୍‌ରୁ ଓହ୍ଲାଇ ଦେଇଥିଲେ। ରେଲୱେ ପୋଲିସ ସେଠାରେ ପହଞ୍ଚି ନନ୍‌ଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଅଭିଯୋଗ ମିଥ୍ୟା ବୋଲି ଜାଣିବା ପରେ ସେମାନଙ୍କୁ ପୁଣି ଟ୍ରେନ୍‌ରେ ବସାଇଦିଆଯାଇଥିଲା। ଏହି ଘଟଣାକୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ନିବେଦନ କରିଛନ୍ତି। ନନ୍‌ଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଘଟଣାର ତଦନ୍ତ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶାହା କହିଛନ୍ତି।

# ଟପ୍-୨୦ରେ ଇପ୍‌ସିତା



ଇପ୍‌ସିତା ପ୍ରିୟଦର୍ଶିନୀ।

## ମିସେସ୍ ଫେମିନା ୨୦୨୧

**ଭଦ୍ରକ ଅଫିସ, ୨୪।୩**

ସାରା ଭାରତବର୍ଷର ପ୍ରାୟ ୫୦ ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସେସ୍ ଫେମିନା-୨୦୨୧ ପ୍ରତିଯୋଗିତାରେ ଟପ୍ ୨୦ ମଧ୍ୟରେ ସ୍ଥାନ ପାଇଛନ୍ତି ଓଡ଼ିଆ ବୋହୂ ଇପ୍‌ସିତା ପ୍ରିୟଦର୍ଶିନୀ(୨୭)। ପେସାରେ ସଫ୍ଟୱେୟାର ଇଞ୍ଜିନିୟର ହୋଇଥିଲେ ହେଁ ମଡେଲିଂ ନିଶା ତାଙ୍କୁ ମିସେସ୍ ଫେମିନା କଣ୍ଟେଷ୍ଟର ଟପ୍ ୨୦ରେ ପହଞ୍ଚାଇଛି। ଅନ୍‌ଲାଇନରେ ହୋଇଥିବା ଏହି ପ୍ରତିଯୋଗିତାରେ ଏବେ ଟପ୍ ୧୦ରେ ପହଞ୍ଚିବା ପାଇଁ ସେ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସାହୁଙ୍କ ଝିଅ ଇପ୍‌ସିତା। ବାପା ପ୍ରଶାସନିକ ଅଧିକାରୀ ଓ ମା' ବବିତା ମହାନ୍ତି ଜଣେ ଗୃହିଣୀ। କିନ୍ତୁ ଝିଅର ପିଲାବେଳୁ କଳା ପ୍ରତି ଅହେତୁକ ଆକର୍ଷଣ ତାଙ୍କୁ ଏବେ ଏହି ସଫଳତାରେ ପହଞ୍ଚାଇଛି। ତାଙ୍କ ଘର କଟକ ସହର ମଙ୍ଗଳାବାଗ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ବିବାହ କରିଛନ୍ତି। ସ୍କୁଲ ପ୍ରତିଯୋଗିତାରୁ ଆରମ୍ଭ କରି ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ମିସେସ୍ ଫେମିନା ପ୍ରତିଯୋଗିତାରେ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ନିଜ ସ୍ଥାନ ଅକ୍ତିଆର କରିଥିବା ବେଳେ ୪ର୍ଥ ରାଉଣ୍ଡରେ ଭୋଟିଂ ପର୍ଯ୍ୟାୟରେ ଅଛନ୍ତି। ଓଡ଼ିଶାବାସୀଙ୍କ ଭୋଟ୍ ମିଳିଲେ ସେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ନିଜ ସ୍ଥାନ ରଖିପାରିବେ ଏବଂ ଓଡ଼ିଆ ଝିଅ ତଥା ବୋହୂ ହିସାବରେ ଓଡ଼ିଶା ପାଇଁ ସୁନାମ ଆଣିପାରିବେ ବୋଲି କୁହନ୍ତି।

ସେ ୨୦୧୫ରେ ଜି ଟିଭିର ମିସ୍ ଏଥନିକରେ ପଞ୍ଚମ ସ୍ଥାନ ଅକ୍ତିଆର କରିବା ସହ ଇଣ୍ଡିଆ ସିଟି ଲାଇଟ ମିସେସ୍ ସୁପର ମଡେଲରେ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ସେହିବର୍ଷ ସାରଳା ପ୍ରତିଭା ସମ୍ମାନ ମଧ୍ୟ ପାଇଥିଲେ। ଏପରିକି ମରାଠୀ ଚଳଚ୍ଚିତ୍ର 'ଥୋହ ଏକ ଆଜ୍'ରେ ମୁଖ୍ୟ ଚରିତ୍ରରେ ଅଭିନେତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ପାଠ ପଢ଼ିବା ବେଳେ ବିଦେଶରେ ମଧ୍ୟ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି।






# ଭୁବନେଶ୍ୱର-ଭଦ୍ରକ ମଧ୍ୟରେ ମେମୁ ଟ୍ରେନ

**ଭୁବନେଶ୍ୱର,୨୪।୩:** ଭୁବନେଶ୍ୱର ଏବଂ ଭଦ୍ରକ ମଧ୍ୟରେ ଏପ୍ରିଲ ୭ରୁ ମେମୁ ଟ୍ରେନ ଚଳାଚଳ ନେଇ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ଭୁବନେଶ୍ୱରରୁ ୫.୫୫ ମିନିଟରେ ଛାଡ଼ି ଭଦ୍ରକରେ ରାତି ୯.୧୫ରେ ପହଞ୍ଚିବ। ପ୍ରତ୍ୟାବର୍ତ୍ତନ ଦିଗରେ ୮ ଏପ୍ରିଲରେ ଭଦ୍ରକ ଭୁବନେଶ୍ୱର ମେମୁ ସକାଳ ୬.୧୫ରେ ଛାଡ଼ି ଭୁବନେଶ୍ୱରରେ ୯.୫୦ରେ ପହଞ୍ଚିବ। ଭୁବନେଶ୍ୱର-କେନ୍ଦୁଝରଗଡ ଓ ପୁରୀ- ଅନୁଗୋଳ ମଧ୍ୟରେ ମେମୁ ଚଳାଚଳ ନେଇ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ ହାଟିଆ ଓ ପୁରୀ, ସମ୍ବଲପୁର ଓ ପୁରୀ, ପାରାଦୀପ ଓ ପୁରୀ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନେଇ ମଧ୍ୟ ଘୋଷଣା କରାଯାଇଥିଲା। ଚଳାଚଳ ସୁବିଧା ଓ କୋଭିଡ ପରିସ୍ଥିତି ଏବଂ ନିୟମକୁ ଧ୍ୟାନରେ ରଖି କେତେକ ପାସେଞ୍ଜର ଏବଂ ମେମୁ ଟ୍ରେନ ଏବଂ କିଛି ଏକ୍ସପ୍ରେସ ଟ୍ରେନ ଚଳାଚଳ କରାଯିବାକୁ ଯୋଜନା ରଖିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି।

# ଶିମିଳିପାଳର ୧୦ ସ୍ଥାନରେ ନିଆଁ

**ବାରିପଦା ଅଫିସ,୨୪।୩:** ଶିମିଳିପାଳ ଅଭୟାରଣ୍ୟର ୧୦ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି। ବୁଧବାର ଶିମିଳିପାଳ ଉତ୍ତର ବନଖଣ୍ଡରେ ଥିବା ୩ଟି ଓ ଦକ୍ଷିଣ ବନଖଣ୍ଡର ୭ଟି ସ୍ଥାନରେ ନିଆଁ ଲାଗିଥିଲା। ସୂଚନାପାଇ ବନକର୍ମଚାରୀମାନେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଭୟାରଣ୍ୟରେ ବର୍ଷ ବର୍ଷ ଧରି ଶୁଖିଲା କାଠପତ୍ର ବହଳ ଆକାରରେ ପଡ଼ିରହିଛି। ଚଳିତ ବର୍ଷ ଆଦୌ ବର୍ଷା ହୋଇ ନ ଥିବାରୁ ନିଆଁ ସଙ୍ଗେ ସଙ୍ଗେ ବ୍ୟାପି ଯାଉଛି। ଫଳରେ ନିଆଁର ପ୍ରକୋପ ଓ ଗ୍ରୀଷ୍ମ ପ୍ରବାହକୁ ନେଇ କର୍ମଚାରୀମାନେ ନୟାନ୍ତ ହୋଇପଡୁଛନ୍ତି। ହୀନଚକ୍ରାନ୍ତକାରୀମାନେ ମନ୍ଦ ଉଦ୍ଦେଶ୍ୟ ନେଇ ନିଆଁ ଲଗାଉଛନ୍ତି। ବୁଧବାର ଅପରାହ୍ନରେ ଆକାଶ ମେଘାଚ୍ଛନ୍ନ ଥିବା ବେଳେ ବାରିପଦା ଆଖପାଖରେ ଝିପିଝିପି ବର୍ଷା ହୋଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:.....................................
ଜନ୍ମ ତାରିଖ: ..............................


ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଉଁଶିଲି ପାଉଁଶିଲି କୁକୁରକୁ କୁକୁର ବେହିପୋ ମୂତି ପକେଇଲା ଉପରକୁ।**
ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି କରିବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ଆପଣା ରାଜି କିସ କରିବ ପାଜି।**
ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବାର କିଛି ପ୍ରୟୋଜନ ପଡି ନ ଥାଏ। ଯେତେବେଳେ ଉଭୟ ଉଭୟ ମଧ୍ୟରେ ରାଜି ସେତେବେଳେ ଆଉ କାହାରିକୁ ଭୟ କରିବାରେ ମାନେ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟରେ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୧ ଗୃହୀତ ହେବା ଗଣତନ୍ତ୍ର ପାଇଁ ଦୁଃଖର ଦିନ। ଲୋକଙ୍କ ହାତକୁ କ୍ଷମତା ଫେରାଇବା ପାଇଁ ଲଢ଼େଇ ଜାରି ରହିବ। –ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାରେ ବ୍ରିଟେନ...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ଯେଉଁ ୩ ବ୍ରିଟେନ ଷ୍ଟ୍ରେନ୍ ଚିହ୍ନଟ ହୋଇଛି ତାହା ଆମେ ଜାଣିଥିଲୁ। ଗତ ଡିସେମ୍ବରରୁ ଆମ ପାଖରେ ଖବର ଥିଲା। ବ୍ରିଟେନ୍ ଫେରନ୍ତାଙ୍କ ପାଖରେ ଏହି ଷ୍ଟ୍ରେନ୍ ରହିଥିଲା। ଆଇସିଏମ୍ଆର୍‌ରେ ଜିନୋମ୍ ସିକ୍ୱେନ୍ସିଂବେଳେ ଏହା ଜଣାପଡ଼ିଥିଲା। ତେବେ ଲୋକେ ଭୟଭୀତ ହେବେ ବୋଲି ପ୍ରକାଶ କରାଯାଇ ପାରୁ ନ ଥିଲା। ଏବେ ବି ଲୋକେ ଭୟଭୀତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ୪ ମାସ ହେବ ଏଭଳି ଏକ ସ୍ପର୍ଶକାତର ସୂଚନାକୁ ସ୍ୱାସ୍ଥ୍ୟ ବିଭାଗ ଲୁଚାଇ ରଖିଥିବାରୁ ଏବେ ନାନା ପ୍ରଶ୍ନ ଉଠୁଛି।

ସେପଟେ କୋଭିଶିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ କିପରି ନିଆଯିବ, ସେଥିପାଇଁ ରାଜ୍ୟ ସରକାର ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ବୁଧବାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲାପାଳ, ମହାନଗର କମିଶନର, ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ପୂର୍ବରୁ କୋଭିଶିଲ୍ଡ ପ୍ରଥମ ଡୋଜ୍‌ର ୪ରୁ ୬ ସପ୍ତାହ ପରେ ୨ୟ ଡୋଜ୍ ନେବା ନିୟମ ଥିଲା। ଏବେ କିନ୍ତୁ ୪ରୁ ୮ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନେବାକୁ ନିୟମ କରାଯାଇଛି। ଏନେଇ ଜନସଚେତନତା ସୃଷ୍ଟି କରିବାକୁ କୁହାଯାଇଛି।

### ଚିନ୍ତା ବଢ଼ାଇଛି ...

କରାଯାଇଥିଲା। ବିଦେଶରୁ ଫେରିଥିବା ଅନ୍ତର୍ଜାତୀୟ ଯାତ୍ରୀମାନଙ୍କର ଏଭଳି ପରୀକ୍ଷା କରାଯାଉଛି। ଏହାବ୍ୟତୀତ ପଞ୍ଜାବ ଏବଂ ମହାରାଷ୍ଟ୍ରରେ ସଂକ୍ରମଣ ଅତ୍ୟଧିକ ମାତ୍ରାରେ ବଢ଼ିଚାଲିଥିବାରୁ ସରକାରଙ୍କ ଚିନ୍ତା ବଢ଼ାଇଛି। ଏହାବ୍ୟତୀତ ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଚଣ୍ଡିଗଡ, ତାମିଲନାଡୁ ଓ କର୍ଣାଟକରେ ମଧ୍ୟ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ଉପରୋକ୍ତ ରାଜ୍ୟଗୁଡ଼ିକର କରୋନା ସ୍ଥିତିର ସମୀକ୍ଷା ପାଇଁ ଶନିବାର ଜରୁରୀ ବୈଠକ ଡକାଯାଇଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୭,୨୬୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୧୩୩ ଦିନ ମଧ୍ୟରେ ସର୍ବାଧିକ ଦୈନିକ ସଂକ୍ରମଣ। ଏହା ପୂର୍ବରୁ ନଭେମ୍ବର ୧୧ରେ ଦୈନିକ ସଂକ୍ରମଣ ୪୭,୯୦୫ ଥିଲା। ବୁଧବାର ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୧୭,୩୪,୦୫୮ରେ ପହଞ୍ଚିଛି। ଗତ ୧୨ ଦିନ ଧରି କରୋନା ସଂକ୍ରମଣ କ୍ରମାଗତ ଭାବେ ବଢ଼ିଚାଲିବା ପରେ ମଙ୍ଗଳବାର ସାମାନ୍ୟ କମି ୪୦,୭୧୫ ରହିଥିଲା। ବୁଧବାର ପୁଣିଥରେ ପଜିଟିଭ୍ ମାମଲା ବଢ଼ିଛି। କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବଢୁଥିବା ମାମଲା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୨୭୫ ଜଣଙ୍କର କରୋନାରେ ଜୀବନ ଯାଇଛି। ଏହାକୁ ମିଶାଇ ଭାରତରେ ମୋଟ ମୃତକଙ୍କ ସଂଖ୍ୟା ୧,୬୦,୪୪୧ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୩,୬୮,୪୫୭ ରହିଛି। ମହାମାରୀ ବିରୋଧରେ ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫.୦୮ କୋଟି ଡୋଜ୍ ଦିଆଗଲାଣି। ଏପ୍ରିଲ ୧ରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି ଏହି ଟିକା ନେଇପାରିବେ ବୋଲି ମଙ୍ଗଳବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

### ନବରଙ୍ଗପୁରରେ ନାଇଟ୍ ...

ଗୁରୁବାରଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ରାତି ୮ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯିବା ସହ କଟକଣା ଲାଗୁ କରାଯାଇଛି।

ରାଜ୍ୟରେ ଏବେ ଦୈନିକ ପଜିଟିଭ୍ ସଂଖ୍ୟା ୧୫୦ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ୧୭୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ନୂଆପଡ଼ାରେ ସର୍ବାଧିକ ୨୭ଜଣ, କଟକ ଓ ଖୋର୍ଦ୍ଧାରେ ୨୩ ଲେଖାଏ ଓ ସୁନ୍ଦରଗଡ଼ ୨୨ଜଣ ରହିଛନ୍ତି। ଅନ୍ୟ ସ୍ଥାନରେ ଆକ୍ରାନ୍ତଙ୍କ ସଂଖ୍ୟା ଏହାଠାରୁ କମ୍ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୩୯,୨୪୬ରେ ପହଞ୍ଚିଛି। ନୂଆପଡ଼ାରେ ସଂକ୍ରମଣ ହୁହୁ ହୋଇ ବଢୁଛି। ବୁଧବାର ଜିଲାର ସିନାପାଲି ବ୍ଲକ୍‌ର ଏକ ଗାଁରୁ ୨୯ ପଜିଟିଭ୍ ଚିହ୍ନଟ ହୋଇଥିବା ବିଡିଓ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନରେ ସଂକ୍ରମଣ ପଶିବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ସରକାରଙ୍କ ଚିନ୍ତା ବଢ଼ିଛି। କଟକର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରଥମେ ବହୁ ଛାତ୍ରୀଛାତ୍ର ସଂକ୍ରମିତ ହୋଇଥିଲେ। ପରେ ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ(ଏକ୍ସଆଇଏମ୍‌ବି)ରୁ ୪୫ଜଣ ଚିହ୍ନଟ ହେବା ପରେ ସବୁ ଶିକ୍ଷାନୁଷ୍ଠାନରେ ତଦାରଖ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଇଛି। ମଙ୍ଗଳବାର କଟକରେ ଆଉଏକ ଶିକ୍ଷାନୁଷ୍ଠାନ ଓ ବୁଧବାର ରାଉରକେଲା ଏନ୍ଆଇଟିରେ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ପିଏମ୍ଏୱାଇରେ ବହୁ ...

କରିଛି ଓ ସବ୍‌ସିଡି ବାବଦରେ ୫୩୯.୪ କୋଟି ଟଙ୍କା ପାଇଥିବାବେଳେ ୧,୩୪୭.୮ କୋଟି ଟଙ୍କା ପାଇବାକୁ ବାକି ଅଛି। ତେବେ ଫୋରେନ୍‌ସିକ ଅଡିଟରୁ ଜଣାପଡ଼ିଥିଲା, କପିଲ୍ ଓ ଧୀରଜ ୨.୬ ଲକ୍ଷ ଜାଲ୍ ହାଉସିଂ ଲୋନ୍ ଆକାଉଣ୍ଟ ଖୋଲି ଏବାବଦରେ ସବ୍‌ସିଡି ନେଇଛନ୍ତି। ୨୦୦୭ରୁ ୨୦୧୯ ମଧ୍ୟରେ ଉକ୍ତ ଜାଲ୍ ଆକାଉଣ୍ଟ ନାମରେ ୧୪,୦୪୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୧୧,୭୫୫.୭୯ କୋଟି ଟଙ୍କା ଅନ୍ୟ ଜାଲ୍ ଫାର୍ମକୁ ସ୍ଥାନାନ୍ତର କରାଯାଇଥିବା ସିବିଆଇ ଅଭିଯୋଗ କରିଛି। ଡିଏଚ୍ଏଫଏଲ୍‌ରେ ନିବେଶ ଲାଗି ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁର ପରିବାର ଉତ୍କୋଚ ନେବା ମାମଲାରେ ସିବିଆଇ ଗତବର୍ଷ ଜୁନ୍‌ରେ ୱାଧୱାନ ଭ୍ରାତା ଓ କପୁରଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ୟେସ୍ ବ୍ୟାଙ୍କ ଲୋକଙ୍କ ଜମା ରାଶି ୩.୭୦୦ କୋଟି ଟଙ୍କା ଡିଏଚ୍ଏଫଏଲ୍‌ର ସ୍ୱଳ୍ପକାଳୀନ ଡିବେଞ୍ଚରରେ ଲଗାଇଥିଲେ। ଏଥିପାଇଁ ୱାଧୱାନ ଭ୍ରାତା କପୁରଙ୍କ ସ୍ତ୍ରୀ ଓ ଝିଅମାନଙ୍କ ନିୟନ୍ତ୍ରଣରେ ଥିବା ଏକ କମ୍ପାନୀକୁ ୬୦୦ କୋଟି ଟଙ୍କା ଋଣ ନାମରେ ସହାୟତା କରିଥିଲେ। କପୁରଙ୍କୁ ଗତବର୍ଷ ମାର୍ଚ୍ଚ ଓ ୱାଧୱାନ ଭ୍ରାତାଙ୍କୁ ଏପ୍ରିଲରେ ଗିରଫ କରାଯାଇଥିଲା।

### ୨୬ରେ କୃଷକ ସଂଗଠନର...

ଡାଏରି ଆଦି ବନ୍ଦ ରହିବ। ମାର୍ଚ୍ଚ ୨୮ 'ହୋଲିକା ଦହନ' ଅବସରରେ ୩ କୃଷି ଆଇନର କପି ଜାଳିବାକୁ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବନ୍ଦ ପାଳନକୁ ପୂର୍ଣ୍ଣ ସମର୍ଥନ ଦେବା ଲାଗି ସମସ୍ତ ବାଣିଜ୍ୟ ଓ ପରିବହନ ସଂଘ, ଛାତ୍ର, ଯୁବ ଓ ମହିଳା ସଂଗଠନଗୁଡ଼ିକ ପ୍ରତିଶ୍ରୁତି ଦେଇଛନ୍ତି। କୃଷି ସେକ୍ଟରରେ ସଂସ୍କାର ନାମରେ କେନ୍ଦ୍ର ସରକାର ଗତବର୍ଷ ସେପ୍ଟେମ୍ବରରେ ୩ ନୂଆ କୃଷି ଆଇନ ଗୃହୀତ କରାଇଥିଲେ। ଏହାଦ୍ୱାରା ଚାଷୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଯେକୌଣସି ସ୍ଥାନରେ ବିକ୍ରି କରି ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି ସରକାର କହୁଛନ୍ତି। ଅନ୍ୟପକ୍ଷରେ ଏହି ଆଇନ ଲାଗୁ ହେବା ପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି) ଏବଂ ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ହୋଇଯିବ ଏବଂ ଚାଷୀମାନଙ୍କୁ କୋଟିପତି ବ୍ୟବସାୟୀଙ୍କ ଦୟା ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

### ଜଷ୍ଟିସ୍ ରମନାଙ୍କୁ ସୁପ୍ରିମକୋର୍ଟ ...

ପ୍ରକ୍ରିୟାରେ ଯାଞ୍ଚ ଓ ଉପଯୁକ୍ତ ଅନୁଧ୍ୟାନ ପରେ ଜଷ୍ଟିସ୍ ରମନାଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଅତ୍ୟନ୍ତ ଗୋପନୀୟ ଭାବେ ହୋଇଥିବା ଏହି ଭିତିରି ଶୁଣାଣି ପ୍ରକାଶଯୋଗ୍ୟ ନୁହେଁ ବୋଲି ବିବୃତିରେ ଦର୍ଶାଯାଇଛି।

୨୦୨୦ ଅକ୍ଟୋବର ୬ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ନିକଟକୁ ପତ୍ର ଲେଖି ଜଷ୍ଟିସ୍ ରମନାଙ୍କ ବିରୋଧରେ କେତେକ ସଙ୍ଗିନ ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ରମନା ତାଙ୍କ ସରକାରରେ ଅସ୍ଥିରତା ଆଣିବା ପାଇଁ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ବିଚାରପତିମାନଙ୍କୁ ପ୍ରଭାବିତ କରୁଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସପକ୍ଷରେ ଯାଇ ବର୍ତ୍ତମାନର ନିର୍ବାଚିତ ସରକାରଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଜଗନ୍‌ମୋହନ ଏଥିରେ ଉଲ୍ଲେଖ କରିଥିଲେ। ଏହାସହ ପ୍ରମାଣ ସ୍ୱରୂପ ଶାସକ ୱାଇଏସ୍ଆର୍ କଂଗ୍ରେସ ବିଧାୟକମାନଙ୍କ ବିରୋଧରେ ଗଡୁଥିବା ମାମଲାର ତ୍ୱରିତ ଶୁଣାଣି ପାଇଁ ଜଷ୍ଟିସ୍ ରମନା ଦେଇଥିବା ରାୟର ଅବତାରଣା କରିଥିଲେ।

କିଛି ମାସ ତଳେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଜଗନ୍‌ମୋହନଙ୍କ ବିରୋଧରେ ଅବମାନନା ମାମଲା ରୁଜୁ ପାଇଁ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କୁ ଅନୁମତି ଦେବାକୁ ମନା କରିଦେଇଥିଲେ। ବେଣୁଗୋପାଳ କହିଥିଲେ, ସିଜେଆଇ ବୋବ୍‌ଡେଙ୍କ ନିକଟରେ ଉକ୍ତ ଚିଠି ଥିବାରୁ ଅନୁମତି ଦେଇ ପ୍ରଧାନ ବିଚାରପତିଙ୍କ ଦୃଢ଼ ସଂକଳ୍ପକୁ ଭାଙ୍ଗିବା ତାଙ୍କ ପକ୍ଷେ ଉଚିତ ହେବ ନାହିଁ। ଏହା ଉପରେ ଆଇନଜୀବୀ ଉପାଧ୍ୟାୟ କହିଥିଲେ, ଉକ୍ତ ପ୍ରସଙ୍ଗରେ ଶୀର୍ଷ ଅଦାଲତ ନିଜ ଆଡୁ ଅବମାନନା ମାମଲା ରୁଜୁ କରିପାରିବେ। ସାରା ଦେଶରେ ବିଧାୟକ ଏବଂ ଏମ୍‌ପିମାନଙ୍କ ବିରୋଧରେ ଆପରାଧିକ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ଅଶ୍ୱିନୀ ଉପାଧ୍ୟାୟ ବ୍ୟକ୍ତିଗତ ଭାବେ ଆବେଦନ କରିଥିଲେ। ଏହି ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ସେପ୍ଟେମ୍ବର ୧୬ରେ ଜଷ୍ଟିସ୍ ରମନା ଦେଇଥିବା ରାୟ ଅକ୍ଟୋବର ୬ରେ ଜଗନ୍‌ମୋହନଙ୍କୁ ସିଜେଆଇଙ୍କ ନିକଟକୁ ପତ୍ର ପଠାଇବା ଲାଗି ପ୍ରେରିତ କରିଥାଇପାରେ ବୋଲି ଅଶ୍ୱିନୀ ଅଭିଯୋଗ ଆଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଧାନ ପରାମର୍ଶଦାତା ଅଜେୟ କଲ୍ଲାମ ଅକ୍ଟୋବର ୧୦ରେ ଜଗନ୍‌ମୋହନଙ୍କ ଚିଠିକୁ ଗଣମାଧ୍ୟମରେ ଜାରି କରିବା ଅଦାଲତ ଅବମାନନା ବୋଲି ସେ କହିଥିଲେ।

### ବଢ଼ିବନି ଖଣି ...

ଏନେଇ ମନ୍ତ୍ରଣାଳୟ ଏକ ଅଧ୍ୟୟନ ଗ୍ରୁପ୍ ଗଠନ କରିଥିଲା। ଖଣି ନିଲାମ ଏବଂ ଅଣନିଲାମ ଖଣିର ରକ୍ଷଣାବେକ୍ଷଣରେ ରୟାଲଟି କମାଇବାକୁ ଉକ୍ତ ଗ୍ରୁପ୍ ପ୍ରସ୍ତାବ ଦେଇଛି। ଖଣି ସେକ୍ଟରରେ ଓଡ଼ିଶା ସରକାରଙ୍କ କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶା ସରକାର ଖଣିରୁ ଭଲ ରାଜସ୍ୱ ପାଉଥିବା ସେ କହିଥିଲେ। ବିଜେଡି ଏମ୍‌ପି ତାଙ୍କ ପ୍ରଶ୍ନରେ କହିଥିଲେ କେନ୍ଦ୍ର ସରକାର ଶେଷ ଥର ପାଇଁ ୨୦୧୪ରେ ରୟାଲଟି ସଂଶୋଧନ କରିଥିଲେ। ୭ ବର୍ଷ ମଧ୍ୟରେ ଏଥିରେ ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ କ୍ଷତି ସହୁଛି। କେନ୍ଦ୍ର ସରକାର ପୁଣି କେବେ ରୟାଲଟି ସଂଶୋଧନ କରିବେ ବୋଲି ମାଝି ପ୍ରଶ୍ନ କରିଥିଲେ।

### ରମନାଙ୍କୁ ଉତ୍ତରାଧିକାରୀ ...

ସରକାରଙ୍କ ନିକଟକୁ ଜଷ୍ଟିସ୍ ରମନାଙ୍କ ନାମ ଉଲ୍ଲେଖ କରି ସୁପାରିସପତ୍ର ପଠାଇଛନ୍ତି। ଜଷ୍ଟିସ୍ ରମନାଙ୍କୁ ମଧ୍ୟ ଏହାର ଏକକିତା ନକଲ ପ୍ରଦାନ କରିଛନ୍ତି। ନିୟମ ଅନୁସାରେ ସିଜେଆଇ ଅବସର ନେବାର ମାସକ ପୂର୍ବରୁ ସରକାରଙ୍କୁ ଏକ ଲିଖିତ ପତ୍ର ପଠାଯାଇଥାଏ। ସରକାର ସିଜେଆଇ ବୋବ୍‌ଡେଙ୍କ ସୁପାରିସକୁ ଗ୍ରହଣ କଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇବେ। ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଜଷ୍ଟିସ୍ ରମନା ଏପ୍ରିଲ ୨୪ରେ ଭାରତର ପରବର୍ତ୍ତୀ ସିଜେଆଇ ରୂପେ ଦାୟିତ୍ୱ ଗ୍ରହଣ କରିବେ। ସେ ୨୦୨୨ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ।

୧୯୫୭ ଅଗଷ୍ଟ ୨୭ରେ ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲା ପୋନ୍ନାଭରମ୍ ଗ୍ରାମରେ ଜନ୍ମିତ ନୁଥଲାପତି ଭେଙ୍କଟ ରମନା ୧୯୮୩ ଫେବୃୟାରୀ ୧୦ରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୦ ଜୁନ୍ ୨୭ରେ ସେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ଜଣେ ସ୍ଥାୟୀ ବିଚାରପତି ରୂପେ ନିଯୁକ୍ତ ହୋଇଥିଲେ। ୨୦୧୩ ମାର୍ଚ୍ଚ ୧୦ରୁ ମେ ୨୦ ପର୍ଯ୍ୟନ୍ତ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ରମନା ରହିଥିଲେ। ୨୦୧୩ ସେପ୍ଟେମ୍ବର ୨ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଥିଲା। ଜଷ୍ଟିସ୍ ରମନା ୨୦୧୪ ଫେବୃୟାରୀ ୧୭ରେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହୋଇଥିଲେ।

### ଟିଟିପିଏସ୍ ବନ୍ଦ ନେଇ ...

କରୁଥିଲା। ୧୯୮୨ରେ ଷ୍ଟେଜ୍-୨ରେ ୨୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ୧୯୯୫ରେ ଏହାକୁ ଏନ୍‌ଟିପିସି ଅଧିଗ୍ରହଣ କରିଥିଲା। ୨୦୧୦ରେ ଏନ୍‌ଟିପିସି ନିଜର ଉତ୍ପାଦନ କ୍ଷମତା ବଢାଇବାକୁ ଯୋଜନା କରି ଟିଟିପିଏସ୍‌ରେ ୬୬୦ ମେଗାୱାଟ୍ ଲେଖାଏ ଦୁଇଟି ଷ୍ଟେଜ୍-୩ ୟୁନିଟ୍ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିବର୍ଷ ଡିସେମ୍ବରରେ ଗ୍ରୀଡ୍‌କୋ ୬୬୦ ମେଗାୱାଟ୍ ବିଦ୍ୟୁତ୍ କିଣିବାକୁ ଏନ୍‌ଟିପିସି ସହ ପାୱାର ପର୍‌ଚେଜ୍ ଏଗ୍ରିମେଣ୍ଟ(ପିପିଏ) କରିଥିଲା। ଏନ୍‌ଟିପିସିର ଉକ୍ତ ଷ୍ଟେଜ୍-୩ ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୨୦ ଫେବୃୟାରୀରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଅଥରିଟି ମାଧ୍ୟମରେ ଅନୁମୋଦନ ଦିଆଯାଇଛି। ଏହାସତ୍ତ୍ୱେ ଏନ୍‌ଟିପିସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରୁନାହିଁ। ମାର୍ଚ୍ଚ ୩୧ ତାରିଖରୁ ବିଧିବଦ୍ଧ ଭାବେ ବନ୍ଦ ହେବାକୁ ଥିବା ଟିଟିପିଏସ୍‌ର ପୁରୁଣା ପ୍ଲାଣ୍ଟ ହଜାର ହଜାର ପରିବାର ଏବଂ ସ୍ଥାନୀୟ ଆର୍ଥିକ ଅବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇବ। ଏନ୍‌ଟିପିସିର ଟିଟିପିଏସ୍ ବନ୍ଦ ନିଷ୍ପତ୍ତି ଉଦ୍‌ବେଗଜନକ ଓ ଏ ନେଇ ଏନ୍‌ଟିପିସି ତ୍ୱରିତ ପଦକ୍ଷେପ ନେଉ। ତୁରନ୍ତ ଟିଟିପିଏସ୍ ଷ୍ଟେଜ୍-୩ ୟୁନିଟ୍ କାମ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। କରଜ କରି ପରିବାରର ଆବଶ୍ୟକତାକୁ ଚଳାଇ ନେଇ ପାରନ୍ତି। ପାଖ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି। ସକାଳୁ ସକାଳୁ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ**

ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ**

ଧାର କରଜ କରି ପାରିବାରିକ ଆବଶ୍ୟକତା ଚଳାଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ**

ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ସନ୍ଦେହ କରି ନିଜ ଲୋକମାନଙ୍କ ଭୁଲ୍‌କୁ ଦେଖିପାରିବେ ନାହିଁ। ନିଜ ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ**

ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**କନ୍ୟା**

ଆଜି ଦିନଟିରେ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଭାବପ୍ରବଣ ବଶତଃ ଓଲଟା ପଡ଼ୋଶୀଙ୍କ ସହ କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି।

**ତୁଳା**

କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ଜିଦ୍‌ଖୋର ମନୋଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ। ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ସ୍ଥାନାନ୍ତର ଚିନ୍ତାରେ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବିଛା**

ପ୍ରତିଟି ସମୟରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲହେବ। ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜିର କାରବାରରେ ଲାଭବାନ ହେବେ କିନ୍ତୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**

ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେଲେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ମକର**

ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ହଠାତ୍ କୌଣସି ଖବର ପାଇ ଖୁସି ହେବେ। ରଚନାତ୍ମକ କାର୍ଯ୍ୟ କିମ୍ବା ଅଧ୍ୟୟନରେ ଏକାଗ୍ରତା ଆଣିପାରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**

ଆକସ୍ମିକ ଭାବରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସ୍ୱାର୍ଥ ସାଧନ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଚିନ୍ତା କରୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ।

**ମୀନ**

କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଖଳ ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀର ସର୍ବସମ୍ମତ ଆମଳକୀ ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୦ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୪୦ ଗତେ ଘ.୦୧।୦୫ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨।୨୮ ଗତେ ଘ.୦୩।୨୬ ମଧ୍ୟେ ଅମୃତ ବେଳା। ଦିବା ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।


## classifieds

**Everyday**
0674-2580101, 2549302


real estate

**SALE**

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots).** D-70816

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ, near Rabi Talkies, ଘରବାରି ପାଚେରି, ଲାଇନ ସହିତ। 9178660666. D-70569

Bhubaneswar ସମ୍ବିସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562


to-let

Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-59984

For Office/ Ladies Hostel/ Ladies/ Family 3000sqft. Ground floor/ Two parts Paika Nagar, near Baramunda Fire Station, Bhubaneswar. Contact: 6372772995/ 9437529141. D-20311


healthcare
HEALTH CARE

Zen SPA positively health benefits with experts therapeutic genuinely massage. 7205084157. D-70568

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Get good massage for your health the best therapy. 7749997224. D-70440

Ayurvedic full body massage by experienced (M/F) therapist. 9861193818, 8018656899. D-59985

Swarna SPA newly open positively health benefits with expert therapist. 9556978408. D-70566


business

**ରୋଜଗାର ରୋଜଗାର:- AEPS & Mobile recharge portal ନିଅନ୍ତୁ। Daily 1000/- ରୁ 1500/- income କରନ୍ତୁ। Contact: 7852932323.** D-20271

**AFFIDAVIT**

Before the Executive Magistrate, Angul, I Sabitri Barik , W/o. Late Ramesh Chandra Barik of Vill/ P.O.- Danara, P.S.- Colliery, Dist.- Angul recorded my Aadhaar card and address. But in some places my name recorded as Kumudinee Barik. I swearing this affidavit that both Sabitri Barik and Kumudinee Barik are same person. I shall be known as Sabitri Barik for all purpose. D-20322

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଂଶୁଘାତ ମୁକାବିଲା ପ୍ରସ୍ତୁତି

**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** ଚଳିତ ବର୍ଷ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତର ମୁକାବିଲା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥାକୁ ଚୂଡ଼ାନ୍ତରୂପ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଅଧକ୍ଷତାରେ ଏଥିନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଗ୍ରୀଷ୍ମ ପ୍ରବାହ ତଥା ଅଂଶୁଘାତ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ରଖିଥିଲେ। ଏପର୍ଯ୍ୟନ୍ତ କରାଯାଇଥିବା ପାନୀୟଜଳ, ଚିକିତ୍ସା ଓ ଜଳ ଯୋଗାଣ ଆଦି ବ୍ୟବସ୍ଥାକୁ ପୁନଃ ପରଖିବା, ସମସ୍ତ ପାନୀୟ ଜଳ ପ୍ରକଳ୍ପର ବିଶୁଦ୍ଧିକରଣ ସହ ଆବଶ୍ୟକସ୍ଥଳେ ତତ୍‌କ୍ଷଣାତ ଯାଞ୍ଚ ଓ ମରାମତି ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନଳକୂପ ଓ କୂପ ଆଦି ନିକଟରେ ପ୍ରାଣୀ, ପକ୍ଷୀମାନଙ୍କ ନିମନ୍ତେ ଜଳକୁଣ୍ଡ ସ୍ଥାପନ ଆଦି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ପ୍ରଦୀପ ଜେନା କହିଛନ୍ତି, ଯେତେବେଳେ କୌଣସି ସ୍ଥାନରେ ସର୍ବାଧିକ ତାପମାତ୍ରା ଲଗାତାରଭାବେ ୪୫ ଡିଗ୍ରୀ ସେଲସିୟସରୁ ଅଧିକ ରହେ ସେତେବେଳେ ସାଧାରଣତଃ ଗ୍ରୀଷ୍ମପ୍ରବାହ ସ୍ଥିତି ସୃଷ୍ଟି ହୋଇଥାଏ। ଗ୍ରୀଷ୍ମ ପ୍ରବାହର ମୁକାବିଲା ପ୍ରସ୍ତୁତି ଫେବୃଆରୀରୁ ଆରମ୍ଭ ହୋଇଛି। ଇତି ମଧ୍ୟରେ ୨୦୨୧ ବର୍ଷ ପାଇଁ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସବୁ ବିଭାଗଗୁଡ଼ିକୁ ଗାଇଡଲାଇନ ପଠାଯାଇଛି। ପ୍ରତି ଜିଲାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଉପରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହ ବିଷୟରେ ଆଗୁଆ ସତର୍କ ସୂଚନାର ଉପଯୁକ୍ତ ପ୍ରସାରଣ ଲାଗି କୁହାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ସମ୍ବନ୍ଧିତ ସତର୍କତା ବିଷୟରେ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଲଗାତାର ଜାରି ରଖିବାକୁ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜେନା କହିଛନ୍ତି।

# ପରକୀୟା ପ୍ରୀତି: ପୋଲିସ ଦମ୍ପତି ହାତାହାତି

■ ଝିଅ, ସ୍ୱାମୀଙ୍କୁ ଫେରାଇଦେବାକୁ ନେହୁରା ହେଲେ ମହିଳା କନଷ୍ଟେବଲ

■ ପାଲଟା ଅଭିଯୋଗ ଆଣିଲେ ସ୍ୱାମୀ ଅମରେଶ

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

ଏୟାରଫିଲ୍ଡ ଥାନା ପରିସରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜଣେ ମହିଳା କନଷ୍ଟେବଲ ନିଜ ଝିଅ ଓ ସ୍ୱାମୀଙ୍କୁ ଫେରିପାଇବାକୁ ହାତଯୋଡ଼ି ଗୁହାରି କରୁଥିଲେ। ନିଜ ଉଜୁଡ଼ା ସଂସାର କଥା କହି ଭୋ ଭୋ ହୋଇ କାନ୍ଦୁଥିଲେ। ମୋ ସଂସାର ମୋତେ ଫେରାଇ ଦିଅ କହି ଆଉଜଣେ ନାରୀକୁ ନେହୁରା ହେଉଥିଲେ। ସେହି ନାରୀ ଜଣକ କୁଆଡ଼େ ତାଙ୍କ ସ୍ୱାମୀ ଓ ପୁଅକୁ ଛଡ଼ାଇ ନେଇଥିବା ଉକ୍ତ ମହିଳା କନ୍‌ଷ୍ଟେବଲ ଜଣକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ତାଙ୍କ ପରିବାରରେ ଦୀର୍ଘବର୍ଷ ହେବ ଝଡ଼ ଲାଗି ରହିଛି। ସ୍ୱାମୀ ମଧ୍ୟ ରାଜ୍ୟ ପୋଲିସ ବିଭାଗରେ କନ୍‌ଷ୍ଟେବଲ ଅଛନ୍ତି। ଦୁହେଁ ଅଲଗା ରହୁଥିଲେ ମଧ୍ୟ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି। ଏହି ପୋଲିସ ଦମ୍ପତି ହାତାହାତି ହେବା ସହ ବୁଧବାର ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୋଲିସ ଉଭୟପକ୍ଷର ଅଭିଯୋଗ କ୍ରମେ ୯୪ ଓ ୯୫/୨୦୨୧ରେ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗକାରିଣୀ ମହିଳା ଜଣକ ହେଉଛନ୍ତି ବଡଗଡ଼ ଥାନାରେ କାର୍ଯ୍ୟରତ କନଷ୍ଟେବଲ ବଗବତୀ ନାୟକ। ତାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ଯାଜପୁରର ଅମରେଶ ସାହୁ କେନ୍ଦ୍ରାପଡା ଜିଲା ଆଳି ଥାନାର କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରନ୍ତି। ୨୦୦୮ରେ ଉଭୟ ପ୍ରେମ ବିବାହ କରିଥିଲେ। ସୁନାର ସଂସାର ହସଖୁସିରେ ବିତୁଥିଲା। ସେ ପୋଲିସ ବିଭାଗରେ କାର୍ଯ୍ୟ କରୁଥିବାରୁ ପରିବାର ଲୋକଙ୍କୁ ଠିକ୍ ଭାବେ ସମୟ ଦେଇପାରୁ ନ ଥିଲେ। ଏହାକୁ ନେଇ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ସହ ମନୋମାଳିନ୍ୟ ହୋଇଥିଲା। ଭଗବତୀ ଏକ କନ୍ୟା ସନ୍ତାନର ମା' ହେବାର ୬ମାସ ପରେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ଏହା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଉଭୟେ ଅଲଗା ରହୁଛନ୍ତି। ତେବେ ସ୍ୱାମୀ ଅମରେଶ ଅନ୍ୟଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଛନ୍ତି। ଯୁବତୀ ଜଣକ ଏକ ବ୍ୟାଙ୍କରେ ଚାକିରି କରୁଥିବାବେଳେ ସେ ତାଙ୍କ ସ୍ୱାମୀଙ୍କୁ ବଶୀଭୂତ କରି ରଖିଛନ୍ତି। ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀ ଅଞ୍ଚଳରେ ଅମରେଶ ଘର ଭଡ଼ା ନେଇ ରହିବା ସହ ଉକ୍ତ ଯୁବତୀଙ୍କୁ ପାଖରେ ରଖିଥିବା ଖବର ପାଇ ବୁଧବାର ସେ ସେଠାରେ ପହଞ୍ଚିଥିଲେ। ଭଗବତୀଙ୍କୁ ଦେଖି ସ୍ୱାମୀ ଅମରେଶ ଓ ଉକ୍ତ ଯୁବତୀ ଖସିପଳାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ତାଙ୍କୁ ମାଡ ମାରିଥିଲେ। ଏଥିସହ ସ୍ୱାମୀ ତାଙ୍କ ଝିଅଙ୍କୁ ଗାଳି କରିବା ସହ ମାନସିକ ନିର୍ଯାତନା ଦେଉଥିବା ଓ ଏହାର ପ୍ରମାଣ ତାଙ୍କ ପାଖରେ ଥିବା ଭଗବତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ସ୍ୱାମୀ ଅମରେଶ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଛାଡପତ୍ର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ବୁଧବାର ତାଙ୍କ ସ୍ତ୍ରୀ ମାଆଙ୍କ ସହ ଭଡା ଘରକୁ ଆସିଥିଲେ। ଏହି ସମୟର ସ୍ତ୍ରୀ ଘରେ ଥିବା ଗାଡ଼ିର କାଚ ଭାଙ୍ଗିବା ସହ ତାଙ୍କର ଜଣେ ଅତିଥି ଯୁବତୀଙ୍କୁ ଛୁରୀରେ ଆକ୍ରମଣ କରି ତାଙ୍କ ସ୍କୁଟିକୁ ମଧ୍ୟ ଭାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି।

# ସରକାରୀ ଜମିର ସୁରକ୍ଷା ଲାଗି ଅଲ୍‌ପିନ୍ ପୋର୍ଟାଲ

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପକ୍ଷରୁ ଜମିଜମା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ଆଧାରିତ ଅଭିନବ ଲ୍ୟାଣ୍ଡ ପାର୍ସଲ ଚିହ୍ନଟ ନମ୍ବର (ଅଲ୍‌ପିନ୍) ପୋର୍ଟାଲର ଶୁଭାରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଭୂସମ୍ପଦ ସଚିବ ଅଜୟ ତିର୍କୀଙ୍କ ଉପସ୍ଥିତିରେ ଏହି ପୋର୍ଟାଲ ଆରମ୍ଭ ହୋଇଛି। ୧୪ ସଂଖ୍ୟା ବିଶିଷ୍ଟ ଅଭିନବ ଲ୍ୟାଣ୍ଡ ପାର୍ସଲ ଚିହ୍ନଟ ନମ୍ବର ପୋର୍ଟାଲ ମାଧ୍ୟମରେ କୌଣସି ଜମିଜମା କିମ୍ବା ଭୂସମ୍ପତ୍ତି ସମ୍ପର୍କିତ ସୂଚନା ମିଳିପାରିବ। ଏଥିରୁ ଜମି ମାଲିକଙ୍କ ସମ୍ପର୍କରେ ସୂଚନା ମିଳିବା ସହିତ ମାଲିକାନା ସମ୍ପର୍କିତ ସନ୍ଦେହ ଦୂର ହୋଇପାରିବ।

ସରକାରୀ ଜମିର ସୁରକ୍ଷା ସହିତ ସେଗୁଡ଼ିକୁ ଠିକ୍‌ଭାବେ ଚିହ୍ନଟ କରାଯାଇପାରିବ। ଜମିଜମା ସମ୍ପର୍କିତ ଡାଟା ବିଶ୍ଳେଷଣ ସହଜ ହେବ। ଜମିଜମା ସମ୍ପୃକ୍ତ କାଗଜ ପତ୍ରର ଉପଯୁକ୍ତ ତଦାରଖ ନିମନ୍ତେ ଏହି ପୋର୍ଟାଲ ଏକ ସ୍ୱଷ୍ଟ, ସ୍ୱଚ୍ଛ ଓ ଫଳପ୍ରଦ ପ୍ରକ୍ରିୟା ପ୍ରଦାନ କରିବ। ଏହି ନମ୍ବର ବ୍ୟବହାର କରି ଜମିଜମାର ଖଜଣା ଆଦାୟ ବାବଦରେ ସୂଚନା ମିଳିପାରିବ। ଜମିର ମାଲିକାନା ନେଇ ତଥ୍ୟ ଉପଲବ୍ଧ ହେବ। ଓଡ଼ିଶାରେ ଏହି ପୋର୍ଟାଲ ଏକ ପାଇଲଟ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରାଯାଇଛି। ଦେବଗଡ଼ ଜିଲାର ୩ଟି ଗ୍ରାମ ଯଥା: ଦେବଗଡ଼ ତହସିଲର ବଡ଼ଖଣ୍ଡିଆ ଓ କଣ୍ଡେଇଜୋରି ଏବଂ ରିଆମାଳ ତହସିଲର ବରଖୋଲକୁ ଏହି ପାଇଲଟ୍ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି। ବେଳେବେଳେ ଚାଷୀ ଋଣ ପାଇଁ ଜମି ବନ୍ଧକ ରଖୁଥିବାବେଳେ ଏହି ପୋର୍ଟାଲରୁ ଜମି ସମ୍ପର୍କିତ ତଥ୍ୟ ସ୍ୱଷ୍ଟ ହୋଇପାରିବ। ସାରା ରାଜ୍ୟରେ ପର୍ଯ୍ୟାୟକ୍ରମେ ଏହି ପ୍ରକଳ୍ପକୁ ସମ୍ପ୍ରସାରିତ କରାଯିବ ଓ ଏହା ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ବିଧାନସଭା ନିକଟରେ ପୁଣି ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୨୪।୩(ବ୍ୟୁରୋ):** ବିଧାନସଭା ଅଧିବେଶନ ଆରମ୍ଭ ହେଲେ ନ୍ୟାୟ ପାଇଁ ଲୋକେ ରାଜଧାନୀ ଚାଲିଆସୁଛନ୍ତି। ଅନେକ ସମୟରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହାକୁ ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ଯେତେ ପଦକ୍ଷେପ ନିଆଗଲେ ବି ଘଟଣା ପରେ ଘଟଣା ଘଟିଚାଲିଛି। ବୁଧବାର ବିଧାନସଭା ନିକଟରେ ଜଣେ ବ୍ୟକ୍ତି ଆତ୍ମାହୁତି ଉଦ୍ୟମବେଳେ ଉପସ୍ଥିତ ପୋଲିସ ତାଙ୍କୁ କାବୁ କରିଛି। ପରେ କ୍ୟାପିଟାଲ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ବୌଦ୍ଧ ଜିଲା ଶ୍ରୀରାମପୁରର ବୈଦ୍ୟନାଥ ମହାପାତ୍ର(୫୩)। ତାଙ୍କ ସୂଚନା ମୁତାବକ, ସେ ରାଜ୍ୟ ବନ ଉନ୍ନୟନ ନିଗମ ଅଧୀନରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ତାଙ୍କର ଚାକିରି ନିୟମିତ ହୋଇ ନ ଥିଲା। ଏହାକୁ ନେଇ ବୈଦ୍ୟନାଥ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ବିଧାନସଭା ନିକଟରେ କିରୋସିନ ଧରି ପହଞ୍ଚିଥିଲେ। କିଛି ଘଟାଇବା ପୂର୍ବରୁ ପୋଲିସ ଧରିନେଇଥିଲା। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କ୍ୟାପିଟାଲ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଲେଜ ଛାତ୍ରଙ୍କ ଜାମିନ ଆବେଦନ ଖାରଜ

**ପରୀ ହତ୍ୟା ମାମଲା**

**ନୟାଗଡ଼ ଅଫିସ, ୨୪।୩:** ବୁଧବାର ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାର ଶୁଣାଣି ଚିଲଡ୍ରେନ କୋର୍ଟରେ ହୋଇଛି। ଗିରଫ କଲେଜ ଛାତ୍ରଙ୍କ ଜାମିନ ଆବେଦନକୁ ଜଜ୍ ଇତିଶ୍ରୀ ମହାପାତ୍ର ଖାରଜ କରିଦେଇଛନ୍ତି। ମଙ୍ଗଳବାର ଚିଲଡ୍ରେନ କୋର୍ଟରେ ଏହାର ଶୁଣାଣି କରାଯାଇ ରାୟ ସଂରକ୍ଷିତ ରହିଥିଲା। ଗିରଫ କଲେଜ ଛାତ୍ରଙ୍କୁ ରିମାଣ୍ଡ ବେଳେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
R. P. No. 57/2020/CTC
(Arising out of OA No. 174 of 2012)

Next Date: 29.04.2021

Bank of Baroda, Keonjhar Branch ...Certificate Holder Bank

Vs.

M/s. Suma Sankar Sponge Iron (P) Ltd. ...Certificate Debtors

To
1. M/s. Suma Sankar Sponge Iron (P) Ltd., 41, Khandagiri Bihar, Khandagiri, Bhubaneswar
2. Mr. Bidyadhar Nayak, S/o. Trilochan Nayak, M.D., M/s. Suma Sankar Sponge Iron (P) Ltd., 270/A, Sahid Nagar, Bhubaneswar-751007
3. Mr. Haraprasad Mohanty, S/o. Bihari Mohanty, Director, M/s. Suma Sankar Sponge Iron (P) Ltd., T.V. Lane, Deula Sahi, Tulasipur, Cuttack-753008
4. Mr. Dillip Kumar Nayak, S/o. Bidyadhar Nayak, Director, M/s. Suma Sankar Sponge Iron (P) Ltd., 270/A, Sahid Nagar, Bhubaneswar-751007
5. Mr. Sunkuru Dandasi Subudhi, S/o. S.R. Subudhi, C/o. Santoshi Enterprises, Plot No. 1343, Sarala Nagar, Cuttack Road (Behind Yatri Niwas), Bhubaneswar-751006
6. Mrs. Padmaaja Sankuru, W/o. Sunkuru D., C/o. Santoshi Enterprises, Plot No. 1343, Sarla Nagar, Cuttack Road (Behind Yatri Niwas), Bhubaneswar-751006

Take notice that Certificate arising out of **OA No. 174 of 2012** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 7,88,85,701.00 (Rupees Seven Crore Eighty Eight Lac Eighty Five Thousand Seven Hundred One Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | :Rs. 7,88,85,701.00 |
| 2. Cost allowed | (+) | :Rs. 1,50,000.00 |
| 3. Interest @ 10% p.a. with yearly rests from 29.03.2012 to 07.01.2020 | | :Rs. 6,14,01,158.69 |
| | Total | :Rs. 14,04,36,859.69 |

(Rupees Fourteen Crore Four lac Thirty Six Thousand Eight Hundred Fifty Nine and Paise Sixty Nine Only) with of interest **@ 10% p.a.** with yearly rests on the amount due from **08.01.2020** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **29.04.2021** and report the details of payment made by you.

Given under my hand & seal at Cuttack on this **23rd day of March, 2021.**

Sd/- (R.P. Patnaik)
Recovery Officer



> ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। -ଶ୍ରୀମା



# କୁକୁରଙ୍କ ମହାମାରୀକୁ ଅଣଦେଖା

ମାନେକା ଗାନ୍ଧୀ

ଭାରତ ଏକ ଭୟଙ୍କର ଭୂତାଣୁଜନିତ ମହାମାରୀର ଘୋର ଯନ୍ତ୍ରଣା ମଧ୍ୟରେ ରହିଛି। ଏହି ମହାମାରୀ ବାର୍ଡ ଫ୍ଲୁ ଏବଂ ସ୍ୱାଇନ୍ ଫ୍ଲୁଠାରୁ ଆହୁରି ଭୟାନକ। ଏହାର ମୃତ୍ୟୁହାର ୯୧ ପ୍ରତିଶତ। ଏହା ଏବେ କେବଳ କୁକୁରଙ୍କୁ ସଂକ୍ରମିତ ହେଉଛି ଓ ସବୁ ପ୍ରଜାତିର ବିରାଡ଼ିକୁ ମଧ୍ୟ ଏହା ଆକ୍ରାନ୍ତ କରିପାରେ। ଅନ୍ୟ ପ୍ରାଣୀମାନେ ଏହାର ଶିକାର ହେଉଛନ୍ତି କି ନାହିଁ ତାହା ଭଗବାନଙ୍କୁ ଜଣା। ଏହି ଘାତକ ଭୂତାଣୁ ହେଉଛି କ୍ୟାନାଇନ ପାର୍ଭୋ ଭାଇରସ୍ (ସିପିଭି)। ସାରା ଭାରତରେ ଏହାର ସଂକ୍ରମଣ ପ୍ରକାଶ ପାଇଥିବା ଜଣାପଡ଼ିଛି। ଏଥିରେ ସଂକ୍ରମିତ ହଜାର ହଜାର କୁକୁରଛୁଆଙ୍କର ମୃତ୍ୟୁ ଘଟିଛି। ମୋ ନିଜର ସଂସ୍ଥା ପିପୁଲ ଫର୍ ଆନିମଲ୍ସରେ ହଜାର ହଜାର କେସ୍ ରହିଛି। ମାଙ୍ଗାଲୋରଠାରୁ ଆରମ୍ଭ କରି ସିଲିଗୁଡ଼ି ଯାଏ ସେଲ୍ଟର ବା ଆଶ୍ରୟସ୍ଥଳୀଗୁଡ଼ିକ ବନ୍ଦ ହୋଇଯାଇଛି । ସେଲଟରରେ ପାର୍ଭୋ ଭାଇରସରେ ଅଧିକ ଅକ୍ରାନ୍ତ ରହିଛନ୍ତି ଓ ସେମାନଙ୍କ ମୃତ୍ୟୁ ଘଟୁଥିବାରୁ ସାଧାରଣ ଦୁର୍ଘଟଣାରେ ଆହତ କୁକୁରଙ୍କୁ ଏଠାରେ ପ୍ରବେଶ କରାଯାଉନାହିଁ। କାରଣ ସେମାନେ ମଧ୍ୟ ପାର୍ଭୋ ଭାଇରସରେ ଆକ୍ରାନ୍ତ ହୋଇ ମରିଯିବା ସମ୍ଭାବନା ଦେଖାଦେଇଛି। ମୃତ କୁକୁରଛୁଆମାନଙ୍କ ପାଖକୁ ଗଲାବେଳେ ସ୍ୱେଚ୍ଛାସେବୀମାନେ ଆଇଭି ଫ୍ଲୁଇଡ୍ ନେଇ ଯାଉଛନ୍ତି।

ସରକାର ଏହାକୁ ଭୂତାଣୁ ଜନିତ ମହାମାରୀ ବୋଲି ସ୍ୱୀକାର କରିବାକୁ ମନା କରୁଛନ୍ତି। ବାର୍ଡ ଫ୍ଲୁ ମଣିଷକୁ ସଂକ୍ରମିତ କରୁଥିବାରୁ ଲକ୍ଷ ଲକ୍ଷ କୁକୁଡ଼ାଙ୍କୁ ବେକମୋଡ଼ି କିମ୍ବା ପୋଡି ମାରି ଦିଆଯାଉଛି। କିନ୍ତୁ ପାର୍ଭୋ ଭାଇରସ୍‌କୁ ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି। ମଣିଷକୁ ଏହା ବ୍ୟାପିବ ନାହିଁ ବୋଲି ଭାବି ଏଭଳି କରୁଛନ୍ତି। କୁକୁର ପାଳିଥିବା ଗରିବ ଲୋକମାନଙ୍କୁ ଟିକା ଯୋଗାଇ ଦେବାକୁ ସରକାର ମନା କରୁଛନ୍ତି। ରାସ୍ତାରେ ବୁଲା କୁକୁରମାନଙ୍କୁ ବି ଏହା ଦେଉନାହାନ୍ତି। ସରକାରୀ ହସ୍ପିଟାଲଗୁଡ଼ିକ ପାର୍ଭୋ କେସ୍‌ର ଚିକିତ୍ସା କରୁନାହାନ୍ତି। ଡ୍ରିପ୍ସ ଏବଂ ଆଣ୍ଟିବାୟୋଟିକ୍ସ ଲାଗି ବଜେଟ ନାହିଁ ବୋଲି ସେମାନେ କହୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ୮୦ ପ୍ରତିଶତ ପ୍ରାଣୀ ଚିକିତ୍ସକ ସକାଳ ୧୦ରୁ ଦିନ ୨ଟା ଯାଏ ସରକାରୀ କ୍ଲିନିକ୍‌ଗୁଡ଼ିକରେ ଅଳସୁଆ ଭାବେ ବସି ରହୁଥିବାବେଳେ ଅନ୍ୟପକ୍ଷରେ ଲକ୍ଷ ଲକ୍ଷ ପ୍ରାଣୀଙ୍କର ମୃତ୍ୟୁ ଘଟୁଛି। ଯଦି ଆପଣ ସେହି ଚିକିତ୍ସକଙ୍କୁ ଯାଇ କୁକୁଡ଼ାକୁ ବେକମୋଡି ମାରିବା ଲାଗି କହିବେ ସେମାନେ ତାହା ଆନନ୍ଦରେ କରିବେ। କିନ୍ତୁ ଏହା ପାର୍ଭୋ ଭାଇରସ୍ ପ୍ରତି ଚିନ୍ତା ନାହିଁ । କ୍ୟାନାଇନ ପାର୍ଭୋ ଭାଇରସ୍‌ର ମୂଳ ବଂଶ ପାର୍ଭୋଭିରିଡେର ଦୁଇଟି ମୁଖ୍ୟ ଷ୍ଟ୍ରେନ୍ ହେଉଛନ୍ତି ସିପିଭି-୨ଏ ଏବଂ ସିପିଭି-୨ବି। ସଂକ୍ରମିତ କୁକୁରର ମଳ,ବାନ୍ତି, ରକ୍ତ, ସ୍ପର୍ଶ,ବ୍ୟବହାର କରାଯାଉଥିବା କପଡ଼ା,କୁକୁର ରହୁଥିବା ଘର, କ୍ଲିନିକ, ସର୍ବସାଧାରଣ ପାର୍କ ଭଳି ସ୍ଥାନରେ ଏହି ଭାଇରସ୍ ରହିଥାଆନ୍ତି। ଏହା ସହଜରେ କୁକୁରଛୁଆମାନଙ୍କୁ ସଂକ୍ରମିତ କରେ। ଟିକା ନେଇ ନ ଥିବା କୁକୁରମାନଙ୍କୁ ଏହି ସଂକ୍ରମଣ ହେବା ଆଶଙ୍କା ମଧ୍ୟ ଅଧିକ। ସଂଖ୍ୟାଧିକ ଘଟଣାରେ ଏହି ସଂକ୍ରମଣ ୪୮ରୁ ୭୨ ଘଣ୍ଟା ମଧ୍ୟରେ ଘାତକ ହୋଇଥାଏ।

ମହାମାରୀ ଜନିତ ଏକ ନୀରବ ସାମୂହିକ ହତ୍ୟା ସଂଘଟିତ ହୋଇଚାଲିଛି। ପ୍ରତ୍ୟେକ ରାଜ୍ୟରେ ମ୍ୟୁନିସିପାଲିଟି ଓ ପ୍ରାଣୀଚିକିତ୍ସା ବିଭାଗଗୁଡ଼ିକ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱଳ୍ପ କିମ୍ବା ଦୀର୍ଘମିଆଦୀ ପଦକ୍ଷେପ ଗ୍ରହଣ କରିବା ପାଇଁ ମନା କରିଦେଇଛନ୍ତି। ସରକାରୀ ଚିକିତ୍ସାଳୟରେ ଗୋଟିଏ ସପ୍ତାହରେ ୩୪୨ଟି କେସ୍ ସାମ୍ନାକୁ ଆସିବାପରେ କେବଳ ଗୋଟିଏ ଜିଲା ଉତ୍ତର ଦିନାଜପୁରରେ ପାର୍ଭୋ ଟିକାକରଣ କ୍ୟାମ୍ପ କରାଯାଇଥିଲା। ସେମାନଙ୍କ ପାଖରେ ଡ୍ରିପ୍ ଷ୍ଟାଣ୍ଡ୍ କିମ୍ବା ଆଇଭି ଫ୍ଲୁଇଡ୍ ଉପଲବ୍ଧ ନ ଥିବା ଯୋଗୁ ସମସ୍ତ ସଂକ୍ରମିତ କୁକୁରଙ୍କ ମୃତ୍ୟୁ ଘଟିଥିବା ଜଣାଯାଏ। ଏହି ସାଧାରଣ ଚିକିତ୍ସା ବ୍ୟବସ୍ଥା କରିବାକୁ ଦେଶର ସବୁଆଡେ ରହିଥିବା ସରକାରୀ ପ୍ରାଣୀ ଚିକିତ୍ସାଳୟଗୁଡ଼ିକ ଅକ୍ଷମ। ଯୋଗାଣ , ଭିତ୍ତିଭୂମି, ଲୋକଶକ୍ତି ଏବଂ ବେଳେବେଳେ ଜଳ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇ ଦେବାର ଅଭାବ ହେତୁ ଦେଶର ସବୁ ସରକାରୀ ଭେଟେରିନାରି କ୍ଲିନିକ୍‌ଗୁଡ଼ିକ ଏହି ଚିକିତ୍ସା ଯୋଗାଇଦେବାକୁ ସକ୍ଷମ ନୁହନ୍ତି। ସିପିଭି ସଂକ୍ରମଣ ସମ୍ପର୍କରେ ଲୋକମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇ ସେମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ବାର୍ଡ ଫ୍ଲୁ ସମ୍ବନ୍ଧରେ ସରକାର ସୂଚନା ଦେଉଛନ୍ତି,ସତର୍କ କରୁଛନ୍ତି ; କିନ୍ତୁ ସରକାର ଭୟଙ୍କର ସିପିଭି ଭାଇରସ ସମ୍ପର୍କରେ ପୂରା ନୀରବ ରହିଛନ୍ତି, ଯେଉଁଥିରେ ମଣିଷ ସଂକ୍ରମଣ ହେବାର ଆଶଙ୍କା ରହିଛି।

ସିପିଭି ପାଇଁ ସବୁ କୁକୁରଙ୍କୁ ଟିକାକରଣ ନିମନ୍ତେ କୌଣସି ରାଜ୍ୟରେ କିଛି ବି ନୀତି ନାହିଁ। ଅନ୍ୟପକ୍ଷରେ ପ୍ରାଣୀ ଜନ୍ମ ନିୟନ୍ତ୍ରଣ (କୁକୁର) ନିୟମ,୨୦୦୧ ଅନୁଯାୟୀ ରାବିସ ବା ଜଳାତଙ୍କ ପ୍ରତିରୋଧୀ ଟିକା ଦେବା ପାଇଁ ନିୟମ ଲାଗୁ କରାଯାଇଛି। ପ୍ରାଣୀ ନିର୍ଯାତନା ନିରୋଧୀ ଆଇନ, ୧୯୬୦ ବଳରେ ଏହି ନିୟମ ଅଣାଯାଇଛି। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ପ୍ରୋଗ୍ରାମର ପ୍ରୋଟୋକଲ ଅନୁଯାୟୀ ବନ୍ଧ୍ୟାକରଣ ପରେ କୁକୁରମାନଙ୍କୁ ଛାଡିବା ପୂର୍ବରୁ ଜଳାତଙ୍କ ଟିକା ଦେବା ବାଧ୍ୟତାମୂଳକ କରାଯାଇଛି। ଉଭୟ ମଣିଷ ଏବଂ ପ୍ରାଣୀମାନଙ୍କ ପାଇଁ ଜଳାତଙ୍କ ଟିକା ସରକାର କାହିଁକି ରିହାତି ବା ମାଗଣାରେ ଦେଉଛନ୍ତି ତାହାର ଏହା ମଧ୍ୟ ଏକ କାରଣ। ସିପିଭି ଟିକାର ଦାମ୍ ଜଳାତଙ୍କ ଟିକାଠାରୁ ୧୪ ଗୁଣ ଅଧିକ। କିନ୍ତୁ ଉଭୟ ଭୟଙ୍କର ରୋଗ । ସିପିଭି ଏକ ମହାମାରୀ ଓ ଭାରତର ସବୁଆଡେ ଏହା ବ୍ୟାପିବା ସତ୍ତ୍ୱେ ବଜେଟରେ ଏହାକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ଦେଖିବାକୁ ଗଲେ ବନ୍ୟଜୀବ ସଂରକ୍ଷଣ ଉପରେ ଏହାର କ୍ଷତିକାରକ ପ୍ରଭାବ ରହିଛି। ୧୯୯୪ରେ ତାଞ୍ଜାନିଆର ସରେଙ୍ଗେଟି ଜାତୀୟ ଉଦ୍ୟାନରେ ସିଂହମାନଙ୍କର ଗଣମୃତ୍ୟୁ ସିପିଭି ଏବଂ କ୍ୟାନାଇନ ଡିସଟେମ୍ପର ଭାଇରସ୍(ସିଡିଭି)ଯୋଗୁ ହୋଇଥିଲା। ୨୦୧୮ରେ ଗିର୍ ଜାତୀୟ ଉଦ୍ୟାନରେ ଉଭୟ ସିପିଭି ଏବଂ ସିଡିଭି ଦ୍ୱାରା ଏସୀୟ ସିଂହମାନଙ୍କର ମୃତ୍ୟୁ ଘଟିଥିଲା। ଏହି ସଂରକ୍ଷିତ ପଶୁମାନଙ୍କର ଅପୂରଣୀୟ କ୍ଷତି ହୋଇଥିଲା ଏବଂ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାର ଜିନ୍ ହ୍ରାସ ଘଟିଛି। ସେମାନଙ୍କ ବାସସ୍ଥାନର ପରିସୀମା କମିବା ଏବଂ ସହରାଞ୍ଚଳ ଓ ଜଙ୍ଗଲ ମଧ୍ୟରେ ସୀମା ନ ଥିବାରୁ ସେମାନେ ପାଳିତ ଏବଂ ମୁକ୍ତଭାବେ ବିଚରଣ କରଥିବା କୁକରମାନଙ୍କର ଅଧିକ ନିକଟବର୍ତ୍ତୀ ହେବା ଦେଖାଯାଉଛି।

ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ନ୍ୟାଶନାଲ ଟାଇଗର କନ୍‌ଜରଭେସନ ଅଥରିଟି କୁକରମାନଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଚଳାଇ ସେମାନଙ୍କୁ ସଂରକ୍ଷିତ ଅଞ୍ଚଳରେ ଜଳାତଙ୍କ ଓ ସିଡିଭି ପ୍ରତିରୋଧୀ ଟିକା ଦେବା ପାଇଁ କହିଛି। କିନ୍ତୁ ଏହି କାର୍ଯ୍ୟକ୍ରମରେ ସିପିଭି ପାଇଁ ଟିକାକରଣକୁ ରଖାଯାଇନାହିଁ। ସିପିଭି ଆକ୍ରାନ୍ତ ପ୍ରାଣୀମାନଙ୍କ ଟିକା ଏହି ଭାଇରସ୍ ବିରୋଧରେ ଲଢେ। କିନ୍ତୁ ଟିକାକରଣ ମଧ୍ୟରେ ବହୁ ଆହ୍ୱାନ ରହିଛି। ମୁଖ୍ୟତଃ ଟିକାଗୁଡ଼ିକୁ ଶୀତଳୀକରଣ ପଦ୍ଧତିରେ ଯୋଗାଣ ଏବଂ ଷ୍ଟୋରେଜ ବ୍ୟବସ୍ଥାର ଅଭାବ ପରିଲକ୍ଷିତ ହେଉଛି। ପାର୍ଭୋ ଭାଇରସ୍ ପ୍ରତିଦିନ ଏହାର ରୂପ ବଦଳାଏ। ଏଣୁ ଟିକାକରଣ ପ୍ରକ୍ରିୟାରେ ସିପିଭି ଷ୍ଟ୍ରେନ୍ ଏବଂ ଭ୍ୟାକ୍ସିନ୍ ଷ୍ଟ୍ରେନ ମଧ୍ୟରେ ମେଳ ରହି ନ ଥାଏ। ଟିକାରେ ବ୍ୟବହୃତ ଭାଇରାଲ ଷ୍ଟ୍ରେନ୍ ସମ୍ପର୍କରେ ଟିକା ନିର୍ମାତାମାନେ ମଧ୍ୟ ପ୍ରକାଶ କରି ନ ଥାନ୍ତି। ଏହି ସବୁ ଆହ୍ୱାନଗୁଡ଼ିକ ଉପରେ ଧ୍ୟାନ ଦେଇ ଏକ ବ୍ୟାପକ ଟିକାକରଣ ନୀତ ପ୍ରସ୍ତୁତ କରିବା ଆବଶ୍ୟକ। ରାସ୍ତାରେ ବୁଲୁଥିବା ଏବଂ ପାଳିତ କୁକୁରମାନଙ୍କୁ ଟିକା ଦେବା କାର୍ଯ୍ୟକୁ ଆଗକୁ ନେବା ବେସରକାରୀ ପ୍ରାଣୀ କଲ୍ୟାଣ ସଂଗଠନ ଏବଂ ଆନିମଲ ଫିଡର୍‌ମାନଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ସିପିଭି ପ୍ରତିରୋଧୀ ଟିକାକରଣ ଅଭିଯାନକୁ ସରକାର ପାଣ୍ଠି ଯୋଗାଇଲେ ଏହା ଏକ ସୁନ୍ଦର ତଥା ସୁସ୍ଥ କୁକୁରଙ୍କ ବିଶ୍ୱ ସୃଷ୍ଟି କରିବାକୁ ନିଶ୍ଚିତ କରିବ। କୁକୁରମାନଙ୍କ ସୁସ୍ଥତା ଦୃଷ୍ଟିକୋଣରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଡ଼ିତ ସଂସ୍ଥାଗୁଡ଼ିକ ଗୋଟିଏ ମଞ୍ଚକୁ ଆସି ସର୍ବସମ୍ମତି ପ୍ରସ୍ତାବକ୍ରମେ ଏକ ଅପ୍ରତିରୋଧୀ ନୀତି ଗଠନ କରିବା ଆବଶ୍ୟକ, ଯାହା ସାଧାରଣ ସ୍ୱାସ୍ଥ୍ୟ, ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ପରିବେଶ ସୁସ୍ଥତା ମଧ୍ୟରେ ସମ୍ପର୍କ ରକ୍ଷା କରିପାରିବ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେସନ, ୟୁନାଇଟେଡ ଫୁଡ ଆଣ୍ଡ୍ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ, ୟୁନାଇଟେଡ ଷ୍ଟେଟସ ସେଣ୍ଟର୍ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ସନ ଏବଂ ୱାର୍ଲ୍ଡ ଅର୍ଗାନାଇଜେସନ ଫର୍ ଆନିମଲ ୱେଲଫେୟାରର ବିଶେଷଜ୍ଞମାନଙ୍କ ପ୍ରତିନିଧିତ୍ୱରେ ଗଠିତ ୱାନ ହେଲ୍‌ଥ ପ୍ଲାଟଫର୍ମ ବା ଏକକ ସ୍ୱାସ୍ଥ୍ୟ ମଞ୍ଚ ଏହି ଦୃଷ୍ଟିକୋଣକୁ ସମର୍ଥନ କରିଛି। ଏବେ ସମୟ ଆସିଛି ଯେଉଁଠି ପୃଥିବୀରେ ଗୋଟିଏ ଭୂତାଣୁ ଜନିତ ମହାମାରୀ ପରେ ଆଉ ଏକ ମହାମାରୀର ଝଟକା ଖାଇବାରେ ଲାଗିଛି। ପ୍ରତ୍ୟେକ ଭାଇରସ୍‌କୁ କିଭଳି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ବିଚାର କରି ଏକ ଯୋଜନା ପ୍ରସ୍ତୁତ କରିବାକୁ ସରକାରଙ୍କ ପାଇଁ ଏହା ହିଁ ଉପଯୁକ୍ତ ସମୟ।

Email: gandhim@nic.in

# ସୁରକ୍ଷାବଳୟ

ନିମାଇଁ ଚରଣ ଲେଙ୍କା

ଆତ୍ମା ସ୍ୱାଭାବତଃ ମୁକ୍ତ। ମାତ୍ର ତା'ର ହାତଗୋଡ଼ରେ ବେଡ଼ିପକାଇଛନ୍ତି କାମନା ଓ ବାସନା। କର୍ମର ବନ୍ଧନ ଜୀବର ବଡ଼ ବନ୍ଧନ। ଜୀବ ଯେଉଁ କର୍ମ କରେ, ତା'ର ଫଳ ତାକୁ ହିଁ ପ୍ରାପ୍ତହୁଏ। ଜୀବାତ୍ମା ପରମାତ୍ମାଙ୍କ ସହିତ ଏକାକାର ନ ହେବା ଯାଏ, କର୍ମଫଳ ଭୋଗ କରିବାକୁ ବାଧ୍ୟ। ଏହି କର୍ମଫଳ ଲୋକଲୋକାନ୍ତର ଜନ୍ମଜନ୍ମାନ୍ତରରେ ଜୀବକୁ ଭୋଗ କରିବାକୁ ପଡ଼େ। ଗୋଟିଏ କର୍ମ(ପ୍ରାରବ୍ଧ)ର ଫଳ ଭୋଗ ସରିବା ପୂର୍ବରୁ ଜୀବ ଅନ୍ୟ ଏକ କର୍ମ(କ୍ରିୟମାଣ) କରି ତା'ର ଫଳକୁ ଭବିଷ୍ୟତ ପାଇଁ ସଞ୍ଚୟ କରେ। ତେଣୁ ମନରେ ବାସନାର ଉଦୟ ହିଁ ପ୍ରଥମ କର୍ମ। କିନ୍ତୁ ବାସନାର ହିତ, ବିବେକାନୁମୋଦିତ କର୍ମ(ନିଷ୍କାମ) ବନ୍ଧନର କାରଣ ନୁହେଁ। ବାସନାର ହିତ ବା ନିଷ୍କାମ କର୍ମ ଦ୍ୱାରା 'ଜୀବତ୍ୱ' 'ଶିବତ୍ୱ ବା ବ୍ରହ୍ମତ୍ୱ'ରେ ପରିଣତ ହୋଇଯାଏ। କର୍ମଫଳ ଭୋଗରୁ ନିଜ ବ୍ୟତୀତ ଏ ସଂସାରରେ କେହି ଆମକୁ ରକ୍ଷା କରିପାରିବେ ନାହିଁ। କିନ୍ତୁ ଦେଖାଯାଏ, ବିଭିନ୍ନ ଜ୍ୟୋତିଷଶାସ୍ତ୍ରୀଗଣ ବ୍ୟକ୍ତିଙ୍କୁ ତାଙ୍କ ପାପ ଫଳ ଭୋଗରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ଦିଅନ୍ତି। ଏହାଦ୍ୱାରା ସେମାନେ କର୍ମଫଳ ଭୋଗରୁ ମୁକ୍ତି ପାଇଯିବେ ବୋଲି ଆଶ୍ୱାସନା ପାଆନ୍ତି। ଏହା କେତେକାଂଶରେ ଯଥାର୍ଥ । କାରଣ କର୍ମଫଳ ଭୋଗରୁ ରକ୍ଷାକରିବା ପାଇଁ ଏହା ଏକ ଢାଲ ବା ସୁରକ୍ଷାବଳୟ ସୃଷ୍ଟି କରିପାରେ। କିନ୍ତୁ ସବୁଦିନ ପାଇଁ ବଞ୍ଚାଇପାରେ ନାହିଁ।

କର୍ମଫଳ ସର୍ବଦା ମନୁଷ୍ୟର ଚାରିପଟେ ତୀକ୍ଷ୍ଣ ଦୃଷ୍ଟି ରଖି ଘୂରି ବୁଲୁଥାଏ ଏବଂ ସୁଯୋଗ ଅପେକ୍ଷାରେ ଥାଏ। ସମୟ, ସୁବିଧା ପାଇଲେ ସୁରକ୍ଷାବଳୟକୁ ଭେଦକରି ତାକୁ କବଳିତ କରେ। ପୂର୍ବ କର୍ମଫଳ(ପ୍ରାରବ୍ଧ)କର୍ମ ହିସାବରେ ଆସେନାହିଁ, ପରିସ୍ଥିତି ହିସାବରେ ହିଁ ଆସେ। ତେଣୁ କାର୍ଯ୍ୟ ସାଧନ ନିମିତ୍ତ ଦୈବୀପ୍ରାର୍ଥନା ନିରର୍ଥକ। ତାହା ବୁଦ୍ଧିହୀନ ବ୍ୟକ୍ତିର ଦୁଃଖ ସମୟର ସାନ୍ତ୍ୱନାମାତ୍ର। ଯେଉଁମାନେ ନିଜକୁ ଚତୁର ମନେକରନ୍ତି, ସେମାନେ ଏମିତି କିଛି କର୍ମ(ପ୍ରତିକାର)କରି ଆପଣା କର୍ମଫଳ କବଳରୁ ଖସିଯିବାକୁ ବୃଥା ଚେଷ୍ଟା କରନ୍ତି। କିନ୍ତୁ ସେମାନେ ବୁଝିବା ଆବଶ୍ୟକ ଯେ, ବିନା ଭୋଗରେ ଏହି କର୍ମଫଳ କେବେ ବି କଟିବ ନାହିଁ। ଏହି କର୍ମଫଳ ଭୋଗର ନିୟାମକ ସ୍ୱୟଂ ପରମାତ୍ମାଙ୍କ ଅବତାରୀ ପୁରୁଷଗଣ ଏବଂ ସ୍ୱୟଂ ଧର୍ମରାଜ ମଧ୍ୟ ଭୋଗିବାକୁ ବାଧ୍ୟ ହୋଇଛନ୍ତି। ତେଣୁ କୌଣସି ଦିଅଁଦେବତା, ଗ୍ରହନକ୍ଷତ୍ର କର୍ମଫଳକୁ ବା ଭାଗ୍ୟକୁ କେବେ ବି ବଦଳାଇ ପାରିବେ ନାହିଁ। ଯେଉଁମାନେ ପୁରୁଷାର୍ଥ କରି ଜାଣନ୍ତି, ସେମାନେ ଅତି ସହଜରେ ପ୍ରାରବ୍ଧ(ଭାଗ୍ୟ)କୁ ବଦଳାଇପାରନ୍ତି। ତେବେ ପ୍ରାରବ୍ଧଠାରୁ ପୁରୁଷାର୍ଥ ପ୍ରବଳ ହେବା ଆବଶ୍ୟକ। ପୁରୁଷାର୍ଥୀମାନେ ଭାଗ୍ୟ ଭରସାରେ ରହନ୍ତି ନାହିଁ। ସେମାନେ ଭୋଗ କରିବାରେ ହିଁ ଆନନ୍ଦ ପାଆନ୍ତି ଓ ସ୍ୱୟଂ ସ୍ୱଭାଗ୍ୟ ଗଠନ କରିପାରନ୍ତି। ମନୁଷ୍ୟ ନିଜ ଇଚ୍ଛାରେ ଜାଣିଶୁଣି ସବୁକିଛି କରେ ଏବଂ ତା'ର ଫଳ ନିଜେ ଭୋଗକରେ।

ସ୍ୱେଚ୍ଛାପୂର୍ବକ ତୀବ୍ର ଭାବନା ଦ୍ୱାରା ପ୍ରେରିତ ହୋଇ କରାଯାଇଥିବା ମାନସିକ କର୍ମ ହିଁ ପ୍ରାରବ୍ଧ। ଏଭଳି କର୍ମ ବିଶେଷ ମନଯୋଗ ସହିତ କରାଯାଇଥିବାରୁ ଏହାର ସଂସ୍କାର ମଧ୍ୟ ବହୁ ବଳବାନ୍ ହୋଇଥାଏ। ଗର୍ବ, କୃତଘ୍ନତା, ଛନ୍ଦକପଟ, ନୃଶଂସତା, ସ୍ୱାର୍ଥପରତା ଆଦି ତୀବ୍ର ଭାବନା ଦ୍ୱାରା ପ୍ରେରିତ ହୋଇ ଯେଉଁ ମାନସିକ ପାପ କରାଯାଏ, ତାହା ପ୍ରାରବ୍ଧ ରୂପେ ସଞ୍ଚିତ ହୋଇରହେ ଏବଂ ଭୋଗ ସମୟ ଉପସ୍ଥିତ ହେଲେ ଭୋଗହୁଏ। ଜଣେ ନାରୀ ଦୁଷ୍କର୍ମ କରି ଏକଲକ୍ଷ ଥର ଦୁର୍ଗାସ୍ତୋତ୍ର ପାଠକଲେ, ହତାବଳଦକୁ କଂସେଇ ହାତରେ ଦେଇ ଗ୍ରହଶାନ୍ତି କଲେ କିମ୍ବା ନିରୀହ ପଶୁପକ୍ଷୀ ହତ୍ୟାକରି ରୁଦ୍ରାଭିଷେକ କରିଦେଲେ କ'ଣ କର୍ମଫଳ ଭୋଗରୁ ରକ୍ଷାପାଇଯିବ ? ଏହା ସମ୍ଭବ ନୁହେଁ। କେବଳ ନିଜ ଅଜ୍ଞାନତାରୁ ହିଁ ସେ ଭୁଲ ବାଟରେ ଘୂରି ବୁଲେ ଓ ଶେଷରେ ଦିନେନା ଦିନେ କର୍ମଫଳ ହାବୁଡରେ ପଡ଼େ। ଯେଉଁଠି ଆତ୍ମା ଆତ୍ମାକୁ ରକ୍ଷା କରିପାରୁ ନାହିଁ ସେଠି ବ୍ୟକ୍ତିକୁ ଅନ୍ୟ ରକ୍ଷାକର୍ତ୍ତା କିପରି ରକ୍ଷାକରିବ ? ଏଥିରୁ ଯାହା ସ୍ପଷ୍ଟହୁଏ, ନିଜ କର୍ମଫଳକୁ କୌଣସି ଗ୍ରହଶାନ୍ତି,ପୂଜାପାଠ ଆଦି ସୁରକ୍ଷାବଳୟ ଦ୍ୱାରା ନୁହେଁ, ନିଜ କର୍ମ ଦ୍ୱାରା ହିଁ କାଟିହେବ ବା ପ୍ରାୟଶ୍ଚିତ୍ତ କରିହେବ। ଆଜି ବ୍ୟକ୍ତିର ଏପରି କର୍ମ ହେବା ଉଚିତ, ଯେଉଁ କର୍ମ ଆସନ୍ତାକାଲି ବା ଆସନ୍ତା ଜନ୍ମରେ ପ୍ରାରବ୍ଧରୂପେ ପ୍ରକଟ ହୋଇ ତାକୁ କଷ୍ଟ ଦେଉ ନ ଥିବ। ଯେଉଁ ଶାସ୍ତ୍ରସମ୍ମତ ସତ୍‌କର୍ମ ଅଧିକ ପ୍ରଭାବଶାଳୀ, ପ୍ରଭୁ ପରମାତ୍ମାଙ୍କ ସେବାଭାବେ ସମର୍ପିତ, ସେହିଭଳି କର୍ମ କଲେ ଯାଇ ପୂର୍ବ ଅର୍ଜିତ କର୍ମଫଳ(ପ୍ରାରବ୍ଧ)କୁ କାଟିଦେଇହେବ ଏବଂ ଆସନ୍ତା ଜନ୍ମର ଭାଗ୍ୟ ବଦଳାଇ ହେବ। ଯାହାବି ହେଲେ, କର୍ମଫଳ ତ ଭୋଗିବାକୁ ହିଁ ପଡ଼ିବ। କିନ୍ତୁ ଫରକ ଏତିକି ଯେ, ପ୍ରଭୁଙ୍କ ସେବା ଭାବେ ଅର୍ପିତ ସତ୍‌କର୍ମ କଲେ ପାହାଡ଼ଟିଏ ଆସୁଥିଲେ ସୋରିଷ ଭଳି ଓ ଶାବଳଟିଏ ଆସୁଥିଲେ ଛୁଞ୍ଚିଟି ଭଳି ଅନୁଭବ ହେବ। ନ୍ୟାୟକାରୀ ପ୍ରଭୁଙ୍କ ବିଧାନ ଅନୁସାରେ, କେହି ନିଜ କୃତ ପାପ ଅପେକ୍ଷା ଅଧିକ ଦଣ୍ଡ ଭୋଗେ ନାହିଁ। ସୁତରାଂ ମନୁଷ୍ୟକୁ ଯାହା କିଛି ଦଣ୍ଡମିଳେ,ତାହା ନିଶ୍ଚିତ ରୂପେ କୌଣସି ନା କୌଣସି ପାପର ହିଁ ଫଳ। ତେଣୁ ଏଇ ଜନ୍ମର କର୍ମ(କ୍ରିୟମାଣ)କୁ ଶକ୍ତିଶାଳୀ କରିବା ପାଇଁ ନିଜ ଚେତନାର କ୍ରମାଗତ ବିକାଶ କରିବାକୁ ଓ ଯୋଗ୍ୟତା ବଢ଼ାଇବାକୁ ହେବ।

ମୋ-୯୨୩୮୬୧୫୪୭୮

## ଏଇ ଭାରତରେ

ନିଜର ଦୈନିକ ଆୟ କମ୍, କିନ୍ତୁ ପ୍ରତିଦିନ ୪୦୦ ଲୋକଙ୍କୁ ୫ ଟଙ୍କାରେ ମିଲ୍ ଯୋଗାଇ ଦେଉଛନ୍ତି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ତାମିଲନାଡୁର ତ୍ରିଚିର ବାସିନ୍ଦା ଚନ୍ଦ୍ରଶେଖର। ସେ ପେସାରେ ଜଣେ ୱେଲ୍‌ଡର । ଲକ୍‌ଡାଉନ ସମୟରେ ଅଗଷ୍ଟ ୨୦୨୦ରେ ବ୍ୟାଙ୍କରୁ ୫୦,୦୦୦ ଟଙ୍କା ଋଣ ଆଣି ରାସ୍ତା କଡ଼ରେ ଏକ ଫୁଡ୍ ଷ୍ଟଲ୍ ଆରମ୍ଭ କରି ଅସହାୟମାନଙ୍କୁ ଖାଦ୍ୟ ଦେବା ଆରମ୍ଭ କରିଥିଲେ। ଏବେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ଚନ୍ଦ୍ରଶେଖରଙ୍କ ସ୍ତ୍ରୀ ପୁଷ୍ପାରାଣୀ ତାଙ୍କୁ ସାହାଯ୍ୟ କରୁଛନ୍ତି। ଲକ୍‌ଡାଉନରେ କ୍ଷତିଗ୍ରସ୍ତ, ଗୃହହୀନ ବୟସ୍କ, ଦିନମଜୁରିଆ ଏବଂ ହଷ୍ଟେଲରେ ରହୁଥିବା ଛାତ୍ରମାନଙ୍କୁ ଖାଦ୍ୟ ଯୋଗାଉଥିଲେ ଏବଂ ଆଜି ବି ସେମାନେ ତାଙ୍କ ଷ୍ଟଲ୍‌ରୁ ଖାଦ୍ୟ ନେଉଛନ୍ତି। ଷ୍ଟଲ୍‌ଟି ରହିଛି ତ୍ରିଚି ସରକାରୀ ଆଇନ ମହାବିଦ୍ୟାଳୟ ନିକଟରେ। ଜଳଖିଆରେ ସେ ଇଡ୍‌ଲି, ଚଟଣି ଏବଂ ଲଞ୍ଚରେ ଭେଜିଟେବ୍‌ଲ ରାଇସ, ପୁଦିନା ରାଇସ, କୋକୋନଟ ରାଇସ ଆଦି ଦେଉଥିଲେ ଲକ୍‌ଡାଉନ ସମୟରେ। ଏବେ ସେ ସାଦା ଭାତ ସହ ସମ୍ବର ଏବଂ ତରକାରି ଦେବା ଆରମ୍ଭ କରିଛନ୍ତି। ଜଳଖିଆ ୧ଟଙ୍କାରେ ଓ ମିଲ୍ ୫ଟଙ୍କାରେ ଦେଉଛନ୍ତି। ପ୍ରତିଦିନ ୨୦ଟି ମିଲ୍ ମାଗଣାରେ ଖାଇଥାଆନ୍ତି ଗୃହହୀନ ଓ ଅସହାୟ ବୟସ୍କମାନେ। ଭୋର ୪ଟାରେ ଉଠି ଚନ୍ଦ୍ରଶେଖର ତାଙ୍କ ପରିବାର ସଦସ୍ୟଙ୍କ ସହଯୋଗରେ ଜଳଖିଆ ପ୍ରସ୍ତୁତ କରନ୍ତି । ତାଙ୍କ ପିଲାମାନେ ପରିବା କଟାଠାରୁ ଆରମ୍ଭ କରି ବାସନ ମଜା କାର୍ଯ୍ୟ କରିଦିଅନ୍ତି। ଖାଦ୍ୟ ପ୍ରସ୍ତୁତ ହୋଇଗଲେ ଷ୍ଟଲ୍‌କୁ ନେବା ପରେ ସମସ୍ତେ ଧାଡ଼ିରେ ଆସି ଖାଦ୍ୟ ନେଇଥାଆନ୍ତି। ଜଳଖିଆ ସମୟ ରଖାଯାଇଛି ସକାଳ ୭ଟାରୁ ୧୧ ଏବଂ ଲଞ୍ଚ ପାଇଁ ସମୟ ରହିଛି ୧୨ଟାରୁ ୩ଟା। ଦିନକୁ ଏଥିରୁ ଚନ୍ଦ୍ରଶେଖର ୭୫୦ ଟଙ୍କା ରୋଜଗାର କରୁଛନ୍ତି, କିନ୍ତୁ ଖର୍ଚ୍ଚ କରୁଛନ୍ତି ୬ ହଜାର ଟଙ୍କା। ଦୈନିକ ସେ ୫୦୦ ଟଙ୍କା ବ୍ୟାଙ୍କକୁ ଦିଅନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୬

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାର ଦକ୍ଷିଣ ଭାଗରେ ଏକ ବସ ସୌଖୀନ ଜିପ୍ ଉପରେ ମାଡ଼ିଯିବା ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ନେପାଳରେ ଶେର ବାହାଦୁର ଦେଉବାଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ଅନାସ୍ଥା ପ୍ରସ୍ତାବରେ ବିଜୟୀ ହୋଇଛନ୍ତି।
- ବରିଷ୍ଠ କଂଗ୍ରେସ ନେତା ତଥା 'ଅମୃତ ବଜାର' ପତ୍ରିକା ଓ 'ଯୁଗାନ୍ତର' ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ତରୁଣକାନ୍ତି ଘୋଷଙ୍କ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | 9 | | | 0 | | C | | | | | 8 |
| 1 | | 0 | | | 4 | | | B | 7 | 3 | | | 5 | |
| | | | | 3 | | 7 | | | | | | 4 | | 2 |
| 9 | | | | | D | | | 3 | | | | | A | 7 |
| | | A | | | E | | | | 0 | | 8 | | C | B |
| | 0 | 1 | A | | | 4 | 5 | C | D | 2 | | B | | |
| | | | | | | D | A | | E | 5 | | C | 2 | |
| | | | 9 | | 6 | 2 | | | | | B | | | |
| 7 | | | | 4 | 1 | | | | | | | E | | |
| | | 3 | | C | | 0 | E | | | 1 | 7 | | | |
| | | E | | | | 6 | D | 2 | | | | 8 | 0 | |
| | | C | | | | A | 7 | | | | 5 | | | |
| 8 | 6 | | 0 | | 2 | | | 5 | B | | A | | | |
| 0 | | | | | | | | | | | | | | |
| | 2 | | | 8 | B | | 4 | | | 9 | D | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | 3 | 9 | A | 8 | 0 | D | 7 | 5 | B | 2 | C | E | 6 |
| 5 | D | C | 6 | 2 | B | E | 9 | A | 8 | 1 | 4 | 3 | 0 | 7 |
| 9 | A | 7 | 3 | C | 0 | 1 | 4 | B | D | 6 | E | 2 | 5 | 8 |
| B | E | 2 | 5 | 1 | 7 | 6 | 8 | C | 9 | 0 | 3 | A | D | 4 |
| 0 | 8 | 6 | D | 4 | E | 2 | 5 | 3 | A | 7 | C | 9 | B | 1 |
| D | 2 | 1 | B | E | 3 | 9 | 7 | 8 | 4 | C | 6 | 0 | A | 5 |
| E | C | 0 | 1 | 5 | 4 | 3 | 2 | 6 | B | 9 | A | 8 | 7 | D |
| 7 | 5 | B | C | 0 | 6 | D | A | E | 1 | 3 | 8 | 4 | 9 | 2 |
| A | 9 | 4 | 2 | 8 | D | 5 | C | 1 | 0 | E | 7 | 6 | 3 | B |
| 6 | 3 | 8 | 7 | 9 | A | 4 | B | 0 | 2 | D | 5 | E | 1 | C |
| C | 1 | E | 8 | 6 | 5 | B | 0 | 9 | 3 | 2 | D | 7 | 4 | A |
| 2 | B | D | 0 | 7 | C | A | E | 4 | 6 | 5 | 9 | 1 | 8 | 3 |
| 3 | 0 | A | E | B | 2 | 8 | 6 | D | 7 | 4 | 1 | 5 | C | 9 |
| 8 | 6 | 9 | 4 | D | 1 | 7 | 3 | 5 | C | A | 0 | B | 2 | E |
| 4 | 7 | 5 | A | 3 | 9 | C | 1 | 2 | E | 8 | B | D | 6 | 0 |

ଗତକାଲିର ଉତ୍ତର

# ଭଦ୍ରକରେ ଗାନ୍ଧିଜୀ

ଡ.ପ୍ରଫୁଲ୍ଲ କୁମାର ସାହୁ

ଆଜି ସେହି ମାର୍ଚ୍ଚ ୨୫ ତାରିଖ। ଏମିତି ଏକ ମାର୍ଚ୍ଚ ୨୫ରେ ପ୍ରଥମ ଥର ପାଇଁ ଭଦ୍ରକ ଆସିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ଇତିମଧ୍ୟରେ ଗୋଟିଏ ଶତାବ୍ଦୀ ବିତିଗଲାଣି, ମାତ୍ର ଏବେ ସୁଦ୍ଧା ସେ ଐତିହାସିକ ଘଟଣାର ସ୍ମୃତିଚାରଣ କରିଚାଲିଛି ତ୍ୟାଗଭୂମି ଭଦ୍ରକ।

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ। ଦକ୍ଷିଣ ଆଫ୍ରିକାରେ ଅବସ୍ଥାନ କାଳରେ ସେ ପାଇଥିଲେ ଏହି ଅସହଯୋଗ ଆନ୍ଦୋଳନର ସୂତ୍ର। ଇଂରେଜ ସରକାରଙ୍କୁ ଖଜଣା ନ ଦେବାଠାରୁ ଆରମ୍ଭକରି ବିଦେଶୀ ବସ୍ତ୍ର ବର୍ଜନ ପର୍ଯ୍ୟନ୍ତ ସାତ ପ୍ରକାର ଅସହଯୋଗ ପାଇଁ ସେ ଡାକରା ଦେଲେ ୧୯୨୦ ନାଗପୁର କଂଗ୍ରେସ ଅଧିବେଶନରେ। ଏହି ଅସହଯୋଗ ଆନ୍ଦୋଳନର ତାତ୍ପର୍ଯ୍ୟ ପ୍ରତ୍ୟକ୍ଷ ଭାବରେ ଉତ୍କଳବାସୀଙ୍କୁ ବୁଝାଇବା ପାଇଁ ସେତେବେଳେ ଗାନ୍ଧିଜୀଙ୍କୁ ଅନୁରୋଧ କରିଥିଲେ ଉତ୍କଳମଣି ଗୋପବନ୍ଧୁ। ତାଙ୍କ ଅନୁରୋଧ ରକ୍ଷାକରି ଗାନ୍ଧିଜୀ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ ୧୯୨୧ ମସିହା ୨୩ ତାରିଖ ପବିତ୍ର ଦୋଳପୂର୍ଣ୍ଣିମା ଦିନ। ସେଦିନ ବଡ଼ି ଭୋରରୁ ସେ କୋଲକାତାରୁ ଉତ୍କଳ ଏକ୍ସପ୍ରେସ ଯୋଗେ ଆସି ପହଞ୍ଚିଥିଲେ କଟକ ରେଳ ଷ୍ଟେଶନରେ। ସେଠାରୁ ତାଙ୍କୁ ସ୍ୱରାଜ୍ୟ ଆଶ୍ରମକୁ ନିଆଯାଇଥିଲା ଏକ ବିରାଟ ଶୋଭାଯାତ୍ରାରେ। ସେଦିନ କାଠଯୋଡ଼ି ନଦୀ ଶଯ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ଗାନ୍ଧିଜୀ ଭାଷଣ ଦେଇଥିଲେ ଏବଂ ପରଦିନ କଟକରେ ବିଭିନ୍ନ କାର୍ଯ୍ୟକ୍ରମ ସାରି ରାତିରେ ଯାତ୍ରା ଆରମ୍ଭ କରିଥିଲେ ଭଦ୍ରକ ଅଭିମୁଖେ। ମାର୍ଚ୍ଚ ୨୫ ତାରିଖ ସକାଳେ ଗାନ୍ଧିଜୀ ଭଦ୍ରକ(ଚରମ୍ପା)ରେଳ ଷ୍ଟେଶନରେ ପହଞ୍ଚିଥିଲେ। ମାତ୍ର ଗାନ୍ଧିଜୀଙ୍କ ପାଇଁ କୌଣସି ଗାଡ଼ିର ବ୍ୟବସ୍ଥା ହୋଇ ପାରି ନ ଥିଲା ଇଂରେଜ ସରକାର ଜାରି କରିଥିବା କଟକଣା କାରଣରୁ । ଗାନ୍ଧିଜୀ ଲୋକଙ୍କ ସହିତ ତିନି ମାଇଲ୍ ବାଟ ଚାଲି ଚାଲି ଯାଇଥିଲେ ଅକୁଣ୍ଠିତରେ। ସେଦିନ ସକାଳବେଳା ଚନ୍ଦନ ବଜାରରେ ପହଞ୍ଚି ମାରୁଆଡି ଏବଂ ଅନ୍ୟାନ୍ୟ ନେତାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ ସ୍ୱାଧୀନତା ଆନ୍ଦୋଳନ ରୂପରେଖ ସମ୍ପର୍କରେ। ଅପରାହ୍ନରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ ଭାଷଣ ଦେଇଥିଲେ, ଆଜି ଯାହାର ସ୍ମୃତି ବହନ କରେ ଐତିହାସିକ ଗାନ୍ଧୀ ପଡ଼ିଆ।

୧୯୨୭ରେ ଗାନ୍ଧିଜୀ ଦ୍ୱିତୀୟ ଥର ପାଇଁ ଭଦ୍ରକରେ ପାଦ ଥାପିଥିଲେ ତାଙ୍କର ତୃତୀୟ ଓଡ଼ିଶା ଗସ୍ତ ଅବସରରେ। ଖଦିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆସି ୧୯୨୭ ଡିସେମ୍ବର ୧୭ ତାରିଖରେ ଉଦ୍‌ବୋଧନ ଦେଇଥିଲେ ବାସୁଦେବପୁରର ଚାରିବାଟିଆଠାରେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ। ସେତେବେଳେ ଭୟଙ୍କର ଦୁର୍ଭିକ୍ଷ ସହିତ ଲଢୁଥିଲା ଓଡ଼ିଶା। ହାଡ଼ କଙ୍କାଳ ଧରି ବୁଲୁଥିବା କିଛି ଅନାହାରକ୍ଲିଷ୍ଟ ଶିଶୁଙ୍କୁ ଦେଖି କୋହ ସମ୍ଭାଳି ପାରି ନ ଥିଲେ ଗାନ୍ଧିଜୀ। ଭଦ୍ରକରୁ ଫେରିବା ବେଳେ ମହତାବ କୋଠିରୁ ଆସି ରେଳ ଷ୍ଟେଶନରେ ପହଞ୍ଚିବା ପରେ ମନକୁ ମନ ପଚାରିଥିଲେ ଏ ଦୁର୍ଭିକ୍ଷ ଜନିତ ସମସ୍ୟାରୁ ମୁକୁଳିବାର ଉପାୟ କ'ଣ ? ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ଗାନ୍ଧିଜୀଙ୍କ ମନର ଅବସ୍ଥା ବୁଝି ପାରିଥିଲେ ତାଙ୍କ ସାଥିରେ ଗୁଜରାଟରୁ ଆସିଥିବା ବିଶିଷ୍ଟ ସମାଜସେବୀ କଲ୍ୟାଣଜୀ କୋଠାରୀ। ସେଠାରେ ସେ ଅନାଥ ଶିଶୁମାନଙ୍କୁ ସାହାଯ୍ୟ କରିବା ପାଇଁ ଗାନ୍ଧିଜୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାଙ୍କରି ଉଦ୍ୟମରେ ୧୯୨୮ ମସିହାରେ ଭଦ୍ରକ ଗରଦପୁରଠାରେ ପ୍ରତିଷ୍ଠା ହେଲା ଗାନ୍ଧୀ ଓଡ଼ିଶା ବାଳାଶ୍ରମ।

ତୃତୀୟ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଆସିଥିଲେ ୧୯୩୪ ଜୁନ୍ ୭ ତାରିଖରେ। ୧୯୩୪ ମେ ୯ ତାରିଖ (ବୈଶାଖ ମାସ)ପୁରୀ ସିଂହଦ୍ୱାରରୁ ଆରମ୍ଭ ହୋଇଥିଲା ତାଙ୍କର 'ହରିଜନ' ପଦଯାତ୍ରା। ମୁଣ୍ଡଫଟା ଖରାରେ ଉଚ୍ଚ ରକ୍ତଚାପ ଓ ଅଗ୍ନିମାନ୍ଦ୍ୟ ରୋଗରେ ପୀଡ଼ିତ ପଞ୍ଚଷଠି ବର୍ଷର ଜଣେ ଦୁର୍ବଳ ବୃଦ୍ଧ ଯେ ପଦଯାତ୍ରା କରିବେ-ଏ କଥା ସହଜରେ ଗ୍ରହଣ କରିପାରି ନ ଥିଲେ କଂଗ୍ରେସ ନେତୃମଣ୍ଡଳୀ। ମାତ୍ର ବାରମ୍ବାର ଅନୁରୋଧ ସତ୍ତ୍ୱେ ବଦଳି ନଥିଲା ତାଙ୍କ ପଦଯାତ୍ରା ନିଷ୍ପତ୍ତି। ଦାଣ୍ଡିଯାତ୍ରା ବେଳୁ ସେ ଅନୁଭବ କରିଥିଲେ ଖାଲି ବାଟ ଚାଲିଲେ ତାହା ପଦଯାତ୍ରା ହୁଏନି, ସେଥିପାଇଁ ଲୋଡା ନିର୍ଦ୍ଦିଷ୍ଟ ଆଭିମୁଖ୍ୟ। ତାଙ୍କ ଦୃଷ୍ଟିରେ ଛୁଆଁ ଅଛୁଆଁ ଭେଦଭାବ ଏକ ଭୟଙ୍କର ସାମାଜିକ ବ୍ୟାଧି ଓ ତା'ର ନିରାକରଣ ପାଇଁ ତାଙ୍କର ହରିଜନ ପଦଯାତ୍ରା ଥିଲା ଏକ ପ୍ରଚଣ୍ଡ ଧର୍ମଯାତ୍ରା। ସେଥିପାଇଁ ପଦଯାତ୍ରା ବେଳେ ସେ କହିଥିଲେ- ରେଳ, କାର୍ କି ଶଗଡ଼ ଗାଡ଼ିରେ ଯାଇ ଧର୍ମ ପ୍ରଚାର କରି ହୁଏନି, ତାହା ସମ୍ଭବ କେବଳ ପଦ ଯାତ୍ରାରେ। ତାଙ୍କ ମତରେ ବେଗ ବଢ଼ିଲେ ଆବେଗ କମେ ଏବଂ ଗତି ବୃଦ୍ଧି ପାଇଲେ ମନ୍ଥର ହୋଇଯାଏ ପ୍ରଗତି। ଏହାକୁ ଦୃଷ୍ଟିରେ ରଖି ସେ ନିଜ ନିଷ୍ପତ୍ତିରେ ଅଟଳ ଥିଲେ ଏବଂ ପଦଯାତ୍ରା ସହିତ ଲୋଡ଼ିଥିଲେ ଗ୍ରାମ ସଫେଇ ଓ ହରିଜନଙ୍କ ସହ ପଂକ୍ତି ଭୋଜନ। ରହଣି ସ୍ଥାନରେ ପ୍ରାର୍ଥନା ସଭା ବି ହେଉଥିଲା ସକାଳ ଓ ସଞ୍ଜରେ। ବିଶେଷକରି ପଦଯାତ୍ରୀମାନେ ଯେପରି ଗାଁ ଲୋକଙ୍କ ଉପରେ ବୋଝ ନ ହୁଅନ୍ତି ବା ସେମାନଙ୍କ ଖାଦ୍ୟ ଓ ରହଣି ଆଦି ବିଳାସପୂର୍ଣ୍ଣ ନହୁଏ ସେଥିପ୍ରତି ସତର୍କ ଦୃଷ୍ଟି ରଖିଥିଲେ ଗାନ୍ଧିଜୀ। ପଦଯାତ୍ରା ଅବସରରେ ପ୍ରଚଣ୍ଡ ରୌଦ୍ରତାପ ସହ ତୁହାକୁ ତୁହା ବର୍ଷା ମାଡ଼କୁ ବି ସମ୍ଭାଳି ନେଉଥିଲେ ଖୁବ୍ ଦମ୍ଭର ସହିତ। ଏମିତି କେତେ ପ୍ରତିକୂଳ ସ୍ଥିତିକୁ ସାମ୍ନାକରି ସେ ଜୁନ ୩ ତାରିଖରେ ପହଞ୍ଚିଥିଲେ ଭଦ୍ରକ ଜିଲାର(ନବ ଗଠିତ)ମଞ୍ଜୁରୀ ଗ୍ରାମରେ। ଅନ୍ୟୂନ ସାତ ଶହ ଲୋକ ଯୋଗ ଦେଇଥିଲେ ଗାନ୍ଧିଜୀଙ୍କ ସଭାରେ। ପରଦିନ ମଞ୍ଜୁରୀରୁ ପଦଯାତ୍ରା ବାହାରିଥିଲା ଭଦ୍ରକ ଅଭିମୁଖେ। ବାଟରେ ବାରିକପୁର ନିକଟସ୍ଥ ତୋଡଗାଁରେ ସେ ଅଟକି ଥିଲେ ହରିଜନମାନଙ୍କ ସହିତ ମନଖୋଲା ଆଲୋଚନା ପାଇଁ। ଜୁନ ପାଞ୍ଚ ତାରିଖରେ ସେଠାରୁ ଏକାଦିକ୍ରମେ ଏଗାର କିମି ଚାଲି ଚାଲି ପହଞ୍ଚିଥିଲେ ଭଦ୍ରକର ଗରଦପୁରରେ। ସେଠାରେ ମଧ୍ୟ ଗାନ୍ଧିଜୀଙ୍କୁ ସଭା କରାଇ ନ ଦେବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ ଉପଜିଲାପାଳ ଦୁର୍ଗା ଦାସ। ଗାନ୍ଧିଜୀ ବାଧ୍ୟ ହୋଇ ସଭାସ୍ଥାନ ପରିବର୍ତ୍ତନ କରିଥିଲେ ଏବଂ କଲ୍ୟାଣିଜୀଙ୍କ ଆଶ୍ରମ ପରିସରରେ ଲୋକଙ୍କୁ ଉଦବୋଧନ ଦେଇ ପ୍ରମାଣ କରିଦେଇଥିଲେ ଯେ ଉପଜିଲାପାଳଙ୍କ କାନୁନ୍‌ଠାରୁ ତାଙ୍କ ଆଇନ ଜ୍ଞାନ ବେଶି।

ଗରଦପୁର ଗାନ୍ଧୀ ବାଳାଶ୍ରମରେ ତିନି ଦିନ ରହଣି ମଧ୍ୟରେ ସେ ନିଜେ ଅରଟରେ ସୂତାକାଟି ଲୋକଙ୍କୁ ପ୍ରୋତ୍ସାହିତ କରିଥିଲେ କୁଟୀର ଶିଳ୍ପର ପ୍ରସାର ପାଇଁ। ଜୁନ୍ ୭ ତାରିଖ ଗାନ୍ଧିଜୀ ମହତାବ କୋଠିରେ ବସି ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଆଲୋଚନା କରିଥିଲେ ସତ୍ୟାଗ୍ରହର ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ। ଶେଷରେ ସେ ହରିଜନ ପଦଯାତ୍ରା ସମାପ୍ତ କରି ମହତାବ କୋଠିରୁ ଚାଲି ଚାଲି ଯାଇଥିଲେ ରେଳ ଷ୍ଟେଶନ ପର୍ଯ୍ୟନ୍ତ। ସେଦିନ ଲୋକାରଣ୍ୟ ହୋଇ ଯାଇଥିଲା ଭଦ୍ରକ ରେଳ ଷ୍ଟେଶନ। ବାପୁଙ୍କୁ ମେଲାଣି ଦେବା ପାଇଁ ରାସ୍ତାକଡରେ ଧାଡି ବାନ୍ଧି ଠିଆ ହୋଇଥିଲେ ଶହ ଶହ ମହିଳା ଓ ପୁରୁଷ। ବାପୁ ରେଳ ଷ୍ଟେଶନରେ ପହଞ୍ଚିବା ମାତ୍ରେ ତାଙ୍କୁ ଘେରି ଯାଇଥିଲେ ଝିଅ ଓ ଭୁଆସୁଣୀମାନେ। ବାପୁ ହସି ହସି କହିଥିଲେ ତୁମମାନଙ୍କ ହାତରେ ତ ସୁନା ଚୁଡି ନାହିଁ,ମୁଁ ନେବି ଆଉ କ'ଣ ?ସେ ସ୍ମରଣୀୟ ବିଦାୟ ବେଳାରେ ଜନତାଙ୍କ ଉଦ୍ଦେଶ୍ୟରେ ତାଙ୍କର ବକ୍ତବ୍ୟ ଥିଲା- ମୋ ସହିତ ପଦଯାତ୍ରାର ଯେତେ ସାଥୀ ଥିଲେ ସେମାନଙ୍କ କଷ୍ଟ ସହିବାର ଶକ୍ତି ମୋତେ ଯେତିକି ଚକିତ କରିଛି ସେତିକି ମୁଗ୍ଧ କରିଛି ଭଦ୍ରକର ଅନାବିଳ ଆତିଥେୟତା। ଏଠାରେ ମୋର ଯେତେ ଦିନ କଟିଲା,ସେ ସ୍ମୃତି ମୋ ମାନସ ପଟରେ ସାଇତା ହୋଇ ରହିବ ଜୀବନର ଶେଷ ପର୍ଯ୍ୟନ୍ତ। ସମୟ କ୍ରମେ ଭଦ୍ରକ ଗସ୍ତ ହୁଏତ ବାପୁଙ୍କ ମାନସ ପଟରୁ ଲିଭି ଲିଭି ଆସିଥିବ,ମାତ୍ର ତାଙ୍କ ରହଣି କାଳର ସ୍ମୃତିକୁ ଭଦ୍ରକ ଏବେ ସୁଦ୍ଧା ଭୁଲିନାହିଁ କି ଭୁଲିବ ନାହିଁ କାଳ କାଳ ପାଇଁ। ଭଦ୍ରକ ଗାନ୍ଧୀ ବାଳାଶ୍ରମରେ କେବଳ ଯେ ତାଙ୍କ ସ୍ମୃତିରେ ସନ୍ତକ କିଛି ସାଇତା ହୋଇ ରହିଛି ତାହା ନୁହେଁ,ଆଶ୍ରମର ଯେଉଁ ଘରେ ସେ ବସିଥିଲେ ତା' ଏବେ ତୀର୍ଥ ପାଲଟିଯାଇଛି ଏବଂ ତା'ର ନାମ ରଖାଯାଇଛି ଗାନ୍ଧୀ ମନ୍ଦିର।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ-୯୪୩୮୮୫୫୦୮୮

## ଚିରନ୍ତନୀ

ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆନନ୍ଦବଜାର ପରିଚ୍ଛନ୍ନ ରହୁ

ମହାଶୟ,

ଦୀର୍ଘଦିନ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଶ୍ରୀମନ୍ଦିର ଭକ୍ତଙ୍କ ଦର୍ଶନ ପାଇଁ ଖୋଲିଲା। ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ପାଇଲେ। ଆନନ୍ଦବଜାରରେ ମହାପ୍ରସାଦ ପାଇ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କଲେ। ଆନନ୍ଦବଜାରର ପରିଷ୍କାର ପରିଚ୍ଛନ୍ନତା ପ୍ରତି ସରକାର ଦୃଷ୍ଟି ଦେଉଛନ୍ତି। କିନ୍ତୁ ଏହି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଭକ୍ତମାନଙ୍କର ମଧ୍ୟ କିଛି ଦାୟିତ୍ୱ ରହିବା ଦରକାର। ସେମାନେ ମହାପ୍ରସାଦ ସେବନ ପରେ ଖାଲି କୁଡୁଆକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# MOHASHAKTI FERRO ALLOYS PRIVATE LIMITED

**Village: Baragada, P.O.- Byree, Jajpur, Odisha - 754082**

**(Environmental Clearance granted by Ministry of Environment, Forest and Climate Change, Government of India vide Letter F. No. J-11011/75/2019-IA.II(I) Dated 19th March, 2021 & the same is available with Odisha State Pollution Control Board and website of Ministry of Environment, Forest and Climate Change (www.parivesh.nic.in)**

**F. No. J-11011/75/2019-IA.II (I)**

## Government of India
## Ministry of Environment, Forest and Climate Change
## (Impact Assessment Division)

**Indira Paryavaran Bhawan**
**Jor Bagh Road, Aliganj**
**New Delhi - 110003**
**E-mail: r.sundar@nic.in**
**Tel.: 011-24695304**
**Dated: 19th March, 2021**

**To**
**Shri Dilip Kumar Das**
**Chief Advisor,**
**M/s. Mohashakti Ferroalloys Pvt. Ltd.**
**Village: Baragada, P.O.- Byree,**
**Jajpur, Odisha - 754082**
**Email:mohashaktiferro@gmail.com, Tel.: 0671-2972700**

**Subject:** Low Carbon Ferro Alloys Plant with capacity 18,000 TPA and Manganese Roasting Unit of 6000 TPA capacity over an area of 4.5 Acre by **M/s. Mohashakti Ferroalloys Pvt. Ltd.** located at Bargada Village, **Bayree of Jajpur District, Odisha - Environment Clearance - regarding.**

**Sir,**

1. This referes to the online application of M/s. Mohashakti Ferro Alloys Pvt. Ltd. made vide proposal No. IA/OR/IND/97783/2019 dated 20.01.2021 along with copy of EIA/EMP report and Form-2 seeking Envrionment Clearance (EC) under the provisions of the EIA Notification, 2006 for the project mentioned above. The porposed project activity is listed at schedule No. 3(a) "Metallurgical Industries (ferrous & non-ferrous)" under Category "A" of the schedule of the EIA Notification, 2006 and apprasied at the Central level.
2. The aforesaid proposal was considered in the 30th meeting of the EAC (Industry - 1) held on 10 - 11th February, 2021. The EAC proceedings of the said meetings are furnished as below.
   **Details submitted by the project proponent**
3. The details of the ToR are furnished as below:

| Date of Application | Consideration | Details | Date of Accord |
|---|---|---|---|
| 06.03.2019 | 5th Meeting of EAC held on 27-29th March 2019 | Terms of Reference | 8th May 2019 |
| 30.07.2019 | 10th Meeting of EAC held on 23-24th August 2019 | Amendment | 5th September, 2019 |

4. The Project of M/s. Mohashakti Ferro Alloys Private Limited located in Baragada Village, Byree Tehsil, Jajpur District, Odisha State is for low carbon ferro alloys plant with capacity 18000 TPA and Manganese Roasting Unit of 6000 TPA capacity.
5. Environmental Site Settings

| S. No. | Particulars | Details | Remarks |
|---|---|---|---|
| i. | Total Land | 1.82 ha [Private: 1.82 ha; Govt: 0 ha; Agriculture: 0 ha; and Grazing Land: 0 Ha] | Land use: Industrial Land belongs to M/s. Mohashakti Ferro Alloys Pvt. Ltd. |
| ii. | Land acquisition details as per MoEF&CC O.M. dated 7.10.2014 | Land area of 1.82 ha has been already acquired by M/s. Mohashakti Ferro Alloys Private Limited | |
| iii. | Existence of habitation & involvement of R&R, if any. | No habitation within the plant premises | |
| iv. | Latitude and Longitude of the project site | Points / Latitude / Longitude<br>A: $20^{0}39'2.59''N$, $85^{0}59'47.29''E$<br>B: $20^{0}39'8.21''N$, $85^{0}59'47.52''E$<br>C: $20^{0}39'7.97''N$, $85^{0}59'42.95''E$<br>D: $20^{0}39'2.39''N$, $85^{0}59'43.22''E$ | - |
| v. | Elevation of the project site | 47m Above Means Sea Level (AMSL) | - |
| vi. | Involvement of Forest land if any | NIL | - |
| vii. | Water body exists within the project site as well as study area | **Project Site:** No water body exists within the project site **Study area: Nil** | - |
| viii. | Existence of ESZ/ESA/National Park/ wildlife sanctuary/biosphere reserve/ tiger reserve/elephant reserve etc. if any within the study area | Nil | |

6. The project was accorded consent to Establish vide Letter No. 2033/CTE-181 dated 24.09.2018. It was informed that consent to operate for the unit has not been accorded by Odisha State Pollution Control Board as construction for the unit is udner progress.
7. Implementation status of the CTE.

| Sl. No. | Facilities | Units | Implementation Status as on 11.02.2021 | CTE Obtained vide Letter No. 2033/ CTE-181 on dated 24.09.2018 |
|---|---|---|---|---|
| 1. | Low Carbon Ferro Manganese | TPA | Construction under process, Production not yet started | 6000 |
| 2. | Ferro Vanadium | TPA | | 3000 |
| 3. | Ferro Molybdenum | TPA | | 3000 |
| 4. | Brick (From Slag) Nos./Day | | | 10,000 |

8. The unit configuration and capacity of proposed projects is given as below:

| Sl. No. | Name | Total | |
|---|---|---|---|
| | | Configuration | Production TPA |
| a. | Low Carbon Ferro Manganese | - | 6000 |
| b. | Ferro Vanadium | - | 3000 |
| c. | Ferro Molybdenum | - | 3000 |
| d. | Brick (From Slag) Nos./Day | - | 10000 |
| e. | Low Carbon Ferro Chrome | - | 6000 |
| f. | Manganese Roasting Unit | - | 6000 |

9. The details of the raw material requirement for the proposed project along with its source and mode of transportation is given as below:

| Sl. No. | Raw Material | Quantity required per annum | Source | Distance from site (Kms) | Mode of Transportation |
|---|---|---|---|---|---|
| 1 | Manganese Ore | 6840 ton | Badbil/Joda/Daitari | 200 Km | Truck |
| 2 | Roasted Manganese | 2955 ton | Badbil/Joda/Daitari | 200 Km | Truck |
| 3 | Chrome Concentrate | 9375 ton | Sukinda | 60 Km | Truck |
| 4 | Aluminium Scrap | 4677 ton | Nalco, Angul | 100 Km | Truck |
| 5 | Mill Scale | 3135 ton | Cuttack, Bhubaneswar | 30-40 Km | Truck |
| 6 | Lime Powder | 1846 ton | Katni, MP, Sundargarh, Odisha | 1500 Km | Truck |
| 7 | Flurospar | 469 ton | Paradeep | 100 Km | Truck |
| 8 | Vanadium Pentoxide Flake | 3571 ton | Open Market (Mumbai) | 2000 Km | Truck |
| 9 | Moly Oxide | 3659 ton | Open Market (Mumbai) | 2000 Km | Truck |

10. The water requirement for the project is estimated as $5m^3$/day, which will be obtained from the Borewell. Application for ground water approval has been made on 05.01.2021.
11. The power requirement for the project is estimated as 550 KW, which will be obtained from the Central Electricity Supply Board, Odisha.
12. Baseline Environmental Studeis:

| Period | March 2019 to May 2019 |
|---|---|
| AAQ Parameters at 8 locations | $PM_{2.5}$ = 21 to 52 $\mu g/m^3$<br>$PM_{10}$ = 50 to 69 $\mu g/m^3$<br>$SO_2$ = 4.2 to 11.2 $\mu g/m^3$<br>$NO_x$ = 10 to 21 $\mu g/m^3$ |
| AAQ modelling | $PM_{10}$ = 1.02 $\mu g/m^3$<br>$SO_2$ = 2.8 $\mu g/m^3$<br>$NO_x$ = 6.0 $\mu g/m^3$ |
| Ground water quality at 8 locations | pH: 6.5 to 7.2 Total Hardness: 31 to 194 mg/l, Chlorides: 8.5 to 25mg/l, Fluoride 0.05 to 0.88 mg/l. Heavy metals are within the limits. |
| Surface water quality at 8 locations | pH: 6.5 to 7.6, DO: 6.1 to 7.2 mg/l and BOD: 0.46 to 5.5 mg/l, COD from 05 to 38 mg/l |
| Noise levels | 44 to 69 dBA for the day time and 38 to 54 dBA for the Night time. |
| Traffic assessment study findings | Additional traffic load will be 13 trucks per day to the main highway i.e NH 5 |
| Flora and fauna | No Schedule 1 Fauna found in study area |

13. The details of solid and hazardous waste generation along with its mode of treatment/disposal is furnished as below:

| Sl. No. | Tupe of Waste | Source | Quantity Generated (TPA) | Mode of Treatment/ Disposal |
|---|---|---|---|---|
| 1 | Ferro Managanese Slag | Ferro Manganese | 6600 | Slag will be completely utilized for manufacturing bricks and road construction. |
| 2 | Ferro Chrome Slag | Ferro Chrome | 7500 | |
| 3 | Ferro Vanadium Slag | Ferro Vanadium | 3264 | |
| 4 | Ferro Molybdenum slag | Ferro Molybdenum | 3248 | |
| 5 | Bag filter dust | | 1800 | Reused in the process |

14. Public Consultation:

| | |
|---|---|
| Details of advertisement given | 19.09.2020 |
| Date of Public Consultation | 20.10.2020 |
| Venue | Grampanchayat Office, Paria, Jajpur |
| Presiding Officer | Additional District Magistrate |
| Major Issues raised | Environment Pollution, Plantation, Education facility, Health Care facility and Employment generation |

Action plan as per MoEF&CC O.M. dated 30.09.2020

| Issues Raised by Public | Commitment of the Project Proponent | Time Bound Action Plan Proposed | Budgetary Provision |
|---|---|---|---|
| Local Employment | Priority will be given to local Villagers for employment as the owner belongs to Odisha. Out of the total employment 40-50% will be local people. Based on the qualification and experience | Employment will be given with the commencement of the plant operation | As per State Govt. wage rule. |
| Environment Pollution Control measures | As there will not be any furnace and no coal utilisation as raw material, hence pollution will be very less. Rain water harvesting pond has been constructed within the plant premises. | Rain water harvesting pond already constructed | 10,00,000.00 |
| | Water sprinkler arrangement along the internal road, raw material storage area. | 20 Nos. of water sprinklers will be installed within the plant premises (1 year) | 5,00,000.00 |
| | Installation of pollution control equipments like dust extraction system, bag, filter, dry fogging system | All the pollution control equipments will be installed before the operation of the plant | 60,00,000.00 |
| Education | Provide computers for computer training Institute. | A Computer training centre with 15 Nos. of Computer and a part time instructor will be provided | 5,00,000.00<br>1,20,000 per annum |
| Plantation | Planation will be carried out along the connecting road to the plant site and the open space available with the permission of village panchayat | 2000 samplings will be planted (2 years of Plant operation) and maintenance of the samplings for 5 years | 5,00,000.00<br>80,000.00 per annum |
| Health | Health camp for the local people will be provided twice per annum | Every year | 1,00,000.00 per annum |

15. The capital cost of the project is Rs. 23.64 Crores and the capital cost for environmental protection measures is proposed as Rs 1.25 Crores. The annual recurring cost towards the environmental protection measures is proposed as Rs. 0.12 Crores. The employment generation from the proposed project / expansion is 25 Nos. The details of cost for environmental protection measures is as follows:

| Description of Item | Cost (in Lakhs) | Recurring Cost (in Lakhs) |
|---|---|---|
| Cost of Air Pollution Control Devices/System | 85.0 | 5.0 |
| Cost of Water Conservation & Pollution Control | 5.0 | 2.0 |
| Cost of Solid Waste Management System | 10.0 | 1.0 |
| Green Belt Development | 5.0 | 1.0 |
| Occupational Health Management | 5.0 | 1.0 |
| Risk Mitigation & Safety Plan | 10.0 | 1.0 |
| Setting Environmental Management Cell | 5.0 | 1.0 |
| **Grand Total** | **125.0** | **12.0** |

16. Greenbelt will be developed in 0.61 ha which is about 33% of the total project area . A 7.5m wide greenbelt, consisting of at least 3 tiers around plant boundary will be developed as greenbelt and green cover as per CPCB/MoEF&CC, New Delhi guidelines. Local and native species will be planted with a density of 2500 trees per hectare. Total no. of 1500 saplings will be planted and nurtured in 0.6 hectares in 2 years .
17. Name of the EIA consultant: M/S Kalyani Laboratories Private Limited [S.No. 88, List of ACOs with their Certificate / Extension Letter no. Rev. 06, Jan, 15, 2021].
    **Observations of the Committee**
18. It was apprised to the EAC that in the instant proposal under consideration, proponent has reported in their cover letter of application dated 20.01.2021 stating that they already commenced construction work at the site for the following products based on the consent to establish accorded by OSPCB without obtaining prior Environment Clearance.

| S. No. | Name | Production TPA |
|---|---|---|
| a. | Low Carbon Ferro Manganese | 6000 |
| b. | Fero Vanadium | 3000 |
| c. | Ferro Molybdenum | 3000 |
| d. | Brick (From Slag) Nos./Day | 10000 |

It was opined to adopt the following principle in the instant proposal which was approved by the Competent Authority with respect to consideration of violation cases:
   i. Send the matter to the Sector EAC for consideration of the case on merit.
   ii. Take action against the alleged violation as per law.
   iii. Do not wait for either the evidence of action having been started or violation proceedings to finish before taking up the case on merit.
   iv. The EC if given after consideration on merit would be valid from the date it is given and not with retrospective effect. For the period before it, if violation is established by the court or the competent authority, the punishment/penalty as per law would be imposed.
19. The Committee noted the following:
   i. As per the provisions of EIA Notification 2006, the Ferro Alloy Plants irrespective of their capacity are covered under schedule 3(a), Category 'A' and requires prior Environment Clearance from MoEF&CC, New Delhi. However, in the instant case, project proponent has commenced the construction activity without obtaining prior Environment Clearance.
   ii. The EAC found that the EIA/EMP report is in order reflecting the present environmental concerns and the projected scenario for all the environmental components arising out of the proposed project with respective mitigation measures. The EAC also noted that the baseline data reported and incremental GLC due to the proposed project were within NAAQ standards.
   iii. The EAC also deliberated on the public hearing issues as well as action plan to address the issues raised during public hearing and found it satisfactory.

**Recommendations of the Committee**

20. In view of the foregoing and after detailed deliberations, the committee recommended the following:

**I. Violation aspect - Action against alleged violation**

Ministry may take action against the M/s Mohashakti Ferro Alloys Private Ltd for carrying out the construction activities of Ferro Alloy Plant without obtaining prior EC by sending a letter to State Government of Odisha with a request to initiate legal action against PP under section 15 read with section 19 of the Environment (Protection) Act, 1986. Further, PP may also be directed under the provisions of Environment (Protection) Act, 1986 to stop the ongoing construction activities till the EC is obtained from MoEF&CC.

II. Consideration of proposal on merit

Instant proposal was considered on merit as per the directions' of the Competent Authority and recommended for grant of Environment Clearance under the provisions of EIA Notification, 2006 subject to the specific conditions and general conditions as per the Ministry' s Office Memorandum No. 22-34/2018-III dated 9.8.2018 based on project specific requirements.

**Decision of MoEF&CC**

21. The Ministry of Environment, Forest and Climate Change has examined the proposal in accordance with the Environment Impact Assessment (EIA) Notification, 2006 & further amendments thereto and after accepting the recommendations of the Expert Appraisal Committee (Industry-I ) hereby decided to take appropriate action against the proponent under EPA, 1986 by the concerned State Government and to grant Environment Clearance for instant proposal of M/s. Mohashakti Ferroalloys Pvt. Limited on merit under the provisions of EIA Notification, 2006 subject to the following specific conditions and general conditions as per the Ministry's Office Memorandum No. 22-34/2018-III dated 9/8/2018 based on project specific requirements:

**A. Specific conditions**
   i. PM levels shall be maintained less than 30 $mg/Nm^3$.
   ii. Briquetting and Jigging facility shall be provided to recover metallics from fines and solid waste.
   iii. Green belt shall be developed in 33% of the plant area with tree density of 2500 trees per hectare.
   iv. 100% solid waste generated shall be recycled/reused. Chrome waste shall be stored on impervious floor with runoff control and treatment. TCLP test shall be conducted for Chrome slag to decide safe disposal mode.
   v. Treated effluent from plant shall be reused/recycled.
   vi. Rain Water Harvesting and recharging shall be practiced extensively.

**B. General conditions**

**I. Statutory compliance:**
   i. The Environment Clearance (EC) granted to the project/ activity is strictly under the provisions of the EIA Notification, 2006 and its amendments issued from time to time; It does not tantamount/ construe to approvals/ consent/ permissions etc., required to be obtained or standards/conditions to be followed under any other Acts/Rules/Subordinate legislations, etc., as may be applicable to the project.

**II. Air quality monitoring and preservation**
   i. The project proponent shall install 24x7 continuous emission monitoring system at process stacks to monitor stack emission as well as Continuous Ambient Air Quality Station (CAAQS) for monitoring AAQ parameters with respect to standards prescribed in Environment (Protection) Rules 1986 as amended from time to time. The CEMS and CAAQMS shall be connected to SPCB and CPCB online servers and calibrate these systems from time to time according to equipment supplier specification through labs recognised under Environment (Protection) Act, 1986 or NABL accredited laboratories.
   ii. The project proponent shall monitor fugitive emissions in the plant premises at least once in every quarter through laboratories recognised under Environment (Protection) Act, 1986 or NABL accredited laboratories.
   iii. Appropriate Air Pollution Control (APC) system shall be provided for all the dust generating points including fugitive dust from all vulnerable sources, so as to comply prescribed stack emission and fugitive emission standards.
   iv. The project proponent shall provide leakage detection and mechanized bag cleaning facilities for better maintenance of bags.
   v. Sufficient number of mobile or stationery vacuum cleaners shall be provided to clean plant roads, shop floors, roofs, regularly.
   vi. Recycle and reuse iron ore fines, coal and coke fines, lime fines and such other fines collected in the pollution control devices and vacuum cleaning devices in the process after briquetting/ agglomeration.
   vii. The project proponent shall ensure covered transportation and conveying of ore, coal and other raw material to prevent spillage and dust generation.
   viii. Wind shelter fence and chemical spraying shall be provided on the raw material stock piles.
   ix. Design the ventilation system for adequate air changes as per prevailing norms for all tunnels, motor houses, Oil Cellars.

**III. Water quality monitoring and preservation**
   i. The project proponent shall monitor regularly ground water quality at least twice a year (pre- and post-monsoon) at sufficient numbers of piezometers/sampling wells in the plant and adjacent areas through labs recognised under Environment (Protection) Act, 1986 and NABL accredited laboratories .
   ii. Garland drains and collection pits shall be provided for each stock pile to arrest the run-off in the event of heavy rains and to check the water pollution due to surface run off.

**IV. Noise monitoring and prevention**
   i. Noise quality shall be monitored as per the prescribed Noise Pollution (Regulation and Control) Rules, 2000 and report in this regard shall be submitted to Regional Officer of the Ministry as a part of six-monthly compliance report.

**V. Energy Conservation measures**
   i. Energy conservation measures may be adopted such as adoption of solar energy and provision of LED lights etc., to minimize the energy consumption.

**VI. Waste management**
   i. Used refractories shall be recycled as far as possible.
   ii. Kitchen waste shall be composted or converted to biogas for further use.

**VII. Green Belt**
   i. The project proponent shall prepare GHG emissions inventory for the plant and shall submit the programme for reduction of the same including carbon sequestration including plantation.

**VIII. Public hearing and Human health issues**
   i. Emergency preparedness plan based on the Hazard identification and Risk Assessment (HIRA) and Disaster Management Plan shall be implemented.
   ii. The project proponent shall carry out heat stress analysis for the workmen who work in high temperature work zone and provide Personal Protection Equipment (PPE) as per the norms of Factory Act.
   iii. Occupational health surveillance of the workers shall be done on a regular basis and records maintained.

**IX. Corporate Environment Responsibility**
   i. The project proponent shall comply with the provisions contained in this Ministry's OM vide F.No. 22-65/2017-IA.III dated 30/09/2020.
   ii. The company shall have a well laid down environmental policy duly approved by the Board of Directors. The environmental policy should prescribe for standard operating procedures to have proper checks and balances and to bring into focus any infringements/deviation/ violation of the environmental /forest / wildlife norms / conditions . The company shall have defined system of reporting infringements / deviation / violation of the environmental /forest / wildlife norms / conditions and / or shareholders / stake holders. The copy of the board resolution in this regard shall be submitted to the MoEF&CC as a part of six-monthly report.
   iii. A separate Environmental Cell both at the project and company head quarter level, with qualified personnel shall be set up under the control of senior Executive, who will directly to the head of the organization.

**X. Miscellaneous**
   i. The project proponent shall make public the environmental clearance granted for their project along with the environmental conditions and safeguards at their cost by prominently advertising it at least in two local newspapers of the District or State, of which one shall be in the vernacular language within seven days and in addition this shall also be displayed in the project proponent' s website permanently.
   ii. The copies of the environmental clearance shall be submitted by the project proponents to the Heads of local bodies, Panchayats and Municipal Bodies in addition to the relevant offices of the Government who in turn has to display the same for 30 days from the date of receipt.
   iii. The project proponent shall upload the status of compliance of the stipulated environment clearance conditions, including results of monitored data on their website and update the same on half-yearly basis.
   iv. The project proponent shall monitor the criteria pollutants level namely; $PM_{10}$, $S0_2$, NOx (ambient levels as well as stack emissions) or critical sectoral parameters, indicated for the projects and display the same at a convenient location for disclosure to the public and put on the website of the company.
   v. The project proponent shall submit six-monthly reports on the status of the compliance of the stipulated environmental conditions on the website of the ministry of Environment, Forest and Climate Change at environment clearance portal.
   vi. The project proponent shall submit the environmental statement for each financial year in Form-V to the concerned State Pollution Control Board as prescribed under the Environment (Protection) Rules, 1986, as amended subsequently and put on the website of the company.
   vii. The project proponent shall inform the Regional Office as well as the Ministry, the date of financial closure and final approval of the project by the concerned authorities, commencing the land development work and start of production operation by the project.
   viii. The project proponent shall abide by all the commitments and recommendations made in the EIA/EMP report, commitment made during Public Hearing and also that during their presentation to the Expert Appraisal Committee.
   ix. No further expansion or modifications in the plant shall be carried out without prior approval of the Ministry of Environment, Forests and Climate Change (MoEF&CC).
   x. Concealing factual data or submission of false/fabricated data may result in revocation of this environmental clearance and attract action under the provisions of Environment (Protection) Act, 1986.
   xi. The Ministry may revoke or suspend the clearance, if implementation of any of the above conditions is not satisfactory.
   xii. The Ministry reserves the right to stipulate additional conditions if found necessary. The Company in a time bound manner shall implement these conditions.
   xiii. The Regional Office of this Ministry shall monitor compliance of the stipulated conditions. The project authorities should extend full cooperation to the officer (s) of the Regional Office by furnishing the requisite data / information/monitoring reports.
   xiv. Any appeal against this EC shall lie with the National Green Tribunal, if preferred, within a period of 30 days as prescribed under Section 16 of the National Green Tribunal Act, 2010.
22. This issues with the approval of the Competent Authority.

**Sd./- (Sundar Ramanathan)**
**Scientist 'E'**

**Copy to:-**
1. Secretary, Department of Forests, Government of Odisha, Secretariat, Bhubaneswar.
2. Chairman, Central Pollution Control Board, Parivesh Bhawan, CBD-cum-Office Complex, East Arjun Nagar, Delhi-I I0032.
3. Regional Officer, Ministry of Environment, Forest and Climate Change, Regional Office (EZ), A3, Chandrasekharpur, Bhubaneswar - 751023.
4. Chairman, Odisha State Pollution Control Board, Parivesh Bhawan, A/118 Nilakantha Nagar, Unit-VIII, Bhubaneswar-75 1012.
5. Member Secretary, Central Ground Water Authority, West Block -II, Wing -3, Sector I, R.K.Puram, New Delhi - 110086.
6. District Collector, Jajpur District, Odisha.
7. Guard FileIRecord File/Monitoring File.
8. MoEF&CC website.

# ବିଧାନସଭାରେ ମାଣ୍ଡିଆ ଖାଇବେ ବିଧାୟକ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବିଧାୟକମାନେ ବିଧାନସଭାରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖାଇବେ। ଖୋଦ୍ କୃଷି ମନ୍ତ୍ରୀ ବିଧାୟକମାନଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖୁଆଇବେ। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଭଲ। ସକାଳେ ଖାଇଲେ ଏହାର ଉପକାର ମିଳିଥାଏ। ବାଚସ୍ପତି ଯଦି ଅନୁମତି ଦେବେ ତେବେ ବିଧାୟକମାନଙ୍କୁ ବିଧାନସଭାରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଯୋଗାଇ ଦିଆଯିବ। ଏହାର ଉପକାରିତା ବିଷୟରେ ମଧ୍ୟ ଜଣାଇ ଦିଆଯିବ। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଏଭଳି ପ୍ରସ୍ତାବ ଦେଇଥିଲେ। ବାଚସ୍ପତି ତତ୍କାଳ ଏହି ଖାଦ୍ୟ ପରିବେଷଣ କରିବାକୁ ମନ୍ତ୍ରୀଙ୍କୁ ଅନୁମତି ଦେଇଥିଲେ। ଚଳିତ ଅଧିବେଶନରେ ବିଧାୟକମାନଙ୍କୁ ମନ୍ତ୍ରୀ ମାଣ୍ଡିଆ ଖାଇବାକୁ ଦେବେ। ମାଣ୍ଡିଆରେ ସୁପ୍‌ଠାରୁ ଆରମ୍ଭ କରି ଲଡ୍ଡୁ, ମିଠା ଓ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତ ହେଉଛି। ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ମାଣ୍ଡିଆର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଚାହିଦା ବଢୁଥିବାରୁ ଚାଷ ମଧ୍ୟ ବଢ଼ିଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

## ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଛି

- ୧୫ ଜିଲାର ୮୦ ବ୍ଲକରେ ହେଉଛି ଚାଷ
- ଦେଢ଼ଲକ୍ଷ ଶିଶୁଙ୍କୁ ଦିଆଯାଇଛି ମାଣ୍ଡିଆ ଲଡୁ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟର ୧୫ ଜିଲାର ୮୦ ବ୍ଲକରେ 'ମିଲେଟ ମିଶନ' ମାଧ୍ୟମରେ ମାଣ୍ଡିଆ ଚାଷ ହେଉଛି। ସେଥିରୁ ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ଗଜପତି, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲାରେ ଅଧିକ ପରିମାଣର ମାଣ୍ଡିଆ ଚାଷ ହେଉଛି। ମାଣ୍ଡିଆ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଧାଡ଼ିରୁଆ ଓ ଧାଡ଼ିବୁଣା ପଦ୍ଧତିରେ ମାଣ୍ଡିଆ ଚାଷ କରିବା ପାଇଁ ଡିବିଟି ମାଧ୍ୟମରେ ୩ ବର୍ଷ ଲାଗି ପ୍ରୋତ୍ସାହନ ରାଶି ଦିଆଯାଉଛି। ପ୍ରତି ହେକ୍ଟର ପିଛା ଶ୍ରୀ ପଦ୍ଧତିରେ ଚାଷ ପାଇଁ ପ୍ରଥମ ବର୍ଷରେ ୫ ହଜାର, ଦ୍ୱିତୀୟ ବର୍ଷରେ ୩ ହଜାର ଓ ତୃତୀୟ ବର୍ଷରେ ୧୫୦୦ ଟଙ୍କା ପ୍ରଦାନ କରାଯାଉଛି। ସେହିପରି ଧାଡ଼ିରୁଆ ପଦ୍ଧତି ପାଇଁ ହେକ୍ଟର ପିଛା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ପାଇଁ ଯଥାକ୍ରମେ ୨୫୦୦, ୧୫୦୦ ଓ ୧ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦିଆଯାଉଛି। ଧାଡ଼ିବୁଣା ପଦ୍ଧତି ପାଇଁ ପ୍ରଥମ ବର୍ଷ ୨୫୦୦, ଦ୍ୱିତୀୟ ବର୍ଷ ୧୫୦୦ ଏବଂ ତୃତୀୟ ବର୍ଷ ପାଇଁ ୧ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ରଙ୍କ ମୂଳ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ଯେ ରାଜ୍ୟରେ ଧାନଚାଷ ପରେ ସରକାର ଅନ୍ୟ କେଉଁ ଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହିପ୍ରକାର ଚାଷ କେଉଁ ଜିଲାରେ କରାଯାଉଛି। ମାଣ୍ଡିଆ ଚାଷ କେଉଁ ଜିଲାରେ ଅଧିକ କରାଯାଉଛି। ମାଣ୍ଡିଆ ବ୍ୟବହାର ବଢୁଥିବାରୁ ଏହି ଚାଷ ଅଧିକ କରିବାକୁ ସରକାର କି ବ୍ୟବସ୍ଥା କରିଛନ୍ତି। ମାଣ୍ଡିଆ ଚାଷକୁ ବ୍ୟାପକ କରିବାକୁ ସରକାର କି ପଦକ୍ଷେପ ନେଇଛନ୍ତି। ମନ୍ତ୍ରୀ କହିଲେ, ଧାନ ପରେ ଡାଲି, ପନିପରିବା, ମକା, ତୈଳବୀଜ, ମାଣ୍ଡିଆ ଚାଷକୁ ସରକାର ଗୁରୁତ୍ୱ ଦେଉଛନ୍ତି। ମାଣ୍ଡିଆ କମ୍ ପାଣିରେ ହୋଇଥାଏ। ଏହାକୁ ପ୍ରୋତ୍ସାହନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମିଲେଟ ମିଶନ କାର୍ଯ୍ୟକାରୀ କରାଯାଉଛି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଦେଇ ସରକାର ମାଣ୍ଡିଆ କିଣୁଛନ୍ତି। ୨୦୧୮-୧୯ରେ ରାଜ୍ୟ ସରକାର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୨୮୯୭ ଟଙ୍କାରେ କିଣୁଥିବାବେଳେ ୨୦୧୯-୨୦ରେ ୩୧୫୦ ଏବଂ ୨୦୨୦-୨୧ରେ ୩୨୯୫ ଟଙ୍କାରେ କିଣିଛନ୍ତି। ବିଜେଡି ସଭ୍ୟ ଭୂପିନ୍ଦର ସିଂ କହିଲେ, ମାଣ୍ଡିଆ ମାର୍କେଟିଂ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାର ଧାନ ନେବାକୁ ରାଜି ହେଉନାହାନ୍ତି। ମକା, କପା, ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବେ କି। ମନ୍ତ୍ରୀ କହିଲେ, ମାଣ୍ଡିଆ ଏକ ପାରମ୍ପରିକ ଚାଷ। ଧୀରେ ଧୀରେ ତାହା କମି ଯାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରୋତ୍ସାହନ କ୍ରମେ ରାଜ୍ୟରେ ମାଣ୍ଡିଆ ଚାଷ ପ୍ରତି ଚାଷୀଙ୍କର ଆଗ୍ରହ ବଢ଼ିଛି। ସରକାର ମାଣ୍ଡିଆ କ୍ରୟ କରୁଛନ୍ତି। ମାଣ୍ଡିଆରେ ସୁପ୍, ମିଠା ତିଆରି ହେଲାଣି। ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଜରିଆରେ ପିଲାମାନଙ୍କୁ ମାଣ୍ଡିଆ ଲଡୁ ଦିଆଯାଉଛି। କେନ୍ଦୁଝର ଜିଲାରେ ୮୭ ହଜାର ଶିଶୁ ଓ ସୁନ୍ଦରଗଡ଼ ଜିଲାରେ ୬୨ ହଜାର ଶିଶୁଙ୍କୁ ମାଣ୍ଡିଆ ଲଡୁ ଦିଆଯାଇଛି। ରାଜ୍ୟର ୩୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହେଉଛି। କୃଷକଙ୍କ ଆୟ ବଢ଼ାଇବାକୁ ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି। ବିଜେଡି ସଭ୍ୟ ନିତ୍ୟାନନ୍ଦ ଗଣ୍ଡ ପଚାରିଲେ, ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବାକୁ ଏନ୍‌ଜିଓମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଠିକ୍ ଭାବେ କରିନାହାନ୍ତି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି। ସରକାର ମଣ୍ଡିରୁ କେତେ ମାଣ୍ଡିଆ କ୍ରୟ କରିଛନ୍ତି। ମନ୍ତ୍ରୀ କହିଲେ, ସରକାର ୨୦୧୮-୧୯ରେ ୧୭,୯୮୫ କୁଇଣ୍ଟାଲ ମାଣ୍ଡିଆ କିଣିଥିବା ବେଳେ ୨୦୧୯-୨୦ରେ ୩୪,୭୪୫ ଏବଂ ୨୦୨୦-୨୧ରେ ୧,୯୯,୪୮୦ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଛନ୍ତି। ବିଧାୟକ ପ୍ରଦୀପ ଦିସାରି, ମାର୍କଣ୍ଡ ମୁଦୁଲି, କୁସୁମ ଟେଟେ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ପାଇଁ ସରକାର କି ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଠିକ୍ ସମୟରେ ବିହନ ମିଳୁ ନ ଥିବାରୁ ଚାଷୀ ଚାଷ କରିପାରିଲେ ନାହିଁ। ମନ୍ତ୍ରୀ କହିଲେ, ରାୟଗଡ଼ାରେ ୧୧,୩୪୦ ହେକ୍ଟର, ସୁନ୍ଦରଗଡ଼ରେ ୪୬୭୨ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଛି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ, ଲତିକା ପ୍ରଧାନ, ଅଶୋକ ବଳ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ ଅତିରିକ୍ତ ପ୍ରଶ୍ନରେ ଅନ୍ୟ ଜିଲାଗୁଡ଼ିକରେ ମାଣ୍ଡିଆ ଚାଷ କରିବାକୁ ସରକାର କି ବ୍ୟବସ୍ଥା କରିଛନ୍ତି। କେତେ ଚାଷୀ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ଦେଖାଇଛନ୍ତି । ଆଖୁଚାଷକୁ ପ୍ରୋତ୍ସାହନ ଦେବେ କି। ମନ୍ତ୍ରୀ କହିଲେ, ୨୦୧୮-୧୯ରେ ୫,୭୪୦ ଜଣ ଚାଷୀ ମାଣ୍ଡିଆ ଚାଷ କରିଥିବା ବେଳେ ୨୦୧୯-୨୦ରେ ୨୦,୩୨୮ ଓ ୨୦୨୦-୨୧ରେ ୨୪,୩୨୪ ଜଣ ମାଣ୍ଡିଆ ଚାଷ କରିଛନ୍ତି ।

# ଚାନ୍ଦବାଲିବାସୀଙ୍କ ପାଇଁ କହିବାକୁ କେହି ରୋକିପାରିବେ ନାହିଁ: ବ୍ୟୋମକେଶ

- ଏଏସ୍‌ଆଇଙ୍କୁ ବିଧାୟକଙ୍କ ଧମକପୂର୍ଣ୍ଣ ଅଡିଓ ପ୍ରସଙ୍ଗ
- ଗୃହରେ ପ୍ରଶ୍ନ କଲେ ବିରୋଧୀ ଦଳ ନେତା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଭଦ୍ରକ ଜିଲା ବାଁଶଡ଼ା ଥାନାର ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର(ଏଏସଆଇ)ଙ୍କୁ ଫୋନରେ ଧମକ ଦେବା ପ୍ରସଙ୍ଗକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ବିଧାନସଭାରେ ଉଠାଇଛନ୍ତି। ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି, ଶାସକ ଦଳର ବିଧାୟକ ଫୋନ୍‌ରେ ଜଣେ ପୋଲିସଙ୍କୁ ଧମକ ଦେଉଛନ୍ତି। କହୁଛନ୍ତି ଯଦି ମୋ କଥା ମାନିବୁ ନାହିଁ ତୋତେ କୋରାପୁଟର ମୋଟୁକୁ ପଠାଇଦେବି। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ୧୧୫ ବିଧାୟକ ଅଛନ୍ତି ବୋଲି କ'ଣ ଲୋକଙ୍କୁ ଡରାଇବେ। ବହୁତ ଲୋକ ଦଲାଲଗିରି କରୁଛନ୍ତି। ବିଧାୟକମାନେ ଧମକାଉଥିବାରୁ ଅଫିସରମାନେ ଭୟଭୀତ ହୋଇ ରହୁଛନ୍ତି। ଏହାର ତଦନ୍ତ କରାଯାଉ। ବିଧାୟକ ଲୋକଙ୍କୁ ଧମକାଇବା ଏବଂ ଅଶ୍ଳୀଳ ଭାଷାରେ ଗାଳି ଦେବା ଏକ ସ୍ୱଚ୍ଛ ସରକାରର ନୀତି ନୁହେଁ। ଏଭଳି ଘଟଣା ଯେପରି ଭବିଷ୍ୟତରେ ନ ହେବା ଉଚିତ। ବିଶେଷକରି ବିଧାୟକମାନେ ଶାଳୀନତା ରକ୍ଷା କରିବା ଦରକାର ବୋଲି ପ୍ରଦୀପ୍ତ କହିଥିଲେ। ଏହା ଶୁଣି ବାଚସ୍ପତି ଯେତେବେଳେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଲେ, ବିରୋଧୀ ଦଳ ନେତା ପୁଣି କହିଥିଲେ ଯେ, ବିଧାୟକ ଗାଳି କରିବା ଅଡିଓ ଏବେ ସବୁଆଡ଼େ ଘୂରି ବୁଲୁଛି। ତେଣୁ ଆପଣ କିପରି କହୁଛନ୍ତି ଜାଣି ନାହାନ୍ତି ବୋଲି। ଏହାର ଉତ୍ତରରେ ବାଚସ୍ପତି କହିଥିଲେ ଯେ, ଗୃହ ରାଷ୍ଟ୍ରମନ୍ତ୍ରୀ ଏଠାରେ ବସିଛନ୍ତି ଏବଂ ସରକାର ସବୁ କଥା ଶୁଣୁଛନ୍ତି। ବିରୋଧୀ ଦଳ ନେତାଙ୍କ ଅଭିଯୋଗକୁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ପ୍ରବଳ ବିରୋଧ କଲେ। କହିଲେ ବିରୋଧୀ ଦଳ ନେତାଙ୍କୁ ମୁଁ ସମ୍ମାନ କରେ। ସେ ମୋ ବିରୋଧରେ ଅଭିଯୋଗ ଆଣି ଗୃହକୁ ବିଭ୍ରାନ୍ତ କରୁଛନ୍ତି। ଫୋନ୍‌ରେ ମୁଁ କହିଛି ଆମେ ବିଧାୟକ ହୋଇଛୁ। ସାଧାରଣ ଲୋକ ଆମ ପାଖକୁ ଆସିବେ। ତୁମେ ଗରିବ ଲୋକଙ୍କୁ ଧମକାଇ ପାରିବ ନାହିଁ। ଆଇନ ତା' ବାଟରେ ଯିବ। ସାଧାରଣ ଲୋକଙ୍କୁ ହଇରାଣ କରୁଛ। ଭଦ୍ରକ ଜିଲାରେ ପୋଲିସ ଭଲ କାମ କରୁଛି। ଜଣେ ଏଏସ୍‌ଆଇ ଏମିତି କାମ କାହିଁକି କରୁଛ ବୋଲି ମୁଁ ତାଙ୍କୁ କହିଥିଲି। ବାଚସ୍ପତି ଯଦି ଚାହିଁବେ ଉକ୍ତ ଅଡିଓ ଦେଇ ପାରିବି। ଗୋଟିଏ ଗଣମାଧ୍ୟମ ତାକୁ କଟ୍ କରି ଦେଖାଇଛି। ମୁଁ କହିଛି ଡିଜିଙ୍କୁ କହି ବଦଳି କରିବି। ମୁଁ ତ କହିନି ବିଜେଡିକୁ ସାହାଯ୍ୟ କର। ମୁଁ ଲୋକଙ୍କ ପାଇଁ କାମ କରି ଚାଲିବି। ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଭାଜପା ବିଧାୟକ ମାଡ଼ ମାରିଲେ। ସେ ଗିରଫ ହୋଇଥିଲେ। ଚାନ୍ଦବାଲିବାସୀ ମୋତେ ବିଧାୟକ ଭାବେ ନିର୍ବାଚିତ କରିଛନ୍ତି। ମୁଁ ଚାନ୍ଦବାଲିବାସୀଙ୍କ ସୁଖ ଦୁଃଖରେ ଛିଡ଼ା ହେବି। ମୋ ସ୍ୱରକୁ କେହି ଚାପିଦେଇ ପାରିବେ ନାହିଁ ବୋଲି ବ୍ୟୋମକେଶ କହିଥିଲେ। ବିରୋଧୀ ଦଳ ନେତା ପୁଣି କହିଥିଲେ, ମୋର ମଧ୍ୟ ବିଧାୟକଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଅଛି। ସମ୍ପର୍କ ତା ବାଟରେ ରହିବ। ବିଧାୟକମାନେ ପୋଲିସ କର୍ମଚାରୀଙ୍କୁ ଧମକାଇବାରୁ ନିବୃତ୍ତ ରହିବା ଆବଶ୍ୟକ ବୋଲି ପ୍ରଦୀପ୍ତ କହିଥିଲେ।




ବିଭିନ୍ନ ଦାବି ନେଇ ରାଜ୍ୟ ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘ ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

## ଚାଷୀଙ୍କ ଆୟ ବାର୍ଷିକ ୯୨,୭୭୨ ଟଙ୍କା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ କୃଷକଙ୍କ ଆୟ ବୃଦ୍ଧିପାଇଛି। ୨୦୦୩ରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ କୃଷକମାନଙ୍କର ବାର୍ଷିକ ଆୟ ୨୩,୨୭୬ ଟଙ୍କା ଥିବା ବେଳେ ୨୦୧୨-୧୩ରେ ୭୦ ତମ ପରିକ୍ରମା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ କୃଷକମାନଙ୍କର ବାର୍ଷିକ ଆୟ ଦ୍ୱିଗୁଣିତ ହୋଇ ୫୩,୪୫୦ ଟଙ୍କା ହୋଇଥିଲା। ୨୦୧୫-୧୬ରେ କୃଷକମାନଙ୍କର ବାର୍ଷିକ ଆୟ ୯୨,୭୭୨ ଟଙ୍କାରେ ପହଞ୍ଚିଛି। ମାସିକ ଆୟ ୭୭୩୧ ଟଙ୍କା । ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ ଚାଷୀଙ୍କର ବାର୍ଷିକ ଆୟ ୮୩୦୪୦ ଟଙ୍କା ଥିବାବେଳେ ବିହାର ୮୬୧୦୦, ଝାଡ଼ଖଣ୍ଡ ଚାଷୀଙ୍କର ବାର୍ଷିକ ଆୟ ୮୩୮୯୨ଟଙ୍କା ରହିଛି।

## ରାଜ୍ୟରେ ୪୮୫୩ ସୁନା ଦୋକାନ

- ୨୨ ଲକ୍ଷ ଜରିମାନା ଆଦାୟ
- ସରକାରଙ୍କୁ ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ ମୋଟ ୪୮୫୩ ସୁନା ଦୋକାନ ଅଛି। ସେମାନଙ୍କ ମଧ୍ୟରୁ ୨୦୧୮-୧୯ରେ ୨୭୬ ଦୋକାନରେ ଚଢ଼ାଉ କରାଯାଇ ୬ ଲକ୍ଷ ୬ ହଜାର ୭୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୦୧୯-୨୦ରେ ୪୦୦ ସୁନା ଦୋକାନ ଉପରେ ଚଢ଼ାଉ କରାଯାଇ ୧୨ ଲକ୍ଷ ୪୮ ହଜାର ୪୫୦ ଏବଂ ୨୦୨୦-୨୧ରେ ଏ ପର୍ଯ୍ୟନ୍ତ ୧୯୬ ଦୋକାନ ଉପରେ ଚଢ଼ାଉ କରାଯାଇ ୪ ଲକ୍ଷ ୪୫ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଥିବା ମୂଳ ପ୍ରଶ୍ନ ନଂ. ୫୪୨ର ଉତ୍ତରରେ ଏହା କହିଛନ୍ତି । ତାରା ପଚାରିଥିଲେ, କୋରାପୁଟ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପେଟ୍ରୋଲ ପମ୍ପ ମାଲିକ ମାପ ଏବଂ ଓଜନରେ ବ୍ୟାପକ ଠକେଇ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାପ ଓ ଓଜନ ନିର୍ଦ୍ଦେଶାଳୟର ଏକ ଶାଖା କୋରାପୁଟର ଜୟପୁରଠାରେ ଖୋଲିବେ କି। ବାଚସ୍ପତି ଦେଇଥିବା ରୁଲିଂ ଅନୁଯାୟୀ ଭୁବନେଶ୍ୱର ଓ କଟକରେ ଥିବା ବଡ଼ ବଡ଼ ସୁନା ଦୋକାନ ଉପରେ କେତେଥର ଚଢ଼ାଉ କରାଯାଇ କି ପଦକ୍ଷେପ ନିଆଯାଇଛି। ମନ୍ତ୍ରୀ କହିଥିଲେ, କୋରାପୁଟ ଜିଲାରେ ୪୮ ସୁନା ଦୋକାନ ରହିଛି। ସେଥିରୁ ୨୦୨୦ରେ ୫ ଓ ୨୦୨୧ରେ ଗୋଟିଏ ଦୋକାନ ଉପରେ ଚଢ଼ାଉ କରାଯାଇ ଯଥାକ୍ରମେ ୯ ହଜାର ଓ ୧୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ମାତ୍ର କଟକ ଓ ଭୁବନେଶ୍ୱର ସୁନା ଦୋକାନ ଉପରେ ମନ୍ତ୍ରୀ କୌଣସି ଉତ୍ତର ଦେଇ ନ ଥିଲେ। ଏହାକୁ ନେଇ ତାରା ଅସନ୍ତୋଷ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଏ ସମ୍ପର୍କରେ ଉତ୍ତର ନ ମିଳିବାରୁ ଶୂନ୍ୟକାଳରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

## ଦୁଗ୍ଧ, ମାଂସ ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ

**ବର୍ଷକୁ ରାଜ୍ୟ ବାହାରୁ ୭୫୭୫ ଲକ୍ଷ ଅଣ୍ଡା ଆମଦାନୀ ହେଉଛି**

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ ଅଣ୍ଡା ଚାହିଦା ମେଣ୍ଟାଇବା ପାଇଁ ବାର୍ଷିକ ୭୫୭୫ ଲକ୍ଷ ଅଣ୍ଡା ଆମଦାନୀ କରାଯାଉଛି। ରାଜ୍ୟରେ ୨୦୧୯-୨୦ରେ ପ୍ରାୟ ୨୩୭୦ ହଜାର ମେଟ୍ରିକ ଟନ ଦୁଗ୍ଧ, ପ୍ରାୟ ୨୩, ୮୧୪ ଲକ୍ଷ ଅଣ୍ଡା ଏବଂ ୨୦୫ ହଜାର ମେଟ୍ରିକ ଟନ ମାଂସ ଉତ୍ପାଦନ ହେଉଛି। ରାଜ୍ୟ ଦୁଗ୍ଧ ଓ ମାଂସ ଉତ୍ପାଦନରେ ଆତ୍ମନିର୍ଭରଶୀଳ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୯-୨୦ରେ ରାଜ୍ୟରେ ମୋଟ ୮,୧୬,୪୫୮ ମେଟ୍ରିକ ଟନ ମାଛ ଉତ୍ପାଦିତ ହୋଇଥିଲା। ସେଥିରୁ ମଧୁର ମାଛ ୫,୪୩,୦୪୯, ଖାରଜଳ ମାଛ ୧,୧୬,୦୯୯ ଏବଂ ୧,୫୭,୩୧୦ ମେଟ୍ରିକ ଟନ ଅଟେ। ସେଥିରୁ ୨,୧୩,୧୮୧ ମେଟ୍ରିକ ଟନ ମାଛ ବିଦେଶ ଓ ପଡୋଶୀ ରାଜ୍ୟକୁ ରପ୍ତାନି କରାଯାଇଥିଲା। ମଧୁର ମାଛର ଆବଶ୍ୟକତା ଥିବାରୁ ବର୍ଷକୁ ପ୍ରାୟ ୪୬,୨୭୩ ମେଟ୍ରିକ ଟନ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡରୁ ଆମଦାନୀ କରାଯାଇଥାଏ।

## ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୧୮୫୪ ପଦବୀ ଖାଲି

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୧୮୫୮ ଅଧ୍ୟାପକ ପଦବୀ ଖାଲିରହିଛି। ଓଡ଼ିଆରେ ସର୍ବାଧିକ ୩୦୪ ପଦବୀ ଖାଲିଥିବା ବେଳେ ଇଂଲିଶରେ ୨୨୫, ଇତିହାସରେ ୨୧୩, ରାଜନୀତି ବିଜ୍ଞାନରେ ୨୧୬, ଅର୍ଥନୀତିରେ ୧୭୦, ବାଣିଜ୍ୟରେ ୧୧୬ ପଦବୀ ଖାଲି ରହିଛି। ସେହିପରି ନୃତତ୍ତ୍ୱରେ ୮ଟି ସିଟ୍ ଖାଲିଥିବା ବେଳେ ଉଦ୍ଭିଦ ବିଜ୍ଞାନରେ ୫୫, ରସାୟନ ବିଜ୍ଞାନରେ ୭୬, ଶିକ୍ଷାରେ ୭୮, ହିନ୍ଦୀରେ ୧୫, ଗୃହ ବିଜ୍ଞାନରେ ୧୮, ଆଇଆରପିଏମ୍‌ରେ ୪, ଦର୍ଶନ ଶାସ୍ତ୍ରରେ ୯୧, ଗଣିତରେ ୫୩, ପଦାର୍ଥ ବିଜ୍ଞାନରେ ୫୬, ଫିଜିଓଲୋଜିରେ ୨୬, ସଂସ୍କୃତରେ ୩୫, ସମାଜ ବିଜ୍ଞାନରେ ୨୬ ପଦବୀ ଖାଲିପଡ଼ିଛି। ସେହି କଲେଜଗୁଡ଼ିକରେ ୬୪୯୯ ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ୪୬୪୧ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ୫୧୧ ସରକାରୀ କଲେଜରେ ୧୦୩୯ ସ୍ଥାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ବୋଲି ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭାରେ ଏହା କହିଛନ୍ତି ।

# ୧୬୭୪ ବିଜ୍ଞାନ ଶିକ୍ଷକ ପଦବୀ ଖାଲି

**୨୫୬୨ ହାଇସ୍କୁଲରେ ବିଜ୍ଞାନ ଲାବ୍ ହେବ: ଗଣଶିକ୍ଷା ମନ୍ତ୍ରୀ**

- ପ୍ରତ୍ୟେକ ସ୍କୁଲ ପାଇଁ ବିଜ୍ଞାନ ଶିକ୍ଷକ ଦେବାର ବ୍ୟବସ୍ଥା ହେବ
- ସ୍ମାର୍ଟ କ୍ଲାସ୍ ଲାଗି ୬ କୋଟି ବ୍ୟୟବରାଦ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ ୪୭୮୩ ମଞ୍ଜୁରୀପ୍ରାପ୍ତ ବିଜ୍ଞାନ ଶିକ୍ଷକ ପଦବୀରୁ ୩୧୦୯ ଜଣ ଅଛନ୍ତି। ୧୬୭୪ ଖାଲି ପଡ଼ିଛି। ବୁଧବାର ପ୍ରଶ୍ନକାଳରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ନିଜସ୍ୱ ଅର୍ଥରେ ୨୫୬୨ ହାଇସ୍କୁଲରେ ବିଜ୍ଞାନ ଲାବରେଟୋରି ସ୍ଥାପନ କରିବେ। ଏଥିପାଇଁ ବଜେଟରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ସ୍ମାର୍ଟ କ୍ଲାସ ପାଇଁ ୬ କୋଟି ବ୍ୟୟବରାଦ ହୋଇଛି। ପ୍ରତ୍ୟେକ ସ୍କୁଲକୁ ପର୍ଯ୍ୟାୟକ୍ରମେ ବିଜ୍ଞାନ ଶିକ୍ଷକ ଦେବାର ବ୍ୟବସ୍ଥା କରାଯାଉଛି। ଭାଜପା ବିଧାୟକ ମୋହନ ଚରଣ ମାଝି ଟ୍ରାନ୍ସଫର କ୍ୱେଶ୍ଚିନ ନଂ ୪୫୨ରେ ପଚାରିଲେ ଗତ ୫ ବର୍ଷରେ କେଉଁ ଜିଲାର କେତେ ସ୍କୁଲକୁ ବିଜ୍ଞାନ ଲାବ ସ୍ଥାପନ ବାବଦରେ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ କେତେ ଆର୍ଥିକ ସାହାଯ୍ୟ ଦିଆଯାଇଛି। କେତେ ଛାତ୍ରୀଛାତ୍ର ବିଜ୍ଞାନ ଓ କାରିଗରି ଜ୍ଞାନକୌଶଳରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଉତ୍କର୍ଷତା ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କଠାରୁ କି ସମ୍ମାନ ପାଇଛନ୍ତି। ମନ୍ତ୍ରୀ କହିଲେ ଗତ ୫ ବର୍ଷରେ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ବିଜ୍ଞାନ ଲାବ୍ ସ୍ଥାପନ ପାଇଁ କୌଣସି ଆର୍ଥିକ ସହାୟତା ଦିଆଯାଇ ନାହିଁ। ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ୩୫୧ ସ୍କୁଲରେ ବିଜ୍ଞାନାଗାର ନିର୍ମାଣ ପାଇଁ ଅନୁମୋଦନ କରାଯାଇଛି। ଏ ବାବଦରେ ୩୩୪୮.୩୦୫ ଲକ୍ଷ, ଆସବାବ ପତ୍ର ପାଇଁ ୫୨୦.୦୭୫ ଲକ୍ଷ ଏବଂ ବିଜ୍ଞାନ ଉପକରଣ ପାଇଁ ୩୫୧ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ବିଜ୍ଞାନ ଓ କାରିଗରି କୌଶଳକୁ ପ୍ରୋତ୍ସାହନ ଦେବା ନିମନ୍ତେ ମାଧ୍ୟମିକ ସ୍ତରର ପିଲାମାନଙ୍କ ମଧ୍ୟରେ ଇନସ୍ପାୟାର ଆୱାର୍ଡ ମାନକ ପ୍ରତିଯୋଗିତା କରାଯାଉଛି। ୨୦୧୬-୧୭ରେ ୬ ଜଣ, ୨୦୧୭-୧୮ରେ ୮ ଜଣ ଏବଂ ୨୦୧୮-୧୯ରେ ୨ ଜଣ ଜାପାନ ଯାଇଛନ୍ତି। ୨୦୧୯-୨୦ରେ ୧୭ ଜଣ ଛାତ୍ରୀଛାତ୍ର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଚୟନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ମୋହନ ପଚାରିଲେ, କେତେ ସ୍କୁଲରେ ବିଜ୍ଞାନ ଲାବ ନାହିଁ। କେତେ ଉଚ୍ଚ ମାଧ୍ୟମିକ ସ୍କୁଲରେ ଡେମୋନଷ୍ଟ୍ରେଟର ନାହାନ୍ତି। ମନ୍ତ୍ରୀ କହିଲେ ସମସ୍ତ ଉଚ୍ଚମାଧ୍ୟମିକ ସ୍କୁଲରେ ଡେମୋନଷ୍ଟ୍ରେଟର ରହିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ପଚାରିଲେ, ବହୁ ସ୍କୁଲରେ ବିଜ୍ଞାନ ଶିକ୍ଷକ ନାହାନ୍ତି। ଲାବ୍ ନାହିଁ। କେବେ ସୁଦ୍ଧା ସବୁ ସ୍କୁଲରେ ଲାବ୍ ନିର୍ମାଣ କରିବା ସହ ବିଜ୍ଞାନ ଶିକ୍ଷକ ଦେବେ, ମନ୍ତ୍ରୀ କହିବେ କି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଲେ ଯେ, ଅନେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାନ୍ତି। ପିଲାମାନେ ପାଠ ପଢ଼ିବେ କେମିତି। ଜଣେ ଶିକ୍ଷକ ୩ ସ୍କୁଲ ପାଇଁ ଅଛନ୍ତି। କେବେ ସୁଦ୍ଧା ସବୁ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନିଯୁକ୍ତି ଦେବେ।

# ଧାରଣାରେ ବସିଲେ ତାରା

**ଖାଇବା ତେଲ, ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ନେଇ ହଟ୍ଟଗୋଳ**

- କହିବାକୁ ନ ଦେବାରୁ ତାତିଲେ ବିରୋଧୀ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟରେ ଖାଇବା ତେଲ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସବୁ ମହଙ୍ଗା। ସୋରିଷ ତେଲ ଦୁଇମାସ ତଳେ ୭୦ଟଙ୍କା ଥିଲା। ଏବେ ୧୮୦ଟଙ୍କା ହୋଇଗଲାଣି। ସାଧାରଣ ଲୋକ ତ୍ରାହି ତାହି ଡାକିଲେଣି। ତେଲ ଦର ବୃଦ୍ଧିକୁ ନେଇ କଂଗ୍ରେସ ବିଧାନସଭାରେ କୈଫିୟତ ତଲବ କରିଛି। ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟରେ ଖାଇବା ତେଲଠାରୁ ଆରମ୍ଭ କରି ପେଟ୍ରୋଲ ଡିଜେଲ ସବୁ ମହଙ୍ଗା। ଡିଜେଲ, ପେଟ୍ରୋଲ କଥା କହିଲେ ନ ସରେ। କେନ୍ଦ୍ରରେ କଂଗ୍ରେସ ଶାସନ ସମୟରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୪୦ ଡଲାର ଥିଲା। ସେତେବେଳେ ପେଟ୍ରୋଲ ୭୦ ଟଙ୍କାରେ ମିଳୁଥିଲା। ଏବେ ୬୦ଡଲାରକୁ ଆସିଛି। ତଥାପି ଆଜି ଦିନରେ ପେଟ୍ରୋଲ, ଡିଜେଲ ୧୦୦ ଟଙ୍କା ହେଲାଣି। ଡିଜେଲ, ପେଟ୍ରୋଲ ଦର ବଢ଼ିବାରୁ ବସ୍, ଅଟୋ, କାର୍ ଟାକ୍ସି ରେଟ୍ ବଢି ଗଲାଣି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସରୁ ୧୦ ଟଙ୍କା ଲେଖାଏ କମ୍ କରନ୍ତୁ। ଖାଇବା ତେଲ ଉପରେ ଟିକସ ଉଚ୍ଛେଦ କରାଯାଉ। ଏହା ସହିତ ବିରୋଧୀ ଦଳ ନେତା ଏବଂ ସରକାରୀ ଦଳ ମିଶି ଏ ବିଷୟରେ ଗୃହରେ ଏକ ସଙ୍କଳ୍ପ ଆଣନ୍ତୁ। ଆଉ ସର୍ବସମ୍ମତିକ୍ରମେ ଏହାକୁ ପାରିତ କରାଯାଉ। ୫ଟଙ୍କାର ତେଲରେ ରସୁଣ ପିଆଜ ଫୁଟୁନି। ସାଧାରଣ ଲୋକ ଅତିଷ୍ଠ ହୋଇସାରିଲେଣି। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ। ଦଳଗତ ନିର୍ବିଶେଷରେ ଆମେ ସମସ୍ତେ ଏହାକୁ ସମର୍ଥନ କରିବା। ଖାଇବା ତେଲ ଉପର ଟିକସ ହଟାଯାଉ। ରୁଲିଂ ନ ଦେଲେ ମୁଁ ଧାରଣାରେ ବସିବି କହି ଗୃହର ମଧ୍ୟଭାଗକୁ ଆସି ବସିଲେ। ଏହା ଦେଖି ରିଜୋଲ୍ୟୁଶନ ଆଣିବାକୁ ଗୃହରେ ସରକାରୀ ଓ ବିରୋଧୀ ଦଳ ଅଛନ୍ତି, ସେମାନେ ଆଣିପାରିବେ ବୋଲି ବାଚସ୍ପତି କହିବା ସହ ତାରାଙ୍କୁ ନିଜ ସିଟକୁ ଉଠିଯିବାକୁ କହିଥିଲେ। ମାତ୍ର ତାରା ଗୃହ ମଧ୍ୟଭାଗରେ ବସି ରହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଖାଇବା ତେଲ, ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ସବୁ ମହଙ୍ଗା ହୋଇଛି। ବିଧାନସଭାରେ ଯାହା ଆଲୋଚନା ହେଉଛି ତାହା କାର୍ଯ୍ୟକାରୀ ହେଉନାହିଁ। ଉତ୍ତର ମଧ୍ୟ ଠିକ୍‌ରେ ମିଳୁନାହିଁ। ଚାଷୀଙ୍କ ଧାନ କିଣା ଯିବ ବୋଲି ମନ୍ତ୍ରୀ ଗୃହରେ ପ୍ରତିଶ୍ରୁତି ଦେଲେ, ତାହା ମଧ୍ୟ ହେଲା ନାହିଁ। ଆପଣ ନିଜେ ରୁଲିଂ ଦେଇଥିଲେ କଟକ, ଭୁବନେଶ୍ୱରରେ ଥିବା ବଡ଼ ବଡ ମାଛଙ୍କୁ ଧରିବାକୁ। ଏ ପର୍ଯ୍ୟନ୍ତ କି ପଦକ୍ଷେପ ନିଆଯାଇଛି ସେ ନେଇ ମନ୍ତ୍ରୀ ଉତ୍ତର ଦେଲେ ନାହିଁ। ଖାଇବା ତେଲ ୧୮୦ ଟଙ୍କାରେ ପହଞ୍ଚିଲାଣି। ଆମେ ଖାଲି କହି ଚାଲିଯିବୁ। ଆଲୋଚନା କାହିଁକି ହେବ। ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗୃହ ମଧ୍ୟଭାଗରେ ବସିବାକୁ ପଡୁଛି। ମନ୍ତ୍ରୀମାନେ ତେଲ ଦର କମାଇବା ପାଇଁ କହିବା ଦରକାର। ବାଚସ୍ପତି ନିଦାବିଷ୍ଟ ହୋଇ ବସିଲେ ଶୂନ୍ୟକାଳ ସରିଯିବ। ମୁଲତବୀ ସରିଯିବ। ତା' ପରେ ମନ୍ତ୍ରୀ କହିବେ ସବୁ ହୋଇଯିବ। ଲୋକ ଭୋକରେ ମରୁଥିବେ। କାହିଁକି ବାଚସ୍ପତିଙ୍କ ଆସନ ରିଆକ୍ଟ କରୁନାହିଁ। ନରସିଂହ କହିଲେ, କଟକ, ଭୁବନେଶ୍ୱର ସୁନା ଦୋକାନରେ ଚଢାଉ ହେବା କଥା କହିଥିଲେ, ମନ୍ତ୍ରୀ ଉତ୍ତର ଦେଲେ କି। ବର୍ଷେ ହେବ ଆପଣଙ୍କ ରୁଲିଂ କାର୍ଯ୍ୟକାରୀ ହେଉ ନାହିଁ। ଆଉଥରେ ରୁଲିଂ ଦେବେ। ପୁଣି ୫ ବର୍ଷ ଚାଲିଯିବ। ତେଣୁ ଗୃହରେ ଯାହା ଆଲୋଚନା ହେଉଛି ତାହାକୁ ସରକାର କାର୍ଯ୍ୟକାରୀ କରିବା ଦରକାର ବୋଲି ନରସିଂହ କହିଥିଲେ।

ବାଚସ୍ପତି ମୁଲତବୀ ଆଲୋଚନା ଆରମ୍ଭ କରିବାକୁ ଗଲାବେଳେ ଶୂନ୍ୟକାଳରେ କହିବାକୁ ସୁଯୋଗ ନ ମିଳିବାରୁ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ମୋହନ ମାଝି ପ୍ରମୁଖ ବାଚସ୍ପତିଙ୍କୁ ବିରୋଧ କରି ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ଭାଜପା ଓ କଂଗ୍ରେସ ଦଳର ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ମୁଲତବୀ ଆଲୋଚନା ହୋଇପାରି ନ ଥିଲା। ବାଚସ୍ପତି ଅଚଳାବସ୍ଥା ଦୂର କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ବାଚସ୍ପତି ଗୃହକୁ ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ ସ୍ୱାଭାବିକ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା।

## ୬ କୁଇଣ୍ଟାଲ କୋଇଲା ଜବତ, ଜଣେ ଗିରଫ

ପଦ୍ମପୁର, (ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ୬ କୁଇଣ୍ଟାଲ ଚୋରା କୋଇଲା ସହ ଏକ ଟ୍ରଲି ଜବତ କରିଛି। ଏଥିସହ ମାୟାଧର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ପୋଲିସ। ସୂଚନା ଅନୁଯାୟୀ, ବଣିଆ ପଞ୍ଚାୟତ ପେଡ଼ାସାହି ଛକ ନିକଟରେ ଗ୍ରାମର ମାୟାଧର ମଙ୍ଗଳବାର ସନ୍ଧ୍ୟାରେ ଚୋରା କୋଇଲା ନେଇ ଯାଉଥିବା ପୋଲିସ ଖବର ପାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୋଲିସ କୋଇଲା ବୋଝେଇ ଟ୍ରଲିକୁ ଜବତ ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ମାମଲା(ନଂ. ୭୧/୨୧) ରୁଜୁ ହୋଇଛି।

### ସଂକ୍ଷେପରେ

## ଦୁର୍ଘଟଣାରେ ଦୁଇ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବୌଦ୍ଧ/ତଳଗାଁ ,୨୪।୩, (ସ୍ୱ.ପ୍ର./ ଡି.ଏନ.ଏ.):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ରାଣିଗଞ୍ଜ ଜାମୁତୋଟାଠାରେ ବୁଧବାର ଦୁଇ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଆଡେଣିଗଡ ପଞ୍ଚାୟତ ମାଧପୁର ପୋଷ୍ଟ ଅଫିସର ପୋଷ୍ଟମାଷ୍ଟର ବିରଞ୍ଚି ସାହୁ ଏବଂ ବାରିଙ୍ଗ ପୋଷ୍ଟମାଷ୍ଟର ବିଶ୍ୱଜିତ ସାହୁ । ଏହି ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ରାସ୍ତାରୋକୋ କରିଥିଲେ। ଫଳରେ ୩ ଘଣ୍ଟା ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା ।

ପ୍ରକାଶ ଯେ, ଆଡେଣୀଗଡଠାରେ ଏକ ବିବାହ ଭୋଜି ଖାଇ ସାରି ବିରଞ୍ଚି ଓ ବିଶ୍ୱଜିତ୍ ଏକ ମୋଟର ସାଇକେଲରେ ମାଧପୁରକୁ ଆସୁଥିବା ବେଳେ ଅପରାହ୍ନ ୨ଟା ବେଳେ ଜାମୁତୋଟା ଠାରେ ଏକ ପଲସର ମୋଟର ସାଇକେଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଦୁଇ ପୋଷ୍ଟମାଷ୍ଟର ଦୂରକୁ ଛିଟିକି ପଡିଥିଲେ । ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଆହତ ପଲସର ଚାଳକଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଛି । ତାଙ୍କ ପରିଚୟ ଜଣାପଡିନାହିଁ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ । ଖବରପାଇ ପୋଲିସ ,ହରଭଙ୍ଗା ବିଡିଓ , ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା । ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି ।

# 'ଶତପ୍ରତିଶତ ପ୍ରସ୍ତୁତି ପ୍ରମାଣପତ୍ର ଦିଅ'

## ମୁଖ୍ୟମନ୍ତ୍ରୀଙ୍କ ପାନୀୟ ଜଳ ଯୋଗାଣ ସମୀକ୍ଷା



ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ।

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ରାଜ୍ୟର ପାନୀୟଜଳ ଯୋଗାଣ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମୀକ୍ଷା କରିଛନ୍ତି। ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ପୌରାଞ୍ଚଳ କର୍ତ୍ତୃପକ୍ଷ ପାନୀୟ ଜଳ ଯୋଗାଣ ନେଇ ଶତପ୍ରତିଶତ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରମାଣପତ୍ର ଦେବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ଶୀଘ୍ର ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ଅଧିକ ଗରମ ହେବା ଆଶଙ୍କା ରହିଛି। ତଦନୁଯାୟୀ ପ୍ରସ୍ତୁତି କରିବାକୁ ପଡ଼ିବ। ପାନୀୟ ଜଳ ସମସ୍ୟା ଥିବା ହଟସ୍ପଟ୍ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ପାନୀୟ ଜଳର ସୁବିଧା ପାଇଁ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି। ଗ୍ରାମାଞ୍ଚଳରେ ୧୭ ହଜାର କୋଟି ଟଙ୍କା ବ୍ୟୟରେ ୮୯ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ୨୦୨୪ ସୁଦ୍ଧା ସବୁ ଗ୍ରାମୀଣ ପରିବାରକୁ ଶତପ୍ରତିଶତ ପାଇପ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସହରାଞ୍ଚଳରେ ଗତ ୩ବର୍ଷ ମଧ୍ୟରେ ପାନୀୟ ଜଳ ଯୋଗାଣ ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟ ହୋଇଛି। ୨୦୨୨ ସୁଦ୍ଧା ସହରାଞ୍ଚଳର ସବୁ ପରିବାରକୁ ପାଇପ ଜଳ ଯୋଗାଣ କରାଯିବାକୁ ଲକ୍ଷ୍ୟ ରହିଛି। ମୁଖ୍ୟ ଶାସନ ସଚିବ ଏବଂ ଜିଲାପାଳ ନିୟମିତ ସମୀକ୍ଷା କରି ପାନୀୟ ଜଳଯୋଗାଣ ବ୍ୟବସ୍ଥାର ତଦାରଖ କରିବେ। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ଜାତୀୟସ୍ତରରେ ୮୧% ଲୋକଙ୍କୁ ବ୍ୟକ୍ତି ପିଛା ଦୈନିକ ୪୦ ଲିଟର ପାଣି ଯୋଗାଇ ଦିଆଯାଉଛି। ଓଡ଼ିଶାରେ ୧୦୦% ଲୋକଙ୍କୁ ବ୍ୟକ୍ତି ପିଛା ଦୈନିକ ୪୦ ଲିଟର ପାଣି ଦିଆଯାଉଛି। ଗ୍ରାମାଞ୍ଚଳ ଜନସଂଖ୍ୟାର ୪୭.୬୫% ଜନସାଧାରଣ, ୫୪% ଗାଁ ଏବଂ ୨୭% ଜନବସତିକୁ ପାଇପ ପାଣି ସୁବିଧା ଦିଆଯାଇଛି। ଖରାଦିନ ଲାଗି ସବୁ ଟ୍ୟୁବୱେଲ ଯାଞ୍ଚ କରାଯାଉଛି। ଜଳକଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ପାଣି ଯୋଗାଣ ହେଉଥିବା ସେ କହିଛନ୍ତି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ।

### ସହରାଞ୍ଚଳରେ ଅଧିକ ଯୋଗାଣ

ରାଜ୍ୟର ସହରାଞ୍ଚଳରେ ଆବଶ୍ୟକତାଠାରୁ ଅଧିକ ଜଳଯୋଗାଣ ହେଉଛି। ସରକାରୀ ତଥ୍ୟରୁ ଏହା ଜଣାପଡ଼ିଛି। ସହରାଞ୍ଚଳରେ ୨୦୨୧ରେ ପାନୀୟ ଜଳର ଆବଶ୍ୟକତା ଦୈନିକ ୧୦୮୮ ମିଲିୟନ ଲିଟର ରହିଛି। ତେବେ ଯୋଗାଣ ହେଉଛି ୧୦୯୩ ମିଲିୟନ ଲିଟର। ସେହିପରି ୨୦୧୬ ସୁଦ୍ଧା ୩ଲକ୍ଷ ଘରକୁ ପାଇପ ପାଣି ସଂଯୋଗ ହୋଇଥିଲା। ଏବେ ୮ ଲକ୍ଷ ୩୦ ହଜାର ପରିବାରକୁ ସିଧାସଳଖ ପାଇପ୍ ପାଣି ମିଳୁଛି। ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ଘରକୁ ପାନୀୟ ଜଳ ସଂଯୋଗ କ୍ଷେତ୍ରରେ ୧୬୮ ପ୍ରତିଶତ ଉନ୍ନତି ଆସିଛି। ଅନ୍ୟପଟେ ରାଜ୍ୟରେ ୬୫ ପୌରାଞ୍ଚଳର ୩୩୫ ସ୍ଥାନରେ ପାନୀୟ ଜଳ ସମସ୍ୟା ରହିଛି। ଏସବୁ ସ୍ଥାନରେ ୧୧୭ ଟ୍ୟାଙ୍କର ଏବଂ ୧୩୮୦ ପିଭିସି ଟ୍ୟାଙ୍କ ଜରିଆରେ ପାଣି ଯୋଗାଇ ଦିଆଯାଉଛି। ପାନୀୟ ଜଳର ସମସ୍ୟା ଥିବା ୧୧ ପୌରାଞ୍ଚଳ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖାଯାଇଛି। ଅଭିଯୋଗ ଆସିଲେ ୨୪ ଘଣ୍ଟା ମଧ୍ୟରେ ପ୍ରତିକାର କରାଯାଉଛି। ସମସ୍ତ ପୌରାଞ୍ଚଳରେ ମୋ ସରକାର ସେଲ୍ ଜରିଆରେ ଅଭିଯୋଗର ଶୁଣାଣି କରାଯାଉଛି।

## ଏପ୍ରିଲ ୨ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**



ଭେଙ୍କାୟା ନାଇଡୁ

ଭାରତର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଏପ୍ରିଲ ୨ରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତକୁ ନେଇ ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଉପରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉପରାଷ୍ଟ୍ରପତି ଏପ୍ରିଲ ୨ତାରିଖ ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ରାଜଭବନ ଯିବେ। ଅପରାହ୍ନରେ କଟକ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ସାରଳା ଭବନଠାରେ ଆଦି କବି ସାରଳାଦାସଙ୍କ ୬୦୦ତମ ଜନ୍ମୋତ୍ସବ ଏବଂ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ। ଏପ୍ରିଲ ୩ ପୂର୍ବାହ୍ନରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେହିଦିନ ଅପରାହ୍ନରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ତେବେ ଉପରାଷ୍ଟ୍ରପତିଙ୍କ ପାଖକୁ ଯିବାକୁ ଥିବା ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସେବା ଯୋଗାଣକାରୀଙ୍କ ଆର୍‌ଟିପିସିଆର୍ ପ୍ରକ୍ରିୟାରେ କୋଭିଡ୍ ପରୀକ୍ଷା କରାଯିବ। ଏହାକୁ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଜିଲାର ଜିଲାପାଳ ଏବଂ ଭୁବନେଶ୍ୱର ଓ କଟକ ପୌର ପରିଷଦର କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିମାନବନ୍ଦରଠାରୁ ଆରମ୍ଭକରି ସଭାସ୍ଥଳ ଏବଂ ରହଣି ଆଦି ସମସ୍ତ ସ୍ଥାନରେ କୋଭିଡ୍ ନିୟମ କଡାକଡି ହେବ। ଏଥିପାଇଁ ପୋଲିସ ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

### ମୁଖାରେ ରଙ୍ଗତୂଳୀର ନୂଆ ସ୍ପର୍ଶ



କଟକ କାଠଗଡ଼ାସାହି (ରଣାସାହି)ର ଶିଳ୍ପୀ ସଦାନନ୍ଦ ବେହେରା ଦୋଳ ମେଳଣ ଶୋଭାଯାତ୍ରା ପାଇଁ କାଗଜରେ ପ୍ରସ୍ତୁତ ପାରମ୍ପରିକ କେଳାକେଲୁଣୀ ଓ ରାଜାରାଣୀ ମୁଖାକୁ ରଙ୍ଗତୂଳୀରେ ନୂତନ ରୂପ ଦେଉଛନ୍ତି।

## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

**ଧର୍ମଶାଳା,୨୪।୩(ଡି.ଏନ.ଏ.):** ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସୁକିନ୍ଦା ଥାନା ପୁରୁଷୋତ୍ତମପୁର ଗ୍ରାମର ରାଜେନ୍ଦ୍ର ମହନ୍ତ । କିଛି ଦିନ ହେବ ରାଜେନ୍ଦ୍ର ସମ୍ପୃକ୍ତ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖି ଆସୁଥିଲେ । ତେବେ ଯୁବତୀ ବିବାହ କରିବାକୁ ଜିଦ ଧରିବାରୁ ଯୁବକ ମନା କରିଥିଲେ। ଏନେଇ ଯୁବତୀ ଫେବୃୟାରୀ ୨୧ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୦।୨୧)ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ପରେ ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏଇଇ-ଡବ୍ଲ୍ୟୁଆର୍‌ଏସ୍-ଆର୍୨୦-୨୧-ଓଟି-ଇଡବ୍ଲ୍ୟୁ-୦୧ । କାର୍ଯ୍ୟର ନାମ: "ଦୁଇବର୍ଷ ଅବଧି ପାଇଁ ୱାଗନ ରିପେୟାର୍ ଶପର ବିଭିନ୍ନ ସ୍ଥାନରେ ୱିଣ୍ଡୋ/ସ୍ପ୍ଲିଟ୍ ଏସି, ପ୍ୟାକେଜ୍‌ଡ ଏୟାର୍ ୱାଶର୍ ୫୦୦୦-୧୫୦୦୦ସିଏଫ୍ଏମ୍ ଏବଂ ୱାଟର କୁଲରର ବ୍ରେକ୍ ଡାଉନ୍ ମେଣ୍ଟେନାନ୍ସ ଏବଂ ବାର୍ଷିକ ସର୍ଭିସିଂ, ଓଭରହଲିଂ ଠିକା"। ଆନୁମାନିକ ଟେଣ୍ଡର ମୂଲ୍ୟ: ₹୧୦୫୮୩୩୯.୧୮/- (ଦଶଲକ୍ଷ ଅଠାବନ ହଜାର ତିନିଶହ ଅଣଚାଳିଶ ଟଙ୍କା ଅଠର ପଇସା ମାତ୍ର) ଜିଏସଟି ସମେତ । ପରିମାଣ ଏବଂ ଠିକା ଅବଧି: ସଂଲଗ୍ନ ଆନେକ୍ସର ଅନୁଯାୟୀ ୨ (ଦୁଇ) ବର୍ଷ ଅବଧି ପାଇଁ । ଅମାନତ ରାଶି (₹): ଶୂନ୍ୟ। ଟେଣ୍ଡର ଫର୍ମ ମୂଲ୍ୟ (₹): ₹୨,୦୦୦/- (ଦୁଇ ହଜାର ଟଙ୍କା ମାତ୍ର) । ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ୧୯।୦୪।୨୦୨୧, ୧୩.୦୦ ଘଟିକାରେ । ବିଡିଂ ଆରମ୍ଭ ତାରିଖ: ୦୫।୦୪।୨୦୨୧ । ଯୋଗ୍ୟତା ମାନଦଣ୍ଡ: ୱେବ୍‌ସାଇଟରେ ଦେଖାଯାଇପାରିବ । ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । ଡେପୁଟି ସିଏମ୍ଇ/ ଡବ୍ଲ୍ୟୁଆର୍‌ଏସ୍/ରାୟପୁର

PR/R/WRS/AP/162

South East Central Railway @secrail



**ନାମାଙ୍କିତ କର୍ତ୍ତୃପକ୍ଷ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାର**

୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ-୧୧୦୦୦୧, ୦୧୧-୨୩୩୮୪୧୦୬

**"କୋଇଲା ବିକ୍ରି ପାଇଁ କୋଇଲା ଖଣି/ବ୍ଲକ୍‌ଗୁଡ଼ିକର ନିଲାମ ନିମନ୍ତେ ବିଡ୍ ଆମନ୍ତ୍ରଣ"**

କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥାପନ) ଅଧିନିୟମ, ୨୦୧୫ର ଧାରା ୪(୧) ଏବଂ ୪(୨) ଏବଂ ଖଣି ଓ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ, ୧୯୫୭ର ଧାରା ୧୧ଏ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ତଥା ଉକ୍ତ ଅଧିନିୟମର ନିୟମାବଳୀ ଅଧୀନରେ, ଭାରତ ସରକାର ନାମାଙ୍କିତ ଅଧିକାରୀଙ୍କୁ ସିଏମ୍ (ଏସ୍‌ପି) ଅଧିନିୟମ, ୨୦୧୫ ଅଧୀନରେ ନିଲାମର ୧୨ତମ ପର୍ଯ୍ୟାୟ ଏବଂ ଏମ୍ଏମ୍‌ଡିଆର୍ ଅଧିନିୟମ ୧୯୫୭ ଅଧୀନରେ ନିଲାମର ୨ୟ ପର୍ଯ୍ୟାୟ ଅନ୍ତର୍ଗତ ୭୫ଗୋଟି ଚିହ୍ନିତ କୋଇଲା ଖଣି/ବ୍ଲକ୍‌ଗୁଡ଼ିକର ନିଲାମ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଟେଣ୍ଡର କାଗଜପତ୍ର ଏବଂ ଅନ୍ୟାନ୍ୟ ବିବରଣୀ ନିମ୍ନପ୍ରଦତ୍ତ ଲିଙ୍କ୍‌ରେ ଦେଖାଯାଇପାରିବ

https://www.mstcecommerce.com/auctionhome/coalblock/index.jsp

davp 04101/11/0009/2021


## ପୋଖରୀରେ ଗଲା ୨ ଶିଶୁଙ୍କ ଜୀବନ

**କୋରୁକୋଣ୍ଡା,୨୪।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତାରଲାକୋଟା ପଞ୍ଚାୟତର ସି-କଲୋନୀରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ଜୀବନ ଚାଲିଯାଇଛି। ଦୁହେଁ ହେଲେ ସି-କଲୋନୀର ଧାନୁ ଗୋଲଦାରଙ୍କ ଝିଅ ରଞ୍ଜିତା(୭) ଏବଂ ଗୋପୀ ଖରାଙ୍କ ପୁଅ ମେଘ(୮)। ସୂଚନା ଅନୁଯାୟୀ, ପ୍ରବଳ ଗରମ ଯୋଗୁ ସାହି ପିଲାମାନେ ମିଶି ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଅନ୍ୟ ପିଲାଙ୍କ ସହ ଗାଧୋଇବା ସମୟରେ ରଞ୍ଜିତା ଏବଂ ମେଘ ଗଭୀର ଜଳ ମଧ୍ୟକୁ ଚାଲିଯାଇଥିଲେ। ଦୁଇ ଶିଶୁ ବୁଡ଼ିଯାଉଥିବା ଦେଖି ଅନ୍ୟ ପିଲାମାନେ ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଓର୍‌କେଲ ଥାନା ପୋଲିସ ପହଞ୍ଚି ୨ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ପୋଖରୀରୁ ମିଳିଲା ୨ ବାଲଟ ବାକ୍ସ

### ମାଛ ଧରିବାବେଳେ ଜାଲରେ ପଡ଼ିଲା

**ନୟାଗଡ଼ ଅଫିସ,୨୪।୩:** ମାଛ ଧରିବାବେଳେ ପରିତ୍ୟକ୍ତ ପୋଖରୀରୁ ମିଳିଛି ଦୁଇଟି ବାଲଟ ବାକ୍ସ । ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡିସାହି ବାଉଁଶିଆ ରାସ୍ତାର ଗୋଡିସାହି ଚିନାମାଳି ଗହୀରରୁ ଏହି ବାଲଟ ବାକ୍ସ ମିଳିଛି । ସ୍ୱର୍ଗତ ଗୋଦାବରୀଶ ସ୍ୱାଇଁଙ୍କ ଏହି ପୋଖରୀରେ ବୁଧବାର ପୂର୍ବାହ୍ନ ୭ଟାରେ ପ୍ରାୟ ୭ଜଣ ଯୁବକ ମାଛ ଧରୁଥିଲେ। ମାଛ ଧରିବା ସମୟରେ ଜାଲରେ ଦୁଇଟି ବାଲଟ ବାକ୍ସ ଲାଗିଥିଲା । ଜାଲ ଟାଣିବାରେ ଅସୁବିଧା ହେବାରୁ ବାଲଟ ବାକ୍ସରେ ତାହା ଲାଖିଥିବା ଜଣାପଡିଥିଲା । ଏ ନେଇ ଶରଣକୁଳ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ୨ ବାଲଟ ବାକ୍ସକୁ ଜବତ କରିଛି । ଏନେଇ ଜିଲା ପଞ୍ଚାୟତ ଅଫିସର ରତିକାନ୍ତ ଆଚାର୍ଯ୍ୟ କୁହନ୍ତି, ପୋଖରୀରୁ ମିଳିଥିବା ଦୁଇଟି ବାଲଟ ବାକ୍ସ ପଞ୍ଚାୟତ ନିର୍ବାଚନ ସମୟର ବୋଲି ଜଣାପଡିଛି । ୨୦୧୨ରେ ଆଙ୍ଗିସିଙ୍ଗି ପଞ୍ଚାୟତ ନିର୍ବାଚନ ସମୟରେ ୫ ବାଲଟ ବାକ୍ସ ଲୁଟ୍ ହୋଇଥିଲା । ଏଥିରୁ ୩ ଉଦ୍ଧାର ହୋଇଥିଲା । ଅବଶିଷ୍ଟ ୨ ବାକ୍ସ ମିଳି ନ ଥିଲା। ପୋଖରୀରୁ ମିଳିଥିବା ୨ ବାଲଟ ବାକ୍ସ ଆଙ୍ଗିସିଙ୍ଗିର ବୋଲି ଅନୁମାନ କରାଯାଉଛି। ଏନେଇ ଶରଣକୁଳ ଥାନା ଆଇଆଇସିଙ୍କୁ ପଚାରିବାରୁ ସେ କିଛି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି । ମିଳିଥିବା ବାଲଟ ବାକ୍ସ ଆଙ୍ଗିସିଙ୍ଗି ପଞ୍ଚାୟତର ନା ଅନ୍ୟ କେଉଁ ପଞ୍ଚାୟତର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି ।

# ୨ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟଗଡ଼ା ଅଫିସ,୨୪।୩**



ଆତ୍ମସମର୍ପଣ କରିଥିବା ୨ ମାଓବାଦୀ।

### ମଙ୍କୁଙ୍କ ନାମରେ ୪ ଲକ୍ଷ, ଲାଚ୍ଛୁ ନାମରେ ୧ଲକ୍ଷ ପୁରସ୍କାର ଥିଲା

ରାୟଗଡ଼ା ପୋଲିସ ନିକଟରେ ୨ ଦୁର୍ଦ୍ଧାନ୍ତ ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ଦୁହେଁ ହେଲେ ମଙ୍କୁ ଓୟାମ୍(ଜୟରାମ) ଏବଂ ଲାଚ୍ଛୁ ମାଡ଼କାମ(ବିଶ୍ୱନାଥ)। ମଙ୍କୁଙ୍କ ଘର ଛତିଶଗଡ଼ର ବିଜାପୁର ଜିଲା କାରେମାର୍କା ଗ୍ରାମରେ। ସେହିପରି ଲାଚ୍ଛୁଙ୍କ ଘର ଆଡ଼ିସମେଟ ଗ୍ରାମରେ। ଦୁହେଁ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଜିଲାରେ ମାଓବାଦୀ କାର୍ଯ୍ୟକଳାପରେ ସକ୍ରିୟ ଥିଲେ। ମଙ୍କୁ ରାୟଗଡ଼ା ଓ କଳାହାଣ୍ଡି ଜିଲାର ୫ ହିଂସାକାଣ୍ଡ ଏବଂ ଲାଚ୍ଛୁ ୮ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ମଙ୍କୁ ସିପିଆଇ (ମାଓବାଦୀ) ମାନିପୁର-ନୂଆପଡ଼ା ଡିଭିଜନର ସୁନାବେଡ଼ା ଏରିଆ କମିଟି ସଦସ୍ୟ ଥିଲେ। ୨୦୧୧ରେ ସେ ସଙ୍ଗଠନର ସଦସ୍ୟଭାବେ ସାମିଲ ହୋଇଥିଲେ। ସେହିପରି ଲାଚ୍ଛୁ କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼(କେକେବିଏନ୍) ଡିଭିଜନ ରାହୁଲା କମିଟି ସଦସ୍ୟଭାବେ ୨୦୧୫ରେ ଯୋଗ ଦେଇଥିଲେ। ପରେ ସେ କେକେବିଏନ୍ ଏବଂ ବିଜିଏନ୍ ଡିଭିଜନର ବିଭିନ୍ନ ଏରିଆ କମିଟିରେ କାମ କରୁଥିଲେ। ମାଓବାଦୀ ସଙ୍ଗଠନରେ ବଢୁଥିବା ଅତ୍ୟାଚାର, ଖାଦ୍ୟ ଅଭାବ ଏବଂ ପୋଲିସର କୋମ୍ବିଂ ଅପରେଶନ ଯୋଗୁ ସଙ୍ଗଠନ ଛାଡ଼ିଥିବା ଦୁହେଁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିକଟରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଲାଚ୍ଛୁଙ୍କ ନାମରେ ୧ ଲକ୍ଷ ଟଙ୍କା ଏବଂ ମଙ୍କୁଙ୍କ ନାମରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ହିଂସାର ରାସ୍ତା ଛାଡ଼ି ମୁଖ୍ୟସ୍ରୋତକୁ ଫେରିଥିବାରୁ ଏମାନଙ୍କ ଥଇଥାନର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଏସ୍‌ପି କହିଛନ୍ତି।


**OFFICE OF THE DIVISIONAL FOREST OFFICER, BRAHMAPUR FOREST DIVISION**

AT/P.O. COURTPETA SQUARE, BRAHMAPUR, DIST. GANJAM (ODISHA) – 760 004

Phone / Fax Number – 0680 2281354, E-mail id – dfobhmpr@yahoo.co.in

No.141/01F-77/2021, Dated, Brahmapur the 23rd. March, 2021

**SHORT TENDER CALL NOTICE**
**(National Competitive Bidding)**

**No. MM-216:-** The Divisional Forest Officer, Brahmapur invites bids for selection of a vendor for setting up world class infrastructure facilities at beaches, pollution abatement services, safety & surveillance services in line with international best practices as detailed in the tender document for Haripur (Gopalpur) and Sonapur Beaches in Ganjam District.

The tender document can be downloaded from tender section of **https://ganjam.nic.in** and **https://www.odishaforest.in**

| | | |
|---|---|---|
| Last date and time of receipt of bids | : | 05.04.2021 (up to 16.00 hours) |
| Opening of bids | : | 06.04.2021 (11.00 hours) |

**DIVISIONAL FOREST OFFICER**
**BRAHMAPUR DIVISION**

OIPR-08038/11/0018/2021



**DISTRICT SOCIAL SECURITY OFFICE, KORAPUT**

**TENDER CALL NOTICE**

No.gg-10:- Sealed tenders are invited from interested Manpower Service Provider to provide service of Programme Assistant for working under Collectorate, Koraput (SSEPD section). The detail of tender procedure is available in the website www.koraputnic.in.

The interested Service Providers are intimated to collect the tender paper from the Office of the DSSO, Koraput by depositing Rs.500/- and submit during office hour only. The sealed tenders will be must reach on or before dtd. 15.04.2021 by 03.00 P.M. The bid will be opened on the same day at 05.00 P.M. Bidders or their authorised representatives are requested to remain present in the scheduled date and time. Any addendum/corrigendum/cancellation can also be seen in the said website.

The authority reserves the right to accept or reject any quotation without assigning any reason thereof.

By order
**Sd./- Collector & District Magistrate**
**Koraput**

OIPR-24057/11/0003/2021



No.B-844:-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**

e-mail ID- supenger_rbjyp@yahoo.co.in; Phone No.- 06854-231528; Fax No.- 06854-231528

**INVITATION FOR BIDS (IFB)**

Bid Identification No. S.E.J.C. (R&B)- 22/2020-21

No. 1330 Date: 22.03.2021

| | | |
|---|---|---|
| 1. | Name of the work: | **BUILDING WORK.** |
| 2. | Total No. of Works: | 01 (One) No. |
| 3. | Estimated Cost: | Rs.282.88 Lakhs. |
| 4. | Period of completion: | 10 (Ten) Months. |
| 5. | Cost of Bid Document: | Rs.10,000/- |
| 6. | Bid Security (EMD) | Rs.2,83,000/- |
| 7. | Class of Contractor: | "B" & "A" Class. |
| 8. | Date & time of availability of bid document in the portal: | From 10.00 hours of 31.03.2021 to 17.00 hours of 15.04.2021 |
| 9. | Last date/Time for receipt of bids in the Portal: | 17.00 hours of 15.04.2021 |
| 10. | Opening date of Bid: | 10.00 hours of 16.04.2021 |
| 11. | Name and address of the Officer Inviting Bid: | Superintending Engineer, Jeypore (R&B) Circle, Jeypore |

**Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellaton of tender can also be seen in the said website only.**

**Sd./- Superintending Engineer, Jeypore (R&B) Circle, Jeypore**

OIPR-34108/11/0020/2021



**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**

**e-Procurement Notice**

**e-procurement Notice Bid Identification No. ITDANGR-03/2020-21**

No. ............./ITDA, Dt.- ..........

No.CAD- 1637:- The Project Administrator, ITDA, Nilgiri on behalf of Governor of Odisha invites Percentage Rate bids in online mode for construction of the work detailed below:

1. Nature of the work: Const. of boundary wall, Addl. Classroom, Toilet Sanitation, Rural Hat, Repair & Maintenance, Drainage system, coloring, Installation of Tube light & LED light & Incinerator, Jet Spray etc.
2. Total No. of work: 60 (Sixty) Nos.
3. Estimated Cost: Varies from Rs. 1,00,000/- to 9,35,000/-
4. Class of Contractor : "D" & "C" Class.
5. Period of Completion: Three Calendar Months
6. Availability of Bids: 10.00 AM of 20.04.2021 to 5.00 PM of 30.04.2021.
7. Date of opening & scrutiny to technical bid: 11.00 A.M of 03.05.2021.

The bidders have to participate in ONLINE bidding only. The details will be available in the website www.tendersorissa.gov.in from 10.00 AM of 20.04.2021 to 5.00 P.M. of 30.04.2021.

**Project Administrator, ITDA, Nilgiri**

OIPR-19058/11/0005/2021

## ଭୋଟର ତାଲିକାରେ ଅନିୟମିତତା, ପିଇଓ ନିଲମ୍ବିତ

**ନୟାଗଡ଼ ଅଫିସ:** ଭୋଟର ତାଲିକାରେ ଅନିୟମିତତା ଅଭିଯୋଗରେ ନୟାଗଡ଼ ଜିଲା ଭାପୁର ବ୍ଲକ ରାଣୀଛେଲି ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ରଞ୍ଜନ ବେହେରାଙ୍କୁ ଜିଲାପାଳ ପୋମା ଟୁଡୁ ମଙ୍ଗଳବାର ନିଲମ୍ବନ କରିଛନ୍ତି। ଜିଲା ପଞ୍ଚାୟତ ଅଫିସର ରତିକାନ୍ତ ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ ରାଣୀଛେଲି ପଞ୍ଚାୟତର ୨ନଂ. ୱାର୍ଡରେ ଉପନିର୍ବାଚନ ହୋଇଥିଲା । ହେଲେ ଜାଣିଶୁଣି କେତେଜଣ ଭୋଟରଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଇଥିଲା । ଏନେଇ ଏକାଧିକ ଭୋଟର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜିଲାପାଳ ଟୁଡୁ ମଙ୍ଗଳବାର ପିଇଓଙ୍କୁ ନିଲମ୍ବନ କରିଛନ୍ତି।

### ଆଜି କ'ଣ କେଉଁଠି

କେନ୍ଦ୍ରାପଡ଼ା
- ବନବିହାରୀ ମହାପୁରୁଷ ବିଶ୍ୱଶାନ୍ତି ମହାଯଜ୍ଞ, ଅମୃତମଣୋହୀ ପାଟଣା, କେନ୍ଦ୍ରାପଡା, ସନ୍ଧ୍ୟା ୭ଟା।

### ସଂକ୍ଷେପରେ

## ଦୁର୍ଘଟଣାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୪।୩(ଡି.ଏନ.ଏ.):** ବଡ଼ଚଣା ଥାନା ଅଧୀନ ଅଣକା ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ରଥ(୫୫)ଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ସେ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଉଥିଲାବେଳେ ତାଙ୍କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତ କରାଯାଇଥିଲା। ବୁଧବାର ସକାଳେ କଟକ ବଡ଼ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ୍ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ତଦନ୍ତ ଚଳାଇଛି। ମୃତ ରଥଙ୍କ ଘର ସେହି ଅଣକା ପଞ୍ଚାୟତ ରାହାଳ ଗ୍ରାମରେ ବୋଲି ସୂଚନା ମିଳିଛି।

## ଜାମିନ ସତ୍ତ୍ୱେ ମୁଖ୍ୟ ଅଭିଯୁକ୍ତ ନାଣ୍ଟୁ ପୁଣି ଗିରଫ

**ଚଣ୍ଡିଖୋଲ,୨୪।୩(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧା ଗ୍ରାମରେ ୬ ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିବା ପରେ ଦୁଇ ପୋଲିସ୍ ଭ୍ୟାନ୍‌କୁ ପୋଡ଼ି ଦିଆଯାଇଥିଲା। ଉକ୍ତ ଘଟଣାରେ ଗୋଟିଏ ଗୋଷ୍ଠୀର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବସନ୍ତରାଜ ସାମଲ ଓରଫ(ମିଟୁ)ଅଦ୍ୟାବଧି ଧରାପଡ଼ି ନାହାନ୍ତି। ଗୋଟିଏ ଗୋଷ୍ଠୀର ନେତୃତ୍ୱ ମିଟୁ ନେଉଥିବାବେଳେ ଅନ୍ୟ ଗୋଷ୍ଠୀର ନେତୃତ୍ୱ ଅନନ୍ତ ନାରାୟଣ ଧଳ ଓରଫ(ନାଣ୍ଟୁ) ନେଉଥିଲେ। ତେବେ ଘଟଣା ଘଟିବାର ଦୁଇଦିନ ପରେ ପୋଲିସ ନାଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର କୋର୍ଟ ନାଣ୍ଟୁଙ୍କୁ ଜାମିନ୍ ଦେଇଥିଲେ ମଧ ସେ ମୁକୁଳି ପାରିନାହାନ୍ତି। ସେ ସବ୍‌ଜେଲରୁ ବାହାରିବା କ୍ଷଣି ଯାଜପୁର ଟାଉନ ଥାନା ପୋଲିସ୍ ନେତୃତ୍ୱରେ ବାଲିଚନ୍ଦ୍ରପୁର ପୋଲିସ ତାଙ୍କୁ ପୂର୍ବରୁ ଥିବା ଦୁଇ ମାମଲାରେ ଅଟକ ରଖିବା ପରେ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେପଟେ ଆଗୁଆ ଜାମିନ୍ ପାଇଁ ମିଟୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ଗୋଷ୍ଠୀ ସଂଘର୍ଷ ଘଟଣା ପୂର୍ବରୁ ନାଣ୍ଟୁ ବାଲିଚନ୍ଦ୍ରପୁରସ୍ଥିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଦୁଇଥର ତାଲା ପକାଇଥିଲେ। ସେଥିପାଇଁ ପୋଲିସ୍ ଦୁଇଟି ମାମଲା ରୁଜୁ କରିଥିଲା। ମାମଲା ନଂ.୩୪ ଓ ୩୫ରେ ତାଙ୍କୁ ଗିରଫ କରାଯାଇଛି।

## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୨୪।୩:** ଶରଣକୁଳ ଥାନା ପୋଲିସ ସିଙ୍ଗାରପଡା ଗାଁରୁ ଏକ ଦେଶୀ ବନ୍ଧୁକ ଜବତ କରିଛି । ଏହି ଘଟଣାରେ ସିଙ୍ଗାରପଡା ଦଳିତସାହିର ବୁଲୁ ନାୟକ (୩୪)ଙ୍କୁ ପୋଲିସ ଗିରଫ କରିଛି । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ବୁଲୁ ଦେଶୀ ବନ୍ଧୁକ ରଖିଥିବା ଅଭିଯୋଗ ହୋଇଥିଲା । ପୋଲିସ ପକ୍ଷରୁ ବୁଲୁଙ୍କ ଘର ବୁଧବାର ଖାନତଲାସି ପରେ ବନ୍ଧୁକ ମିଳିଛି । ଏନେଇ ପୋଲିସ ମାମଲା (ନଂ.୩୬/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଅପହରଣକାରୀ ଯୁବକଙ୍କୁ କୋର୍ଟ ଚାଲାଣ

**ବାଲିକୁଦା,୨୪।୩(ସ୍ୱ.ପ୍ର.):** ବାଲିକୁଦା ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଅପହରଣକାରୀ ଯୁବକ ଇନ୍ଦ୍ରଜିତ ପାତ୍ର(୨୦)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଅନନ୍ତପୁର ଫାଣ୍ଡି ଅଧୀନ ଦଣ୍ଡାବେଦୀ ଗାଁର ଇନ୍ଦ୍ରଜିତ ଫେବୃୟାରୀ ୨୭ରେ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ଅପହରଣ ମାମଲା ନଂ. ୪୧/୨୧ ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଅଭିଯୁକ୍ତ ପାତ୍ର ନାବାଳିକାଙ୍କୁ ଦଣ୍ଡାବେଦୀସ୍ଥିତ ନିଜ ଘରେ ଲୁଚାଇ ରଖିଥିବା ଖବରପାଇ ସୋମବାର ଫାଣ୍ଡି ଅଧିକାରୀ ନିତ୍ୟାନନ୍ଦ ସ୍ୱାଇଁ ମହିଳା ପୋଲିସ ସହାୟତାରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟଙ୍କର ଡାକ୍ତରୀ ମଇନା କରାଯିବା ପରେ ନାବାଳିକାଙ୍କୁ ପୋଲିସ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ବୟାନ ରେକର୍ଡ କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା ବୋଲି ସୂଚନା ମିଳିଛି।

# ପିଇବାକୁ ମିଳୁନି, ହାତଧୁଆ ପାଣି ଆସିବ କେଉଁଠୁ

**କେନ୍ଦ୍ରାପଡା ଅଫିସ, ୨୪।୩**

ଖରା ପାଇଁ ନଦୀ ନାଳ ଶୁଖିଲା। ଅଚଳ ନଳକୂପର ମରାମତି ହେଉନାହିଁ। ଗ୍ରାମକୁ ଏବେବି ପାଇପ ପାଣି ଯୋଗାଇ ଦିଆଯାଇନାହିଁ। ଏପରି ବହୁ ଅଭିଯୋଗ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି। ପାଣିର ଅଭାବକୁ ନେଇ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଚିନ୍ତାରେ ପଡିଛନ୍ତି। ମହାକାଳପଡା ବ୍ଲକ ବଡଦାଣ୍ଡୁଆ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଭେଟି ଗ୍ରାମର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଛନ୍ତି।

ବଡଦାଣ୍ଡୁଆ ଗାଁର ସରିତା ହାଲଦାର କହିଛନ୍ତି, ଗ୍ରାମରେ ୩ଟି ନଳକୂପ ଖରାଦିନ ଆରମ୍ଭରୁ ଅଚଳ ହୋଇପଡିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ସଜଡା ଯାଉନାହିଁ। ପିଇବା ପାଣି ଆଣିବାକୁ ୧ କି.ମି. ଦୂରକୁ ଯିବାକୁ ପଡୁଛି। କରୋନା ସଂକ୍ରମଣ ରୋକିବାକୁ ହାତଧୁଆ ପାଣି ଆସିବ କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ନଳକୂପ ମରାମତି ସହ ଟ୍ୟାଙ୍କରରେ ପାଣି ଯୋଗାଇବାକୁ ସେ ଦାବି କରିଛନ୍ତି।


ବଡ଼ଦାଣ୍ଡୁଆରେ ନଳକୂପ ପାଖରେ ପାଣି ନେବାକୁ ଗହଳି।

### ପାନୀୟ ଜଳ ସମସ୍ୟା ବଢୁଛି

ସେହିପରି ରାଜନଗର ବ୍ଲକ ବଗପାଟିଆର ଅଭିଯୋଗକାରୀ ସୁଦର୍ଶନ ଦାସ କହିଛନ୍ତି, ୭ ନଳକୂପରୁ ୪ ଅଚଳ ହୋଇଛି। ଅବଶିଷ୍ଟ ୩ଟିରେ ନଳକୂପରୁ ପାଣି ପାଇଁ ବିବାଦ ସୃଷ୍ଟି ହେଉଛି। ପାଟକୁରା ଗ୍ରାମର ସଦାଶିବ ଭୋଇ କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ କାଟଯୋଗୁ ମଟର ନ ଚାଲିବାରୁ ଜଗନ୍ନାଥପୁର, ପୁନ୍ଦାଳୋ, ଆଖୁଆ, ନରସିଂହପୁର, ବେଡାରୀ, ଜଗଦଳପୁର ଆଦି ଗ୍ରାମରେ ପାଇପ ପାଣି ଆବଶ୍ୟକ ମୁତାବକ ପହଞ୍ଚି ପାରୁନାହିଁ। ଗୋଖାପଡାର ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଲୁଣା ଜଳ ସମସ୍ୟାର ସମାଧାନ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ୨୦୧୮ରୁ ନିର୍ମାଣାଧୀନ ଅଛି। ଏହା ଅଦ୍ୟାବଧି ୩୦ ପ୍ରତିଶତ କାର୍ଯ୍ୟ ସରିନାହିଁ। ନଳକୂପଗୁଡିକ ମରାମତି ହେଉ ନ ଥିବାରୁ ପାନୀୟ ଜଳ ସମସ୍ୟା ସୃଷ୍ଟି କରିଛି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଜିଲାର ରାଜକନିକା, ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡା ଓ ଗରଦପୁର ବ୍ଲକ ଅଞ୍ଚଳ ଭୂତଳ ଜଳ ଲୁଣା ହୋଇଥିବା ନେଇ କେନ୍ଦ୍ର ଭୂତଳ ଜଳ ବୋର୍ଡ ୨୦୧୭ରେ ରିପୋର୍ଟ ଦେଇଛି। ଏଠାରେ ପାନୀୟ ଜଳ ସମସ୍ୟା ସମାଧାନ ଆବଶ୍ୟକ। ଅପରପକ୍ଷରେ ଜିଲାର ୧୭,୦୩୮ ନଳକୂପ ମଧ୍ୟରୁ ମାତ୍ର ୪୦୦ଟି ନଳକୂପ ଅଚଳ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳୁଛି। ମାତ୍ର ଏଥିରେ ବାସ୍ତବତା ନାହିଁ। ପ୍ରାୟ ୨ ହଜାର ନଳକୂପ ଅଚଳ ହୋଇଥିବା ଏକ ବେସରକାରୀ ସଂସ୍ଥା ଆକଳନ କରିଥିବା ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରର ବୈଠକ ସରିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଗ୍ରାମରେ ପାନୀୟ ଜଳ ଯୋଗାଣରେ ଅସୁବିଧା ଥିଲେ ଟ୍ୟାଙ୍କର ଯୋଗେ ଜଳ ପରିବହନ ହେବ ବୋଲି ସେ ମତ ଦେଇଛନ୍ତି।

## ଛାତରୁ ଖସି ବୃଦ୍ଧାଙ୍କ ମୃତ୍ୟୁ

**କଳିଙ୍ଗନଗର,୨୪।୩(ଡି.ଏନ.ଏ.)**

ମୋତିଆବିନ୍ଦୁ ଅପରେଶନ ପାଇଁ ଆସିଥିବା ଜଣେ ବୃଦ୍ଧାଙ୍କ ଛାତରୁ ଖସି ବୁଧବାର ମୃତ୍ୟୁ ଘଟିଛି। ଏଥିପାଇଁ ଚକ୍ଷୁ ଚିକିତ୍ସାଳୟର ଅବହେଳାକୁ ଦାୟୀ କରାଯାଇଛି। ସୂଚନା ଅନୁସାରେ, କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ମଦନପୁର ପଞ୍ଚାୟତ କାନପୁର ଗ୍ରାମରେ ଥିବା ନନ୍ଦିନୀ ଦେବୀ ଉଚ୍ଚ ବିଦ୍ୟାଳୟରେ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ କେନ୍ଦ୍ର ପକ୍ଷରୁ ଚକ୍ଷୁ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ଘଷିପୁରା ଥାନା ଅର୍ନ୍ତଗତ ଭୋଗରାଇ ପଞ୍ଚାୟତ ସାତପିର ଗ୍ରାମର ଅହଲ୍ୟା ସାହୁ (୭୨)ନିଜର ମୋତିଆବିନ୍ଦୁ ଚିକିତ୍ସା ନିମନ୍ତେ ଆସିଥିଲେ। କିନ୍ତୁ ଚିକିତ୍ସା ହେବା ପୂର୍ବରୁ ଅହଲ୍ୟା ଛାତରୁ ଖସି ପଡିଥିଲେ। ତାଙ୍କୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅହଲ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘରୋଇ ଚିକିତ୍ସାଳୟ ଦୃଷ୍ଟିହୀନ ବୃଦ୍ଧାବୃଦ୍ଧଙ୍କୁ ଚିକିତ୍ସା ନିମନ୍ତେ ନେଉଛନ୍ତି ସତ କିନ୍ତୁ ସେମାନଙ୍କ ଉପଯୁକ୍ତ ଦାୟିତ୍ୱ ନେଉ ନ ଥିବା ଅଭିଯୋଗ ହୋଇଛି।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଧର୍ମଶାଳା,୨୪।୩(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ଭଡ଼ଙ୍ଗା ଓ ଆରୁହା ଛକ ନିକଟରେ ପୃଥକ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ବୁଧବାର ଆରୁହା ଛକ ନିଟରେ ଏକ ସ୍କୁଟରରେ ଢଙ୍କାନାଳ ଜିଲା ନେହଲପ୍ରସାଦ ଥାନା ଖଣ୍ଡାବନ୍ଧ ଗାଁର ଉଦୟନାଥ କବି ଓ ସିପନ କବି ଯାଉଥିଲେ। ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଦୟନାଥଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସିପନ ଗୁରୁତର ଅଛନ୍ତି। ସେହିପରି ଭଡ଼ଙ୍ଗା ଛକ ନିକଟରେ ଏକ ଟାଟା ମ୍ୟାଜିକ ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟାଟା ମ୍ୟାଜିକ୍ ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇଯାଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ଡ୍ରାଇଭରଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ।

# 'ସାମ୍ବିଧାନିକ ଆଧାରରେ ସଂଗଠନ ସୁଦୃଢ଼ ହେବ'


ରସୁଲପୁର ମଣ୍ଡଳ ନିମ୍ନ ମାଧମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ରସୁଲପୁର,୨୪।୩(ଡି.ଏନ.ଏ.)**

ରସୁଲପୁର ମଣ୍ଡଳ ନିମ୍ନ ମାଧମିକ ଶିକ୍ଷକ ସଂଘର ୧୮ତମ ସାମ୍ବିଧାନିକ ସମ୍ମିଳନୀ ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ସଂଘ ସଭାପତି ପ୍ରମୋଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର, ମୁଖ୍ୟବକ୍ତା ସୁନନ୍ଦ ରାଉତ, ସମ୍ମାନିତ ଅତିଥି ବିକ୍ରମ ଦାସ, ନିର୍ମଳା ପଣ୍ଡା, ରବୀନ୍ଦ୍ର ପୃଷ୍ଟି, ହୃଷୀକେଶ ସାମଲ ଓ ବୈରାଗୀ ଚରଣ ଘଡ଼େଇ ପ୍ରମୁଖ ଯୋଗଦେଇ ଶିକ୍ଷକ ଏକତାକୁ ପ୍ରଶଂସା କରିବା ସହ

### ରସୁଲପୁର ମଣ୍ଡଳ ନିମ୍ନ ମାଧମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

ସାମ୍ବିଧାନିକ ଆଧାରରେ କାର୍ଯ୍ୟକଲେ ସଂଗଠନ ସୁସ୍ଥ ଓ ସୁଦୃଢ ହୋଇପାରିବ ବୋଲି ମତ ରଖିଥିଲେ। ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁବାସ ପାଢ଼ୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଅରୁଣ ସ୍ୱାଇଁ, ମଣ୍ଡଳୀ ପାଇଁ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମହାନ୍ତି, ନୀଳମଣି ଲେଙ୍କା, ପ୍ରକାଶ ଚନ୍ଦ୍ର ରଣା, ଉପସଭାପତି ଦେବେନ୍ଦ୍ର ନାୟକ, ଗିରିଜା ଶଙ୍କର ଖୁଣ୍ଟିଆ, ଶିବପ୍ରସାଦ ବରାଳ, ସମ୍ପାଦକ ଜିତେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଅବିନାଶ ଆଏଚ, ସଙ୍ଗଠନ ସମ୍ପାଦକ ମଣ୍ଡଳିରେ ଶୁକଦେବ ପାତ୍ର, ରଞ୍ଜନ ବାରିକ, ଅଶୋକ ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ଅଜିତ୍ ଓଝା, ସହ ସମ୍ପାଦକ ରଙ୍କ ବିହାରୀ ସେଠୀ, ସୁରେଶ ସାହୁ, ସୁଶାନ୍ତ ମଲ୍ଲିକ, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ, ଜିଲା କାର୍ଯ୍ୟକାରିଣୀକୁ ଇନ୍ଦ୍ରମଣୀ ରାଉତ, ବ୍ଲକ ସଂଯୋଜକ ନାରାୟଣ ବେହେରା, ଉପଦେଷ୍ଟା ମଣ୍ଡଳି ପ୍ରମୋଦ ଚନ୍ଦ୍ର ପ୍ରଧାନ, ଶ୍ୟାମସୁନ୍ଦର ଦାଶ, ଗୋଲକ ବିହାରୀ ରାଉତ, ପ୍ରଦୀପ ସାମଲ, ସୁବାସ ଚନ୍ଦ୍ର ପାଢୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ଚାଚେରୀ ବେଶରେ ଦର୍ଶନ ଦେଲେ ନୀଳମାଧବ

**ଖଣ୍ଡପଡ଼ା,୨୪।୩(ସ୍ୱ.ପ୍ର.)**

ବୁଧବାରଠାରୁ ଠାକୁରଙ୍କ ଦୋଳ ପର୍ବ (ଫଗୁ ଦଶମୀ) ଆରମ୍ଭ ହୋଇଛି। ଏହି ଅବସରରେ ନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିର ସିଂହଦ୍ୱାର ନିକଟ ଦୟଣାଚୋରୀ ବଗିଚାକୁ ବିଜେ କରାଯାଇଥିଲା । ସନ୍ଧ୍ୟା ଆଳତୀ ପରେ ମନ୍ଦିରରେ ଚଣା, ଖଜା ଓ ଆମ୍ବ ପୂଜା ପରେ ଫଗୁ ଖେଳ ହୋଇଥିଲା। ଏହି ଅବସରରେ ନୀଳମାଧବ ଚାଚେରୀ ବେଶରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥିଲେ।

## ଜପା କ୍ରିକେଟ କ୍ଲବ ଚାମ୍ପିୟନ

**ଏରସମା,୨୪।୩(ସ୍ୱ.ପ୍ର.)**

ଏରସମା ବ୍ଲକ ପଏଦା ପଞ୍ଚାୟତ ନିକଟସ୍ଥ ପଡିଆରେ ୮ତାରିଖରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟ ମଙ୍ଗଳବାର ଭଗତ ସିଂହଙ୍କ ଶହୀଦ ଦିବସରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜପା କ୍ରିକେଟ କ୍ଲବ ଓ ଆମ୍ବିକାଇ କ୍ରିକେଟ କ୍ଲବ ଆମ୍ବିକି ମଧ୍ୟରେ ହୋଇଥିଲା। ଏଥିରେ ଜପା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୧ ରନ କରିଥିଲା। ଜବାବରେ ଆମ୍ବିକି ୧୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନୃସିଂହ ଚରଣ ସିଂହ ଓ ବିପିନ ବିହାରୀ ସ୍ୱାଇଁ ଖେଳ ପରିଚାଳନା କରୁଥିଲେ। ସାହିତ୍ୟିକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେଭେନ୍ସା ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ବିଜୟ ମହାନ୍ତି ମୁଖ୍ୟ ଅତିଥି, ସତୀଶ ମିଶ୍ର ମୁଖ୍ୟବକ୍ତା, ରୋଜାଲିନ ସ୍ୱାଇଁ, ସତ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ସିଲ୍ଡ ସହ ୧ ଲକ୍ଷ ଓ ରନର୍‌ଅପ୍ ଦଳକୁ କପ ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

## ଫରେଷ୍ଟ ଗାର୍ଡ ଥାନାରେ ଅଟକ

**ନୟାଗଡ଼ ଅଫିସ/ରଣପୁର,୨୪।୩ (ସ୍ୱ.ପ୍ର.)**

ରଣପୁର ବ୍ଲକ ଖତିଆ ପଞ୍ଚାୟତ ସମିତିସଭ୍ୟ କବିରାଜ ଦଳବେହେରାଙ୍କୁ ମାଡମରା ଘଟଣାରେ ଦର୍ପନାରାୟଣପୁର ଫରେଷ୍ଟ ଗାର୍ଡ ସୁଦୀପ୍ତ ସାହୁଙ୍କୁ ରଣପୁର ଥାନାରେ ଅଟକ ରଖାଯାଇଛି। ସମିତିସଭ୍ୟ କବିରାଜଙ୍କ ଘରେ ଫରେଷ୍ଟ ଗାର୍ଡ ସାହୁ ଓ ତାଙ୍କ ସହଯୋଗୀ ସୁଶାନ୍ତ ପହଞ୍ଚି ୬ ତାରିଖରେ ଗଣ୍ଡଗୋଳ କରିଥିଲେ। ଆବାସ ଯୋଜନାରୁ ନାମ କାହିଁକି କାଟିଲ କହି ପାଟିତୁଣ୍ଡ କରିବା ସହ ମାରପିଟ୍ କରିଥିଲେ। ସମିତିସଭ୍ୟ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କଟକ ଆଥ୍‌ଲେଟିକ ଆସୋସିଏଶନ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ଆଳି,୨୪।୩(ଡି.ଏନ.ଏ.)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଶରତ ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଭଦ୍ରକ ୟୁନାଇଟେଡ୍ ଓ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ କଟକ ଟିମ୍ ଗୋଟିଏ ଗୋଲ ଦେଇ ଚଳିତ ବର୍ଷର ଚାମ୍ପିୟାନ ହୋଇଛି । ଟ୍ରଷ୍ଟର ସଭାପତି ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ,ମୁଖ୍ୟବକ୍ତା ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ,ସମ୍ମାନୀତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ଧାମନଗରର ପୂର୍ବତନ ବିଧାୟକ ରାଜକିଶୋର ଦାସ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନର ରାଜେଶ ନାୟକ ଓ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ଭଦ୍ରକ ୟୁନାଇଟେଡର ଫଗୁ ହେମ୍ବ୍ରମଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟର ସମ୍ପାଦକ ଭୀଷ୍ମ ମହାନ୍ତି ବିବରଣୀ ପାଠ କରିଥିଲେ । ସୁବ୍ରତ ଦାଶ,ନିର୍ମଳ ବେହେରା,ମନୋଜ ମହାନ୍ତି ଓ କୃଷ୍ଣଚନ୍ଦ୍ର ପରିଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବ୍ରାହ୍ମଣୀ ସହ ଗୋବରୀର ସଂଯୋଗ ପାଇଁ ପଦକ୍ଷେପ ନିଅ

**ପଟ୍ଟାମୁଣ୍ଡାଇ,୨୪।୩(ସ୍ୱ.ପ୍ର.)**

ବ୍ରାହ୍ମଣୀ ସହିତ ଗୋବରୀକୁ ସଂଯୋଗ କରିବାକୁ ଏକ ଜନସ୍ୱାର୍ଥ ମାମଲାର ବିଚାର କରି କେନ୍ଦ୍ରାପଡା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)ର ସଚିବ ସମ୍ପାଦକ ତଥା ବିଚାରପତି ମଳୟ କୁମାର ପ୍ରଧାନ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପଟ୍ଟାମୁଣ୍ଡାଇରେ ବ୍ରାହ୍ମଣୀ ସହିତ ଗୋବରୀର ସଂଯୋଗ ହୋଇଥିଲା । ଫଳରେ ନଦୀ ଚିରସ୍ରୋତା ହେବା ସହ ନୌ ଚଳାଚଳ ପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ୬୦ ଦଶକରେ କଟକ-ଚାନ୍ଦବାଲି ରାସ୍ତା ତିଆରି ସମୟରେ ପଟ୍ଟାମୁଣ୍ଡାଇଠାରେ ବ୍ରାହ୍ମଣୀ ଗୋବରୀ ନଦୀର ସଂଯୋଗ ପଥକୁ ବନ୍ଦ କରି ଦିଆଯାଇଥିଲା । ଫଳରେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୨୦ କିମି ଗୋବରୀ ନଦୀ ପୋତିହୋଇ ପଡିଛି। ଏପରି ସମସ୍ୟାକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲଭି ପ୍ରଫୁଲ୍ଲ କୁମାର ଦାସ, କ୍ଷୀରୋଦ ମଳିକ, ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜାତୀୟ ଆଇନ ସେବା ପ୍ରାଧିକରଣ ( ନାଲସା) ନିକଟରେ ଏକ ଜନସ୍ୱାର୍ଥ ମାମଲା ୨୦୨୧ଫେବୃୟାରୀ ୧୪ରେ ଦାୟର କରିଥିଲେ। ନାଲସା କର୍ତ୍ତୃପକ୍ଷ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡା ଜିଲା ଆଇନସେବା ପ୍ରାଧିକରଣ (ଡିଏଲଏସଏ)କୁ ନିର୍ଦ୍ଦେଶ ଦେଇଥିଲେ।

### ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଡିଏଲ୍‌ଏସ୍‌ଏର ନିର୍ଦ୍ଦେଶ

# ଭିଜିଲାନ୍ସ ଜାଲରେ ଜଗତ୍‌ସିଂହପୁର ସଦର ଥାନା ଏସ୍‌ଆଇ

**ଜଗତସିଂହପୁର ଅଫିସ, ୨୪।୩**

ଲାଞ୍ଚ ନେବାବେଳେ କଟକ ଜିଲା ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି ଜଗତ୍‌ସିଂହପୁର ସଦର ଥାନା ଏସ୍‌ଆଇ ବିଶ୍ୱଜିତ୍ ଗଡ଼ନାୟକ। ଟିମ୍ ପକ୍ଷରୁ ତାଙ୍କୁ ଗିରଫ କରାଯିବା ପରେ ଜଗତସିଂହପୁର ଥାନାରେ ପହଞ୍ଚି ତଦନ୍ତ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, କଟକସ୍ଥିତ ପୁରୁଣା କଟେରୋମାଳ ସାହିର ପ୍ରୀତମ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ କଟକରେ ଥିବା ଏକ ଫର୍ଣ୍ଣିଚର ଦୋକାନରେ ଜଗତସିଂହପୁର ବଡ଼ ଲହଙ୍ଗା ଗାଁର ସୁରେନ୍ଦ୍ର ବାରିକ ସେଲ୍ସ ମ୍ୟାନ ଭାବେ କାମ କରୁଥିଲେ। ସୁରେନ୍ଦ୍ର ଏଠାରେ କାମ କରୁଥିବା ବେଳେ ଦୋକାନରୁ ବିଭିନ୍ନ ଉପାୟରେ ୧୮ ଲକ୍ଷ ଟଙ୍କା ଠକେଇ କରି ଫେରାର ହୋଇଯାଇଥିଲେ। ପରେ ଜଗତ୍‌ସିଂହପୁର ପୋଲିସ ହସ୍ତକ୍ଷେପ କରିବାରୁ ସୁରେନ୍ଦ୍ର ୬ଲକ୍ଷ ଟଙ୍କା ଫେରସ୍ତ କରିଥିଲେ। ମାତ୍ର ଅବଶିଷ୍ଟ ଟଙ୍କା ନ ଦେଇ ପ୍ରୀତମ୍‌ଙ୍କୁ ସେ ମାଡ଼ ମାରିଥିଲେ। ଏନେଇ ପ୍ରୀତମ୍ ଜଗତସିଂହପୁର ପୋଲିସର ଆଶ୍ରୟ ନେବା ସହ ଥାନାରେ ଏତଲା ଦେଇଥିଲେ। ଅବଶିଷ୍ଟ ଟଙ୍କା ଆଦାୟ କରିଦେବା ପାଇଁ ଏସ୍‌ଆଇ ଗଡ଼ନାୟକ ପ୍ରତିଶ୍ରୁତି ଦେବା ସହ ଏ ବାବଦରେ ପ୍ରୀତମଙ୍କଠାରୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ବିଷୟରେ ପ୍ରୀତମ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଏହାପରେ ଯୋଜନା ମୁତାବକ ଗଡ଼ନାୟକ୍ କଟକ-ମାଛଗାଁ ରାସ୍ତା କନ୍ଦରପୁର ବଜାରରେ ପହଞ୍ଚି ତାଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।


ବିଶ୍ୱଜିତ୍ ଗଡ଼ନାୟକ

# ପ୍ରଶାସନ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ଜଗତ୍‌ସିଂହପୁର ଅଫିସ, ୨୪।୩**

୨୦୧୯ରେ ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଦୁର୍ନୀତି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ୧୫ ତାରିଖରୁ ଏହି ପଞ୍ଚାୟତର କେତେଜଣ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କ ସହ ଆଲୋଚନା କରା ନ ଯିବାରୁ ଯୁବକମାନେ ବୁଧବାରଠାରୁ ଅନଶନ ଆରମ୍ଭ କରିଥିଲେ। ଏଥିସହ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆନ୍ଦୋଳନକୁ ସଂଗ୍ରାମୀ ବାସୁଦେବ ଓ ଭାଜପା ନେତା ରାଜକିଶୋର ବେହେରା ସମର୍ଥନ ଜଣାଇଥିଲେ। ହଡପ ଟଙ୍କା ଫେରସ୍ତ ଓ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଡଭୋକେଟ୍ ବାସୁଦେବ ଆସନ୍ତା ୨୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଜିଲା ପ୍ରଶାସନ ଓ ଏସ୍‌ପିଙ୍କୁ ଅବଗତ କରିଥିଲେ। ପରିସ୍ଥିତି ଜଟିଳ ରୂପ ନେଉଥିବାରୁ ବୁଧବାର ଜିଲା ପ୍ରଶାସନ ଓ ପୋଲିସ ଆଲୋଚନାକୁ ଆସିଥିଲା। ଜଗତ୍‌ସିଂହପୁର ତହସିଲଦାର ମାନସ ରଞ୍ଜନ ଭୋଇ, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ସେଠାରେ ପହଞ୍ଚି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଅନଶନକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି, ଆସନ୍ତା ୩୧ ତାରିଖ ମଧ୍ୟରେ ତୋଷରପାତ ଅର୍ଥ ଆଦାୟ ସହ ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଏପ୍ରିଲ ୧ ତାରିଖରୁ ସେମାନେ ପୁଣି ଅନଶନରେ ବସିବାକୁ ବାଧ ହେବେ।


ଆନ୍ଦୋଳନକାରୀଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

### ଗୋପାଳପୁର ପଞ୍ଚାୟତ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ପ୍ରସଙ୍ଗ

## ରାସ୍ତା ବିବାଦର ସମାଧାନ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ନୟାଗଡ଼ ଅଫିସ,୨୪।୩**

ଜଙ୍ଗଲରେ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ୧ ବନାମ ୧୭ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦ ପୁଣି ଥରେ ଉଗ୍ର ହେବାରେ ଲାଗିଛି। ଏପରିସ୍ଥଳେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ବୁଧବାର ନୂଆଗାଁ ବ୍ଲକ ଗୁଡୁପାଙ୍ଗୀ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ବିବାଦର ଖୁବଶୀଘ୍ର ସମାଧାନ କରାଯିବ ବୋଲି ସେ ଗାଁଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲରେ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ୧ ବନାମ ୧୭ ଗାଁ ମଧ୍ୟରେ ସାଢ଼େ ୩ ବର୍ଷ ତଳୁ ଲାଗି ରହିଥିବା ବିବାଦ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଗତ ଫେବୃୟାରୀ ୬ରେ ସମାଧାନ ହୋଇଥିଲା। ଜଙ୍ଗଲରେ ପୂର୍ବପରି ପାଦଚଲା ରାସ୍ତାକୁ ଫିଟା ଯାଇଥିଲା । ଏବେ ସେହି ପାଦଚଲା ରାସ୍ତାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୪୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ କରିବାକୁ କାମ ଆରମ୍ଭ ହୋଇଛି । ଏହାକୁ ଗୁଡୁପାଙ୍ଗୀ ଗାଁ ଲୋକେ ବିରୋଧ କରିଛନ୍ତି।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଆରମ୍ଭ

ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଓ କଟକ ୟୁନିୟନ କ୍ଲବ ଆନୁକୂଲ୍ୟରେ ୨୨ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ବୁଧବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। କଟକ ଡିସିପି ପ୍ରତୀକ ସିଂ ମୁଖ୍ୟ ଅତିଥି, ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ମହାସଚିବ ବଶିର ଅହମଦ, ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ୟୁନିୟନ କ୍ଲବ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହକୁ ସଂଯୋଜନା କରିଥିଲେ ରମେଶ ମଲ୍ଲିକ। ହରି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ୨୨ ରାଜ୍ୟରୁ ୪୫୦ ଖେଳାଳି ଓ ୧୫ ଟେକ୍ନିକାଲ ଅଫିସିଆଲ ଯୋଗ ଦେଇଛନ୍ତି। ୧୪ ବର୍ଷରୁ କମ୍ ମହିଳା ସାବେର ଇଭେଣ୍ଟରେ ତେଲେଙ୍ଗାନାର ଜି. ଶ୍ରୀଜା ଚାମ୍ପିୟନ ଓ ଦିଲ୍ଲୀର ପ୍ରକୃତି ଶର୍ମା ରନର୍ସଅପ୍ ହୋଇଛନ୍ତି। ୧୪ ବର୍ଷରୁ କମ୍ ପୁରୁଷ ଇପି ଇଭେଣ୍ଟ ମଧ୍ୟ ବୁଧବାର ଅନୁଷ୍ଠିତ ହୋଇଛି।



ପ୍ରଥମ ଦିବସରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ।

# ସାଇ, ଛାତ୍ରାବାସ, ରେଲୱେ ବିଜୟୀ

ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି): ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ) ବୁଧବାର ଅନୁଷ୍ଠିତ ମ୍ୟାଚରେ ସାଇ-ଏସ୍‌ଟିସି, କ୍ରୀଡ଼ା ଛାତ୍ରାବାସ ଓ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ ୩-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମନୀଷା ନାୟକ ୩୦ ଓ ୪୩ତମ ମିନିଟରେ ୨ଟି ଏବଂ ମାଳତୀ ମୁଣ୍ଡା ୮୨ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସାଇ-ଏସ୍‌ଟିସି ୭-୨ ଗୋଲରେ ଓଜିପି କ୍ଲବକୁ ହରାଇ ଦେଇଛି। ସାଇ ପକ୍ଷରୁ ଦୀପା ନାୟକ ୩୮, ୪୮, ୭୯ ଓ ୮୦ତମ ମିନିଟରେ ଏକାକୀ ୪ଟି ଏବଂ ଜ୍ୟୋତି ଦଳାଇ ୫୩, ୫୬ ଓ ୯୦+୧ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ଉଭୟ ଖେଳାଳି ମ୍ୟାଚର ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଓଜିପି ପକ୍ଷରୁ ଲକ୍ଷ୍ମୀପ୍ରିୟା ଲେଙ୍କା ୮ମ ଓ ୪୫+୩ ମିନିଟରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୨-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଦେଇଛି। ସୁପ୍ରିୟା ରାଉତରାୟ ୧୧ତମ ମିନିଟରେ ଗୋଲ ଦେଇ ରେଲୱେକୁ ଅଗ୍ରଣୀ କରାଇଥିଲେ। ମାତ୍ର ଚମତ୍କାର ପ୍ରଦର୍ଶନ କରି ଆସିଥିବା ରାଇଜିଂ ଷ୍ଟୁଡେଣ୍ଟ କଡ଼ା ଟକ୍କର ଦେଇଥିଲା। ଏହି ଦଳର ସୁଭଦ୍ରା ସାହୁ ୩୮ତମ ମିନିଟରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ଅଗ୍ରଣୀ ପାଇଁ ଆକ୍ରମଣକୁ ଜୋରଦାର କରିଥିଲେ। ରେଲୱେର ସରୋଜିନୀ ତିର୍କୀ ୬୩ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଏକାଧିକ ଥର ଗୋଲ ସ୍କୋରିଂ ଉଦ୍ୟମ ହୋଇଥିଲେ ହେଁ ରେଲୱେ ଡିଫେଣ୍ଡରମାନେ ସଫଳତାର ସହ ତାକୁ ପ୍ରତିହତ କରିଥିଲେ। ଆଗାମୀ ୨୭ ତାରିଖରେ ଓଡ଼ିଶା ପୋଲିସ-ଓଜିପି, ରେଲୱେ-କ୍ରୀଡ଼ା ଛାତ୍ରାବାସ ଏବଂ ରାଇଜିଂ ଷ୍ଟୁଡେଣ୍ଟ ଓ ସାଇ ଏସ୍‌ଟିସି ମଧ୍ୟରେ ମୁକାବିଲା ହେବ।

# ପି.ଟି. ଉଷା, ରାନ୍ଧୱା ଚୟନ କମିଟି ମୁଖ୍ୟ

ନୂଆଦିଲ୍ଲୀ, ୨୪।୩ (ପିଟିଆଇ): ଟ୍ରାକ୍ କୁଇନ୍ ପି.ଟି. ଉଷା ଏବଂ ହର୍ଡଲ୍ସ ଗ୍ରେଟ୍ ଗୁରବଚନ ସିଂ ରାନ୍ଧୱା ଯଥାକ୍ରମେ ଜୁନିୟର ଏବଂ ସିନିୟର ଚୟନ କମିଟି ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ବୁଧବାର ଉଭୟ ଖେଳାଳିଙ୍କୁ ଏହି ନିଯୁକ୍ତି ଦେଇଛି। ୫୬ ବର୍ଷୀୟା ଉଷା ଏସିଆନ ଗେମ୍ସର ୧୦୦, ୨୦୦, ୪୦୦ ମିଟର ଏବଂ ୪x୪୦୦ ମିଟର ଆଦି ବିଭିନ୍ନ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ୧୯୮୪ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଉଷାଙ୍କ ବ୍ୟତୀତ ଜୁନିୟର କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ସୋମା ବିଶ୍ୱାସ, ଆନନ୍ଦ ମେଞ୍ଜେସ, ସତବୀର ସିଂ, ସନ୍ଦୀପ ସାର୍କାରିଆ, ସୁନୀତା ରାଣୀ, ରାମ ଚନ୍ଦ୍ରନ, ଜୋଶେଫ ଆବ୍ରାହମ୍, ହରୱନ୍ତ କୌର, ଏମ୍‌.ଡି. ଭାଲସାମା ଓ କମଲ ଅଲି ଖାଁ। ସେହିପରି ରାନ୍ଧୱାଙ୍କ ନେତୃତ୍ୱାଧୀନ ସିନିୟର କମିଟିରେ ପୂର୍ବତନ ମୁଖ୍ୟ କୋଚ୍ ବାହାଦୁର ସିଂ, ବାହାଦୁର ସିଂ ସାଗୁ, କ୍ରିଷ୍ଣା ପୁନିଆ, ଜ୍ୟୋତିର୍ମୟୀ ସିକ୍‌ଦାର, ଉଦୟ ପ୍ରଭୁ, ପ୍ରବୀଣ ଜୋଲି ଓ ଗୋପାଳ ସଇନୀ ପ୍ରମୁଖ ସ୍ଥାନ ପାଇଛନ୍ତି। ୮୧ ବର୍ଷୀୟ ରାନ୍ଧୱା ୧୯୮୨ ଏସିଆନ ଗେମ୍ସର ଡେକାଥଲନରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ୧୯୬୪ ଅଲିମ୍ପିକ୍ସର ୧୧୦ ମିଟର ହର୍ଡଲ୍ସରେ ୫ମ ସ୍ଥାନ ଅଧିକାର କରିଥିଲେ।


## OFFICE OF THE DIVISIONAL FOREST OFFICER
## BARIPADA FOREST DIVISION
## BARIPADA, DIST:- MAYURBHANJ

Tel-06792-252613, FAX-06792-255772, E-mail-dfobaripada.od@gmail.com

No. 102 Date:23.03.2021

### TENDER CALL NOTICE

No. MM-215:- Sealed tenders are hereby invited by the undersigned from Registered Firms/Authorized dealers/ DGS&D Rate contract holders having required statutory clearance for supply of following items, so as to reach this office on or before 30.03.2021 by 5 PM. The details regarding tender documents, specifications and terms and conditions can be downloaded from the standardized webportal of MAYURBHANJ district i.e. **www.mayurbhanj.nic.in**

| Sl. No. | Items | Quantity |
|---|---|---|
| 1 | Fire Blower | 70 Nos. |

**Term and Condition:-**
1. The tender should be submitted in two parts i.e. (i) the technical specification of materials in detail, (ii) the financial aspect i.e. the rate inclusive of all taxes and transportation charges.
2. The fire blowers shall be supplied within 5 days of finalization of tender by the successful bidder.

**Sd./- Divisional Forest Officer**
**Baripada Forest Division**
OIPR-08065/11/0002/2021

## PANCHAYAT SAMITI OFFICE, SONEPUR
### TENDER CALL NOTICE FOR CONST. OF LABOUR ROOM AT PHC HARDOKHOL

| Sl. No. | Subject | Details |
|---|---|---|
| 1 | Name of the work | Construction of Labour Room at PHC, Hardokhol |
| 2 | Executing Authority | Block Development Officer, Sonepur |
| 3 | Estimated Cost | Rs.1639286/- |

For details please visit **www.subarnapur.nic.in.**
**Sd./- Block Development Officer, Sonepur**

## Bhubaneswar Municipal Corporation

Phone: 0674-2431253; Fax: 0674-2432895;
E-mail: info@bmc.gov.in; Web: www.bmc.gov.in
**No. 21535/Dtd. 23.3.2021**
**XXII (L) - 42/15**

### CORRIGENDUM TO NOTIFICATION NO. 59032 Dtd. 11.11.2020

**No. C-768:-** In partial modification to this Office Notification No.- 59032 Dtd.- 11.11.2020, the applicability of the approved rate of License Fee shall be with effect from 11.11.2020 i.e. the date of issue of the notification instead of beginning of the Financial Year 2020-21 i.e. 01.04.2020.

All other stipulations made in the Notification No.- 59032 Dated 11.11.2020 shall remain unaltered.

**Sd./- Commissioner**
**Bhubaneswar Municipal Corporation**
OIPR-13002/11/0134/2021

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No.RDM-LAC-KNJ-0032-2019-29998/R&DM, dated 14 Oct. 2020

No. V-24:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନପୁର ଜଳସେଚନ ପ୍ରକଳ୍ପର କେନାଲ ନିମନ୍ତେ ମୌଜା- ତିଲିକାପସି, ଥାନା-ଚମ୍ପୁଆ ନଂ.-୮୧, ତହସିଲ- ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ୫.୩୧ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏତିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ । ୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ.-୨, ରିମୁଳି, କେନ୍ଦୁଝର। ୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। ୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ । ୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଚମ୍ପୁଆ । ୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଚମ୍ପୁଆ | ତିଲିକାପସି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୫.୩୧ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ମୌଜା- ତିଲିକାପସି, (ଗ୍ରାମାଞ୍ଚଳ), ଥାନା- ଚମ୍ପୁଆ ନଂ.୮୧, ତହସିଲ - ଚମ୍ପୁଆ, ଜିଲ୍ଲା- କେନ୍ଦୁଝରର କାନପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍‌ମାଇନର କେନାଲ ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୨ | ରୟତି | ୧୬୭ | ଘରବାରି | ୦.୩୩ | ୦.୧୨ | କାର୍ତ୍ତିକେଶ୍ୱର ମହାନ୍ତ, ଶୁଶିଳା ମହାନ୍ତ, ବେ- କଂସରା, ଥାନା- ବାରିଆ, ଦୁତୀ ମହାନ୍ତ, ବି- ବ୍ରାହ୍ମଣପସି, ଥାନା- ରରୁଆଁ, ଜି- ମୟୂରଭଞ୍ଜ, ପି- ଦୈତାରି ମହାନ୍ତ, ଘାସିରାମ ମହାନ୍ତ, ପି- ନଟବର ଓଗେର, ହଗୁରୁ ମହାନ୍ତ, ପି- ରଣଜିତ ମହାନ୍ତ, ଜା- କିତ୍ତୁମି, ବା- ନିଜଗାଁ |
| | | ୧୬୮ | ବାଜେଫସଲ ଦୁଇ | ୦.୬୨ | ୦.୦୮ | |
| | | ୧୭୪ | ଶାରଦ ତିନି | ୦.୪୫ | ୦.୨୫ | |
| | | ୧୮୧ | ଶାରଦ ତିନି | ୦.୪୪ | ୦.୦୮ | |
| | | ୧୮୨ | ବିଆଳି | ୦.୧୩ | ୦.୦୩ | |
| | | ୧୮୪ | ଶାରଦ ତିନି | ୦.୩୩ | ୦.୦୮ | |
| | | ୧୯୫ | ତଇଳା ଦୁଇ | ୦.୧୧ | ୦.୦୫ | |
| | | ୧୯୭ | ତଇଳା ଦୁଇ | ୦.୧୪ | ୦.୦୬ | |
| | | ୧୯୮ | ତଇଳା ଦୁଇ | ୦.୧୪ | ୦.୦୬ | |
| | | ୩୫୪ | ଶାରଦ ଦୁଇ | ୦.୪୫ | ୦.୦୪ | |
| | | ୩୫୬ | ଶାରଦ ଦୁଇ | ୦.୪୬ | ୦.୦୩ | |
| | | ୩୫୯ | ଶାରଦ ଦୁଇ | ୦.୨୦ | ୦.୦୪ | |
| | | ୩୬୬ | ଶାରଦ ତିନି | ୦.୪୦ | ୦.୦୧ | |
| | | ୩୬୭ | ଶାରଦ ତିନି | ୦.୧୪ | ୦.୧୦ | |
| | | ୩୬୯ | ଶାରଦ ତିନି | ୦.୨୨ | ୦.୧୨ | |
| | | ୩୭୦ | ଶାରଦ ଦୁଇ | ୦.୧୯ | ୦.୧୮ | |
| ୪ | ରୟତି | ୧୬୯ | ଘରବାରି | ୦.୭୭ | ୦.୦୮ | କୁଶଧର ମହାନ୍ତ, ଶୁକଦେବ ମହାନ୍ତ, ଗୋପାଳ ମହାନ୍ତ, ପି- ଧନୁ ମହାନ୍ତ, ବିନୋଦ ମହାନ୍ତ, ଲାଲମୋହନ ମହାନ୍ତ, ଫୁଲମଣି ମହାନ୍ତ, ବା- ବାରପଦା, ଥାନା- ବାରିଆ, ପି- କ୍ଷେତ୍ର ମହାନ୍ତ, ପାନ ମହାନ୍ତ, ସ୍ୱା- କ୍ଷେତ୍ର ମହାନ୍ତ, ଜା- କୁଡୁମି, ବା- ନିଜଗାଁ |
| | | ୧୭୩ | ତଇଳା ଦୁଇ | ୦.୨୨ | ୦.୦୨ | |
| | | ୧୯୩ | ତଇଳା ଦୁଇ | ୦.୩୨ | ୦.୦୮ | |
| | | ୧୯୪ | ତଇଳା ଦୁଇ | ୦.୩୦ | ୦.୦୮ | |
| | | ୩୬୦ | ଶାରଦ ଦୁଇ | ୦.୬୭ | ୦.୦୮ | |
| ୬ | ରୟତି | ୪୮ | ତଇଳା ଦୁଇ | ୧.୩୬ | ୦.୨୯ | ଗୋବିନ୍ଦ ମହାନ୍ତ, ପି- ଗୟାରାମ, ସୁରେଶ ମହାନ୍ତ, ବେ- ନିଜଗାଁ |
| | | ୧୭୫ | ତଇଳା ଦୁଇ | ୦.୧୬ | ୦.୦୪ | |
| | | ୧୮୬ | ଶାରଦ ତିନି | ୦.୩୯ | ୦.୧୦ | |
| | | ୧୮୯ | ଶାରଦ ତିନି | ୦.୬୮ | ୦.୧୬ | |
| | | ୧୯୦ | ତଇଳା ଦୁଇ | ୦.୨୦ | ୦.୦୪ | ଲଳିତ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ରେବତୀ ମହାନ୍ତ, ଗୌରୀ ମହାନ୍ତ, ପି- ଶ୍ୟାମ ମହାନ୍ତ, ବା-ନନ୍ଦପୁର, ଥାନା-ବାରିଆ, ଲବଙ୍ଗ ମହାନ୍ତ, ସ୍ୱା- ହାଜିରି ମହାନ୍ତ, ବା- ନିଜଗାଁ, ନିରଞ୍ଜନ ମହାନ୍ତ, ଗୋପବନ୍ଧୁ ମହାନ୍ତ, ମୋହନ ମହାନ୍ତ, ସଦାଶିବ ମହାନ୍ତ, ମହେଶ୍ୱର ମହାନ୍ତ, ବା- ନିଜଗାଁ, ଭବାନୀ ମହାନ୍ତ, ବା- ଭଣ୍ଡା, ଥାନା- ବାରିଆ, ସୁଲୋଚନା ମହାନ୍ତ, ବା- ନାଳନ୍ଦା, ଥା- ରରୁଆଁ, ଜି- ମୟୂରଭଞ୍ଜ, ପି- ମହଦେବ ମହାନ୍ତ, ଭକ୍ତ ମହାନ୍ତ, ପି- ଈଶ୍ୱର ମହାନ୍ତ, କୃଷୀ ମହାନ୍ତ, ଫୁଲ ମହାନ୍ତ, ବେଲ ମହାନ୍ତ, ପି- ଜଶୁ ମହାନ୍ତ, ମଲ୍ଲି ମହାନ୍ତ, ନିରାସୀ ମହାନ୍ତ, ପି- ଥୁକୁ ମହାନ୍ତ, ଜୟଦେବ ମହାନ୍ତ, ପି- ଭଗ ମହାନ୍ତ, ଜାନକିରାମ ମହାନ୍ତ, ପି- ତନୁ ମହାନ୍ତ, ଜା- କୁଡୁମି, ବା-ହରିଚନ୍ଦନପୁର |
| | | ୩୧୦ | ତଇଳା ଦୁଇ | ୨.୩୪ | ୦.୩୮ | |
| | | ୩୫୫ | ଶାରଦ ଦୁଇ | ୦.୬୩ | ୦.୦୩ | |
| ୧୩ | ରୟତି | ୩୯୫ | ତଇଳା ଦୁଇ | ୧.୮୮ | ୦.୪୮ | ପଦ୍ମାବତୀ ମହାନ୍ତ, ବା-ବଉଳା, ଥାନା- ଜଗନ୍ନାଥପୁର, ସିଂହଭୂମି, ଯଶୋଦା ମହାନ୍ତ, ପି- ଦାଶରଥୀ ମହାନ୍ତ, ଜା-କିତ୍ତୁମି, ବା- ନିଜଗାଁ |
| ୧୪ | ରୟତି | ୪୪୫ | ଶାରଦ ତିନି | ୦.୯୨ | ୦.୪୧ (ଗୋଚର ବଦଳି) | ପାର କୋହ୍ଲ, ଟରେ କୋହ୍ଲ, ଦୁଇତା କୋହ୍ଲ, ପି- ପର୍ଶୁ କୋହ୍ଲ, ଜା- କୋହ୍ଲ, ବା- ନିଜଗାଁ, ପଳାତକ ପକ୍ଷେ ଜବରଦଖଲ ଶତ୍ରୁଘନ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, କୀର୍ତ୍ତନ ମହାନ୍ତ, ବଳରାମ ମହାନ୍ତ, ପି- ହାତୀରାମ ମହାନ୍ତ, ଜା- କୁଡୁମି, ବା- ନିଜଗାଁ |
| ୧୫ | ରୟତି | ୩୬୮ | ଶାରଦ ତିନି | ୦.୨୭ | ୦.୧୦ | ବନମାଳୀ ମିଶ୍ର, ପି- ପ୍ରଭାକର ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦିଲୀପ କୁମାର ମିଶ୍ର, ପି- ରମେଶ ଚନ୍ଦ୍ର ମିଶ୍ର, ଜା-ବ୍ରାହ୍ମଣ, ବା- କୁନ୍ଦପଶି |
| ୧୮ | ରୟତି | ୩୫୦ | ଶାରଦ ଦୁଇ | ୦.୨୨ | ୦.୦୧ | ମହେଶ୍ୱର ନାଏକ, ପି- ଚରଣ ନାଏକ, ଜା- ସାଉଁତି, ବା-ରରୁଆଁଗୋଡା |
| ୨୯ | ରୟତି | ୩୭୨ | ବିଆଳି | ୦.୪୪ | ୦.୩୮ | ହେମନ୍ଦର ମହାନ୍ତ, ହାରାଧନ ମହାନ୍ତ, ଲୋକନାଥ ମହାନ୍ତ, ପି- କହ୍ନେଇ ମହାନ୍ତ, ଜା- କୁଡୁମି, ବା- ନିଜଗାଁ |
| ୩୦ | ରୟତି | ୪୪ | ତଇଳା ଦୁଇ | ୦.୩୯ | ୦.୧୨ | ହେମନ୍ଦର ମହାନ୍ତ, ହାରାଧନ ମହାନ୍ତ, ଲୋକନାଥ ମହାନ୍ତ, ପି- କହ୍ନେଇ ମହାନ୍ତ, ବା- ନିଜଗାଁ, ବୁଧୁ ମହାନ୍ତ, କ୍ଷେତ୍ର ମହାନ୍ତ, ମଇନ ମହାନ୍ତ, ପି- ଗୋବିନ୍ଦ ମହାନ୍ତ, ଜା-କୁଡୁମି, ବା- କାଣ୍ଡଭାରତି, ଥା- ହରିଚନ୍ଦନପୁର |
| | | ୪୫ | ତଇଳା ଦୁଇ | ୦.୩୪ | ୦.୦୮ | |
| | | ୪୭ | ତଇଳା ଦୁଇ | ୦.୪୭ | ୦.୧୨ | |
| | | ୩୫୧ | ଶାରଦ ଦୁଇ | ୦.୪୯ | ୦.୦୨ | |
| | | ୩୭୧ | ଶାରଦ ତିନି | ୦.୭୩ | ୦.୬୩ | |
| ୩୦/୧୧ | ରୟତି | ୪୧୬ | ବିଆଳି | ୦.୭୦ | ୦.୨୫ | ଗୌତମ ନାଏକ, ଘନଶ୍ୟାମ ନାଏକ, ପି- ନିଜ ନାଏକ, ଜା- ସାଉନ୍ତି, ବା- ବାସୁଦେବପୁର |
| | | ମୋଟ ରୟତି ଜମି | | | ୫.୩୧ | |

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝର
OIPR-24001/14/0258/2021

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: ୧୩୬୪୮/ଭୁ.ଉ.କ., ଭୁବନେଶ୍ୱର ତା୧୯।୦୩।୨୦୨୧ରିଖ
PDH-297/85

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପଳାସପଲ୍ଲୀ ଡୁପ୍ଲେକ୍ସ ଗୃହ ନିର୍ମାଣ ପ୍ରକଳ୍ପର ଘର ନଂ. C-68 (HIG)କୁ ଶ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପିତା: ସ୍ୱର୍ଗତ ସତ୍ୟ ନାରାୟଣ ପଟ୍ଟନାୟକ, ଗ୍ରାମ: ଲାଇବ୍ରେରୀ ରୋଡ୍, ପୋ.ଅ./ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନୀଳମାଧବ ପଣ୍ଡା, ପିତା: ଆଦିତ୍ୟ ପ୍ରସାଦ ପଣ୍ଡା, ଗ୍ରାମ: ବି-୮୬, ତୃତୀୟ ମହଲା, ଗୁଲମୋହର ପାର୍କ, ଶିରିଫର୍ଟ ଅଡିଟୋରିୟମ ନିକଟସ୍ଥ, ପୋ.ଅ.- ଆନ୍ଦ୍ରିଓ୍ୱସଗଞ୍ଜ, ଜିଲ୍ଲା: ସାଉଥ ଦିଲ୍ଲୀ - ୧୧୦୦୧୯, ରାଜ୍ୟ: ଦିଲ୍ଲୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ - ୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

### NATIONAL COMPETITIVE BIDDING TRHOUGH e-Procurement

No. O-1290 Bid Identification No. Online Tender / 28-2020-21/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 28-2020-21/BPR | Road works under Improvement to existing RD road | 01 No. | Rs.218.16 lakhs | "B" Class & "A" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender / 28-2020-21/BPR | 30.03.2021 at 10.00 A.M. | 15.04.2021 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in.**

OIPR-25071/11/0024/2021 **Sd./- Superintending Engineer, R.W. Circle, Berhampur**

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ

ନିଲାମ ଇସ୍ତାହାର ପତ୍ର ସଂଖ୍ୟା: ୩୬୮ ତା୨୩।୦୩।୨୧

No. C-767: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ ନିମ୍ନବର୍ଣ୍ଣିତ ସୈରାତ ଗୁଡ଼ିକ ସ୍ନ 2021-22 ମସିହା ଆର୍ଥିକ ବର୍ଷ ନିମନ୍ତେ ଟେଣ୍ଡର ମାଧ୍ୟମରେ ନିଲାମ ଦରଖାସ୍ତ ଆହ୍ୱାନ କରାଯାଉଛି। ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ/ଅନୁଷ୍ଠାନମାନେ ଆସନ୍ତା ତା୦୭।୦୪।୨୦୨୧ରିଖ ସୁଦ୍ଧା ପରିଷଦର କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସରେ ଦାଖଲ କରିବେ ବା ରେଜିଷ୍ଟ୍ରି ଡାକ ମାଧ୍ୟମରେ ଉକ୍ତ ତାରିଖ ଅପରାହ୍ନ ଘ.୫.୦୦ଟିକା ସୁଦ୍ଧା ପଠାଇ ପାରିବେ।

**ସର୍ତ୍ତାବଳୀ:**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟାଥିବା ବ୍ୟକ୍ତି ବିଶେଷ/ଅନୁଷ୍ଠାନମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ।
୨. ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ/ଅନୁଷ୍ଠାନମାନେ ଅମାନତ ରାଶି ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳଙ୍କ ସପକ୍ଷରେ Demand Draft, Banker Cheque ମାଧ୍ୟମରେ କାର୍ଯ୍ୟାଳୟରେ ଦାଖଲ କରିପାରିବେ।
୩. ଦରଖାସ୍ତ ସହ ସାଦା କାଗଜରେ ନିଜର ନାମ ଓ ସମ୍ପୂର୍ଣ୍ଣ ବିବରଣୀ ସହ ଏବଂ ଉକ୍ତ ସୈରାତ କେତେ ଟଙ୍କାରେ ନିଲାମ ନେବା ପାଇଁ ଚାହାଁନ୍ତି ତାହା ଉଲ୍ଲେଖ କରି ଜଉମୁଦ ଲଫାପାରେ ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବେ କିମ୍ବା ରେଜିଷ୍ଟ୍ରି ଡାକ ମାଧ୍ୟମରେ ପଠାଇ ପାରିବେ।
୪. ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖା ଯାଇଥିବା ଆବଶ୍ୟକ।
୫. ତା୦୮।୦୪।୨୦୨୧ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳଙ୍କ ଦ୍ୱାରା ଟେଣ୍ଡର ପେପର ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତି/ଅନୁଷ୍ଠାନଙ୍କ ନାମରେ ନିଲାମ ଧାର୍ଯ୍ୟ କରାଯିବ।
୬. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି/ଅନୁଷ୍ଠାନ ସମସ୍ତ ଦେୟ ଏକକାଳୀନ କାର୍ଯ୍ୟାଳୟରେ ଜମା କରିବେ।
୭. ଉକ୍ତ ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତି/ଅନୁଷ୍ଠାନ ୭ (ସାତ) ଦିନ ମଧ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳର ନିର୍ବାହୀ ଅଧିକାରୀଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କରିବେ।
୮. ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ/ଅନୁଷ୍ଠାନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଅଧିବାସୀ ହୋଇଥିବେ। ପରିଷଦର କୌଣସି ଦେୟ କିମ୍ବା ଦୋକାନ ଗୃହ ଭଡ଼ା ତାଙ୍କ ଉପରେ ବକେୟା ନଥିବ।
୯. ସର୍ବୋଚ୍ଚ ଟେଣ୍ଡର ମନୋନୀତ ନ ହେଲେ କର୍ତ୍ତୃପକ୍ଷ ନିଲାମ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି।
୧୦. ସର୍ବୋଚ୍ଚ ନିଲାମ ଟେଣ୍ଡର ଦେଇଥିବା ବ୍ୟକ୍ତି/ଅନୁଷ୍ଠାନ ସମସ୍ତ ଦେୟ ଏକକାଳୀନ ପୈଠ କରିବାକୁ ସକ୍ଷମ ନ ହେଲେ ବ୍ୟାଙ୍କ ମାଧ୍ୟମରେ ଦାଖଲ କରିଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ।
୧୧. ନିଲାମ କରାଯିବା ଦିନ ପରିଚାଳନା କମିଟିର କୌଣସି ଅଧିକାରୀ ଯଦି ଆକସ୍ମିକ ଅସୁସ୍ଥ ହୋଇପଡ଼ନ୍ତି ଏବଂ ନିଲାମ ପରିଚାଳନା କରିବାକୁ ଅସମର୍ଥ ପ୍ରକାଶ କରନ୍ତି, ଉକ୍ତ ଦିବସର କାର୍ଯ୍ୟ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ କରାଯିବା ନିର୍ବାହୀ ଅଧିକାରୀଙ୍କ କ୍ଷମତା ରହିଛି।
୧୨. ଅମାନତ ଟଙ୍କା (Auction Price) ଦରଖାସ୍ତ ସହିତ ଡାକ ମାଧ୍ୟମରେ ଦାଖଲ କରିବେ।
୧୩. ଯେ କୌଣସି ସମୟରେ ଏବଂ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା କର୍ତ୍ତୃପକ୍ଷ ବାତିଲ କରିଦେଇ ପାରିବେ।

ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ହିନ୍ଦୋଳ

### AUCTION SALE OF PUBLIC PROPERTIES UPTO 2021-22

| Sl. No. | Name of the Sairat | Upset Price upto 2021-22 | Amount of Security Deposit | Contract valid upto March 2022 | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | ମଙ୍ଗଳାକାଟ (ଶରଧାପୁର) | 5000 | 2500 | Upto March 2022 | |
| 2 | ବାଲୁଙ୍ଗାବନ୍ଧ (ରାଜମୋହନପୁର) | 2000 | 1000 | - do - | |
| 3 | ବେଉରିଆବନ୍ଧ (ରାଜମୋହନପୁର) | 3000 | 1500 | - do - | |
| 4 | ଈଶ୍ୱର ସାଗର ବନ୍ଧ ହରିହାଟ (ପଠାଣିପୋତା) | 4000 | 2000 | - do - | |
| 5 | ହାତିଶାଳ ମାହାରା ନିଜିଗଡ଼, ଗୋପାଳପୁର | 4000 | 2000 | - do - | |
| 6 | ରୂପାଳି ବନ୍ଧ, ରୂପାଳି | 7000 | 3500 | - do - | |
| 7 | ମୁଣ୍ଡିଆବନ୍ଧ, ରାଧାନାଥପୁର | 20000 | 10000 | - do - | |
| 8 | ସୁନିମୁଣ୍ଡା କେନାଲ, ଗୋବିନ୍ଦବେରେଣୀ | 4000 | 2000 | - do - | |
| 9 | ଖଜୁରୀ ବନ୍ଧ, ଗୋବିନ୍ଦବେରେଣୀ | 20000 | 10000 | - do - | |
| 10 | ରାଜମୋହନପୁର ଗାଁ ବନ୍ଧ, ରାଜମୋହନପୁର | 5000 | 2500 | - do - | |
| 11 | ଧୂଳିଆମୁଣ୍ଡା ବନ୍ଧ, ନିଜିଗଡ଼ | 20000 | 10000 | - do - | |
| 12 | ଦୁଧିଆ ବନ୍ଧ, ସିଂକୋଳ | 2000 | 1000 | - do - | |
| 13 | ଦକ୍ଷିଣବନ୍ଧ, ଧୁନ୍ଦିନାଳୀ | 27000 | 13500 | - do - | |
| 14 | ଖଣ୍ଡିଆବନ୍ଧ, କମଣ୍ଡଳେଇ | 2000 | 1000 | - do - | |
| 15 | ସୁଆଗିବନ୍ଧ, ଶରଧାପୁର | 6000 | 3000 | - do - | |
| 16 | ପରିବନ୍ଧିଆ, ଗୋପାଳପୁର | 10000 | 5000 | - do - | |
| 17 | ମାଙ୍କଡ଼ଚୁଆବନ୍ଧ, ଡଣ୍ଡିଚିରା | 2000 | 1000 | - do - | |
| 18 | ଜଳବନ୍ଧ, ନିଜିଗଡ଼ | 12000 | 6000 | - do - | |
| 19 | ମର୍ଦ୍ଦସାଗରବନ୍ଧ, ଗୋପାଳପୁର | 22000 | 11000 | - do - | |
| 20 | ମାଟିଆବନ୍ଧ, ଗୋପାଳପୁର | 2000 | 1000 | - do - | |
| 21 | ନୂଆବନ୍ଧ, ଚମ୍ପତିସାହି | 25000 | 12500 | - do - | |
| 22 | କାଜୁବଗିଚା (ରାଜମୋହନପୁର) | 14000 | 7000 | - do - | |
| 23 | ବାବୁବନ୍ଧ ଶିଙ୍କୋଳ | 3000 | 1500 | - do - | |

**Sd./- Executive Officer, Hindol, NAC**
OIPR-13146/11/0004/2021

No. B-843
## GOVERNMENT OF ODISHA
## OFFICE OF THE SUPERINTENDING ENGINEER, BALANGIR(R&B) CIRCLE, BALANGIR

Mail ID : - sepwdbalangir@gmail.com

### e - Procurement Notice

**BID IDENTIFICATION No: SE(R&B) BGR/11/2020-21**
**No. 878 // Dtd. 22.03.2021**

1. The **Superintending Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **B/A** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropr iate authority shall be enclosed along with the bid.
2. Nature of Work : Buildings
3. No. of tender : Building : 01 No.
4. Tender Cost : Rs.10,000/-
5. Class of Contractor : **B/A Class**
6. Date & Time of sale & Receipt of Bids : From Dt.31.03.2021, 10.00 A.M. to Dt.15.04.2021 up to 05.00 P.M.
7. Date of opening Bid : Dt.16.04.2021 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd./- Superintending Engineer,**
**Balangir (R&B) Circle, Balangir**
**OIPR-34131/11/0011/2021**

Annexure - II
## OFFICE OF DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC), GANJAM (DISTRICT)

**Phone: 06811-263931/9438200041, District Website: www.ganjam.nic.in**
**Tender No. 2028** **Dt.23.03.2021**

No. CAD-1634: District Manager, Odisha State Civil Supplies Corporation Ltd., Ganjam (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I, Transport Contractor for transportation of wheat from Food Storage Depot (FSD), FCI to Rice Receiving Centres (RRC) of Ganjam |
| 2 | Availability of bid document in the portal | From 24.03.2021 (Date) |
| 3 | Last Date/time for receipt of bids in the portal | Dt.08.04.2021 upto 5.30 (P.M.) |
| 4 | Date/Time of Opening of Technical Bid | Dt.09.04.2021 at 11.30 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam (District), Chatrapur |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Ganjam**
**OIPR-07034/11/0001/2021**

# ବହି ହାତରେ ଧରି ପଢ଼ିବାର ମଜା ନିଆରା

## ସୃଜନ-ଆଳାପ



ପରେଶ କୁମାର ପଟ୍ଟନାୟକ

**ପରେଶ କୁମାର ପଟ୍ଟନାୟକଙ୍କ ଜନ୍ମ ୧୯୬୦ରେ, ଖୋର୍ଦ୍ଧା ଜିଲା ଗମ୍ଭାରୀମୁଣ୍ଡାର ଖଜୁରିଆ ଗାଁରେ। ଅଶୀ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ସେ ଏପରି ଏକ ବିନ୍ଧାଣି, ଯିଏ ଘଟଣାକୁ ଛୁଇଁଦେଲେ ହୋଇଯାଏ କାହାଣୀ। ଏଯାବତ୍ ତାଙ୍କର ୧୬ଟି ଗଳ୍ପ ସଂକଳନ ଓ ୩ଟି ଉପନ୍ୟାସ ପ୍ରକାଶିତ। ଉପନ୍ୟାସ 'ଶୋକ ଦିବସ' ପାଇଁ ୨୦୦୬ରେ ସେ ପାଇଛନ୍ତି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'। 'ଛାୟା ପୁରୁଷ', 'ଚରିତ୍ର ଚରିତ୍ର', 'ଅଳ୍ପ ବୟସ', 'ଦ୍ରୋହକାଳ', 'ଶ୍ୱାନ ଚରିତ୍ର' ଓ 'ଭାସି ଯା ମୋର କାଗଜ ଡଙ୍ଗା' ପ୍ରଭୃତି ତାଙ୍କର ପ୍ରମୁଖ ଗଳ୍ପଗ୍ରନ୍ଥ। ସ୍ୱ ସମୟ ଓ ସମାଜର ପୃଷ୍ଠଭୂମିରେ ଜୀବନ ଚିହ୍ନଟ କରିବାରେ ପରେଶଙ୍କ ଦକ୍ଷତା ତାଙ୍କ ସତୀର୍ଥଙ୍କ ଧାଡ଼ିରେ ତାଙ୍କୁ ଅଲଗା କରି ଠିଆ କରାଏ।**

➤ ଆପଣ ଅନେକ ଗଳ୍ପରେ ଧାର୍ମିକ କୁସଂସ୍କାର ବିରୋଧରେ ସ୍ୱର ଉଠାଇଛନ୍ତି। ତା' ସହିତ ଆପଣ ବି ଲେଖିଛନ୍ତି ପୌରାଣିକ ଚରିତ୍ରକୁ ନେଇ ଗଳ୍ପ। ଏଇ ଯେମିତି ''ଶ୍ରୀରାଧା ଓ ଅନ୍ୟମାନେ''। ଏପରି ବିରୋଧାଭାସ କାହିଁକି?

➔ ''ଶ୍ରୀରାଧା ଓ ଅନ୍ୟମାନେ''ର ଗଳ୍ପଗୁଡ଼ିକ ପୌରାଣିକ ଚରିତ୍ରଙ୍କୁ ନେଇ ଲେଖାଯାଇଛି ସତ, କିନ୍ତୁ ସେମାନଙ୍କୁ ଧର୍ମ ଓ ଅଲୌକିକତାରୁ ମୁକ୍ତ କରି ସାଧାରଣ ମଣିଷ ଭଳି ଚିତ୍ରିତ କରିବାକୁ ଚେଷ୍ଟା କରାଯାଇଛି। ପୌରାଣିକ ଚରିତ୍ରକୁ ନେଇ ଆମ ଭାଷାରେ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ଗଦାଗଦା ସାହିତ୍ୟ ଲେଖାଯାଇଛି। ଲେଖାଯିବ ମଧ୍ୟ। ମୋର ପ୍ରୟାସ ଭିନ୍ନ ଓ ଅଲଗା ଦୃଷ୍ଟିକୋଣରୁ ବୋଲି ମୁଁ ମନେକରେ। ବିରୋଧାଭାସ କାହିଁକି ହେବ? ପାଇଖାନାଠୁଁ ପାକଶାଳା ପର୍ଯ୍ୟନ୍ତ ସବୁଠିକୁ ଲେଖକର ପ୍ରବେଶ ରହିଛି। ଲେଖକ ପାଇଁ ସବୁ ଚରିତ୍ର ଲେଖନ ସାମଗ୍ରୀ। ବାଛବିଚାରର ପ୍ରଶ୍ନ ନାହିଁ।

➤ ଏବେ ଫେସ୍‌ବୁକ୍ ଓ ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଗଳ୍ପ କବିତାମାନ ପ୍ରସାରିତ ହେଉଛି? ଏହା ଶୁଭଂକର ତ?

➔ ସାହିତ୍ୟର ଏକମାତ୍ର ଉଦ୍ଦେଶ୍ୟ ହେଲା ଚିହ୍ନରା ପାଠକ ପାଖରେ ପହଞ୍ଚିବା। ଫେସ୍‌ବୁକ୍ ଓ ହ୍ୱାଟ୍‌ସ ଆପ୍ ଏକ ଏକ ମାଧ୍ୟମ। ଯେମିତି ଗତକାଲି ପର୍ଯ୍ୟନ୍ତ ବହି ଓ ପତ୍ରପତ୍ରିକା ଥିଲା ସବୁଠୁଁ ପସନ୍ଦଯୋଗ୍ୟ ମାଧ୍ୟମ। ଫେସ୍‌ବୁକ୍ ଓ ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ହୁଏ। ତେବେ ମୋ' ଭଳି ଟିକେ ପୁରୁଣା ଚିନ୍ତାଧାରାର ଲୋକ ଭାବନ୍ତି ଯେ ପତ୍ରିକା ବା ବହି ହାତରେ ଧରି ପଢ଼ିବାର ମଜା ନିଆରା। ନବ ପ୍ରଜନ୍ମର ପାଠକଙ୍କୁ ହୁଏତ ମୋବାଇଲ ବା କମ୍ପ୍ୟୁଟର ଭଲ ଲାଗୁଥାଇପାରେ।

➤ ଆପଣ ଯେତେବେଳେ ଗଳ୍ପ ଲେଖନ୍ତି, ଆପଣଙ୍କ ଟାର୍ଗେଟ୍ ପାଠକକୁ ଆଖି ଆଗରେ ରଖି ଗଳ୍ପ ଲେଖନ୍ତି କି?

➔ ମୋର ପାଠକଟେ ଅଛି, ଏଇ ଆଶା ରଖି ମୁଁ ନିଶ୍ଚୟ ଗଳ୍ପ ଲେଖେ। ତେବେ ସେ ଅଦୃଶ୍ୟ ଥାଏ ଆଖି ଆଗରେ। ବୟସ ବଢ଼ିବା ସହିତ ମୁଁ ଲକ୍ଷ୍ୟ କରୁଛି ଯେ ମୋର ଟାର୍ଗେଟ୍-ପାଠକ ମଧ୍ୟ ବଦଳିବାରେ ଲାଗିଛନ୍ତି। ମୋର ପାଠକଙ୍କୁ ମୁଁ ଅନୁଶୀଳନ କରି ଦେଖେ ଯେ ସେମାନେ ପ୍ରାୟ ମୋ' ବୟସର ବା ମୋ' ଚିନ୍ତାଧାରାର ପାଖାପାଖି।

➤ ଦିନେ ଆପଣ ବହୁତ ପ୍ରେମଗଳ୍ପ ଲେଖୁଥିଲେ। ଏବେ ଢେର୍ ବ୍ୟଙ୍ଗ କଥା ଲେଖୁଛନ୍ତି। ଏହି ପରିବର୍ତ୍ତନର ହେତୁ କ'ଣ?

➔ ମୁଁ ଗୋଟିଏ ଆଇଡିଆର ବିକାଶ କରେ କାହାଣୀ ଭାବରେ। ଆଇଡିଆ ହେଲା ଗଳ୍ପର ମଞ୍ଜି। ସେଇ ମଞ୍ଜି ଦାବି କରେ ଭାଷା ଓ ଶୈଳୀ। ସମସାମୟିକ ସମାଜ ବ୍ୟବସ୍ଥା ଦେଖି ବ୍ୟଙ୍ଗ କରିବାକୁ ଲୋଭ ହୁଏ। ମନରେ ଯୋଉସବୁ ଆଇଡିଆ ଲାଗେ, ତାହା ମାଗେ ବ୍ୟଙ୍ଗାତ୍ମକ ବିକାଶ। ମୁଁ ନାଚାର। କହିବାରେ ଦ୍ୱିଧା ନାହିଁ ଯେ ପ୍ରେମକଥା ମୋର ପ୍ରିୟ ବିଷୟବସ୍ତୁ। କିନ୍ତୁ ଏବେ ସମୟ ଦାଉ ସାଧୁଛି ମୋ' ଉପରେ। ପ୍ରେମ କଥାଗୁଡ଼ିକ ବୟସ୍କର ପ୍ରେମ କାହାଣୀ ବା ପରକୀୟାରେ ପରିଣତ ହୋଇଯାଉଛି।

➤ ଆପଣଙ୍କ ଗଳ୍ପଗୁଡ଼ିକର ଦୁର୍ବଳତମ ଦିଗ କ'ଣ?

➔ ଅନେକ ଦୁର୍ବଳ ଦିଗ ରହିଛି। ଛୋଟ ଗୋଟେ ଜୀବନ ମୋର। ବହୁତ କମ୍ ଅଭିଜ୍ଞତା। ସୀମିତ ଲୋକଙ୍କୁ ଚିହ୍ନେ ଓ ଜାଣେ। ସଂସାରର ଅନେକ କଥା ଦେଖିନି କି ଜାଣିନି। ଏହିପରି କମ୍ ପୁଞ୍ଜିକୁ ନେଇ ମୋର ସାହିତ୍ୟ ସାଧନା। ତେଣୁ ମୋ' ଲେଖାରେ ବ୍ୟାପକତା ନାହିଁ। ଆଉ ଗୋଟିଏ ହେଲା ସମ୍ବେଦନା, ଯାହା ସାହିତ୍ୟର ଏକ ପ୍ରମୁଖ ଭାଗମାପ। ମୁଁ ଯେଣୁ ଗଳ୍ପରେ ପରୀକ୍ଷାନିରୀକ୍ଷା କରେ, ଛୋଟ ଏକ ଆଇଡିଆକୁ ବିକାଶ କରି ଗଳ୍ପ ଲେଖେ, ସମ୍ବେଦନାର ଭାଗମାପ ଭୁଲ ହୋଇଯାଏ। ଅନ୍ୟାନ୍ୟ ଦୁର୍ବଳତା ଉପରେ ସମାଲୋଚକମାନେ କହିବେ।

➤ ତେବେ ଆପଣଙ୍କ ଗଳ୍ପରେ ଥାଏ କ'ଣ?


➔ ଥାଏ କିଛି ଯୁକ୍ତିତର୍କ, ପ୍ରତିବାଦର ନୂଆପଣ, କିଛି ପରୀକ୍ଷାନିରୀକ୍ଷା, ସର୍ବୋପରି ଗୋଟେ ଲୁଚ୍ଛାୟିତ ଆଇଡିଆ, ଯାହାକୁ ହୁଏତ କିଛି ଲୋକ ପସନ୍ଦ କରନ୍ତି।

(ସାକ୍ଷାତ୍‌କାର– ଚିନ୍ମୟ କୁମାର ବେହେରା)

## ପୁସ୍ତକ ପରିଚୟ

### କଥା ଦଶକ: ଅଚ୍ୟୁତାନନ୍ଦ ପତି

**ସଂକଳକ:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୯୫/-




'କଥା ଦଶକ'ରେ ପ୍ରଥିତଯଶା କଥାକାର ଅଚ୍ୟୁତାନନ୍ଦ ପତିଙ୍କର ବହୁଚର୍ଚ୍ଚିତ ଦଶଟି ଗଳ୍ପକୁ ସ୍ଥାନିତ କରାଯାଇଛି ଏବଂ ପ୍ରତ୍ୟେକ ଗଳ୍ପ ଉପରେ ଅନ୍ୟ ଦଶଜଣ ସମକାଳୀନ ଲେଖକ ନିଜସ୍ୱ ପ୍ରତିକ୍ରିୟା ଲିପିବଦ୍ଧ କରିଛନ୍ତି। ଗଳ୍ପଗୁଡ଼ିକ ହେଲା– ୟାକୁବ୍‌ର ଆଖି, ଅଶୁଭ ପୁତ୍ରର କାହାଣୀ, ଏକ ବୃତ୍ତାନ୍ତ ଦେହ ଓ ମନର, ବଫୁନ୍, ଦୁଇଟି ହାତ, ନିଃଶବ୍ଦ ନୂପୁର, ଚନ୍ଦରା ଭୋଇର ଚନ୍ଦ୍ରକଳା, ଅଥଚ ଅଥର୍ବ, ଚୁଲୁ ସରଦାର ଓ କଇଁ। ସମୀକ୍ଷକମାନେ ହେଲେ ଯଥାକ୍ରମେ କବିତା ବାରିକ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ପବିତ୍ର ପାଣିଗ୍ରାହୀ, ସଦାନନ୍ଦ ତ୍ରିପାଠୀ, ଅସିତ୍ ମହାନ୍ତି, ରବି ପଣ୍ଡା, ବିଷ୍ଣୁ ସାହୁ, ଅନୀଲ କୁମାର ପାଢ଼ୀ, ପ୍ରକାଶ କୁମାର ପରିଡ଼ା ଓ ମମତାମୟୀ ଚୌଧୁରୀ। ଏତଦ୍‌ଭିନ୍ନ ପୁସ୍ତକରେ ସଂଯୋଜିତ ଶ୍ରୀପତିଙ୍କର 'ମୁଁ କାହିଁକି ଲେଖେ', ତାଙ୍କ ସହ ହୋଇଥିବା ଦୁଇଟି ସାକ୍ଷାତ୍‌କାର, ଶାରଳା ପୁରସ୍କାର ବକ୍ତବ୍ୟ, ତାଙ୍କ ରଚିତ ପୁସ୍ତକାବଳୀ, ଜୀବନର ଶ୍ରେଷ୍ଠ ଘଟଣା ଓ ସର୍ବୋପରି ତାଙ୍କର ଲେଖକୀୟ ପରିଚୟ। ଏହି ସମୟର ପାଠିକା ପାଠକଙ୍କ ପାଇଁ ବହିଟି ଗାଳ୍ପିକ ଭାବେ ଅଚ୍ୟୁତାନନ୍ଦଙ୍କୁ ସମଧିକ ଭାବେ ବୁଝିବାରେ ସହାୟକ ହେବ। 'ଫୁଲ ଭଗବାନ ଫାଉଣ୍ଡେଶନ'ର ଏପରି ଗ୍ରନ୍ଥ ପ୍ରକାଶ ଉଦ୍ୟମ ଯେ ଅଭିନବ ଓ ଅସଲ ପ୍ରତିଭା ପୂଜା– ଏଥିରେ ସନ୍ଦେହ ନାହିଁ। ଅଚ୍ୟୁତାନନ୍ଦ କହିଛନ୍ତି – ''ମୋ' ଗପ ନିଛକ କଳ୍ପନାରୁ କେବେ ଓହ୍ଲେଇ ଆସିନି। ତା'ର ଭିତ୍ତିଭୂମି ଉପରେ ମୋର ନିଶ୍ଚୟ କିଛି ପ୍ରତ୍ୟକ୍ଷ ଅନୁଭୂତି ରହିଛି।''– ଏ ସତ୍ୟ ଆବିଷ୍କାରର ଆନନ୍ଦ ବହିଟିରୁ ଅବଶ୍ୟ ମିଳିବ।

### ବିବାକ ବସୁଧା

**କବି:** ଭରତ ବେହେରା
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୧୦/-




ବହିଟିରେ ସ୍ଥାନିତ ମୋଟ ୪୨ଟି କବିତା। 'ପ୍ରଥମ ଶବ୍ଦ' ଶୀର୍ଷକ ଗଦ୍ୟଲେଖରେ କବି କହିଛନ୍ତି: ''ଉପାସୀ ପେଟ, ନୁଆଣିଆ ପଲାଘର, ଝୁଗି ଝୁମ୍ପୁଡ଼ିରେ ରହୁଥିବା ଦୁଃଖୀ ମଣିଷ, ଅବମୂଲ୍ୟାୟିତା ନାରୀ, ଦଳିତ ଓ ଜନଜାତି ମଣିଷର ମର୍ମବେଦନା ମୋ' କଲିଜାରେ ବାରବାର କଣ୍ଟକବିଦ୍ଧ କରେ। ଏଣୁ ସେମାନଙ୍କୁ ମୁଁ ନିଃସର୍ତ୍ତ ଭଲପାଏ, କଥାରେ ନୁହେଁ, ଷୋଳ ଅଣା, ଶହେ ଭାଗ ଅନ୍ତର ଖୋଲି।'' ଦୁଃଖୀ ମଣିଷର ଏହି ଦରଦୀ କବି ପୁଣି ସବୁଜ ଧାନଗଛରେ ଢଳଢଳ ହେଉଥିବା କାକରବିନ୍ଦୁ ଓ ବର୍ଷା ପୂର୍ବ ତଥା ପରର ମେଘୁଆ ଆକାଶରେ ପଡ଼ିଥିବା ଇନ୍ଦ୍ରଧନୁକୁ ଭଲପାଆନ୍ତି। ମଣିଷ ଓ ନିଜ ସମୟକୁ ଭଲ ପାଉଥିବା ଭରତଙ୍କ କବିତାରୁ ଉଦ୍ଧୃତିଟିଏ ନେବା: ''ଚାନ୍ଦ: କୌପୀନ ପିନ୍ଧା ରାମ ମାଝୀର ଝିଅ/ ବୟସ: ଷୋହଳ, ରଙ୍ଗ: ଗୋରା/ ଉଚ୍ଚତା: ପାଞ୍ଚଫୁଟ/ କୁଞ୍ଚିକୁଞ୍ଚିଆ ବାଳ, ଧୀର, ସରଳ, ଚୁପ୍‌ଚାପ୍।/ ପାଚିଲା ସେଓର ଭ୍ରମ ସୃଷ୍ଟିକରେ/ ତା'ର ଦୁଇ ଅନୁଦ୍ଧତ ସ୍ତନ।/ ତା' ଦେହର ରଙ୍ଗକୁ ନେଇ ସଂଭବତଃ ମଲ୍ଲୀବଣିଆ।'' (ପୃ: ୧୦)। ବହିଟିର ପ୍ରାୟ କବିତାରେ ଅଛି କବିଙ୍କର ଭାବନା ଓ ଭାଷାର କୋଟୀକମ। କ୍ଷେତିରୀର କ୍ଷେତ, ଗଦବାର ଦିନଲିପି, ରଘୁ ଦାସ, ଭଲ ଦିନ, କାମବାଲୀ, ଥୋଡ଼ ଧାନର ଭୋକ ଓ ଅପେକ୍ଷାର ଦିନ ପ୍ରଭୃତି କବିତା ପାଠକର ମନରଂକା ଛଡ଼ାଏ। ଆଶା, ବହିଟି ଜନାଦୃତି ଲାଭ କରିବ।

## କାଳକାଳକୁ

''ଯଦି ଜଣେ ନାରୀକୁ ଗଳ୍ପ ବା ଉପନ୍ୟାସ ଲେଖିବାର ଅଛି, ତେବେ ତା' ପାଖରେ ଟଙ୍କା ଓ ତା' ନିଜର ହୋଇ କୋଠରିଟିଏ ଥିବା ଜରୁରୀ।''
– ଭିର୍ଜିନିଆ ଉଲ୍‌ଫ



**ଆଡେଲିନ୍ ଭିର୍ଜିନିଆ ଉଲ୍‌ଫଙ୍କ** ଜନ୍ମ ୨୫ ଜାନୁୟାରୀ ୧୮୮୨ରେ, ଲଣ୍ଡନର ସାଉଥ୍ କେନ୍‌ସିଙ୍ଗଟନ୍‌ରେ ଓ ପରଲୋକ ୨୮ ମାର୍ଚ୍ଚ ୧୯୪୧ରେ ଲିଓ୍ୱେସ୍‌ରେ। ଇଂଲିଶ୍ ସାହିତ୍ୟର ଏଇ ପ୍ରମୁଖ ଆଧୁନିକବାଦୀ ଲେଖିକା ଉପନ୍ୟାସରେ ଚେତନା ପ୍ରବାହ ଧାରାର ଥିଲେ ସର୍ବପ୍ରଧାନ ପ୍ରବର୍ତ୍ତିକା। ତାଙ୍କ ଜନବିଦିତ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ମିସେସ୍ ଡାଲୋୱେ' (୧୯୨୫), 'ଟୁ ଦ ଲାଇଟ୍ ହାଉସ୍' (୧୯୨୭), 'ଏ ରୁମ୍ ଅଫ୍ ଓ୍ୱାନ୍‌ସ ଓନ୍ (୧୯୨୯) ଓ 'ଦ ଓ୍ୱେଭ୍‌ସ' (୧୯୩୧)। ୧୯୧୫ରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ଉପନ୍ୟାସ 'ଦ ଭଏଜ୍ ଆଉଟ୍'। ଗତ ଶତାବ୍ଦୀର ସତୁରି ଦଶକରେ ନାରୀବାଦୀ ସମାଲୋଚନାର ସେ ଥିଲେ କେନ୍ଦ୍ରୀୟ ପ୍ରସଙ୍ଗ। ପୁରୁଷ– ଦୃଷ୍ଟିରେ ନାରୀର ସ୍ଥିତିକୁ ନେଇ ସେ କହନ୍ତି: ''ପୁରୁଷର ଆଖି ନାରୀର କାରାଗାର, ତା' ଭାବନା ନାରୀର ପିଞ୍ଜରା।''

## କବିତା

### ଗାନ୍ଧିବାଦ

**ଅକ୍ଷୟ କୁମାର ରାଉତ**

ଶେଷରେ ସାଥି ଦେଲା ନାହିଁ
ଆପଣଙ୍କ ବାଡ଼ିଖଣ୍ଡିକ
ନଇପଠାରେ ପଡ଼ିଥିବା
କ୍ଷତବିକ୍ଷତ ଦେହର
ପ୍ରମାଣ ଖୋଜିଲା ନ୍ୟାୟ।

ଏତିକିବେଳେ ସାକ୍ଷୀ ହେଲା ନାହିଁ
ଆପଣଙ୍କ ପ୍ରିୟ ଭଜନ
'ରଘୁପତି ରାଘବ ରାଜାରାମ'।

ଶ୍ୱାନ ଶୃଗାଳ ମୁହଁରେ
ଝୁଣି ହୋଇଯାଏ ରାମରାଜ୍ୟ
ଆପଣଙ୍କ ଗୁଳିବିଦ୍ଧ ବକ୍ଷ
ଉପରେ ହତ୍ୟାକାରୀ
ଏବେ ଦେଶଭକ୍ତ!

ମୋ' କ୍ଷତବିକ୍ଷତ ଦେହରୁ
ଝରୁଥିବା ରକ୍ତ
କେବେ ବନ୍ଦ ହେବ, କହିବେ ତ!

ମୋ: ୯୯୩୭୬୯୧୪୭୫

### ନିଃଶବ୍ଦ

**ରଶ୍ମିରେଖା ତ୍ରିପାଠୀ**

ସାରା ପୃଥିବୀଟା ଲାଗେ ନିଃଶବ୍ଦ
ନୀରବତା ଏଠି ମାଟିରୁ ଆକାଶଯାଏ।
ସମସ୍ତେ ଭୟଭୀତ ପ୍ରତି ମୁହୂର୍ତ୍ତରେ
ଆସନ୍ନ ମୃତ୍ୟୁର ଆଶଙ୍କାରେ

ମନର କଥା ସବୁ ଶବ୍ଦ ହୋଇ
ରୂପ ପାଏ କବିତାରେ
କିଛି ଅବ୍ୟକ୍ତ ଶବ୍ଦ
ଲୁହ ହୋଇ ଭିଜେଇଦିଏ ତକିଆ...

ଶବ୍ଦଗୁଡ଼ିକର ଯା'ଆସ ଭିତରେ
ସମୟ କଡ଼ ଲେଉଟାଏ
ମଲା ପ୍ରଜାପତି ପରି
ପଡ଼ି ରହିଥିଲେ ଶବ୍ଦ
ତାକୁ ନେଇ ଲେଖି ହୁଏନା କବିତା
କହି ହୁଏନା ମନର କଥା

ରାତିରାତି ଉଜାଗର ହେଇ
ସ୍ମୃତିସବୁ ଗୁନ୍ଥି ବସେ ଅତୀତର
ତଥାପି ସରେନା ରାତି...।

ମୋ: ୯୪୩୯୨୫୪୪୩୪

### ଗୀତି-କବିତା

### ଫଗୁଣ

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**

ଫୁଲେଇ ଫଗୁଣ ଅଗଣାରେ ମୋର
ପାଦଥାପେ ଯେବେ ଧୀରେ
ଆନମନା ତନୁ ଶିହରି ଉଠଇ
ରୁଣୁଝୁଣୁ ଶବଦରେ।

ବଉଳ ବାସର ଅତର ଲଗାଇ
ମୋ' ମନକୁ ନିଏ ମୋହି
ସପନ ଦୋଳିରେ ଝୁଲଇ ଭାବନା
ରାତି ଯାଉଥାଏ ପାହି।
ପଟାଳି ପଟାଳି ମିଠା ଅନୁଭୂତି
କୋଇଲିର ସ୍ୱରେ ଫେରେ।

ଚଗଲା ମଳୟ ଭାରି ଭଲଲାଗେ
ଖେଳୁଥିଲେ ଫୁଲ ସାଥେ
ଇନ୍ଦ୍ରଧନୁର ଗାଲିଚା ଉପରେ
ପ୍ରଜାପତି ପ୍ରୀତି ରଚେ
ଶୁଖିଲା ଓଠ ମୋ' ରଙ୍ଗରେ ଭିଜେ
ଜିଇବାର ନିଶା ଘାରେ।

ମୋ: ୮୨୪୯୪୫୦୦୫୦

## ହନିମୁନ୍

**ମୂଳହିନ୍ଦୀ: ରାଜେନ୍ଦ୍ର ଯାଦବ**
**ଅନୁବାଦ: ନୀହାରିକା ମଲ୍ଲିକ**

ଅନୁବାଦ ଗଳ୍ପ

ଆମେ ଦୁହେଁ ତାଙ୍କଠାରୁ ଆଶୀର୍ବାଦ ନେବାକୁ ଯାଇଥିଲୁ। ସୋନୀର ବହୁତ ଇଚ୍ଛାଥିଲା। ସେ କେବଳ ସୋନୀର ପ୍ରିନ୍ସିପାଲ ହିଁ ନ ଥିଲେ, ବରଂ ବଡ଼ ଭଉଣୀ ଓ ମାଆପରି ଥିଲେ। ଅଫିସ୍ ବାହାରେ ନାମ ଫଳକ ଲାଗିଥିଲା– ଡ. ମାଧୁରୀ ଅରୋରା। ସୋନୀ କବାଟ ଖଟଖଟ କଲା ଓ ଟିକେ କୁଣ୍ଠିତ ହୋଇ କବାଟ ଖୋଲିଲା। ମୋତେ ଚାହିଁ ଟିକେ ହସିଦେଇ ଖୁବ୍ ଧୀର ସ୍ୱରରେ ଭିତରକୁ ଆସିବାକୁ କହିଲା। ସେ ସାମ୍ନାରେ ବସିଥିଲେ। ରିଡିଂ ଗ୍ଲାସ୍ ଲଗାଇ ଧ୍ୟାନର ସହ କୌଣସି ଏକ କାଗଜ ଦେଖୁଥିଲେ। ଅନ୍ଧାରରୁ ଆଲୁଅକୁ ଆସିଯାଇଥିବା ବ୍ୟକ୍ତିଟିଏ ପରି ଆଗରେ ଥିବା ଲୋକଟିକୁ ଚିହ୍ନିବାକୁ ଚେଷ୍ଟାକଲେ। ମୁଁ ପଛରେ ଥିଲି। ସେଥିପାଇଁ ହାତରେ ଗୁଡ଼ାଇ ଧରିଥିବା ଫୁଲମାଳକୁ ସେ ଦେଖି ପାରିଲେ ନାହିଁ। ସୋନୀକୁ ଚିହ୍ନି ପାରିଲେ ଓ ତା' ସିନ୍ଥିରେ ସିନ୍ଦୂର ଦେଖି ଖୁସିରେ ଗଦ୍‌ଗଦ୍ ହୋଇଗଲେ। 'ଆରେ ସୋନୀ! ଆସ ଆସ, ବିବାହର ଅନେକ ଅନେକ ଶୁଭକାମନା।' କେବେ ବାହା ହୋଇଗଲ?

ସୋନୀ ହସିଦେଇ ଝପଟି ଯିବାପରି ଭିତରକୁ ଚାଲିଗଲା ଏବଂ ନଇଁପଡ଼ି ପାଦ ଛୁଉଁଛୁଉଁ କହିଲା– ଏଇ ଏବେ-ଏବେ। ସିଧା ରେଜିଷ୍ଟ୍ରାର୍ ଅଫିସ୍‌ରୁ ଆସୁଛୁ!

ମୁଁ ମଧ୍ୟ ବହୁତ ଆଦରର ସହ ନଇଁପଡ଼ି ପ୍ରଣାମ କଲି।

ଦୁଇ ହାତରେ ଚଷମାର ଫ୍ରେମ୍‌କୁ ଧରି ଆଗକୁ ଚାହିଁଥିବା ଡ. ଅରୋରାଙ୍କ ଚେହେରା ଉଲ୍ଲାସ ଓ ଭାବାବେଗରେ ବିଗଳିତ ହେବାକୁ ଲାଗିଲା। ଆଖି ସଜଳ ହୋଇ ଉଠିଲା। –ଯାହା ହେଉ, ବହୁତ ଭଲକଲ। ମୋର ତ ପ୍ରିୟ ଗେହ୍ଲୀ ଝିଅ ଇଏ! ଆଚ୍ଛା, ଆଗ ତୁମକୁ ମିଠା ଖୁଆଏ...। ବସ...ବସ। ଆମେ ଦୁହେଁ ସାମ୍ନାରେ ବସିପଡ଼ିଲୁ। ସେ ଘଣ୍ଟି ବଜେଇ ଚପରାସୀକୁ ଡାକିଲେ। ପର୍ସରୁ ପଚାଶ ଟଙ୍କା ବାହାରକରି ଦେଲେ। –ଶୀଘ୍ର ଯାଇ ବଢ଼ିଆ ମିଠା ଓ ଚା' ନେଇ ଆସ। ଦେଖ, ଆମ ସୋନୀ ବାହାହୋଇ ଆସିଛି।

ପରିଚୟ ପାଇ ଚପରାସୀ ମଧ୍ୟ ହସିଦେଇ ନମସ୍କାର କଲା।

ଏକାବନ ବର୍ଷର ଗରିମାମୟୀ ମୂର୍ତ୍ତି। ନିଜର ବୟସ ବେଳେ ନିଶ୍ଚୟ ବହୁତ ସୁନ୍ଦରୀ ହୋଇଥିବେ। ତାଙ୍କର ସେ ନିଷ୍କପଟ ନିଛକ ଖୁସି ମୋତେ ବି ଧୀରେଧୀରେ ଆକୃଷ୍ଟ କରୁଥିଲା। ସୋନୀ କୋଉ ବେକାର ଜାଗାକୁ ନେଇଯାଉଛି ବୋଲି ଯେଉଁ ଭାବନାଟି ଥିଲା, ତାହା ବଦଳି ଗଲା।

କିଛି ସମୟ ପାଇଁ ଲାଗିଲା ମିସ୍ ଅରୋରା ଯେମିତି କେଉଁଠି ହଜିଗଲେ ଅବା ତାଙ୍କ ପାଖରେ କଥା ହେବା ପାଇଁ କିଛି ନାହିଁ। ସେ ବୋଧହୁଏ ନିଜର ଆବେଗ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ। ମୋ' ବିଷୟରେ ସୋନୀ ତାଙ୍କୁ ଆଗରୁ କହି ସାରିଥିଲା ଏବଂ ପରାମର୍ଶ ବି ନେଇ ସାରିଥିଲା। ଚଷମାର ଫ୍ରେମ୍‌କୁ ଖାଲି ଖୋଲିବାରେ ଓ ବନ୍ଦ କରିବାରେ ଲାଗିଲେ ସେ। ତା'ପରେ ପୁଣି ସୋନୀକୁ ପଚାରିଲେ– 'ତୁମ ମମି-ପାପାଙ୍କ ପ୍ରତିକ୍ରିୟା ଏବେ କ'ଣ ହେବ? ସେଠିକି ଯିବ।'

–ଏବେ ତ ନୁହେଁ, ସାହସ ହେଉନି। ରାଗ ଟିକେ ଥଣ୍ଡା ହୋଇଯାଉ... ସେତେବେଳେ ଚିନ୍ତା କରିବି... ସୋନୀ କହିଲା। ପୁଣି ସେ ବହୁତ ସମୟ ଯାଏଁ କ'ଣ ସବୁ ଗପିବାରେ ଲାଗିଲା। ମୁଁ ପ୍ରସନ୍ନ ଓ ବିନମ୍ର ଦର୍ଶକଟିଏ ପରି ଶୁଣିବାକୁ ଲାଗିଲି। ସେ ବୋଧହୁଏ କହୁଥିଲେ– ଆରେ! ଏଇ ରାଗରୁଷା କ'ଣ ସବୁଦିନ ରୁହେ! କେଇଟା ଦିନରେ ସବୁକିଛି ଠିକ୍ ହୋଇଯିବ। ମାଂସଠାରୁ ନଖ କ'ଣ କେବେ ଅଲଗା ହେଲାଣି! କିନ୍ତୁ ସତରେ ବଡ଼ ସାହସ କଲ ସୋନୀ! ଏବେ ସେ ମୋ' ଆଡ଼କୁ ଚାହିଁଲେ। –ଆଚ୍ଛା, ଏବେ କ'ଣ କରିବ ସୋନୀ? ...ମାନେ, ମୋ' କହିବା ଅର୍ଥ ତୁମେ ଦୁଇଜଣ...।

କିଛି ନାଇଁ, ନିଜ ନିଜର ଚାକିରି। ଆଗ୍ରହହୀନ ସ୍ୱରରେ ସୋନୀ କହିଲା।

– ଆଉ ହନିମୁନ୍? ସେ ଜୋର୍ ଦେଇ ପଚାରିଲେ।

– ଛୁଟି ନାହିଁ, ନା ମୋର, ନା ତାଙ୍କର। ସୋନୀ ବୁଝିପାରିବା ପରି ଅସହାୟ ଭାବ ଦେଖେଇଲା।

– ଆରେ, ଛୁଟି ଗୋଟେ କ'ଣ! ସେ ଟିକେ ଅସନ୍ତୁଷ୍ଟ ହେଲେ।

– ବାହାଘର କ'ଣ ସବୁଦିନେ ହେଉଛି? ତୁମେମାନେ ନିଜନିଜ ଅଫିସରମାନଙ୍କୁ କହୁନ..., ମୋର ମନେହେଉଛି କେହି ବି ଏତେ ବିବେକହୀନ ହେବେନାହିଁ...। ନା, ହନିମୁନ୍ ପାଇଁ ତୁମକୁ ନିଶ୍ଚୟ ଯିବାକୁ ହେବ। ବାଃରେ, ଇଏ ଗୋଟେ କଥା! ଚାକିରି ପାଇଁ ତ ସାରାଜୀବନ ପଡ଼ିଛି। ଚଷମାର ଦୁଇପଟକୁ ଗୋଟିଏ ହାତମୁଠାରେ ମୁଠେଇ ଧରି ସେ ପୂରା ଧମକ ଦେବା ସ୍ୱରରେ କହିଲେ।

– ଆଚ୍ଛା, କୁଆଡ଼େ ଯିବୁ? ମୁଁ ହସିଲି।

– କୁଲୁ, ମନାଲୀ, ନୈନୀତାଲ୍, କାଶ୍ମୀର...।

– କୁଆଡ଼େ ଯାଅନି ତୁମେମାନେ, ଖାଲି ଚହଲ୍ ଚାଲିଯାଅ। ସେ ଧୀରେଧୀରେ କିଛି ମନେପକେଇବା ପରି କହିଲେ, ସତ କହୁଛି ସୋନୀ, ଏତେ ସୁନ୍ଦର ଜାଗା ଯେ କାଶ୍ମୀର ବି ତା' ଆଗରେ କିଛି ନୁହେଁ। ମୁଁ ତ କହିବି, ହନିମୁନ୍ ପାଇଁ କେବଳ ଗୋଟିଏ ହିଁ ଜାଗା ଅଛି, ଆଉ ସେଇଟା ହେଉଛି ଚହଲ୍। ଶିମଳା ପୂର୍ବରୁ ନାହନ୍ଦେଇ ରାସ୍ତା ଏବଂ ସେଠାରେ କଟେଜ୍ ସବୁ ତିଆରି ହୋଇଛି। ସ୍ୱତନ୍ତ୍ର ଭାବରେ ହନିମୁନ୍ କଟେଜ୍ ବି ଅଛି। ଏତେ ସୁନ୍ଦର ଭାବରେ ସଜା ହୋଇଛି ଯେ, ମୁଁ ତୁମକୁ କ'ଣ କହିବି! ରିଅଲି... ଟେଷ୍ଟଫୁଲ୍...। ସାମ୍ନାରେ ଖୋଲା ଘାଟି ସବୁ ବହୁତ ଦୂରଯାଏଁ ଲମ୍ବି ଯାଇଛନ୍ତି, ଆ କ । ଶ ଯ । ଏଁ ପ ରି ବ ୍ୟ । ପ୍ତ ହୋଇଯାଇଛନ୍ତି...। ବିଭିନ୍ନ କିସମର ଫୁଲ, ସବୁଜିମା, ନଦୀ ଏବଂ ଝରଣାର ଧାର... ବିଲ୍‌କୁଲ ଏମିତି ଲାଗେ, ସତେ ଅବା ରୂପେଲି ଜରିଲଗା ସବୁଜ ଶାଢ଼ିଟେ କେହି ବାହାର କରି ଦାୟିତ୍ୱହୀନ ଭାବରେ ଫିଙ୍ଗି ଦେଇଛି! ପାହାଡ଼ କଥା ତ ତୁମେ ଜାଣ... ସେମାନଙ୍କର ଏକ ନିଜସ୍ୱ ସୌନ୍ଦର୍ଯ୍ୟ ଥାଏ। କଟେଜ୍ ସବୁ ଏତେ ଆରାମଦାୟକ ଯେ, ତୁମର ଫେରିବାକୁ ମନ ହେବନି। ଏକ୍‌ଦମ ପ୍ରାଇଭେସି...। ରାଜା ମହାରାଜାମାନଙ୍କ ପରି... ବହୁତ କୋମଳ ଗଦିବାଲା ବଡ଼ ସୁନ୍ଦର ପଲଙ୍କ, ଝୁମର, ଆସବାବପତ୍ର...। କ'ଣ ତୁମର ଏଇ ପଞ୍ଚତାରକା ହୋଟେଲବାଲା ଦେବେ!

**ରାଜେନ୍ଦ୍ର ଯାଦବ** ଆଧୁନିକ ହିନ୍ଦୀ ସାହିତ୍ୟରେ ଏକ ଜଣାଶୁଣା ନାମ। ସେ ଜଣେ ସୁପରିଚିତ ଔପନ୍ୟାସିକ ଓ ଆଲୋଚକ ହେବା ସଙ୍ଗେସଙ୍ଗେ ହିନ୍ଦୀ ଭାଷାରେ ଜଣେ ପ୍ରସିଦ୍ଧ ସମ୍ପାଦକ ମଧ୍ୟ। 'ନୟୀ କହାନୀ' ନାମରେ ସେ ହିନ୍ଦୀ ସାହିତ୍ୟରେ ଏକ ନୂତନ ଧାରାର ସୂତ୍ରପାତ କରିଥିଲେ। ପ୍ରେମଚାନ୍ଦଙ୍କ ଦ୍ୱାରା ସ୍ଥାପିତ ସାହିତ୍ୟ ପତ୍ରିକା 'ହଂସ'ର ପୁନଃ ପ୍ରକାଶନ କରି ଦୀର୍ଘ ସତେଇଶ ବର୍ଷକାଳ ସେ ଏକାକୀ ଏହାର ଦାୟିତ୍ୱ ତୁଲାଇଥିଲେ। ନିଜର ସାହିତ୍ୟକୃତି ପାଇଁ ୨୦୦୪ରେ ହିନ୍ଦୀ ଏକାଡେମୀ ଦିଲ୍ଲୀର ସର୍ବୋଚ୍ଚ ସମ୍ମାନ 'ଶଳାକା ସମ୍ମାନ'ରେ ସେ ସମ୍ମାନିତ।



ଡ. ଅରୋରାଙ୍କ ଆଗରେ ଯେମିତି ଚହଲ୍‌ର ଫିଲ୍ମ ଚାଲୁଥିଲା। –ଏମିତିରେ ବି ତ ରୋଷେଇବାସର ବ୍ୟବସ୍ଥା ଅଛି। ବେହେରା ହାତରେ ଯାହା ଇଚ୍ଛା ଜିନିଷ ମଗେଇ ରୋଷେଇ କରିବ। ସନ୍ଧ୍ୟାରେ ଚଉକି ପକେଇ ବାହାରେ ବସିବ, ଖରା ମଉଳି ଯାଉଥିବ, ଏମିତି ଲାଗିବ... ବାସ୍, ସତେ ଅବା ଏଇଟା ହିଁ ସ୍ୱର୍ଗ...। ବାମ୍ଫ ଉଠୁରା ଗରମ ଗରମ ଚା'। ତୁମର ମନ ହେବନି ସେଠୁ ଉଠିବାକୁ। ସକାଳୁ ହାଲୁକା ପତଳା ଗୋଲାପି ନାଇଟିରେ ଉଠି ଯେତେବେଳେ ତୁମେ ପରଦାଗୁଡ଼ିକ ଆଡ଼େଇ ଦେବ, ସେତେବେଳେ ସକାଳର ଖରା ତୁମର ସାରା ଶରୀରକୁ ଆଉଁଶି ଦେବ... ସକାଳୁ... ସନ୍ଧ୍ୟାରେ ଫୁଲମାନଙ୍କର ଏପରି ସୁନ୍ଦର ବାସ୍ନା ଯେ, ତୁମେ କହିବ ଜୀବନସାରା ଆମେ ଏଇଠି ହିଁ ରହିଯିବୁ। ଏପରି ପରିବେଶରେ ପରସ୍ପରକୁ ଯେପରି ଭଲଭାବରେ ବୁଝିପାରିବୁ, ତାହା ଏଠିକାର ଝିକ୍‌ଝିକ୍ ଭିତରେ ବର୍ଷବର୍ଷ ଧରି ମଧ୍ୟ ହୋଇ ପାରିବନି। ସେପରି ଶାନ୍ତି ଏଠି କାହିଁ! ତୁମେ କହିବ, ମୁଁ କେମିତି କଥା ସବୁ କହୁଛି..! କିନ୍ତୁ ଏବେ ତ ତୁମର ଶୁଣିବାର ଅଧିକାର ଅଛି। ନା ଲୁଗାପଟାର ହୋସ୍ ରହିବ ନା ଜଣେ ଆଉଜଣଙ୍କ ବାହୁବନ୍ଧନରୁ ମୁକ୍ତ ହେବାକୁ ଚାହିଁବ। ତୁମେ ତ ଏମିତିରେ ବି ବହୁତ କୋମଳ... ସାରା ଶରୀରରେ ଦାଗ ପଡ଼ିଯିବ!

ମୁଁ ମୁଗ୍ଧ ହୋଇ ତାଙ୍କୁ ଚାହିଁ ରହିଥିଲି। ଆଖି ବନ୍ଦଥିଲା ଏବଂ ଲାଗୁଥିଲା ଆଖିପତା ଯେମିତି ଓଦା ହୋଇ ଆସୁଛି। ଆମେ ଦୁହେଁ ପରସ୍ପରକୁ ଚାହିଁଲୁ ଏବଂ ଟିକେ ମୁରୁକି ହସିଲୁ– କ'ଣ ଆସ୍ତେ କରି ଉଠିକି ପଳେଇବା?

ମୋ : ୭୯୭୮୭୦୯୫୯୫

# ନିବେଶକଙ୍କ କ୍ଷତି ୩.୨୭ ଲକ୍ଷ କୋଟି

ମୁମ୍ବାଇ,୨୪।୩




କରୋନା ସଂକ୍ରମଣ ମାମଲା ବଢ଼ିବାରୁ ଏହାର ପ୍ରଭାବ ପୁଣି ଥରେ ଶେୟାର ବଜାର ଉପରେ ପଡ଼ିଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୮୭୧.୧୩ ପଏଣ୍ଟ ବା ୧.୭୪% ହ୍ରାସ ହେବା ଯୋଗୁ ନିବେଶକ ୩.୨୭ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ସେନ୍‌ସେକ୍ସ ୪୯,୧୮୦ ପଏଣ୍ଟ ସ୍ତରକୁ ଖସିଛି। ଦିନ ମଧ୍ୟରେ ଏହା ୯୩୧ ପଏଣ୍ଟ ଖସିବା ଯୋଗୁ ୪୯,୧୨୦ ପଏଣ୍ଟ ସ୍ତରରେ ରହିଥିଲା। ଫଳରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୨୦୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ହୋଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଶେୟାର କାରବାର ସବୁଠାରୁ ବେଶି ହ୍ରାସ ହେବା ଫଳରେ ୩.୯୭% ନିମ୍ନରେ ରହିଛି। ସେହିଭଳି ଏସ୍‌ବିଆଇ, ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଇଣ୍ଡସ ଇଣ୍ଡ ବ୍ୟାଙ୍କ, ଆଇଟିସି ଏବଂ ଏଲ୍‌ଆଣ୍ଡଟି ଭଳି କମ୍ପାନୀର ଶେୟାର କାରବାର ମଧ୍ୟ ପ୍ରଭାବିତ ହୋଇଛି। ପ୍ରମୁଖ କମ୍ପାନୀଙ୍କ ମଧ୍ୟରେ ଏସିଆନ ପେଣ୍ଟସ ଏବଂ ପାୱାର ଗ୍ରୀଡ୍‌ର କାରବାର ଉନ୍ନତ ରହିଛି। ବିଏସ୍‌ଇରେ ରିୟାଲଟି, ମେଟାଲ, ଅଟୋ, ବ୍ୟାଙ୍କସ, ଇଣ୍ଡଷ୍ଟ୍ରିଆଲ ଏବଂ ଫାଇନାନ୍ସ ସୂଚୀ ୨.୯୩% ଖସିଛି। ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ ସୂଚକାଙ୍କ ୧.୬୯% ହ୍ରାସ ହୋଇଛି।

# ଏବେ ପେଟ୍ରୋଲ,ଡିଜେଲରେ ଜିଏସ୍‌ଟି ସମ୍ଭବ ନୁହେଁ

ମୁମ୍ବାଇ,୨୪।୩

## ୮ରୁ ୧୦ ବର୍ଷ ସମୟ ଲାଗିବ: ସୁଶୀଲ ମୋଦି



ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍ ଟି) ପରସରକୁ ଆଣିବା ସମ୍ଭବ ନୁହେଁ। ଏଥିପାଇଁ ୧୦ ବର୍ଷ ସମୟ ଲାଗିଯିବ ବୋଲି ଭାଜପା ନେତା ସୁଶୀଲ କୁମାର ମୋଦି ବୁଧବାର କହିଛନ୍ତି। ଯଦି ତେଲରେ ବର୍ତ୍ତମାନ ଜିଏସ୍‌ଟି ଲାଗେ ତେବେ ରାଜ୍ୟଗୁଡ଼ିକ ବାର୍ଷିକ ୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବେ। ପେଟ୍ରୋଲିୟମ ଉତ୍ପାଦରୁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବେ ୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରୁଛନ୍ତି। ରାଜ୍ୟ ସଭାରେ ଫାଇନାନ୍ସ ବିଲ୍ ୨୦୨୧ ଆଲୋଚନାରେ ଭାଗନେଇ ସେ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଛୁଇଁଛି। ଏଣୁ ମୋଦିଙ୍କର ଏଭଳି ଉତ୍ତରକୁ ନେଇ ବେଶ୍ ଚର୍ଚ୍ଚା ଧରିଛି। ସେ ପୁଣି କହିଛନ୍ତି, ରାଜ୍ୟଗୁଡ଼ିକ ବାର୍ଷିକ ୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ବର୍ତ୍ତମାନ ପ୍ରସ୍ତୁତ ନାହାନ୍ତି। ତେବେ ପେଟ୍ରୋଲିୟମ ପ୍ରଡକ୍ଟ ଯଦି ଜିଏସ୍‌ଟି ପରିସରକୁ ଆସେ ତେବେ ଏହା ଉପରେ ୨୮% ଟିକସ ଲାଗୁ ହୋଇପାରିବ ; ଯାହା ସର୍ବୋଚ୍ଚ ଟିକସ ସ୍ଲାବ୍। ବର୍ତ୍ତମାନ ପେଟ୍ରୋଲିୟମ ପ୍ରଡକ୍ଟ ଉପରେ ୬୦% ଟିକସ ଲାଗୁ ହେଉଛି। ଜିଏସ୍‌ଟିକୁ ଆସିଲେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ୨ରୁ ୨.୫ ଲକ୍ଷ କୋଟି ଟଙ୍କା ରାଜସ୍ୱ କ୍ଷତି ସହିବେ। ତେଲରୁ ସରକାର ଯେଉଁ ଟିକସ ଆଦାୟ କରୁଛନ୍ତି ତାହା ସରକାରଙ୍କ ପକେଟକୁ ଯାଉ ନାହିଁ। ଦେଶ ବର୍ତ୍ତମାନ ଚ୍ୟାଲେଞ୍ଜିଂ ସ୍ଥିତି ଦେଇ ଗତି କରୁଥିବାରୁ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଉଛି। କେତେକେ ଜିଏସ୍‌ଟିକୁ ଗବର ସିଂ ଟାକ୍ସ କହୁଛନ୍ତି। ଜିଏସ୍‌ଟି ତାଙ୍କୁ କୌଣସି ରାଜ୍ୟ ଜିଏସ୍‌ଟି ପରିଷଦ ବୈଠକରେ ବିରୋଧ କରିନାହାନ୍ତି ବୋଲି ମୋଦି ସ୍ପଷ୍ଟ କରିଛନ୍ତି।

# ବଜାରରେ ନୂଆ ହୋଣ୍ଡା ସିବି ୫୦୦ ଏକ୍ସ

ନୂଆଦିଲ୍ଲୀ,୨୪।୩

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଟୁଇନ କମ୍ପାକ୍ଟ ଆଡଭେଞ୍ଚର ବାଇକ ସିବି ୫୦୦ ଏକ୍ସ ଭାରତ ବଜାରରେ ପ୍ରବେଶ କରିଛି। ଏହାକୁ କମ୍ପାନୀ ବିଗ୍ ୱିଙ୍ଗ୍ ଶୋ'ରୁମ୍‌ରେ ଶୁଭାରମ୍ଭ କରିଛି। କମ୍ପ୍ଲିଟ ନକ୍ଡ ଡାଉନ(ସିକେଡି) ରୁଟ୍‌ରେ ଏହା ବଜାରକୁ ଆସିବ। ଭାରତରେ କୌତୁକ ସଂସ୍କୃତିର ସମ୍ପ୍ରସାରଣ କରିବା ଲାଗି ଦେଇଥିବା ପ୍ରତିଶ୍ରୁତିକୁ ହୋଣ୍ଡା ପାଳନ କରୁଛି ବୋଲି କମ୍ପାନୀର ସିଇଓ ଆତସୁସି ଓଗାଟା କହିଛନ୍ତି। ସିବି ୫୦୦ ଏକ୍ସକୁ ଉପସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ ବୋଲି ସେ ମତ ରଖିଛନ୍ତି। ସହରର କଠିନ ସଡ଼କ ହେଉ କିମ୍ବା ଖୋଲା ରାଜପଥ କିମ୍ବା ଦେଶର ସଡ଼କ ସିବି ୫୦୦ ଏକ୍ସ ସର୍ବଦା ଆପଣଙ୍କ ଅଭୁଲା ଯାତ୍ରାର ସାଥୀ ହେବାକୁ ପ୍ରସ୍ତୁତ। ଅଣପାରମ୍ପରିକ ଆରୋହଣରେ ବିଶ୍ୱାସ ରଖୁଥିବା ରୋମାଞ୍ଚ ଉତ୍ସାହୀଙ୍କୁ ଏହା ଉଲ୍ଲସିତ କରିବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଏହି ଯାନଟିର ବୁକିଂ କମ୍ପାନୀ ଆରମ୍ଭ କରିଛି। ୨ଟି ରଙ୍ଗରେ ଆସୁଥିବା ଏହି ଯାନଟିର ବଜାର ଦର ୬.୮୭ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏଥିରେ ଫୁଲ୍ ଏଲ୍‌ଇଡି ଲାଇଟ, ହୀରା ଆକୃତିର ଷ୍ଟିଲ୍ ଟ୍ୟୁବ୍ ଫ୍ରେମ୍, ଲମ୍ବା ଷ୍ଟ୍ରୋକ୍‌ର ସାମ୍ନା ସସ୍‌ପେନଶନ, ଡୁଆଲ ଚ୍ୟାନେଲ ଏବିଏସ୍, ଡିସ୍‌ପ୍ଲେ ଏଲ୍‌ଇଡି ମିଟର, ୬ ସ୍ପିଡ୍ ଗିୟର ବକ୍ସ ସହ ଆସିଷ୍ଟ ସ୍ଲିପର କ୍ଲଚ୍ ଏଥିରେ ରହିଛି।

# ପିପିଏଲ୍‌ର ଆଡଭେଣ୍ଟେଜ୍ ଦିବସ

ପାରାଦୀପ, ୨୪।୩(ସ୍ୱ.ପ୍ର.)




ପାରାଦୀପ ଫସଫେଟସ ଲିମିଟେଡ଼(ପିପିଏଲ)ର ଆଡଭେଣ୍ଟେଜ୍ ଦିବସ ବୁଧବାର ପାଳିତ ହୋଇଯାଇଛି। ଆଡଭେଣ୍ଟେଜ୍ ଉକ୍ତ କମ୍ପାନୀକୁ ଅଧିଗ୍ରହଣ କରିବା ୧୦ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଉପଲକ୍ଷେ ସମୂହ ସଫେଇ, ମିନି ମାରାଥନ, ସାଇକ୍ଲୋଥେନ୍, ବୃକ୍ଷରୋପଣ, ମୁଁ ଭଲପାଏ ପିପିଏଲକୁ ସେଲ୍ଫି ପଏଣ୍ଟ, ଆଦି କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ କମ୍ପାନୀ ମେଡ଼ିକାଲରେ ଏକ ଏକ୍ସରେ ମେଶିନ ଓ ମୋବାଇଲ ସ୍ୱାସ୍ଥ୍ୟ ପରୀକ୍ଷା ଗାଡିକୁ କମ୍ପାନୀ ମୁଖ୍ୟ ରଣଜିତ ସିଂ ତୁଗ୍ ଉଦ୍‌ଘାଟନ କରିଥିଲେ। ପରେ କମ୍ପାନୀରେ କାର୍ଯ୍ୟରତ ୩୦, ୨୦, ୧୦ ବର୍ଷ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କର୍ପୋରେଟ ଆଫେୟାର୍ସ ମ୍ୟାନେଜର ସୁଧୀର ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଅଫ୍‌ଲାଇନ ହିଁ ସର୍ବୋତ୍ତମ ବିକଳ୍ପ




**ଭାରତ ଭଳି ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାରରେ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଭଲ ସୁଯୋଗ ରହିଛି। ବର୍ତ୍ତମାନ ଇ-କମର୍ସର ପ୍ରଭାବ ବଢ଼ି ଚାଲିଥିବା ବେଳେ ଅଫ୍‌ଲାଇନରେ ଗ୍ରାହକଙ୍କୁ ଉଚିତ ମୂଲ୍ୟରେ ଭଲ ପ୍ରଡକ୍ଟ ଯୋଗାଣ ଉପରେ ଫୋକସ ରଖିଛି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ହିନ୍ଦୁସ୍ଥାନ ଇଲେକ୍‌ଟ୍ରୋନିକ୍ସ। ନିଜର ଦୀର୍ଘଦିନର ବ୍ୟବସାୟ ଅଭିଜ୍ଞତା ସହ କାରବାର ପରିଚାଳନାରେ ସଫଳତା ହାସଲ କରିଥିବା ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ଜିତେନ୍ଦ୍ର ହଂସଙ୍କ ସହ ଧରିତ୍ରୀର ଆଳାପ...**

**➤ଅନ୍‌ଲାଇନରେ ସାମଗ୍ରୀ କିଣିଲେ ଶସ୍ତା ପଡ଼େ କି?**

►ଅନେକଙ୍କର ଏଭଳି ବିଶ୍ୱାସ ରହିଛି ଯେ, ଅନ୍‌ଲାଇନରୁ ସାମଗ୍ରୀ କିଣିଲେ ଶସ୍ତା ପଡ଼ିବ ; ଯାହା ସମ୍ପୂର୍ଣ୍ଣ ଭାବେ ଠିକ୍ ନୁହେଁ। ଅଫ୍‌ଲାଇନ ଷ୍ଟୋରଗୁଡ଼ିକ ଅନ୍‌ଲାଇନ ସହ ପ୍ରତିଦ୍ୱନ୍ଦ୍ୱିତା ମୂଲ୍ୟରେ ଗ୍ରାହକଙ୍କୁ ପ୍ରଡକ୍ଟ ଯୋଗାଇ ଦେଉଛନ୍ତି। ଆମ ଷ୍ଟୋରରେ ମଧ୍ୟ ଆମେ ଗ୍ରାହକଙ୍କୁ ସବୁ ପ୍ରକାର ସୁବିଧା ଏବଂ ସର୍ବୋତ୍ତମ ସେବା ଯୋଗାଣ ଉପରେ ଧ୍ୟାନ ରଖିଛୁ। ଗ୍ରାହକ ଷ୍ଟୋର ପରିଦର୍ଶନ କଲେ ହିଁ ଜାଣି ପ୍ରକୃତ ମୂଲ୍ୟର ତାରତମ୍ୟ ଜାଣିପାରିବେ। କେବଳ ବାହାର କଥା ଶୁଣିଦେଇ ରହିଗଲେ ହେବ ନାହିଁ।

**➤ଅନ୍‌ଲାଇନ ଷ୍ଟୋରଗୁଡ଼ିକ ଅଫ୍‌ଲାଇନ ପ୍ରତି ବିପଦ କି?**

►ବର୍ତ୍ତମାନ ଅନ୍‌ଲାଇନରୁ ଲୋକମାନେ ସାମଗ୍ରୀ କିଣୁଥିବାରୁ ଏହାର ପ୍ରଭାବ ଅଫ୍‌ଲାଇନ ଷ୍ଟୋର ଉପରେ ପଡ଼ିଛି। ବଜାରରେ ସବୁ ବର୍ଗର ବ୍ୟବସାୟୀ ତିଷ୍ଠି ରହିବାର ଆବଶ୍ୟକତା ରହିଛି। ଗୋଟିଏ କଥାରେ ମୁଁ ଖୁସି ଯେ, ଅଫ୍‌ଲାଇନ ଷ୍ଟୋରଗୁଡ଼ିକ ମଧ୍ୟ ଅନ୍‌ଲାଇନ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରୁଛନ୍ତି। ପ୍ରତିଦ୍ୱନ୍ଦ୍ୱିତା ରହିଲେ ବଜାର ବଢ଼ିବ। ଛୋଟ ବ୍ୟବସାୟୀ ନ ରହିଲେ ବଜାରରେ ମନୋପଲି ଆସିଯିବ। ବଡ ଅନ୍‌ଲାଇନ ପ୍ଲେୟରଙ୍କୁ ଡରିଯିବାର କୌଣସି କାରଣ ନାହିଁ। ଗ୍ରାହକଙ୍କୁ ଉଚିତ ମୂଲ୍ୟରେ ପ୍ରଡକ୍ଟ ଏବଂ ସେବା ଯୋଗାଣ ସହ ଭଲ କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଦ୍ୱାରା ହିଁ ସେମାନେ ଯୋଡ଼ି ହୋଇ ରହିପାରିବେ।

**➤ଆପଣଙ୍କ ଶୋ'ରୁମ୍ ପକ୍ଷରୁ ବର୍ତ୍ତମାନ କିଛି ଅଫର ରହିଛି କି?**

►ହଁ, ବର୍ତ୍ତମାନ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ପ୍ରଦାନ କରୁଛୁ। କଟକ, ଭୁବନେଶ୍ୱର ଗ୍ରାହକଙ୍କ ଲାଗି 'ଲୋଏଷ୍ଟ ପ୍ରାଇସ' ଅଫର ଆଣିଛୁ। କ୍ୟାଶ୍‌ବ୍ୟାକ, ଜିରୋ ଫାଇନାନ୍ସ ସୁବିଧା, ଏକ୍ସଚେଞ୍ଜ ସୁବିଧା, ମଗଣା ଡେଲିଭରି, ପ୍ରତି କ୍ରୟରେ ନିଶ୍ଚିତ ଉପହାର ଦେଉଛୁ। ଗୋଟିଏ ଛାତତଳେ ପ୍ରମୁଖ କମ୍ପାନୀର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଆମ ଶୋ'ରୁମ୍‌ରେ ଉପଲବ୍ଧ। ଗ୍ରାହକ ଏଠାକୁ ଆସି ଟଚ୍ ଆଣ୍ଡ ଫିଲ୍ ଅଭିଜ୍ଞତା ପାଇପାରିବେ। ଏକ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ଆମର ସବୁବେଳେ ଉଦ୍ୟମ ରହିଆସିଛି। ଏହି ଧାରାକୁ ସର୍ବଦା ଧ୍ୟାନ ରଖିଆସିଛୁ। ଗ୍ରାହକଙ୍କ ବିଶ୍ୱାସକୁ ନେଇ ଆଗକୁ ମଧ୍ୟ ସର୍ବୋତ୍ତମ ପ୍ରଡକ୍ଟ ଏବଂ ସେବା ଯୋଗାଇ ଦେବୁ। ଶୋ'ରୁମ୍‌ରେ ଏସି ଉପରେ ବର୍ତ୍ତମାନ ବିଶେଷ ରିହାତି ରହିଛି। ଗ୍ରାହକ ୨୪ ହଜାର ଆରମ୍ଭ ମୂଲ୍ୟରେ ୱାନ୍ ଟନ୍ ସ୍ପ୍ଲିଟ୍ କପର ୩ ଷ୍ଟାର ଏସି କିଣିବାର ସୁଯୋଗ ପାଇବେ।

**➤'ଭୋକାଲ ଫର୍ ଲୋକାଲ' ସମ୍ପର୍କରେ ଆପଣଙ୍କ ମତ କ'ଣ?**

►ସ୍ଥାନୀୟ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଲୋକମାନେ ବ୍ୟବହାର କଲେ ଆମ ଦେଶର କମ୍ପାନୀ ଆଗକୁ ବଢ଼ିପାରିବେ। ଏହାଦ୍ୱାରା ଦେଶର ବୃହତ୍ ପରିମାଣର ଅର୍ଥ ଦେଶ ମଧ୍ୟରେ ରହିପାରିବ। ବର୍ତ୍ତମାନ ସରକାର ଭୋକାଲ ଫର୍ ଲୋକାଲ, ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଭଳି ପଦକ୍ଷେପ ଦ୍ୱାରା ଘରୋଇ ବଜାରରେ ମାନୁଫାକ୍ଚରିଂକୁ ଗୁରୁତ୍ୱ ଦେଉଛନ୍ତି। ଭାରତରେ କଞ୍ଜ୍ୟୁମର ଡ୍ୟୁରେବଲର ଏକ ବଡ ବଜାର ରହିଛି। ସରକାର ମାନୁଫାକ୍ଚରିଂକୁ ଉତ୍ସାହିତ କରୁଥିବାରୁ ଭାରତ ଏ କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ହୋଇପାରିବ ବୋଲି ଆଶା କରୁଛି। ଭାରତରେ ସାମଗ୍ରୀ ପ୍ରସ୍ତୁତ ହେଲେ ଏହାର ଲାଭ ଗ୍ରାହକଙ୍କୁ ମିଳିପାରିବ। ସାମଗ୍ରୀ ଅପେକ୍ଷାକୃତ ସୁଲଭ ମଧ୍ୟ ହେବ। ବର୍ତ୍ତମାନ ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ଭଲ ପ୍ରଡକ୍ଟ ଆଣିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି।

**➤ଓଡ଼ିଶା ଇଲେକ୍‌ଟ୍ରୋନିକ୍ସ ବଜାରକୁ କିଭଳି ଦେଖୁଛନ୍ତି?**

►ସହରାଞ୍ଚଳ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଗଲାଣି। ଅନ୍‌ଲାଇନ ପ୍ଲେୟରମାନେ ଗ୍ରାମାଞ୍ଚଳ ବଜାର ଆଡ଼କୁ ମଧ୍ୟ ଅଗ୍ରସର ହେଉଛନ୍ତି। ରାଜ୍ୟର ଗ୍ରାମାଞ୍ଚଳ ବଜାରରେ ବର୍ତ୍ତମାନ ଚାହିଦା ବଢିଚାଲିଛି। ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଚାହିଦା ବଜାୟ ରହିବ। ଡିଲରମାନେ ଏହାର ଲାଭ ନେବା ଆବଶ୍ୟକ।

# ସାଇ ଶରଣଂ ଏଜେନ୍ସି ଶୁଭାରମ୍ଭ

ଭୁବନେଶ୍ୱର,୨୪।୩

ସ୍ଥାନୀୟ ପଟିଆ କିଟ୍ ଛକରେ ସାନିଟାରୀ ଶୋ'ରୁମ ସାଇ ଶରଣଂ ଏଜେନ୍ସି ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ , ସମ୍ମାନୀତ ଅତିଥି ଭାବେ ଦିଲୀପ କନଷ୍ଟ୍ରକଶନର ନିର୍ଦ୍ଦେଶକ ଦିଲ୍ଲୀପ ଖଟେଇ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଯୁବ ଉଦ୍ୟୋଗୀ ମିହିର କୁମାର ରାଉତ ଏବଂ ସାଗର କୁମାର ରାଉତଙ୍କ ଉଦ୍ୟମରେ ଏହି ଶୋ'ରୁମ ଖୋଲିଛି। ଶୋ'ରୁମ ସ୍ୱତ୍ତ୍ୱାଧିକାରୀ ମିହିର କୁମାର ରାଉତ କହିଛନ୍ତି, ଓଡିଶାରେ ପ୍ରଥମଥର ଲାଗି ପ୍ରବେଶ କରିଥିବା ଆଟିକୋ ଏବଂ ଜେବିସ୍ କମ୍ପାନୀର ଉତ୍ପାଦ ଏଠାରେ ଉପଲବ୍ଧ ହେବ। ଆଟିକୋର ସମସ୍ତ ସାନିଟାରୀ ପ୍ରଡକ୍ଟ ଏବଂ ଜେବିସ୍ କମ୍ପାନୀର ହାର୍ଡୱେର ପ୍ରଡକ୍ଟ ଗ୍ରାହକ ଏଠାରେ ଲାଭ କରିପାରିବେ। ପ୍ରଡକ୍ଟ ଉପରେ ଗ୍ରାହକ ରିହାତି ଏବଂ ରିପ୍ଲେସମେଣ୍ଟ ୱାରେଣ୍ଟି ଲାଭ କରିପାରିବେ।


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No. RDM-LAC-KNJ-0005-2020-31032/R&DM, Dated: 22 OCT. 2020

**No. V-32:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନପୁର ଜଳସେଚନ ପ୍ରକଳ୍ପର କେନାଲ ନିମନ୍ତେ ମୌଜା- **ବଳା**, ଥାନା- ବାରିଆ ନଂ.୬୯, ତହସିଲ- ଚମ୍ପୁଆ, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ **୧୫.୩୩** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।
୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, କାନପୁର କେନାଲ ଡିଭିଜନ ନଂ.-୨, ରିମୁଳି, କେନ୍ଦୁଝର ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଚମ୍ପୁଆ ।
୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଚମ୍ପୁଆ | ବଳା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧୫.୩୩ ଏକର | ଏଥିସହିତ ସଂଲଗ୍ନ |

ଗୋଚର ଜମି ବଦଳ ହେତୁ ୧.୦.୮୪
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାନପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ଦେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ
### ମୌଜା- ବଳା, (ଗ୍ରାମାଞ୍ଚଳ), ଥାନା- ବାରିଆ ନଂ. ୬୯, ତହସିଲ- ଚମ୍ପୁଆ, ଜିଲ୍ଲା- କେନ୍ଦୁଝରର କାନପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍‌ମାଇନର କେନାଲ ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୫ | ରୟତି | ୨୪୧୪ | ଶାରଦ ଦୁଇ | ୦.୩୨ | ୦.୨୪ | ଅଦିତ କୁମାର ବାରିକ, ଶ୍ରୀକାନ୍ତ ବାରିକ, ଶକୁନ୍ତଳା ବାରିକ, ସୁନାଫୁଲ ବାରିକ, ପି-ଲମ୍ବୋଦର ବାରିକ ଓଗେର, ଜା-ଗୋପାଳ, ବା-ନିଜଗାଁ |
| ୧୫ | ରୟତି | ୨୧୪୭ | ଶାରଦ ଦୁଇ | ୧.୧୦ | ୦.୩୨ | ଈଶ୍ୱର ନାଏକ, ପି- ନାଥ ନାଏକ, ଜା- ବାଥୁଡ଼ି, ବା- ନିଜଗାଁ |
| ୧୮ | ରୟତି | ୧୮୧୬ | ବିଆଳି | ୦.୭୪ | ୦.୨୨ | କାର୍ତ୍ତିକା ବାରିକ, ଦଶରଥ ବାରିକ, ପି- କଣ୍ଠ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୧୮୩୧ | ବିଆଳି | ୧.୩୬ | ୦.୦୮ | |
| | | ୨୦୮୩ | ଶାରଦ ତିନି | ୦.୨୩ | ୦.୧୮ | |
| | | ୨୧୨୯ | ଶାରଦ ଦୁଇ | ୧.୨୮ | ୦.୦୧ | |
| | | ୨୧୬୦ | ଶାରଦ ଦୁଇ | ୦.୮୫ | ୦.୧୨ | |
| | | ୨୧୬୧ | ଶାରଦ ଦୁଇ | ୦.୯୦ | ୦.୧୦ | |
| ୨୩ | ରୟତି | ୬୩୯ | ଶାରଦ ଦୁଇ | ୦.୩୮ | ୦.୦୨ | କାଳିଚରଣ ତ୍ରିପାଠୀ, ପି- ପୀତାମ୍ବର ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନିଜଗାଁ |
| | | ୬୪୦ | ଶାରଦ ଦୁଇ | ୦.୭୫ | ୦.୧୦ | |
| | | ୬୪୩ | ଶାରଦ ଦୁଇ | ୦.୬୧ | ୦.୧୦ | |
| | | ୬୪୪ | ଶାରଦ ଦୁଇ | ୦.୬୮ | ୦.୦୮ | |
| | | ୬୭୪ | ଶାରଦ ଦୁଇ | ୦.୪୦ | ୦.୦୧ | |
| | | ୨୦୭୪ | ଶାରଦ ତିନି | ୦.୦୧ | ୦.୦୧ | |
| ୨୫ | ରୟତି | ୨୪୧୭ | ଶାରଦ ତିନି | ୦.୩୯ | ୦.୨୮ | କୁଶଳ କମାର, ଅନାଦି କମାର, ରାଜେନ୍ଦ୍ର କମାର, ଠାକୁରଦାସ କମାର, ଗୋଲାପ କମାର, ଫୁଲମଣି କମାର, ପି- ଶିବୁ କମାର, ଚାନ୍ଦ କମାର, ସ୍ୱା- ଶିବୁ କମାର, ଜା- କମାର, ବା- ନିଜଗାଁ |
| ୩୦ | ରୟତି | ୧୭୬୪ | ବିଆଳି | ୦.୭୧ | ୦.୩୬ | ଖଗେଶ୍ୱର ବାରିକ, ଟାଙ୍ଗୁରୁ ବାରିକ, କଇରୁ ବାରିକ, ଗୁର ବାରିକ, ପି- ବୃଷଭ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୩୨ | ରୟତି | ୭୨ | ତଇଲା ଦୁଇ | ୦.୦୭ | ୦.୦୭ | କ୍ଷେତ୍ରବାସୀ ବାରିକ, ଲକ୍ଷ୍ମୀଧର ବାରିକ, ଲକ୍ଷ୍ମଣ ବାରିକ, ପି-ଆଦିକନ୍ଦ ବାରିକ ଓଗେର, ଜା- ଗୋପାଳ, ବା- ନିଜଗାଁ |
| | | ୬୫୦ | ଶାରଦ ଦୁଇ | ୦.୭୦ | ୦.୧୪ | |
| | | ୬୩୬ | ଶାରଦ ଦୁଇ | ୦.୦୮ | ୦.୦୧ | |
| | | ୧୮୨୫ | ବିଆଳି | ୦.୬୨ | ୦.୨୭ | |
| | | ୧୭୬୪/ ୨୮୬୯ | ବିଆଳି | ୦.୧୪ | ୦.୦୫ | |
| ୩୩ | ରୟତି | ୧୮୧୫ | ବିଆଳି | ୦.୫୪ | ୦.୧୮ | କ୍ଷେତ୍ରମୋହନ ବାରିକ, ପି- କୋବେର ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୧୪୮ | ଶାରଦ ଦୁଇ | ୦.୭୧ | ୦.୧୩ | |
| ୩୪ | ରୟତି | ୨୧୬୪ | ଶାରଦ ଦୁଇ | ୦.୬୧ | ୦.୦୬ | ଗଙ୍ଗା ମୁଣ୍ଡା, ସଗା ମୁଣ୍ଡା, ପି- କଚେ ମୁଣ୍ଡା, ଯାତ୍ରି ମୁଣ୍ଡା, ସ୍ୱା- କଚେ ମୁଣ୍ଡା ଓଗେର, ଜା- କୋହ୍ଲ, ବା- ନିଜଗାଁ |
| ୩୭ | ରୟତି | ୨୭୨୧ | ବିଆଳି | ୦.୭୮ | ୦.୪୨ | ଗୁରା ମାଝୀ, ପି- ଶମ୍ଭୁ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୪୦ | ରୟତି | ୧୭୭୦ | ବିଆଳି | ୦.୮୭ | ୦.୧୮ | ଗୋବିନ୍ଦ ବାରିକ, ସୁରୁ ବାରିକ, କୋକିଳ ବାରିକ, ପି- ପାଣ୍ଡୁ ବାରିକ ଓଗେର, ଜା- ଗୋପାଳ, ବା- ନିଜଗାଁ |
| | | ୨୦୭୮ | ଶାରଦ ଦୁଇ | ୦.୪୬ | ୦.୩୦ | |
| ୪୪ | ରୟତି | ୨୧୬୩/ ୨୯୧୫ | ଶାରଦ ଦୁଇ | ୦.୧୬ | ୦.୧୨ | ଘାସିଆ ନାଏକ, ଶମ୍ଭୁ ନାଏକ, ରଂଭୁ ନାଏକ, ଦେବ ନାଏକ, ପି- ନାଲୁ ନାଏକ, ଯାତ୍ରି ନାଏକ, ସ୍ୱା- ନାଲୁ ନାଏକ, ଜା- ସାଉନ୍ତି, ବା- ନିଜଗାଁ |
| ୫୦ | ରୟତି | ୧ | ବିଆଳି | ୦.୮୨ | ୦.୪୪ (ଗୋଚର ବଦଳି) | ଜନାର୍ଦ୍ଦନ ବାରିକ, ପି- ଦୁଃଶାସନ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୧ | ବିଆଳି | ୦.୮୨ | ୦.୩୮ | |
| | | ୧୩୨ | ବିଆଳି | ୦.୪୦ | ୦.୪୦ (ଗୋଚର ବଦଳି) | |
| ୫୩ | ରୟତି | ୬୪୯ | ଶାରଦ ଦୁଇ | ୦.୨୪ | ୦.୧୨ | ଯୁଧିଷ୍ଠିର ତ୍ରିପାଠୀ, ପି- ବାଞ୍ଛାନିଧି ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନିଜଗାଁ |
| | | ୬୫୭ | ଶାରଦ ତିନି | ୦.୪୮ | ୦.୧୬ | |
| | | ୧୮୨୨ | ବିଆଳି | ୦.୫୩ | ୦.୩୨ | |
| ୫୪ | ରୟତି | ୨୦୭୫ | ଶାରଦ ତିନି | ୦.୦୯ | ୦.୦୯ | ଯୁଧିଷ୍ଠିର ବାରିକ, ବେଣୁଧର ବାରିକ, କୁଳମଣି ବାରିକ, କମଳା ବାରିକ, ଗୁରେଇ ବାରିକ, ପି- ଗିରିଧାରୀ ବାରିକ ଓଗେର, ଜା- ଗୋପାଳ, ବା- ନିଜଗାଁ |
| | | ୧୮୧୪/ ୨୮୭୩ | ବିଆଳି | ୦.୧୮ | ୦.୧୫ | |
| ୬୩ | ରୟତି | ୨୦୭୯ | ଶାରଦ ଦୁଇ | ୦.୧୫ | ୦.୧୦ | ଦୀନବନ୍ଧୁ ବାରିକ, ଲକ୍ଷ୍ମଣ ବାରିକ, ହିରଣ୍ୟ ବାରିକ, ପି- ଦୁଃଖବନ୍ଧୁ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୦୮୦ | ଶାରଦ ଦୁଇ | ୦.୩୭ | ୦.୨୬ | |
| | | ୨୦୮୧ | ଶାରଦ ଦୁଇ | ୦.୨୦ | ୦.୧୬ | |
| ୭୪ | ରୟତି | ୨୧୮୨ | ଶାରଦ ଦୁଇ | ୬.୫୫ | ୦.୬୮ | ନବକିଶୋର ବାରିକ, ନରୋତ୍ତମ ବାରିକ, ଆନନ୍ଦ ବାରିକ, ଗୌରଚନ୍ଦ୍ର ବାରିକ, ଗୋବିନ୍ଦ ଚନ୍ଦ୍ର ବାରିକ, ପି- କୃତିଆ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୭୮ | ରୟତି | ୧୮୧୪ | ବିଆଳି | ୦.୧୮ | ୦.୧୦ | ନରହରି ବାରିକ, ପି- କଳାକାର ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୦୭୭ | ଘରବାରି | ୦.୧୨ | ୦.୦୨ | |
| ୮୨ | ରୟତି | ୧୩ | ବିଆଳି | ୧.୧୩ | ୦.୫୬ | ନାଲୁ ନାଏକ, ମଥୁରା ନାଏକ, ପି- ନଣ୍ଡା ନାଏକ ଓଗେର, ଜା- ବାଥୁଡ଼ି, ବା- ରେଙ୍ଗାଲବେଡା |
| | | ୧୮ | ବିଆଳି | ୧.୩୦ | ୦.୩୦ | |
| ୯୦ | ରୟତି | ୧୫ | ବିଆଳି | ୦.୮୦ | ୦.୨୨ | ପୂର୍ଣ୍ଣଚନ୍ଦ୍ର ବାରିକ, ପି- ଭଗବତ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୬୬୬ | ଶାରଦ ତିନି | ୦.୪୪ | ୦.୦୬ | |
| ୧୦୨ | ରୟତି | ୬୬୩ | ଶାରଦ ତିନି | ୦.୦୫ | ୦.୦୫ | ବାସୁଦେବ ତ୍ରିପାଠୀ, ପି- ବାଞ୍ଛାନିଧି ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନିଜଗାଁ |
| | | ୬୭୫ | ଶାରଦ ଦୁଇ | ୦.୦୪ | ୦.୦୩ | |
| | | ୬୭୬ | ଶାରଦ ଦୁଇ | ୦.୧୧ | ୦.୧୧ | |
| | | ୬୪୮ | ଶାରଦ ଦୁଇ | ୦.୨୧ | ୦.୧୪ | |
| | | ୬୪୮/ ୨୮୧୯ | ଶାରଦ ଦୁଇ | ୦.୦୩ | ୦.୦୧ | |
| ୧୦୩ | ରୟତି | ୬୪୨ | ଶାରଦ ଦୁଇ | ୦.୮୧ | ୦.୦୮ | ବାସୁଦେବ ତ୍ରିପାଠୀ, ଯୁଧିଷ୍ଠିର ତ୍ରିପାଠୀ, ବନମାଳୀ ତ୍ରିପାଠୀ, ଗୌରାଙ୍ଗ ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ତ୍ରିପାଠୀ, ପି- ବାଞ୍ଛାନିଧି ତ୍ରିପାଠୀ, କ୍ଷୀରମଣି ତ୍ରିପାଠୀ, ସ୍ୱା- ବାଞ୍ଛାନିଧି ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନିଜଗାଁ |
| | | ୬୪୭ | ଶାରଦ ଦୁଇ | ୦.୩୯ | ୦.୨୪ | |
| | | ୨୦୭୩ | ଶାରଦ ତିନି | ୦.୧୬ | ୦.୦୧ | |
| ୧୦୫ | ରୟତି | ୨୪୧୨ | ଶାରଦ ଦୁଇ | ୦.୯୩ | ୦.୦୭ | ବିନୁ ମୁଣ୍ଡା, ପି- ସୁନା ମୁଣ୍ଡା, ଘାସିଆ ମୁଣ୍ଡା, କୃଷ୍ଣ ମୁଣ୍ଡା, ପି- ଧରଣୀ ମୁଣ୍ଡା ଓଗେର, ଜା- କୋହ୍ଲ, ବା- ନିଜଗାଁ |
| | | ୨୪୧୧/ ୨୯୪୮ | ଶାରଦ ଦୁଇ | ୦.୦୮ | ୦.୦୫ | |
| ୧୦୯ | ରୟତି | ୨୧୩୩ | ଶାରଦ ଦୁଇ | ୨.୪୪ | ୦.୩୮ | ବୁଧୁ ମୁଣ୍ଡା, ସୁପାଇ ମୁଣ୍ଡା, ବୈଶାଖୁ ମୁଣ୍ଡା, ଭଞ୍ଜ ମୁଣ୍ଡା, ପି- ନବିନା ମୁଣ୍ଡା ଓଗେର, ଜା- କୋହ୍ଲ, ବା- ନିଜଗାଁ |
| ୧୧୦ | ରୟତି | ୨୩୧୮ | ଶାରଦ ତିନି | ୦.୧୭ | ୦.୦୧ | ବୁଧୁ ମାଝୀ, ସୁକୁ ମାଝୀ, ବସେନ ମାଝୀ, ମଙ୍ଗଳ ମାଝୀ, ପି- ସୁଫୁଲ ମାଝୀ ଓଗେର, ଜା- ସାନ୍ତାଳ, ବା- ନିଜଗାଁ |
| ୧୧୬ | ରୟତି | ୧୮୧୨ | ବିଆଳି | ୦.୬୮ | ୦.୨୪ | ଭଗବାନ ବାରିକ, ପି- ଜୟକୃଷ୍ଣ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୨୧ | ରୟତି | ୨୧୬୩ | ଶାରଦ ଦୁଇ | ୦.୧୭ | ୦.୧୦ | ମଗୁଲୁ ନାଏକ, ପି - ବିନୋଦ ନାଏକ, ଜା- ସାଉନ୍ତି, ବା- ନିଜଗାଁ |
| ୧୨୯ | ରୟତି | ୨୧୩୪ | ଶାରଦ ଦୁଇ | ୦.୫୩ | ୦.୦୧ | ମୁକ୍ତା ବାରିକ, ସ୍ୱା- ନବକିଶୋର ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୩୦ | ରୟତି | ୨୧୬୨ | ଶାରଦ ଦୁଇ | ୦.୯୦ | ୦.୧୫ | ମୁକ୍ତା ନାଏକ, ସ୍ୱା- ଆଷାଢୁ ନାଏକ, ଜା- ସାଉନ୍ତି, ବା- ନିଜଗାଁ |
| ୧୩୬ | ରୟତି | ୨୪୧୭/ ୩୦୯୭ | ଶାରଦ ତିନି | ୦.୧୭ | ୦.୦୩ | ରବିକାନ୍ତ ବାରିକ, ବାବାଜି ବାରିକ, ପି- କାର୍ତ୍ତିକ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୪୧ | ରୟତି | ୧୨ | ବିଆଳି | ୨.୦୭ | ୦.୨୪ | ରାମଚନ୍ଦ୍ର ବାରିକ, ପି- ଭାଗବତ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୬୬୨ | ଶାରଦ ତିନି | ୦.୧୫ | ୦.୦୬ | |
| | | ୬୬୫ | ଶାରଦ ତିନି | ୦.୪୭ | ୦.୩୩ | |
| ୧୪୬ | ରୟତି | ୨୪୦୯ | ଶାରଦ ତିନି | ୦.୬୧ | ୦.୧୦ | ଲାଲ ମୋହନ ମାଝୀ, ପି- ସମ୍ବରା ମାଝୀ, ଫୁଲ ମାଝୀ, ସ୍ୱା- ସମ୍ବରା ମାଝୀ ଓଗେର, ଜା- ସାନ୍ତାଳ, ବା- ନିଜଗାଁ |
| | | ୨୪୧୦ | ଶାରଦ ଦୁଇ | ୦.୬୫ | ୦.୩୪ | |
| | | ୨୪୧୧ | ଶାରଦ ଦୁଇ | ୦.୦୬ | ୦.୦୬ | |
| | | ୨୪୧୪/ ୨୯୪୯ | ଶାରଦ ଦୁଇ | ୦.୨୬ | ୦.୦୮ | |
| | | ୨୪୧୫ | ପତିତ | ୨.୬୮ | ୦.୩୪ | |
| ୧୪୯ | ରୟତି | ୧୭୭୧ | ବିଆଳି | ୦.୭୯ | ୦.୨୨ | ଲୋକନାଥ ବାରିକ, ଗୁରେଇ ବାରିକ, ପଦ୍ମା ବାରିକ, ଫୁଟ ବାରିକ, ଅଶୋକ ବାରିକ, ପି- ଦିବାକର ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୧୮୨୯ | ବିଆଳି | ୦.୯୦ | ୦.୩୬ | |
| | | ୬୬୪ | ଶାରଦ ତିନି | ୦.୨୬ | ୦.୦୪ | |
| | | ୨୦୮୨ | ଶାରଦ ତିନି | ୦.୦୫ | ୦.୦୩ | |
| | | ୨୧୩୬ | ଶାରଦ ତିନି | ୦.୩୧ | ୦.୨୬ | |
| | | ୨୧୩୫ | ଶାରଦ ଦୁଇ | ୦.୬୨ | ୦.୦୩ | |
| ୧୫୪ | ରୟତି | ୭୧ | ବିଆଳି | ୦.୯୦ | ୦.୧୩ | ସହଦେବ ମୁଣ୍ଡା, ପି- ଜେନା ମୁଣ୍ଡ, ଜା- କୋହ୍ଲ, ବା- ଟାଙ୍ଗରପଡ଼ା |
| ୧୫୯ | ରୟତି | ୨୭୧୭ | ବିଆଳି | ୦.୩୦ | ୦.୦୩ | ସୁନାରମା ମାଝୀ, ପି- ସମ୍ବରା ମାଝୀ, ଜା- ସାନ୍ତାଳ, ବା- ନିଜଗାଁ |
| ୧୬୫ | ରୟତି | ୧୮୧୪/ ୨୮୭୨ | ବିଆଳି | ୦.୧୬ | ୦.୧୨ | ହରିହର ବାରିକ, ପି- କଳାକାର ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୦୭୬ | ଶାରଦ ତିନି | ୦.୧୦ | ୦.୧୦ | |
| ୧୬୮ | ରୟତି | ୭୬ | ବିଆଳି | ୦.୪୫ | ୦.୨୮ | ହୃଷି ବାରିକ, ହଗୁରୁ ବାରିକ, ଗୋଲାପ ବାରିକ, ଚେମି ବାରିକ, ପି- ଭାଲୁ ବାରିକ ଓଗେର, ଜା- ଗୋପାଳ, ବା- ନିଜଗାଁ |
| | | ୧୭୫୪ | ବିଆଳି | ୦.୨୬ | ୦.୧୦ | |
| | | ୧୭୬୩ | ବିଆଳି | ୦.୧୦ | ୦.୦୧ | |
| | | ୧୭୫୫ | ବିଆଳି | ୦.୬୬ | ୦.୦୫ | |
| | | ୧୮୧୩ | ବିଆଳି | ୦.୫୦ | ୦.୦୮ | |
| | | ୧୮୧୨/ ୨୮୭୧ | ବିଆଳି | ୦.୦୭ | ୦.୦୩ | |
| ୧୬୮/ ୨୨ | ରୟତି | ୨୪୧୭/ ୩୦୯୬ | ଶାରଦ ତିନି | ୦.୧୨ | ୦.୦୫ | ରବିକାନ୍ତ ବାରିକ, ପି- କାର୍ତ୍ତିକ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୨୪ | ରୟତି | ୧୮୨୬ | ବିଆଳି | ୧.୩୧ | ୦.୪୮ | ରାଧାକାନ୍ତ ବାରିକ, ପ୍ରହ୍ଲାଦ ବାରିକ, ପି- ହିରଣ୍ୟ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୦୭୩/ ୩୧୦୬ | ଶାରଦ ତିନି | ୦.୧୫ | ୦.୦୫ | |
| ୧୬୮/ ୨୮ | ରୟତି | ୭୪ | ବିଆଳି | ୦.୮୪ | ୦.୨୨ | ଶ୍ୟାମସୁନ୍ଦର ମହାନ୍ତ, ପି- ସନ୍ନୁ ମହାନ୍ତ, ଜା- କୁଡୁମି, ବା- କଟୁପଶି |
| ୧୬୮/ ୩୬ | ରୟତି | ୧୭୬୪/ ୩୧୯୬ | ବିଆଳି | ୦.୩୬ | ୦.୨୦ | ବିରବର ବାରିକ, ନୀଳାମ୍ବର ବାରିକ, କୈବଲ୍ୟ ବାରିକ, ପି- କଇରୁ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୯୫ | ରୟତି | ୨୪୧୩ | ଶାରଦ ଦୁଇ | ୦.୧୫ | ୦.୦୩ | ବିଶ୍ୱନାଥ ବାରିକ, ପ୍ରସନ୍ନ କୁମାର ବାରିକ, ପି- ନବକିଶୋର ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୧୦୦ | ରୟତି | ୨୪୧୪/ ୩୧୮୨ | ଶାରଦ ଦୁଇ | ୦.୧୩ | ୦.୦୫ | ଜୟନ୍ତୀ ବାରିକ, ସ୍ୱା- ବିଶ୍ୱନାଥ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୧୦୫ | ରୟତି | ୨୦୭୯/ ୨୯୧୦ | ଶାରଦ ଦୁଇ | ୦.୦୬ | ୦.୦୪ | ସୁଷମା ବାରିକ, ସ୍ୱା- ରାଧାକାନ୍ତ ବାରିକ, ସୁମନ୍ତ ବାରିକ, ହେମନ୍ତ ବାରିକ, ଶର୍ମିଷ୍ଠା ବାରିକ, ପି- ରାଧାକାନ୍ତ ବାରିକ, ପ୍ରହ୍ଲାଦ ବାରିକ, ପି- ହିରଣ୍ୟ ବାରିକ, ଜା- ଗୋପାଳ, ବା- ନିଜଗାଁ |
| | | ୨୦୭୮/ ୩୧୮୬ | ଶାରଦ ଦୁଇ | ୦.୦୯ | ୦.୦୬ | |
| ୧୬୮/ ୧୨୦ | ରୟତି | ୨୦୭୩/ ୩୨୨୨ | ଶାରଦ ତିନି | ୦.୧୬ | ୦.୦୩ | ରବିକାନ୍ତ ବାରିକ, ପି- କାର୍ତ୍ତିକ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୧୨୪ | ରୟତି | ୨୪୧୪/ ୩୨୧୨ | ଶାରଦ ଦୁଇ | ୦.୧୫ | ୦.୧୩ | ସୁଷମା ବାରିକ, ସ୍ୱା- ରାଧା ବାରିକ, ସୁମନ୍ତ ବାରିକ, ହେମନ୍ତ ବାରିକ, ଶର୍ମିଷ୍ଠା ବାରିକ, ପି- ରାଧାକାନ୍ତ ବାରିକ, ପ୍ରହ୍ଲାଦ ବାରିକ, ପି- ହିରଣ୍ୟ ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୧୩୫ | ରୟତି | ୧୮୧୩/ ୩୨୨୭ | ବିଆଳି | ୦.୨୪ | ୦.୦୨ | ରବୀନ୍ଦ୍ର ବାରିକ, ପି- ଧନେଶ୍ୱର ବାରିକ, ଜା- ଗୋପାଳ, ବା- ନିଜଗାଁ |
| ୧୬୮/ ୧୫୫ | ରୟତି | ୭୫ | ବିଆଳି | ୦.୭୦ | ୦.୧୬ | ଜୟଟେକ୍ସ ଏଗ୍ରିଭେନ୍‌ଚର ପ୍ରା: ଲି:ଃ ତରଫ ଅଜିତ କୁମାର ମହାକୁଡ଼, ପି- ରମେଶ ଚନ୍ଦ୍ର ମହାକୁଡ଼, ଜା- ଗୋପାଳ, ବା- ସିଆଳିଯୋଡା, ଥାନା- ଯୋଡ଼ା, ଜି- କେନ୍ଦୁଝର |
| | | ମୋଟ ରୟତି ଜମି | | | ୧୫.୩୩ | |

ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ,
କାନପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝର

OIPR-24001/14/0254/2021



ବଲିଉଡ ଅଭିନେତ୍ରୀ ମଲାଇକା ଅରୋରାଙ୍କୁ ତାଙ୍କ ପୂର୍ବତନ ସ୍ୱାମୀ ଅରବାଜ ଖାନ ଏକ ଗିଫ୍ଟ ଦେଇଛନ୍ତି। ଉପହାରରେ ତାଙ୍କୁ ସ୍ୱାଦିଷ୍ଟ ଆମ୍ବର ଏକ ପ୍ୟାକେଟ ମିଳିଛି। ଏହାକୁ ମଲାଇକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଅରବାଜଙ୍କୁ ଧନ୍ୟବାଦ ଦେଇଥିଲେ। ମଲାଇକା ଏବଂ ଅରବାଜ ୧୮ ବର୍ଷ ଧରି ବୈବାହିକ ଜୀବନ କାଟିବା ପରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ପରେ ମଲାଇକା ଅଭିନେତା ଅର୍ଜୁନ କପୁରଙ୍କ ପ୍ରେମରେ ପଡ଼ିଥିଲେ। ସେହିପରି ଅରବାଜଙ୍କୁ ମଧ ନୂଆ ସାଥୀ ମିଳିସାରିଛନ୍ତି। ମଲାଇକା ଏବଂ ଅର୍ଜୁନ ଖୁବ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ମଧ ଚର୍ଚ୍ଚା ହେଉଛି।

# କମିନି 'କପିଂ ଥେରାପି' ଚମକ

**ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ଲାଗି ପ୍ରାଚୀନ କାଳରେ ବ୍ୟବହାର କରାଯାଉଥିଲା ଅନେକ ଥେରାପି। ମଣିଷ ଧୀରେ ଧୀରେ ଆଧୁନିକତାର ଇନ୍ଦ୍ରଜାଲରେ ଛନ୍ଦି ହୋଇଯାଉଥିଲେ ମଧ ଏଭଳି ପୁରାତନ ଥେରାପି ଚମକ ହରାଇନି, ବରଂ ଆଧୁନିକ ଯୁବପିଢ଼ି ଏହାକୁ ନେଇ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି। ମନୁଷ୍ୟ ଶରୀରର ରକ୍ତବିକାର ଦୂର କରିବା ଲାଗି ପ୍ରାଚୀନ ଚାଇନା ଏବଂ ମିଶରରେ ବହୁଳ ପ୍ରଚଳିତ ହେଉଥିଲା ଯନ୍ତ୍ରଣାଦାୟକ 'କପିଂ ଥେରାପି'। ନିକଟରେ ବିଗ୍ ବସ୍–୧୩ର ଉପବିଜେତା ଅସୀମ ରିୟାଜ ଏହି ଥେରାପି କରାଇବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା।**



**ନୂଆଦିଲ୍ଲୀ:** ବିଗ୍ ବସ୍–୧୩ର ଉପବିଜେତା ଅସୀମ ରିୟାଜ ନିକଟରେ କରାଇଛନ୍ତି 'କପିଂ ଥେରାପି'। ସେ ଏହାର ଫଟୋ ବ୍ୟକ୍ତିଗତ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଅପ୍‌ଲୋଡ୍ କରିବା ପରେ ପ୍ରଶଂସକମାନେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। କାରଣ 'କପିଂ ଥେରାପି' ଖୁବ୍ ପୀଡ଼ାଦାୟକ। ଏଥିରେ ଚମଡ଼ା ଶିଙ୍ଘିଯାଇଥାଏ। ଯନ୍ତ୍ରଣା ମଧ ହୋଇଥାଏ।

'କପିଂ ଥେରାପି'ର ଇତିହାସ ବେଶ୍ ପୁରୁଣା। ଖ୍ରୀଷ୍ଟପୂର୍ବ ୧୫୫୦ରେ ପ୍ରାଚୀନ ମିଶର ଏବଂ ମଧ୍ୟପ୍ରାଚ୍ୟ ଦେଶରେ ଏହାର ବ୍ୟବହାର କରାଯାଉଥିଲା। ବିଶେଷ କରି ଚର୍ମ ଏବଂ ରକ୍ତ ସମ୍ପର୍କିତ ଜଟିଳ ରୋଗର ଚିକିତ୍ସା ଲାଗି ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିଲା। ଚିକିତ୍ସା ବିଜ୍ଞାନର ସର୍ବପୁରାତନ ପୁସ୍ତକରେ ଏହାର ପଦ୍ଧତି ବିଷୟରେ ସୂଚନା ମିଳେ। 'କପିଂ ଥେରାପି'କୁ ସାଧାରଣ ଭାଷାରେ କପ୍ ଦ୍ୱାରା ଚିକିତ୍ସା ବୋଲି କୁହାଯାଇପାରେ। ଏଥିଲାଗି ସ୍ୱତନ୍ତ୍ର ଧରଣର କାଚ, ବାଉଁଶ, ମାଟି କିମ୍ବା ସିଲିକନ କପ୍ ବ୍ୟବହାର କରାଯାଏ। ଉକ୍ତ କପ୍‌ରେ ଭାକ୍ୟୁମ୍ ଅବସ୍ଥା ସୃଷ୍ଟି କରାଯାଏ। ଫଳରେ ଶରୀରର ବିଭିନ୍ନ ସ୍ଥାନରେ ଏହି କପ୍ ଆପେଆପେ୍ ଲାଗିଯାଇଥାଏ। ଶରୀର ବାହ୍ୟ ଅଙ୍ଗରେ ହେଉଥିବା ଯନ୍ତ୍ରଣା ଦୂର, ଚମଡ଼ାରେ ଜଳାପୋଡ଼ା ବନ୍ଦ, ଉତ୍ତମ ରକ୍ତପ୍ରଭାବ ଏବଂ ସୁସ୍ଥ ରହିବା ଲାଗି ଏହି ଥେରାପି ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷେ କପିଂ ଥେରାପି ଉଭୟ ଶୁଷ୍କ କିମ୍ବା ଆର୍ଦ୍ର ହୋଇପାରେ।

ଏହି ଥେରାପିରେ ଥେରାପିଷ୍ଟମାନେ ସ୍ୱତନ୍ତ୍ର ଜଡ଼ିବୁଟି, ତୈଳ ଏବଂ ବାମ୍ଫ ବ୍ୟବହାର କରିଥାନ୍ତି। ପ୍ରଥମେ ଶରୀରକୁ ଜଡ଼ିବୁଟି ଯୁକ୍ତ ତେଲରେ ମଜାସ କରାଯାଏ। ସଂକ୍ରମଣ ରୋକିବାକୁ ଆଣ୍ଟିଓବାଓଟିକ୍ କ୍ରିମ୍ ଲଗାଯାଏ। ଏହାପରେ କପ୍‌ରେ ଗରମ ବାମ୍ଫ ରଖି ଏହାକୁ ଶରୀରର ବିଭିନ୍ନ ସ୍ଥାନରେ ଓଲଟା ଭାବେ ରଖିଦିଆଯାଏ। କପ୍ ଭିତରର ବାୟୁ ଥଣ୍ଡା ହେଲେ ଚମଡ଼ା ଆପେ ଆପେ ଭିତରକୁ ଟାଣି ହୋଇଯାଏ ଏବଂ କପ୍‌ଟି ଚୁମ୍ବକ ଭଳି ଦେହରେ ଲାଗିଯାଏ। ଏହି ଥେରାପି ଦ୍ୱାରା ସୂକ୍ଷ୍ମ ରକ୍ତ କୋଷିକା, ରକ୍ତନଳୀଗୁଡ଼ିକ ସକ୍ରିୟ ହେବା ସହ ରକ୍ତପ୍ରଭାବ ଠିକ୍ ଭାବେ ହୋଇଥାଏ। ଗୋଟିଏ ଥର ଥେରାପିରେ ୫–୭ଟି କପ୍ ବ୍ୟବହାର ହୁଏ। କପ୍‌ଗୁଡ଼ିକ ୩ ମିନିଟ୍ ଯାଏ ରଖାଯାଇଥାଏ। ଯଦିଓ ଚମଡ଼ା ସିଧାସଳଖ ନିଆଁ ସଂସ୍ପର୍ଶରେ ଆସେନାହିଁ, ତଥାପି ତତଲା ବାମ୍ଫ ପ୍ରଭାବରେ ଯନ୍ତ୍ରଣା ହୋଇଥାଏ। ଆଜିକାଲି ସୁବିଧା ଦୃଷ୍ଟିରୁ ଭାକ୍ୟୁମ୍ ପମ୍ପ ମଧ ବ୍ୟବହାର ହେଲାଣି, ଯାହା ଅପେକ୍ଷାକୃତ କମ୍ ଯନ୍ତ୍ରଣାଦାୟକ।

ଏହି ଥେରାପିକୁ ନେଇ ବିଭିନ୍ନ ଦେଶରେ ଅନେକ ସଙ୍ଗଠନ କାମ କରୁଛନ୍ତି। ସେମାନଙ୍କ କହିବା କଥା, 'କପିଂ ଥେରାପି'ରେ ଶରୀରରୁ ହାନିକାରକ ବିଷାକ୍ତ ପଦାର୍ଥ ବାହାରି ଆସିଥାଏ। ରକ୍ତ ଶୁଦ୍ଧ ହୋଇଯାଏ। ତେବେ ଏହି ଥେରାପିକୁ ନେଇ ଅଧିକ ବୈଜ୍ଞାନିକ ଅଧ୍ୟୟନ ହୋଇନାହିଁ। ୨୦୧୫ରେ 'ଜର୍ନାଲ ଅଫ୍ ଟ୍ରାଡିଶନାଲ ଆଣ୍ଡ କମ୍ପ୍ଲିମେଣ୍ଟାରି ମେଡିସିନ'ରେ ପ୍ରକାଶିତ ତଥ୍ୟରେ ଏହି ଥେରାପି ଯନ୍ତ୍ରଣା ଉପଶମକାରୀ ବୋଲି ଉଲ୍ଲେଖ କରାଯାଇଥିଲା। ୨୦୧୨ରେ ମଧ ଏଭଳି ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଆର୍ଥ୍ରାଇଟ୍‌ସ, ବ୍ଲଡ୍ ଡିଜ୍‌ଅର୍ଡର, ସ୍ପଣ୍ଡିଲୋସିସ୍, ଗାଏନୋଲଜିକ୍ ଡିଜ୍‌ଅର୍ଡର, ଡିପ୍ରେଶନ, ଆଜ୍‌ମା, ଆଲର୍ଜିଭଳି ରୋଗରେ କପିଂ ଥେରାପି ଲାଭଦାୟକ ବୋଲି ଏଥିରେ ଦର୍ଶାଯାଇଥିଲା। ତେବେ କେତେକ କ୍ଷେତ୍ରରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଉଥିବା ମଧ ନଜିର ରହିଛି। ତେଣୁ ସ୍ପେଶିଆଲିଷ୍ଟ ଥେରାପିଷ୍ଟଙ୍କ ପାଖରେ କପିଂ ଥେରାପି କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥାଆନ୍ତି।

## ଐଶ୍ୱର୍ଯ୍ୟାଙ୍କୁ ଚୋରି କରିବାକୁ ଚାହୁଁଥିଲେ ଇମ୍ରାନ



**ମୁମ୍ବାଇ:** ବଲିଉଡ୍ 'ସିରିଏଲ କିସର' ଇମ୍ରାନ ହାସମୀ ବୁଧବାର ତାଙ୍କ ୪୨ ତମ ଜନ୍ମଦିନ ପାଳନ କରିଛନ୍ତି। ନିଜ ଦମଦାର ଅଭିନୟ ଓ ଲୁକ୍‌ସକୁ ନେଇ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଏହି ଅଭିନେତାଙ୍କ ସମ୍ପର୍କରେ କିଛି ରୋଚକ କଥା ରହିଛି। ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କୁ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କଠାରୁ ଚୋରାଇ ନେବାକୁ ଚାହାଁନ୍ତି ବୋଲି 'କଫି ଉଇଥ୍ କରନ' ଶୋ'ରେ ଏକ ପ୍ରଶ୍ନର ଉତ୍ତର ରଖି କହିଥିଲେ। ସେହିପରି ଫିଲ୍ମରେ କିସିଂ ସିନ୍ ପରେ ସ୍ତ୍ରୀଙ୍କୁ ମନାଇବାକୁ ପଡ଼େ ବୋଲି ଇମ୍ରାନ କୁହନ୍ତି। ଏଭଳି କୌଣସି ଦୃଶ୍ୟ ଦେଖିବା ପରେ ଯେତେବେଳେ ତାଙ୍କ ସ୍ତ୍ରୀ ପରବୀନ ରାଗି ଯାଆନ୍ତି, ଏକ ବଡ଼ ଉପହାର ଦେଇ ଇମ୍ରାନ ତାଙ୍କୁ ବୁଝାଇଥାନ୍ତି। ଫିଲ୍ମ 'ମର୍ଡର'ରେ ମଲ୍ଲିକା ଶେରାୱତଙ୍କ ସହ ଚୁମ୍ବନ ଦୃଶ୍ୟ ପରେ ସେ 'ସିରିଏଲ କିସର' ଭାବେ ପରିଚିତ ହୋଇଥିଲେ।

## ରାସ୍ତାରେ ଜମିଥିବା ପାଣିରେ ଗାଧୋଇଲେ

**ଜାକର୍ତ୍ତା:** ଶୋଚନୀୟ ରାସ୍ତାର ମରାମତି ହେଉ ନ ଥିବାରୁ ନିଆରା ଢଙ୍ଗରେ ଏହାର ପ୍ରତିବାଦ କରିଛନ୍ତି ଜଣେ ବ୍ୟକ୍ତି। ଖାଲଖମା ରାସ୍ତାରେ ଜମିରହିଥିବା ପାଣିରେ ସେ ଗାଧୋଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଭଳି ଘଟଣା ଇଣ୍ଡୋନେସିଆରେ ଘଟିଛି। ଭିଡିଓରେ ଦେଖିବାକୁ ମିଳିଛି ବ୍ୟକ୍ତି ଜଣକ ରାସ୍ତାରେ ବସିରହି ସେଠାରେ ଜମିରହିଥିବା ପାଣିରେ ଗାଧୋଉଛନ୍ତି। ସରକାର ଓ ପ୍ରଶାସନର ନିଦ ଭାଙ୍ଗିବା ପାଇଁ ସେ ଏପରି କରିଛନ୍ତି। କଦର୍ଯ୍ୟ ରାସ୍ତାରେ ଯାତାୟାତ ପାଇଁ ଲୋକେ ଅସୁବିଧା ଭୋଗୁଥିଲେ ହେଁ ତାହାକୁ ମରାମତି କରାଯାଉ ନ ଥିଲା। ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଥିଲା। ତେଣୁ ସେ ଏଭଳି କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିବା କହିଛନ୍ତି। ବ୍ୟକ୍ତିଙ୍କ ଏହି କାର୍ଯ୍ୟକଳାପର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ରାସ୍ତାକାମ ଆରମ୍ଭ କରାଯାଇଛି।

## ବାହାଘରେ ୩ ଅତିଥି




**ଲଣ୍ଡନ:** ଅଳ୍ପ ଟଙ୍କାରେ ବାହାଘର ପାଇଁ ମାତ୍ର ୩ ଅତିଥିଙ୍କ ଉପସ୍ଥିତିରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଏକ ପ୍ରେମୀଯୁଗଳ। ବ୍ରିଟେନରେ ରହୁଥିବା ବେଥ ବେଟ୍ସ ଏବଂ ଜ୍ୟାକ ପରସ୍ପରକୁ ଭଲ ପାଉଥିଲେ। ପରେ ବିବାହ ପାଇଁ ଉଭୟେ ନିଷ୍ପତ୍ତି ନେଇଥିଲେ। ହେଲେ ବିବାହରେ ସେମାନେ ଅଧିକ ଟଙ୍କା ଖର୍ଚ୍ଚ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଟଙ୍କାରେ ସେ ଏକ ଘର କିଣିବାକୁ ମନସ୍ଥ କରିଥିଲେ। ତେଣୁ ବିବାହରେ ମାତ୍ର ମାତ୍ର ୩ ଜଣ ସେ ଡାକିଥିଲେ। ଖାଲି ସେତିକି ନୁହେଁ, ଏହି ବିବାହ ଖୁବ ନିରାଡମ୍ବର ଥିଲା। ବିବାହରୁ ବଞ୍ଚିଥିବା ଟଙ୍କାରେ ସେ ଏକ ଥ୍ରି ବିଏଚ୍‌କେ ଫ୍ଲାଟ କିଣିଥିଲେ। ବେଥ କହିଛନ୍ତି, ବିବାହ ପୂର୍ବରୁ ତାଙ୍କର ଏକ ପିଲା ଥିଲା ଏବେ ଦ୍ୱିତୀୟ ପିଲା ହେବା ପୂର୍ବରୁ ସେ ଘର କିଣି ନେବାକୁ ଚାହୁଁଥିଲେ। ଏହି ବିବାହରେ ସମ୍ପର୍କୀୟଙ୍କୁ ଡାକି ନ ଥିବାରୁ ସେମାନେ ଅଭିମାନ କରିଛନ୍ତି। ମାତ୍ର ତାଙ୍କ ମାତାପିତା ଏହି ବିବାହରେ ବହୁତ ଖୁସି ଅଛନ୍ତି ବୋଲି ବେଥ୍ କହିଛନ୍ତି।

## ଗ୍ଲୋବାଲ ୱାର୍ମିଂ କମାଇବ ଚକ୍ ଗୁଣ୍ଡ

**ୱାଶିଂଟନ:** ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ବିଲ ଗେଟ୍ସ ଚାହୁଁଛନ୍ତି ପୃଥିବୀ ପୃଷ୍ଠରୁ ୧୯ କିଲୋମିଟର ଦୂରରେ ଚକ ଗୁଣ୍ଡର ଏକ ସ୍ତର କରିବେ। ଫଳରେ ଏହା ଦ୍ୱାରା ସୂର୍ଯ୍ୟଙ୍କ କିରଣ ପୃଥିବୀ ପୃଷ୍ଠକୁ କମ୍ ଆସିବ। ପୃଥିବୀରେ ଗ୍ଲୋବାଲ ୱାର୍ମିଂ କମିବ। ଏହାକୁ ନେଇ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି। ହାର୍ଭାର୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏଭଳି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥିପାଇଁ ବିଲ ଗେଟ୍ସ ୟୁନିଭର୍ସିଟିକୁ ୩ ମିଲିୟନ ଡଲାର ଅର୍ଥାତ ୨୧.୭୭ କୋଟି ଟଙ୍କା ଦେଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଏହା ଉପରେ ପରୀକ୍ଷଣ କରାଯାଉଛି। ହାର୍ଭାର୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ବଡ଼ ବେଲୁନରେ ୨ କିଲୋଗ୍ରାମ ଚକ୍ ଗୁଣ୍ଡ ସ୍ୱିଡେନର କିରୁନା ସହର ଉପରୁ ପୃଥିବୀ ଉପରକୁ ଛାଡ଼ିବେ। ଏହି ଗୁଣ୍ଡ ପୃଥିବୀ ପୃଷ୍ଠରୁ ୧୯.୩୬କିଲୋମିଟର ପର୍ଯ୍ୟନ୍ତ ଷ୍ଟ୍ରାଟୋସ୍ପେୟରରେ ଛଡ଼ାଯିବ। ଏଥରୁ ଜଣାପଡ଼ିବ କି ଏତିକି ଚକ ଗୁଣ୍ଡରେ ସୂର୍ଯ୍ୟଙ୍କ କେତେ କିରଣ ପ୍ରତିଫଳିତ ହେଉଛି। କେତେ କିରଣ ପୃଥିବୀ ପୃଷ୍ଠରେ ପଡୁଛି। ଏହା ଦ୍ୱାରା ପୃଥିବୀ କେତେ ପରିମାଣର ଥଣ୍ଡା ହେଉଛି ତାହା ଜଣାପଡ଼ିବ। ବିଲ ଗେଟ୍ସଙ୍କ ଏହି ଧାରଣାକୁ ଅନେକ ବୈଜ୍ଞାନିକ ଖରାପ ବୋଲି କହୁଛନ୍ତି। ସେମାନଙ୍କ ମତରେ ଏପରି କରାଯିବା ଦ୍ୱାରା ପୃଥିବୀର ଜଳବାୟୁରେ ଅନେକ କ୍ଷତିକାରଣ ପରିବର୍ତ୍ତନ ଦେଖାଦେବ। ଜିଓ–ଇଞ୍ଜିନିୟରିଂ ପୃଥିବୀ ପାଇଁ କୌଣସି ଦିଗରୁ ଭଲ ନୁହେଁ। ସ୍ୱିଡେନର କିରୁନା ସହରରେ ଏହି ପ୍ରକଳ୍ପର ପରୀକ୍ଷଣ ଚାଲିଛି। ଏହି ପରୀକ୍ଷା ଗ୍ରୀଷ୍ମ ଋତୁ ଶେଷ ପର୍ଯ୍ୟନ୍ତ ଚାଲିବ।



### କମ୍ ସୂର୍ଯ୍ୟାଲୋକ ଆସିବାକୁ ବିଲ୍ ଗେଟ୍ସଙ୍କ ଯୋଜନା

## ବନ୍ୟାବେଳେ ବିବାହ



**କାନ୍‌ବେରା:** ଅଷ୍ଟ୍ରେଲିଆରେ ବନ୍ୟା ପରିସ୍ଥିତି ଯୋଗୁ ସେଠାକାର ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ବନ୍ୟାବେଳେ ସେଠାରେ ଏକ ବିବାହ କାର୍ଯ୍ୟକ୍ରମ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ଦିନ ହେବ ନ୍ୟୁ ସାଉଥରେ ପ୍ରବଳ ବର୍ଷା ଲାଗିରହିଛି। ଖରାପ ପାଗ ଯୋଗୁ ୧୮ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ରାସ୍ତା ପାଣି ମଧ୍ୟରେ ବୁଡ଼ି ଯାଇଥିବା ବେଳେ ଅନେକ ଗଛ ମଧ ଉପୁଡିପଡ଼ିଛି। ବନ୍ୟା ପରିସ୍ଥିତି ସୁଧୁରି ନ ଥିବାବେଳେ କେଟ ଫୋଦେରିଙ୍ଗହମ ଏବଂ ୱେନ ବେଲ ବିବାହ କରିଛନ୍ତି। ସେମାନଙ୍କ ବିବାହ ମାର୍ଚ୍ଚ ୨୦ରେ ହେବା ନେଇ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସେମାନେ ବନ୍ୟା ଜଳରେ ଫସିଯାଇଥିଲେ। ଏହା ସତ୍ତ୍ୱେ ମଧ ସେମାନେ ନିଜ ବିବାହକୁ ସ୍ଥଗିତ ରଖିବାକୁ ଚାହୁଁ ନ ଥିଲେ। ସେମାନଙ୍କ ବିବାହ ମିଡ୍ ନର୍ଥ କୋଷ୍ଟରେ ହେବାର ରହିଥିଲା। ତେଣୁ ବିଳମ୍ବ ନ କରି କେଟ ସାହାଯ୍ୟ ମାଗିଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ ଏଫିନିଟି ହେଲିକପ୍ଟର କମ୍ପାନୀର ଏକ ହେଲିକପ୍ଟର ସେଠାରେ ପହଞ୍ଚିଲା। ହେଲିକପ୍ଟର ବର, କନ୍ୟାଙ୍କ ସହ ସେମାନଙ୍କ ମାତା, ପିତାଙ୍କୁ ବିବାହ ସ୍ଥଳକୁ ନେଇଗଲା। ତାଙ୍କ ଘରଠାରୁ ମାତ୍ର ୫ ମିନିଟ ଦୂରରେ ଥିବା ଏକ ଚର୍ଚ୍ଚରେ ଉଭୟ ବିବାହ କରିଛନ୍ତି। କେଟ ଏବଂ ୱେନଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଉଭୟେ ବନ୍ୟାଜଳ ପ୍ରବାହିତ ହେଉଥିବା ଏକ ରାସ୍ତାରେ ପରସ୍ପରକୁ ଚୁମ୍ବନ ଦେଉଥିବା ଦେଖିବାକୁ ମିଳିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ଛତୁ ବହି
"ମୋ ଛତୁ ଚାଷ"
ପାଳଛତୁ ଏବଂ ଧଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି।
Book Cost only Rs 300/-
GPay PhonePe 7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand


SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଗଜପତି, ରାୟଗଡା, କନ୍ଧମାଳ, କୋରାପୁଟ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳ ସମୟରେ କୁହୁଡ଼ି ହେବା ସହ ପରେ ଆକାଶ ଆଂଶିକ ମେଘୁଆ ରହିପାରେ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୪ | ୨୫.୩ |
| ଚାନ୍ଦବାଲି | ୩୬.୬ | ୨୪.୦ |
| କଟକ | ୩୮.୮ | ୨୩.୨ |
| ପାରାଦୀପ | ୩୬.୦ | ୨୫.୪ |
| ଭୁବନେଶ୍ୱର | ୪୦.୦ | ୨୧.୮ |
| ଗୋପାଳପୁର | ୩୫.୨ | ୨୪.୩ |
| ପୁରୀ | ୩୫.୦ | ୨୬.୬ |
| ଅନୁଗୋଳ | ୩୮.୧ | ୨୪.୦ |
| ବାରିପଦା | ୪୦.୦ | ୨୪.୮ |
| ଝାରସୁଗୁଡ଼ା | ୩୭.୮ | ୨୦.୮ |
| କେନ୍ଦୁଝର | ୩୬.୪ | ୨୨.୬ |
| ସମ୍ବଲପୁର | ୩୭.୭ | ୨୧.୫ |
| ସୁନ୍ଦରଗଡ଼ | ୩୬.୫ | ୨୦.୫ |
| ହୀରାକୁଦ | ୩୭.୧ | ୨୧.୧ |
| ତାଳଚେର | ୩୯.୨ | ୨୨.୪ |
| ଭବାନୀପାଟଣା | ୩୭.୦ | ୨୧.୦ |
| ବଲାଙ୍ଗୀର | ୩୯.୮ | ୨୨.୩ |
| କୋରାପୁଟ | ୩୫.୨ | ୧୬.୨ |
| ଫୁଲବାଣୀ | – | ୧୮.୦ |
| ଟିଟିଲାଗଡ଼ | ୩୮.୨ | ୨୩.୬ |
| ମାଲକାନଗିରି | ୪୦.୦ | ୨୫.୦ |
| ସୋନପୁର | ୩୬.୪ | ୨୧.୨ |
| ଦାରିଙ୍ଗିବାଡ଼ି | ୩୫.୦ | ୧୯.୦ |
| ନୟାଗଡ଼ | ୩୯.୪ | ୨୩.୫ |
| ବୌଦ୍ଧ | ୩୮.୦ | ୧୮.୦ |
| ଛତ୍ରପୁର | ୩୫.୩ | ୨୩.୦ |
| ପାରଳାଖେମୁଣ୍ଡି | ୩୪.୫ | ୨୭.୦ |
| ରାୟଗଡ଼ା | ୩୫.୫ | ୨୦.୪ |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ଇଂ.କେଦାରନାଥ ମିଶ୍ର
ପ୍ଲଟ୍ ନଂ.ଏ/୧୦୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୨୬.୧୧.୧୯୪୦
ତିରୋଧାନ: ୨୬.୦୨.୨୦୧୮
ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମ୍ଭମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ପୁତ୍ର-ଶୁଭେନ୍ଦ୍ର ମିଶ୍ର, କନ୍ୟା-ସଂଘମିତ୍ରା ମିଶ୍ର, ନାତି-ସତ୍ୟଜିତ୍ ଦାଶ, ନାତୁଣୀ-ଶାଶ୍ୱତୀ ମିଶ୍ର
ଧ–୨୦୩୨୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ସବିତା ମହାନ୍ତି (ନିଲୁ)
ସ୍ୱାମୀ: ସୁକାନ୍ତ ମହାନ୍ତି
ଠିକଣା: ବ୍ରିଟ୍ କଲୋନୀ, ନୟାପଲ୍ଲୀ
ଆବିର୍ଭାବ: ୨୪।୦୭।୧୯୬୭
ତିରୋଧାନ: ୨୫।୦୩।୨୦୨୦
ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର: ବଦ୍ରୀ, ଭାଇଁ: ଅଭିଳାଷ, ଝିଅ: ରିମା, ସୀମା, କ୍ରିତି, ଇତି।
ଧ–୨୦୩୨୪

# ଅଲରାଉଣ୍ଡର ରକୁଲ୍

ରକୁଲ ପ୍ରୀତ ସିଂ। ଦକ୍ଷିଣ ଭାରତୀୟ ସିନେମାରେ ଜଣେ ପରିଚିତା ଅଭିନେତ୍ରୀ। କେବଳ ସେତିକି ନୁହେଁ,ସେ ଇତିମଧ୍ୟରେ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ୧୯୯୦ ଅକ୍ଟୋବର ୧୦ରେ ରକୁଲ୍ ନୂଆଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। କେବଳ ଅଭିନୟ ନୁହେଁ, ଆଉ କେତେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସେ ନିଜକୁ ଜଣେ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି। ଗଲଫ ହେଉଛି ତାଙ୍କର ସବୁଠାରୁ ପ୍ରିୟ ଖେଳ। ଏବେ ମଧ୍ୟ ସମୟ ମିଳିଲେ ସେ ଏହାକୁ ଖେଳିବାକୁ ପଛାଇ ନ ଥାନ୍ତି। ଖାସ୍ କଥା ହେଲା, ଜାତୀୟ ସ୍ତରରେ ଅନୁଷ୍ଠିତ ଗଲ୍ଫ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିସାରିଛନ୍ତି। ସେ ମଧ୍ୟ କରାଟେ ଶିଖି 'ବ୍ଲୁ ବେଲ୍ଟ' ହାସଲ କରିଥିଲେ। ଯେହେତୁ ସ୍କୁଲ କ୍ୟାରିୟରକୁ ସେ ଖେଳ ସହ ଜଡିତ, ତେଣୁ ନିଜକୁ ଫିଟ୍ ରଖିବାକୁ ସେ ସବୁବେଳେ ଗୁରୁତ୍ୱ ଦିଅନ୍ତି। ଏପରିକି ହାଇଦ୍ରାବାଦରେ 'ଏଫ୍ ଫର୍ଟିଫାଇଭ୍' ନାମକ ତାଙ୍କର ନିଜସ୍ୱ ଏକ ଜିମ୍ ରହିଛି। ଘୋଡ଼ା ଚଢ଼ିବାରେ ସେ ମଧ୍ୟ ସିଦ୍ଧହସ୍ତ। ରକୁଲ୍ ମଧ୍ୟ ଜଣେ ଭାରତନାଟ୍ୟମ ନୃତ୍ୟାଙ୍ଗନା। ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ 'ପାଣ୍ଟାଲୁନସ ଫେମିନା ମିସ୍ ଫ୍ରେସ ଫେସ୍', 'ଫେମିନା ମିସ୍ ଟ୍ୟାଲେଣ୍ଟେଡ୍', 'ଫେମିନା ମିସ୍ ବିୟୁଟିଫୁଲ ସ୍ମାଇଲ୍' ଏବଂ 'ଫେମିନା ମିସ୍ ବିୟୁଟିଫୁଲ ଆଇ' ଟାଇଟଲ ବିଜୟିନୀ ହୋଇସାରିଛନ୍ତି। ତାଙ୍କର ମନପସନ୍ଦର ଅଭିନେତା ହେଉଛନ୍ତି ଶାହରୁଖ ଖାଁ। ବେଶ୍ କେତୋଟି ତେଲୁଗୁ, ତାମିଲ ଏବଂ କନ୍ନଡ ଫିଲ୍ମ ବ୍ୟତୀତ ସେ 'ୟାରିୟାଁ', 'ଆୟାରି' ଏବଂ 'ଦେ ଦେ ପ୍ୟାର୍ ଦେ' ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ତାଙ୍କ ହାତରେ ଏବେ 'ସର୍ଦ୍ଦାର କା ଗ୍ରାଣ୍ଡସନ୍', 'ଆଟାକ୍', 'ମେ ଡେ', 'ଥ୍ୟାଙ୍କ ଗଡ୍' ଏବଂ ଇଣ୍ଡିଆନ୍-୨' ହିନ୍ଦୀ ଫିଲ୍ମ ରହିଛି।





# ପରିଣିତି ଇନ୍ ଅନ୍ତରାଳେ..

ଅମୋଲେ ଗୁପ୍ତାଙ୍କ ବାୟୋପିକ୍ 'ସାଇନା' ଚଳିତ ମାସ ୨୬ରେ ପରଦା ଉପରକୁ ଆସିବ। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ପରିଣିତି ଚୋପ୍ରା। ହେଲେ ଏହାପୂର୍ବରୁ ଏହି ଭୂମିକା ପାଇଁ ଶ୍ରଦ୍ଧା କପୁରଙ୍କ ସାଇନ୍ କରାଯାଇଥିଲା। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ ହଠାତ୍ ତାଙ୍କୁ କାଷ୍ଟିଂରୁ ବାଦ୍ ଦେଇ ପରିଣିତିଙ୍କୁ ନିଆଗଲା। ଏହାର ରହସ୍ୟ ଖୋଲିଛନ୍ତି ଅମୋଲେ। ଏ ନେଇ ସେ କହନ୍ତି, ପ୍ରଥମେ ଶ୍ରଦ୍ଧାଙ୍କୁ ଆମେ ସାଇନ୍ କରାଇଥିଲୁ। ହେଲେ ଠିକ୍ ଶୁଟିଂ ଆରମ୍ଭ ପୂର୍ବରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଡେଙ୍ଗୁରେ ଆକ୍ରାନ୍ତ ହେବା ଦ୍ୱାରା ସେ ନିଜ ପଟରୁ ଏହି ଫିଲ୍ମରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। କାରଣ ଜ୍ୱର ଯୋଗୁ ସେ ଦୁର୍ବଳ ହୋଇପଡ଼ିଥିଲେ ଏବଂ ପୁଣି ଫିଟ୍ ହେବାକୁ ତାଙ୍କୁ ୬-୭ ମାସ ସମୟ ଲାଗିଥାଆନ୍ତା। ତେଣୁ ତାଙ୍କୁ ବାଦ୍ ଦେଇ ପରିଣିତିଙ୍କୁ ସାଇନ୍ କରାଯାଇଥିଲା। ଭାରତର ଲୋକପ୍ରିୟ ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ କରାଯାଇଛି।

# ଚାଲିଛି କାହାଣୀ ଖୋଜା

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଦମଦାର ତଥା ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଭଲ କାହାଣୀ ସନ୍ଧାନରେ ସେ ଅଛନ୍ତି। ତେଣୁ ଏଥିପାଇଁ ତାଙ୍କୁ ପ୍ରତିଦିନର ବ୍ୟସ୍ତମୟ ଜୀବନ ମଧ୍ୟରୁ ସମୟ ବାହାର କରିବାକୁ ପଡୁଛି। ଏପରି କାହାଣୀ ମିଶନ ସମ୍ପର୍କରେ ଟାଇଗର କହନ୍ତି, 'ଭଲ କାହାଣୀଟିଏ ଚୟନ କରିବା ଛୋଟ କଥା ନୁହେଁ। ହେଲେ ଏପରି ଏକ ଦାୟିତ୍ୱ ଯେହେତୁ ନେଇଛି ତେଣୁ ମୋତେ ଏଥିପାଇଁ ଦିନକୁ ୩-୪ ଘଣ୍ଟା ସମୟ ଦେବାକୁ ପଡୁଛି। ନାମୀ ଲେଖକଙ୍କ ବହି ପଢ଼ିବାକୁ ପଡୁଛି। ସେଥିରୁ ସାରାଂଶ ମିଳିଗଲେ ତାହାକୁ ଆଧାର କରି ମଧ୍ୟ ଭଲ କାହାଣୀଟିଏ ପ୍ରସ୍ତୁତ କରିହେବ।' ତେବେ ଶେଷରେ ଟାଇଗର କିପରି କାହାଣୀଟିଏ ଖୋଜି ପାଉଛନ୍ତି ତାହା ଦେଖିବାକୁ ବାକି ରହିଲା।




ଟାଇଗର

# ବଡ଼ ବ୍ରେକକୁ ଅପେକ୍ଷା

ଓଡ଼ିଆ ସିନେମାରେ ଦେବ୍-ବାବୁ ଯୋଡ଼ିର ଏଣ୍ଟ୍ରି ହୋଇଥିଲା ଖଳନାୟକ ଭାବରେ। 'ମିଠା ମିଠା' ଚିତ୍ରରୁ ଦେବ୍ ଏବଂ ରିଲିଜ ଅପେକ୍ଷାରେ ଥିବା ରାଜୀବ ମହାନ୍ତିଙ୍କର 'ତୁ ମୋର ନିହାତି ଦରକାର'ରୁ ବାବୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିସାରିଛନ୍ତି। ଏବେ ପ୍ରାରମ୍ଭିକ କାମ ଚାଲିଥିବା ଏକ ଅନଟାଇଟଲଡ ଓଡ଼ିଆ ଫିଲ୍ମରେ ଦୁହିଁଙ୍କୁ ଦମଦାର ଭୂମିକା ମିଳିଛି। କେବଳ ସେତିକି ନୁହେଁ, ମ୍ୟୁଜିକ ଆଲବମରେ ଦୁହେଁ ମଧ୍ୟ ଅଭିନୟ କରୁଛନ୍ତି। ଏ ନେଇ ଦେବ୍ କହନ୍ତି, 'ରିୟଲ ଲାଇଫରେ ଆମେ ଦୁହେଁ ଘନିଷ୍ଠ ବନ୍ଧୁ। ଆମକୁ ଯଦି ସେପରି ମୁଖ୍ୟ ଖଳନାୟକ ଭୂମିକା



ଦେବ୍-ବାବୁ

ମିଳେ ତେବେ ତାହାକୁ ତୁଲାଇବାକୁ ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି।' ଦେବ୍-ବାବୁ ଏବେ ସନ୍ତୋଷ କୁମାରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା ସିରିଜ ଆଲବମ୍‌ରେ ଏହି ଯୋଡ଼ି ବ୍ୟତୀତ ଅଂଶୁମାନ ସାମନ୍ତରାୟ ଏବଂ ବ୍ରିଜେଶ୍ ମଧ୍ୟ ଅଭିନୟ କରୁଛନ୍ତି।

# କେବଳ ଆକ୍ସନ

ଖୁବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ଓଡ଼ିଆ ସିନେମା 'ଅରୁନ୍ଧତୀ'। ରମେଶ ବାରିକଙ୍କ ପ୍ରଯୋଜନାରେ



ରାଜବୀର

ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା, 'ଲଭ୍ ଫିଭର'ର ନାୟକ ରାଜବୀର ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ନିଜ ଭୂମିକା ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ଆକ୍ସନ ଭୂମିକାକୁ ପସନ୍ଦ କରିଥାଏ। 'ଅରୁନ୍ଧତୀ'ର ନିର୍ଦ୍ଦେଶକ ରମେଶ ରାଉତ ଯେତେବେଳେ ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ସମ୍ପର୍କରେ ମୋତେ ଅବଗତ କଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ରୋଲ୍ ପାଇଁ ମୁଁ ବେଶ୍ ପରିଶ୍ରମ କରିଛି। କାରଣ ଆକ୍ସନଭିତ୍ତିକ ଭୂମିକାରେ ଅଭିନୟ କରିବାକୁ ମୋତେ ଭଲ ଲାଗିଥାଏ। ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି।' ଆସନ୍ତା ମାସରେ ରିଲିଜ ହେବାକୁ ଥିବା ଉକ୍ତ ସିନେମାରେ ରାଜବୀରଙ୍କ ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶିନୀ।

# ଅର୍ଦ୍ଧେନ୍ଦୁଙ୍କ ନୂଆ ଯୋଜନା

କଥାରେ ଅଛି 'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା'। ତାଙ୍କର ହୋମ୍ ବ୍ୟାନରରେ ନିର୍ମିତ 'ପରଦେଶୀ ଚଢ଼େଇ' ସଫଳତା କ୍ୟାରିୟରରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଏହି ସିନେମାର ମୁଖ୍ୟ ଭୂମିକାରେ ସେ ଅଭିନୟ କରିଥିଲେ ଏବଂ ନିକଟରେ ତାଙ୍କୁ ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ନାୟକ ଭାବରେ ପୁରସ୍କୃତ କରାଯାଇଛି। ହଁ, ସେ ହେଲେ ଏକାଧାରରେ ପ୍ରଯୋଜକ-କମ୍-ନାୟକ ଅର୍ଦ୍ଧେନ୍ଦୁ । ଏପରି ସଫଳତା ହାସଲ ପରେ ସେ କହନ୍ତି, 'ଏହି ସିନେମାର କାହାଣୀ ଚୟନ ସମୟରେ ମୋ ମନକୁ ଗୋଟିଏ କଥା ଆସିଥିଲା ଯେ ଏହାର ନାୟକ ଭୂମିକା ଅନ୍ୟମାନଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ନିକଟରେ ତାହା ସତ ବୋଲି ପ୍ରମାଣିତ ହୋଇଛି। ତରଙ୍ଗ ସିନେ ପୁରସ୍କାର ସମାରୋହରେ ମୋତେ 'ପରଦେଶୀ ଚଢ଼େଇ' ପାଇଁ ଶ୍ରେଷ୍ଠ ନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଏହା ମୋ ପାଇଁ ବେଶ୍ ପ୍ରେରଣାଦାୟକ ସାଜିଛି। ତା'ସହ ମୋର ସମାଜସେବା ମଧ୍ୟ ଚାଲୁ ରହିଛି ଏବଂ ଏଥିପ୍ରତି ଆହୁରି ଅଧିକ ଗୁରୁତ୍ୱ ଦେବି। ତା'ସହ ମୋ ହୋମ ବ୍ୟାନରରେ ତଥା ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ଏକ ନୂଆ ସିନେମା (ଯାହାର ଟାଇଟଲ ଫାଇନାଲ ହୋଇନାହିଁ)ର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ।' ସୂଚନାଯୋଗ୍ୟ ଏହାପୂର୍ବରୁ ଅର୍ଦ୍ଧେନ୍ଦୁ 'କୁଆଁରୀ କନ୍ୟା', 'ଟପୋରୀ', 'ଅ ଆ ହର୍ଷେଇ' ଏବଂ 'ବ୍ଲାକ୍ ମେଲ୍'ର ନାୟକ ସାଜି ସାରିଛନ୍ତି।



# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ

-ଦିଲ୍ଲୀପ ହାଲି

> "ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ଭାଗ ନେବା ପାଇଁ ଯେତେ ଭିତ୍ତିଭୂମି ଆବଶ୍ୟକ ତାହା ଆମେ କରୁନାହୁଁ। କେବଳ ଯେତିକି ସମ୍ଭବ ତାରି ଭିତରେ ଯାହା ସାରିଦେବାକୁ ପଡ଼େ।"

ପଞ୍ଚାଅଶୀ ବର୍ଷର ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପ୍ରଥମ ଥର ଲାଗି ଦୁଇଟି ପୂର୍ଣ୍ଣାଙ୍ଗ ଓଡ଼ିଆ ଚଳଚ୍ଚିତ୍ର 'ଶଲା ବୁଢ଼ାର ବଦଲା' (ନିର୍ଦ୍ଦେଶନା : ସବ୍ୟସାଚୀ ମହାପାତ୍ର), ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ 'କାଲିର ଅତୀତ' ଏବଂ ପ୍ରାମାଣିକ ଚଳଚ୍ଚିତ୍ର ବିଭାଗରେ ଆଶୁତୋଷ ପଟ୍ଟନାୟକଙ୍କ 'ଶ୍ରୀକ୍ଷେତ୍ରର ସାହିଯାତ' ପୁରସ୍କାର ଲାଭ କରିବା ସ୍ୱାଗତଯୋଗ୍ୟ। ଭଲ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଏହା ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ। ଗତ (୬୬ ତମ) ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ବେଳେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ପାଇ ନ ଥିଲା। ପୂର୍ବରୁ ଓଡ଼ିଶାରୁ ଜାତୀୟ ସ୍ତରରେ ଗୋଟିଏ ଦୁଇଟି ଚଳଚ୍ଚିତ୍ର ଭାଗ ନେଉଥିଲା। ତନ୍ମଧ୍ୟରୁ ଗୋଟିଏ ଆଞ୍ଚଳିକ ଚଳଚ୍ଚିତ୍ର ଭାବରେ ପୁରସ୍କାର ଲାଭ କରୁଥିଲା। ଓଡ଼ିଶାରୁ ଭଲ କଳାତ୍ମକ ସିନେମା ନିର୍ଦ୍ଦେଶକ ଭାବେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ଗୌରପ୍ରସାଦ ଘୋଷ, ପ୍ରଫୁଲ୍ଲ ମହାନ୍ତି, ସାଗୀର ଅହମ୍ମଦ, ମୃଣାଳ ସେନ୍, ଅପୂର୍ବ କିଶୋର ବୀର୍, ସାଧୁ ମେହେର, ବିପ୍ଳବ ରାୟ ଚୌଧୁରୀ, ରାଜୁ ମିଶ୍ର, ସୁଶାନ୍ତ ମିଶ୍ର, ବିଜୟା ଜେନା (ଡଲି), ପ୍ରଣବ ଦାସ, ଶାନ୍ତନୁ ମିଶ୍ର, ପ୍ରଶାନ୍ତ ନନ୍ଦ, ଗୌରୀଶଙ୍କର ଦାସ, ସୁବାସ ଦାସ, ସବ୍ୟସାଚୀ ମହାପାତ୍ର, ହିମାଂଶୁ ଖଟୁଆ, ବିଜୟ କେତନ ମିଶ୍ର, ଦିଲ୍ଲୀପ ପଟ୍ଟନାୟକ, ଗଦାଧର ପୁଟି, ଚକ୍ରଧର ସାହୁ, ସମ୍ବିତ ମହାପାତ୍ର, ନୀଳମାଧବ ପଣ୍ଡା ପ୍ରମୁଖ କାର୍ଯ୍ୟ କରିଛନ୍ତି।

ଦିନ ଥିଲା, ହିନ୍ଦୀ ଚଳଚ୍ଚିତ୍ରର ପ୍ରଯୋଜକମାନେ ଭଲ ସିନେମା ନିର୍ମାଣ କରୁଥିଲେ ହେଁ, ଜୁରୀ ସଦସ୍ୟମାନେ ତାମିଲ, ବଙ୍ଗଳା, କନ୍ନଡ, ତେଲୁଗୁ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କୃତ କରୁଥିଲେ। ଭଲ ସିନେମା ହେଲେ ନିଷ୍ପତ୍ତିରେ ଠିକ୍ ନିର୍ଣ୍ଣାୟକ ସ୍ଥିତି ଜାହିର କରିହେବ। ଭଲ ଚଳଚ୍ଚିତ୍ରଟିଏ ନିର୍ମାଣ ନ କରି କେବଳ ନିଷ୍ପତ୍ତିକୁ ଦାୟୀ କଲେ ତାହା ଗ୍ରହଣୀୟ ନୁହେଁ। ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ଭାଗ ନେବା ପାଇଁ ଯେତେ ଭିତ୍ତିଭୂମି ଆବଶ୍ୟକ ତାହା ଆମେ କରୁନାହୁଁ। କେବଳ ଯେତିକି ସମ୍ଭବ ତାରି ଭିତରେ ଯାହା ସାରିଦେବାକୁ ପଡେ। ଓଡ଼ିଶାରେ ଭଲ ନିର୍ଦ୍ଦେଶକମାନେ ସାମ୍ପ୍ରତିକ ଘଟଣାକୁ ନେଇ ଚଳଚ୍ଚିତ୍ର ନିର୍ମାଣ କଲେ ତାହା ଜାତୀୟସ୍ତରରେ ଆଦୃତ ହୋଇପାରନ୍ତା।

କିଛି ପ୍ରଯୋଜନା ସଂସ୍ଥା କଳାତ୍ମକ ସିନେମା ନିର୍ମାଣ କରି ସେଗୁଡ଼ିକୁ ପ୍ରେକ୍ଷାଳୟରେ ପ୍ରଦର୍ଶନ କରାଇ ସାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି, 'ମାୟା ମିରିଗ', 'କନକଲତା', 'ଚିଲିକା ତୀରେ', 'କଥାନ୍ତର', 'କ୍ରାନ୍ତିଧାରା', 'ପୂଜା ପାଇଁ ଫୁଲଟିଏ', 'ଜୀଅନ୍ତା ଭୂତ' ଏବଂ 'ଶଲାବୁଢ଼ା'। ଅଜୟ ରାଉତଙ୍କ 'ହ୍ୟାଲୋ ଆରସି' ଚଳଚ୍ଚିତ୍ର ଦେଖି ଜୁରୀ ଅଧ୍ୟକ୍ଷ ଶେଖର କପୁର ତାହାକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ମର୍ଯ୍ୟାଦା ରହିଛି। ଭଲ ସିନେମା ସବୁ ସମୟ ପାଇଁ ଉପଯୋଗୀ। ବାସ୍ତବଧର୍ମୀ ତଥା ସାମ୍ପ୍ରତିକ ଘଟଣାଳବୀକୁ ନେଇ ସିନେମାଟିଏ ନିର୍ମାଣ କଲେ ତାହା କେବଳ ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଚଳଚ୍ଚିତ୍ର ଆହୁରି ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବ।



-ସମ୍ପାଦକ, ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୫/୨୦୨୧ Bhubaneswar, Thursday, March 25/ 2021




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଏକାଡେମୀ ମହିଳା ହକିର ସବ୍‌ଜୁନିୟର ବିଭାଗ ଫାଇନାଲରେ ପ୍ରବେଶ କରିବାପରେ ଉଲ୍ଲସିତ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟରର ଖେଳାଳିମାନେ। (ଫଟୋ-ବିକାଶ ନାୟକ)

# ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଫାଇନାଲରେ

**ଜାତୀୟ ଏକାଡେମୀ ମହିଳା ହକି**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନଟିଏଚ୍) ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ନାମେଣ୍ଟର ସବ୍‌ଜୁନିୟର ବିଭାଗ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଏହି ଦଳ ୮-୦ ଗୋଲରେ ରାଉଣ୍ଡ ଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ପରାସ୍ତ କରିଛି। ଓଡ଼ିଶା ଦଳ ପକ୍ଷରୁ ଅସିମା ରାଉତ ୩, ୪୧, ୪୮ ଓ ୫୪ତମ ମିନିଟରେ ଏକାକୀ ୪ଟି ଏବଂ ଅଧିନାୟିକା ମୁନମୁନି ଦାସ ୯ ଓ ୨୬ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଅନ୍ୟ ୨ଟି ଗୋଲ ସନ୍ଦମ ବାବିରାନୀ ୪୪ ଓ ପ୍ରିୟା ଟପ୍ପୋ ୫୨ତମ ମିନିଟରେ ସ୍କୋର କରିଥିଲେ। ଏନ୍‌ଟିଏଚ୍ ଗୁରୁବାର ଫାଇନାଲରେ ସାଇ ଏକାଡେମୀକୁ ଭେଟିବ।

## ଶୁଟ୍ ଆଉଟରେ ସାଇ ବିଜୟୀ

ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସାଇ ଶୁଟ୍‌ଆଉଟ ୪-୩ ଗୋଲରେ ମଧ୍ୟପ୍ରଦେଶ ହକି ଏକାଡେମୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ଅଧିନାୟିକା



ସାଇ ଏକାଡେମୀ ଓ ମଧ୍ୟପ୍ରଦେଶ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୂମିକା ସାହୁ ୯ ଓ ୪୯ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ସାଇ ପକ୍ଷରୁ କୀର୍ତ୍ତି ୪୧ ଏବଂ ଅଧିନାୟିକା ସୋନମ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ସାଇ ପକ୍ଷରୁ ପ୍ରିୟା, କୀର୍ତ୍ତି, ମଞ୍ଜୁ ଓ ସୋନମ ଗୋଲ ଦେଇଥିବା ବେଳେ ପୂଜା ସାହୁ ମିସ୍ କରିଥିଲେ। ବିପକ୍ଷ ଦଳର ଗୋଲକିପର ଥିଲେ ଅପୂର୍ବା ବୁନ୍ଦେଲା। ମଧ୍ୟପ୍ରଦେଶ ପକ୍ଷରୁ ସ୍ୱାତୀ, ସ୍ନେହା ପଟେଲ, ହୁଦା ଖାଁ ଗୋଲ ଦେଇଥିବାବେଳେ ଭୂମିକା ସାହୁ ଓ ପଲକ ଗୁପ୍ତା ମିସ୍ କରିଥିଲେ। ବିଜୟୀ ଦଳର ଗୋଲକିପର ଥିଲେ କବିତା।

# କୋହଲି, ରୋହିତଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି

**ଆଇସିସି ଟି୨୦**

ଦୁବାଇ, ୨୪।୩(ପି.ଟି.)

ବୁଧବାର ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ଉନ୍ନତି ହୋଇଛି। କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଥିବାବେଳେ ରୋହିତ ୩ ସ୍ଥାନ ଫାଇଦାରେ ରହି ୧୪ରେ ପହଞ୍ଚିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜର ଶେଷ ଟି୨୦ ମ୍ୟାଚରେ ଇନିଂସ ଓପନିଂ କରିବାକୁ ଆସିଥିବା କୋହଲି ୫୨ ବଲ୍‌ରୁ ୮୦ ରନ କରି ଅପରାଜିତ ରହିଥିଲେ। ରୋହିତ ସେହି ମ୍ୟାଚରେ ୩୪ ବଲ୍‌ରୁ ୬୪ ରନ କରିଥିଲେ। ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଲୋକେଶ ରାହୁଲ ୫ମ ସ୍ଥାନକୁ ଖସିଛନ୍ତି। ଶ୍ରେୟାସ ଆୟାର ୫ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୬ତମ ସ୍ଥାନରେ ପହଞ୍ଚିଥିବାବେଳେ ସୂର୍ଯ୍ୟକୁମାର ଯାଦବ ଓ ରିଷଭ ପନ୍ତ ମଧ୍ୟ ଫାଇଦାରେ ରହିଛନ୍ତି। ପଦାର୍ପଣ ମ୍ୟାଚରେ ବ୍ୟାଟିଂ ସୁଯୋଗ ପାଇ ନ ଥିବାରୁ ପଏଣ୍ଟ ଶୂନ୍ୟ ରହିଥିବା ସୂର୍ଯ୍ୟକୁମାର ପରବର୍ତ୍ତୀ ୨ ମ୍ୟାଚରେ ଯଥାକ୍ରମେ ୫୭ ଓ ୩୨ ରନ କରି ୬୬ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେହିପରି ପନ୍ତ ୧୧ ସ୍ଥାନ ଲମ୍ଫମାରି ୬୯ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ବଡ଼ ଫାଇଦା ପାଇଛନ୍ତି। ଇଂଲଣ୍ଡ ବିପକ୍ଷ ଶେଷ ଟି୨୦ରେ ୧୫ ରନ ଦେଇ ୨ଟି ଉଇକେଟ ନେଇଥିବା ଭୁବନେଶ୍ୱର ୨୧ଟି ସ୍ଥାନ ଉପରକୁ ଉଠି ୨୪ ଏବଂ ହାର୍ଦ୍ଦିକ ୭୮ରୁ ଉପରକୁ ଉଠି ୪୭ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ବିରାଟ କୋହଲି ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ରୋହିତ ଶର୍ମା ୩ୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ମ୍ୟାଚ ବିଜୟୀ ୯୮ ରନର ଇନିଂସ ଖେଳିଥିବା ଶିଖର ଧାୱନ ୨ଟି ସ୍ଥାନ ଉପରକୁ ଉଠି ୧୫ରେ ପହଞ୍ଚିଥିବାବେଳେ ବୋଲର ଭୁବନେଶ୍ୱର କୁମାର ୫ ସ୍ଥାନ ଫାଇଦାରେ ରହି ଟପ୍-୨୦ରେ ପ୍ରବେଶ କରିଛନ୍ତି। ଭାରତୀୟ ବୋଲରଙ୍କ ମଧ୍ୟରେ ଏକମାତ୍ର ଯଶପ୍ରୀତ ବୁମ୍‌ରା ଟପ୍-୧୦ ଅର୍ଥାତ୍ ତୃତୀୟ ସ୍ଥାନରେ ରହିଛନ୍ତି।

# ଓଡ଼ିଶାରେ ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ

**ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି):** ଜାତୀୟ ସବ୍‌ଜୁନିୟର ବାଳିକା ଫୁଟ୍‌ବଲ ଚାମ୍ପିୟନଶିପ୍ ଓଡ଼ିଶାରେ ଅନୁଷ୍ଠିତ ହେବ। ଏହା ଚଳିତ ବର୍ଷ ଜୁନ୍ ମାସରେ ଆୟୋଜିତ ହେବ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଓଡ଼ିଶାକୁ ଏହାର ଆୟୋଜନ ଅଧିକାର ଦିଆଯାଇଛି ବୋଲି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି।








କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ନିକଟରୁ ପଦକ ଗ୍ରହଣ ଅବସରରେ ପୋଡିୟମ ଉପରେ (ବାମରୁ) ରାହି ସର୍ଣ୍ଣୋବତ, ଚିଙ୍କି ଯାଦବ ଓ ମନୁ ଭାକର।

# ବ୍ଲାଟର ଦ୍ୱିତୀୟଥର ବାସନ୍ଦ

**ଜୁରିକ,୨୪।୩(ଏପି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଦ୍ୱିତୀୟଥର ପାଇଁ ପୂର୍ବତନ ଅଧ୍ୟକ୍ଷ ସେପ୍ପ ବ୍ଲାଟରଙ୍କୁ ବାସନ୍ଦ କରିଛି। ୮୫ ବର୍ଷୀୟ ବ୍ଲାଟରଙ୍କ ପ୍ରଥମ ବାସନ୍ଦର ଅବଧି ଶେଷ ହେବାର ୭ ମାସ ପୂର୍ବରୁ ବୁଧବାର ଫିଫା ପୁଣି ଥରେ ତାଙ୍କୁ ବାସନ୍ଦ କରିଛି। ଆର୍ଥିକ ଅନିୟମିତତା ପାଇଁ ଫିଫା ଏହି ନିଷ୍ପତ୍ତି ନେଇଛି। ବ୍ଲାଟରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଖରାପ ରହିଛି। ଗତ ଡିସେମ୍ବରରେ ତାଙ୍କର ହାର୍ଟ ସର୍ଜରୀ କରାଯାଇଥିଲା ଓ ଏହାର ଗୋଟିଏ ସପ୍ତାହ ପରେ ସେ କୋମାକୁ ଚାଲିଯାଇଥିଲେ। ଆର୍ଥିକ ଅନିୟମିତତା କରିଥିବାରୁ ବ୍ଲାଟର ଓ ଫିଫାର ପୂର୍ବତନ ସାଧାରଣ ସମ୍ପାଦକ ଜେରୋମ ଭାଲ୍‌କେଙ୍କୁ ଯଥାକ୍ରମେ ୬ ଓ ୮ ମାସ ବାସନ୍ଦ କରାଯାଇଛି। ଏହି ଦୁଇ ଫୁଟ୍‌ବଲ ପ୍ରଶାସକ ସବୁ ନିୟମର ଉଲ୍ଲଂଘନ କରି ନିଜକୁ ଲକ୍ଷ ଲକ୍ଷ ଡଲାରର ଚୁକ୍ତିଭିତ୍ତିକ ବୋନସ ପ୍ରଦାନ କରିଥିଲେ। ଏହି ଦୁଇଜଣଙ୍କ ବିରୋଧରେ ସୁଇଜରଲାଣ୍ଡରେ ଆପରାଧିକ ମାମଲା ଜାରି ରହିଛି। ପ୍ରଥମ ବାସନ୍ଦ ଶେଷ ହେବା ମାତ୍ରେ ଦ୍ୱିତୀୟ ବାସନ୍ଦ ଅବଧି ଲାଗୁ ହେବ ବୋଲି ଫିଫା ତରଫରୁ କୁହାଯାଇଛି। ପୂର୍ବରୁ ବ୍ଲାଟରଙ୍କୁ ୬ ବର୍ଷ ଓ ଭାଲ୍‌କେଙ୍କୁ ୧୦ ବର୍ଷ ବାସନ୍ଦ କରାଯାଇଥିଲା। ବ୍ଲାଟରଙ୍କ ପ୍ରଥମ ବାସନ୍ଦ ଆସନ୍ତା ଅକ୍ଟୋବରରେ ଶେଷ ହେଉଛି।

**ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍**

# ଚିଙ୍କି, ତୋମାରଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୪।୩(ପି.ଟି.)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତୀୟ ମହିଳା ଶୁଟରମାନେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ୨୫ ମି. ପିସ୍ତଲ ଇଭେଣ୍ଟରେ ଭାରତୀୟ ମହିଳା ଶୁଟରମାନେ ସବୁ ପଦକ ହାସଲ କରି କ୍ଲିନ୍ ସୁଇପ୍ କରିଛନ୍ତି। ଚିଙ୍କି ଯାଦବ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭୋପାଳର ୨୩ ବର୍ଷୀୟା ଚିଙ୍କି ଓ ରାହି ସର୍ନୋବତ ସମାନ ୩୨ ଅଙ୍କ ହାସଲ କରିବା ପରେ ଶୁଟଅଫ୍‌ର ସହାୟତା ନିଆଯାଇଥିଲା। ଏଥିରେ ଚିଙ୍କି ୪-୩ରେ ସର୍ନୋବତଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ସେହିପରି ୧୯ ବର୍ଷୀୟ ମନୁ ଭାକର ୨୮ ପଏଣ୍ଟ ଶୁଟ୍ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ଏହି ୩ ମହିଳା ଶୁଟର ପୂର୍ବରୁ ଯୋଗ୍ୟତା ହାସଲ କରିସାରିଛନ୍ତି। ଚିଙ୍କି ୨୦୧୯ରେ ଦୋହାରେ ଅନୁଷ୍ଠିତ ୧୪ତମ ଏସିଆନ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିବା ସହ ଅଲିମ୍ପିକ୍ କୋଟା ହାସଲ କରିଥିଲେ। ଫାଇନାଲ୍ସରେ ଚିଙ୍କି ସମସ୍ତ ୫ଟି ଟାର୍ଗେଟକୁ ଦୁଇଥର ଲେଖାଏ ଶୁଟ୍ କରିଥିଲେ। ଏହି ୩ ଶୁଟରଙ୍କ ମଧ୍ୟରେ ସାର୍ନୋବତ୍ ସବୁଠାରୁ ଅଭିଜ୍ଞ।

ଅନ୍ୟପଟେ ପୁରୁଷ ୫୦ ମି. ରାଇଫଲ ୩ ପୋଜିଶନ ଫାଇନାଲରେ ଭାରତ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଶୀର୍ଷ ରହି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଐତିହାସିକ ସଫଳତା ପାଇଛନ୍ତି। ମାତ୍ର ୨୦ ବର୍ଷ ବୟସରେ ତୋମାର ସର୍ବକନିଷ୍ଠ



ପଦକ ସହ ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର।

ଭାରତୀୟ ଶୁଟର ଭାବେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ୪୬୨.୫ ପଏଣ୍ଟ ଶୁଟ କରି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ବିଶ୍ୱର ଏକ ନମ୍ବର ଖେଳାଳି ହଙ୍ଗେରୀର ଇଷ୍ଟଭାନ ପେନି ୪୬୧.୬ ପଏଣ୍ଟ ସହ ରୌପ୍ୟ ଓ ଡେନମାର୍କର ଷ୍ଟିଫେନ ଓସ୍‌ଲେନ ୪୫୦.୯ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି ପ୍ରଦର୍ଶନ ମୋର ଆତ୍ମବିଶ୍ୱାସ ବଢାଇଛି ବୋଲି ତୋମାର କହିଛନ୍ତି। ସେହିପରି ଅନ୍ୟ ଭାରତୀୟ ଶୁଟରଙ୍କ ମଧ୍ୟରେ ସଞ୍ଜୀବ ରାଜପୁତ୍ ଓ ନିରଜ କୁମାର ଯଥାକ୍ରମେ ଷଷ୍ଠ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ତୋମାର ପୂର୍ବରୁ ଅଲିମ୍ପିକ କୋଟା ହାସଲ କରିସାରିଛନ୍ତି। ୨୦୧୯ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ସେ ୫୦ ମି. ରାଇଫଲ ୩ ପୋଜିଶନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରି ଅଲିମ୍ପିକ୍ସରେ ଭାରତ ପାଇଁ କୋଟା ପ୍ଲେସ୍ ହାସଲ କରିଥିଲେ।

ପୂର୍ବରୁ ୩ ଦିନ ତଳେ ତୋମାର, ଦୀପକ କୁମାର ଓ ପଙ୍କଜ କୁମାରଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ ଏୟାର ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲା। କଠିନ ପରିଶ୍ରମ ଓ ଅଭ୍ୟାସ କରିବା ପରେ ତୋମାର ୨୦୧୬ ଓ ୨୦୧୭ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଜୁନିୟର ନ୍ୟାଶନାଲ୍ସରେ ସବୁ ୩ଟି ରାଇଫଲ ବର୍ଗରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅପରପକ୍ଷରେ ୫୦ ମିଟର ମହିଳା ରାଇଫଲ ୩ ପୋଜିଶନରେ ଭାରତର ତେଜସ୍ୱୀ ସାୱନ୍ତ ଦ୍ୱାଦଶ ସ୍ଥାନରେ ରହି ଶ୍ରେଷ୍ଠ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ସେହିପରି ଅଞ୍ଜୁମ ମୋଡଗିଲ ୧୬ ଓ ସୁନିଧି ଚୌହାନ ୧୭ ତମ ସ୍ଥାନରେ ରହିଥିଲେ। ଭାରତ ଏ ପର୍ଯ୍ୟନ୍ତ ୯ ସ୍ୱର୍ଣ୍ଣ ସହ ମୋଟ ୧୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି।

**୨୫ ମି ପିସ୍ତଲରେ ଭାରତୀୟ ମହିଳାଙ୍କ କ୍ଲିନ୍ ସୁଇପ୍**









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ